- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-221 •BHUBANESWAR •MONDAY •5 FEBRUARY 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୨୧ •ଭୁବନେଶ୍ୱର •ସୋମବାର •୫ ଫେବୃଆରୀ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦




ଶାହାରୁଖଙ୍କ ସହ କାମ କରିବେ ଯଶ୍

▶ପୃଷ୍ଠା ୧୩ ଦେଖନ୍ତୁ...


DSPL-620

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪

୩ରୁ ୫ ଫେବୃଆରୀ | ଜନତା ମଇଦାନ, ଭୁବନେଶ୍ୱର

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ତୃତୀୟ ଦିବସରେ







ଗୌରବମୟ ଅତୀତର ସ୍ମୃତିଚାରଣ ଏବଂ ଭବିଷ୍ୟତ ଆକାଂକ୍ଷାର ପରିକଳ୍ପନା

୨୦୩୬ରେ ଓଡ଼ିଶା : ନବଦିଗନ୍ତର ସମ୍ଭାବନା
ଶ୍ରୀ ସୁବ୍ରତ ବାଗଚୀ ଏବଂ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଶ୍ରୀ ଭି. କେ. ପାଣ୍ଡିଆନ୍‌ଙ୍କ ମଧ୍ୟରେ ଆଲୋଚନା

ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଫ୍ୟାସନ ଡିଜାଇନର ବିଭୁ ମହାପାତ୍ରଙ୍କ ସହ ବିଶେଷ ଚର୍ଚ୍ଚା

ଆଲୋଚନା: ପଦ୍ମଶ୍ରୀ ହରମାନ କୁଲକେ ଏବଂ ପ୍ରଫେସର ଆନ୍ନେଟେ ସ୍କିମଡଚେନ୍

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ

ପ୍ରଦର୍ଶନୀ ପଡ଼ିଆକୁ ସର୍ବସାଧାରଣ ପ୍ରବେଶାନୁମତି

ସ୍ଥାନ: ଜନତା ମଇଦାନ, ଭୁବନେଶ୍ୱର







www.worldodiaconference.org
wolc_2024 wolc2024 wolc2024

ଭାଷା ଅତୀତର ଅସ୍ମିତା
ଭାଷା ହିଁ ଭବିଷ୍ୟତ

ଆୟୋଜକ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

OIPR-15001/13/0332/2324

## ମାଳଦ୍ୱୀପରେ ଚୀନ୍‌ର ୨ ଗୁଇନ୍ଦା ଜାହାଜ



**ମାଲେ, ୪।୨ (ଏଜେନ୍ସି):** ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁ ଚୀନ୍ ସହ ମିଶି ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ଲିପ୍ତ ରହିଛନ୍ତି। କିଛି ଦିନ ତଳେ ମାଳଦ୍ୱୀପରେ ଗୋଟିଏ ନୁହେଁ, ବରଂ ୨ଟି ଗୁଇନ୍ଦା ଜାହାଜ ରହିଛି ବୋଲି ଜଣାପଡ଼ିଛି। ଭାରତର ବିରୋଧ ସତ୍ତ୍ୱେ ବିଗତ ଦିନରେ ଚୀନ୍ ଗୁଇନ୍ଦା ଜାହାଜ 'ଜିୟାଙ୍ଗ ୟାଙ୍ଗ ହୋଙ୍ଗ ୦୩' ମାଳଦ୍ୱୀପ ଜଳସୀମାରେ ପ୍ରବେଶ କରିଥିଲା। ଉପଗ୍ରହ ଟ୍ରାକିଂରୁ ଚୀନ୍ କୃଷି ମନ୍ତ୍ରାଳୟ ସମ୍ବନ୍ଧିତ ୟେଲୋ ସି ଫିସରେଜ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର 'ଲ୍ୟାନ ହାଇ ୧୦୧' ତଥା 'ବ୍ଲୁ ଓସନ ୧୦୧' ଜାହାଜ ମାଳଦ୍ୱୀପରେ ମାସେରୁ ଅଧିକ ସମୟ ହେଲା ରହିଛି ବୋଲି ଜଣାପଡ଼ି ଥିଲା। ଏହା ଭାରତ ମହାସାଗର ଉପି ପାଟର୍ଣ୍ଣରେ ଯାତ୍ରା କରୁଛି। ଏହା ଗତ ବର୍ଷ ନଭେମ୍ବର ୧୧ରେ ଚୀନ୍‌ର କିଙ୍ଗଦାଓ ବନ୍ଦରରୁ ବାହାରି ଥିଲା। ଡିସେମ୍ବର ୫ ପରଠାରୁ ଏହାକୁ ଠାବ କରାଯାଇ ନ ଥିଲା।

## ଜଳୁଛି ଚିଲି ଜଙ୍ଗଲ; ୫୦ ମୃତ



**ସାନଟିଆଗୋ, ୪।୨ (ଏଜେନ୍ସି):** ଦକ୍ଷିଣ ଆମେରିକୀୟ ଦେଶ ଚିଲି ଜଙ୍ଗଲରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହା ଦିନକୁ ଦିନ ପ୍ରଶମିତ ହେବା ପରିବର୍ତ୍ତେ ବିକଟାଳ ରୂପ ନେବାରେ ଲାଗିଛି। ଏହି ନିଆଁରେ ୫୦ ଜଣଙ୍କ ମୃତ୍ୟୁ ହେଲାଣି। ଅନେକ ଲୋକ ମଧ୍ୟ ନିଖୋଜ ଅଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି କୁହାଯାଉଛି। ଅଗ୍ନିକାଣ୍ଡରେ ପ୍ରାୟ ୧୧୦୦ ଘର ନଷ୍ଟ ହୋଇଗଲାଣି ବୋଲି ଅଧିକାରୀମାନେ କହିଛନ୍ତି। ଏଥିରେ ବାଲପରାଇସୋ କ୍ଷେତ୍ର ସର୍ବାଧିକ ପ୍ରଭାବିତ ହୋଇଛି। ତେବେ ଏ ପର୍ଯ୍ୟନ୍ତ ଉଦ୍ଧାରକାରୀ ଦଳ ଏହି ଅଞ୍ଚଳରେ ପହଞ୍ଚି ପାରିନାହାଁନ୍ତି। ଗୃହମନ୍ତ୍ରୀ କ୍ୟାରୋଲିନା ତୋହା କହିଛନ୍ତି ଯେ ଦେଶର ମଧ୍ୟ ଏବଂ ଦକ୍ଷିଣ କ୍ଷେତ୍ରର ୯୨ ଜଙ୍ଗଲରେ ନିଆଁ ଲାଗିଛି। ଏଥିଯୋଗୁଁ ୪୩ ହଜାର ହେକ୍ଟର କ୍ଷେତ୍ର ପ୍ରଭାବିତ ହୋଇଛି। ଏହି ନିଆଁ ଜନସଂଖ୍ୟା ବହୁଳ ଅଞ୍ଚଳ ଆଡ଼କୁ ବ୍ୟାପିବାରେ ଲାଗିଛି। ଏହା 'ଭିନା ଡେଲ ମାର' ରେସ୍ତୋରାଁ ଅଭିମୁଖେ ବ୍ୟାପି ଚାଲିଛି। ଅଗ୍ନିକାଣ୍ଡ ଯୋଗୁଁ ଘରଦ୍ୱାର ଏବଂ ବ୍ୟବସାୟ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ରାସ୍ତାରେ ସହ ଜଳନ୍ତା କାର୍ ଦେଖିବାକୁ ମିଳୁଛି।

## ୩୬ କଏଦୀ ଏଚଆଇଭି ପଜିଟିଭ୍

**ଲକ୍ଷ୍ନୌ,୪।୨(ଏଜେନ୍ସି):** ଉତ୍ତରପ୍ରଦେଶରେ ଏକ ଜେଲରେ ୩୬ ଜଣ କଏଦୀ ଏଚଆଇଭି ପଜିଟିଭ ଚିହ୍ନଟ ହୋଇଥିବାର ଖବର ସାମ୍ନାକୁ ଆସିଛି। ଲକ୍ଷ୍ନୌର ଏକ ଜିଲ୍ଲା ଜେଲ୍‌ରେ ଏଭଳି ଘଟଣା ଦେଖିବାକୁ ମିଳିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବଂ ଜେଲ୍ ପ୍ରଶାସନରେ ହଇଚଇ ସୃଷ୍ଟି ହୋଇଛି। ପଜିଟିଭ ଚିହ୍ନଟ ହୋଇଥିବା ସମସ୍ତ କଏଦୀଙ୍କ ତୁରନ୍ତ ଚିକିତ୍ସା କରାଯାଇ ସେମାନଙ୍କୁ ହସ୍ପିଟାଲ ତତ୍ତ୍ୱାବଧାନରେ ରଖାଯାଇଛି। ଉତ୍ତରପ୍ରଦେଶ ଏଡସ୍ ନିୟନ୍ତ୍ରଣ ସୋସାଇଟି ପକ୍ଷରୁ ଗତ ଡିସେମ୍ବର ମାସ ଶେଷ ଭାଗରେ ଏହି ଜେଲ୍‌ର କଏଦୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ବେଳେ ସେମାନଙ୍କ ମଧ୍ୟରୁ ୩୬ ଜଣ କଏଦୀ ଏଚ୍‌ଆଇଭି ସଂକ୍ରମିତ ଥିବା ଜଣାପଡିଥିଲା। ତେବେ ଏହି ବିଷୟ ଏବେ ପ୍ରଶାସନିକ ସ୍ତରରେ ଚିନ୍ତାର କାରଣ ହୋଇଛି। କଏଦୀମାନେ ଜେଲରେ ରହି କିଭଳି ଏଚ୍‌ଆଇଭି ସଂକ୍ରମିତ ହେଲେ ସେ ନେଇ ଯାଞ୍ଚ ଚାଲିଛି।ଏହାପୂର୍ବରୁ ଉକ୍ତ ଜେଲରେ ୧୧ ଜଣ କଏଦୀ ଏଚ୍‌ଆଇଭିରେ ସଂକ୍ରମିତ ହୋଇଥିବା ଖବର ସାମ୍ନାକୁ ଆସିଥିଲା। ଏବେ ଏମାନଙ୍କୁ ମିଶାଇ ମୋଟ ଏଚ୍‌ଆଇଭି ସଂକ୍ରମିତ କଏଦୀଙ୍କ ସଂଖ୍ୟା ୪୭ରେ ପହଞ୍ଚିଛି।

## ସିରିଆ ଉପରେ ଆମେରିକାର ଆକ୍ରମଣ ଜାରି

**ଦାମାସକସ୍,୪।୨(ଏଜେନ୍ସି):** ସିରିଆ ଏବଂ ଇରାକ୍ ବିଭିନ୍ନ ଆତଙ୍କବାଦୀ ଠିକଣା ଉପରେ ଆମେରିକାର ଆକ୍ରମଣ ଦ୍ୱିତୀୟ ଦିନରେ ବି ଜାରି ରହିଛି। ଇରାନର ରିଭୋଲ୍ୟୁସନରୀ ଗାର୍ଡ (ଆଇଆରଜିସି) ଏବଂ ଅନ୍ୟ ଆତଙ୍କବାଦୀ ଗୋଷ୍ଠୀ ଆକ୍ରମଣରେ ଆମେରିକାର ୩ ଜଣ ଯବାନଙ୍କ ମୃତ୍ୟୁରେ କ୍ଷୁବ୍ଧ ହୋଇଥିବା ଆମେରିକା କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଏୟାର ଷ୍ଟ୍ରାଇକ୍ ଜାରି ରଖିଛି। ଆମେରିକା ପକ୍ଷରୁ ଏହାର ସର୍ବାଧୁନିକ ବିଧ୍ୱଂସକାରୀ ବି-୧ ବୋମାବର୍ଷକ ବିମାନ ବ୍ୟବହାର କରାଯାଉଛି। ନିଜ ସେନା ଉପରେ ହୋଇଥିବା ଜଘନ୍ୟ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଆମେରିକା ଇରାକ ଏବଂ ସିରିଆରେ ଇରାନର ଆଇଆରଜିସି ଏବଂ ଏହାର ସମର୍ଥିତ ମିଲିସିଆର ୮୫ରୁ ଅଧିକ ଠିକଣା ଉପରେ ଏୟାର ଷ୍ଟ୍ରାଇକ୍ କରିଥିଲା । ଏଥିରେ ପାଖାପାଖି ୪୦ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଥିଲା। କିନ୍ତୁ ଆକ୍ରମଣ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢିପାରେ ବୋଲି କୁହାଯାଉଛି।

## ଯୁଦ୍ଧରୁ ସ୍ୱାମୀଙ୍କୁ ଫେରାଇ ଆଣିବା ଦାବିରେ ପତ୍ନୀଙ୍କ ବିକ୍ଷୋଭ

**ମସ୍କୋ, ୪।୨ (ଏଜେନ୍ସି):** ରୁଷ୍ ସରକାରଙ୍କ ବିରୋଧରେ ସୈନିକଙ୍କ ପତ୍ନୀ ଏବଂ ସମ୍ପର୍କୀୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ୟୁକ୍ରେନରେ ଯୁଦ୍ଧ ଲଢୁଥିବା ସ୍ୱାମୀଙ୍କୁ ଫେରାଇ ଆଣିବାକୁ ଏମାନେ ଦାବି କରୁଛନ୍ତି। ପୁଲିସ ୨୦ ପ୍ରଦର୍ଶନକାରୀଙ୍କୁ ଗିରଫ କରିଛି। ରିପୋର୍ଟ ଅନୁଯାୟୀ ଶନିବାର ସକାଳୁ ରୁଷ୍ ରାଷ୍ଟ୍ରପତି ଭବନ ବାହାରେ ସୈନିକଙ୍କ ପତ୍ନୀ, ଭଉଣୀ ଏବଂ ମାଆମାନେ ଏହି ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ କରିଥିଲା। ସୈନିକଙ୍କ ପତ୍ନୀ ନିଜ ସ୍ୱାମୀଙ୍କୁ ଜୀବିତ ଦେଖିବାକୁ ଚାହୁଁଛନ୍ତି। ତାଙ୍କ ଜୀବନ ବଦଳରେ ସରକାରଙ୍କଠାରୁ କୌଣସି ଅନୁକମ୍ପାମୂଳକ ସହାୟତା ଚାହୁଁନାହାନ୍ତି। କେବଳ ଫେରି ଆସନ୍ତୁ ବୋଲି ଚାହୁଁଛନ୍ତି। ସେହିପରି ଯୁଦ୍ଧରେ ଆହତ ଯବାନଙ୍କୁ କ୍ଷତିପୂରଣ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। କ୍ଷତିପୂରଣ ବାବଦକୁ ପନିପରିବା ଦିଆଯାଉଛି। ଆମେରିକା ଗୁଇନ୍ଦା ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ଯୁଦ୍ଧରେ ୩ ଲକ୍ଷ ୧୫ ହଜାର ରୁଷ୍ ସୈନିକଙ୍କ ମୃତ୍ୟୁ ହେଲାଣି। ଅନ୍ୟ ଏକ ରିପୋର୍ଟରେ ରୁଷ୍‌ର ୮୭ ପ୍ରତିଶତ ସୈନିକ ପ୍ରାଣ ହରାଇଥିବା କୁହାଯାଇଛି।

# ଆଜି ଆସ୍ଥା ଲୋଡ଼ିବେ ଚମ୍ପାଇ

**ନୂଆଦିଲ୍ଲୀ,୪।୨(ଏଜେନ୍ସି)**



ଝାଡଖଣ୍ଡର ନୂଆ ଚମ୍ପାଇ ସୋରେନ ସରକାର ପାଇଁ ଆସନ୍ତାକାଲି ହେବ ଅଗ୍ନିପରୀକ୍ଷା। ଜେଏମଏମ ନେତା ହେମନ୍ତ ସୋରେନ ନିଜ ପଦରୁ ଇସ୍ତଫା ଦେବା ସହ ଜମି ଦୁର୍ନୀତି ମାମଲାରେ ଇଡି ଦ୍ୱାରା ଗିରଫ ହେବା ପରେ ଦଳର

### ହାଇଦରାବାଦ୍‌ରୁ ଆସିଲେ ୩୯ ବିଧାୟକ

ବରିଷ୍ଠ ନେତା ଚମ୍ପାଇ ସୋରେନଙ୍କୁ ବିଧାୟକ ଦଳର ନେତା ଭାବେ ନିର୍ବାଚିତ କରାଯାଇଥିଲା। ପରେ ପରେ ସେ ସରକାର ଗଠନ ପାଇଁ ରାଜ୍ୟପାଳଙ୍କୁ ଭେଟି ଦାବି ଜଣାଇବା ପରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ତେବେ ଆସନ୍ତାକାଲି ଚମ୍ପାଇ ସଂଖ୍ୟା ଗରିଷ୍ଠତା ପ୍ରମାଣ ଦେବେ। ଝାଡଖଣ୍ଡର ୮୧ ଆସନ ବିଶିଷ୍ଟ ବିଧାନସଭାକୁ ନେଇ ସରକାର ଗଠନ ପାଇଁ କୌଣସି ଦଳକୁ ସର୍ବାଧିକ ୪୨ ଜଣ ବିଧାୟକଙ୍କ ସମର୍ଥନର ଆବଶ୍ୟକତା ରହିଛି। ତେବେ ଜେଏମଏମ, କଂଗ୍ରେସ ଏବଂ ଆରଜେଡି ମହାମେଣ୍ଟର ୪୭ ବିଧାୟକ ଚମ୍ପାଇ ସୋରେନଙ୍କୁ ସମର୍ଥନ କରୁଥିବା ଏହି ଆସ୍ଥା ଭୋଟରେ ଚମ୍ପାଇ ଅକ୍ଳେଶରେ ବିଜୟୀ ହେବେ ବୋଲି କୁହାଯାଇଛି। କିନ୍ତୁ ବିଜେପିର ଘୋଡା ବେପାର ଆଶଙ୍କାରେ ଏହି ମହାମେଣ୍ଟର ୩୯ ବିଧାୟକଙ୍କୁ ପୂର୍ବରୁ ହାଇଦରାବାଦ ନିଆଯାଇଥିଲା ବେଳେ ସେମାନେ ରବିବାର ସନ୍ଧ୍ୟାରେ ହାଇଦରାବାଦ୍‌ରୁ ରାଞ୍ଚି ଅଭିମୁଖେ ଯାତ୍ରା କରିଥିବା ଜଣାପଡ଼ିଛି।

## ୧୨ରେ ନୀତୀଶ ସରକାରଙ୍କ ପାଇଁ ପରୀକ୍ଷା

ଆସନ୍ତାକାଲି ଝାଡଖଣ୍ଡରେ ଚମ୍ପାଇ ସରକାର ସଂଖ୍ୟା ଗରିଷ୍ଠତା ପ୍ରମାଣ ଦେବାକୁ ଯାଉଥିବା ବେଳେ ୧୨ ତାରିଖରେ ବିହାରର ନୀତୀଶ ସରକାର ମଧ୍ୟ ଆସ୍ଥା



**ତେଜସ୍ୱୀଙ୍କ ଚ୍ୟାଲେଞ୍ଜକୁ ନେଇ ରହିଛି ଆଶଙ୍କା**

**କଂଗ୍ରେସକୁ ଅପରେସନ ଲୋଟସ୍ ଭୟ**

ଭୋଟର ସମ୍ମୁଖୀନ ହେବେ। ବିହାରର ମହାମେଣ୍ଟ ସରକାର ଭାଙ୍ଗିବା ପରେ ଗତ ଜାନୁଆରୀ ୨୮ ତାରିଖରେ ନୀତୀଶ ନବମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ସରକାର ଗଠନ ପାଇଁ ୧୨୨ ବିଧାୟକଙ୍କ ସମର୍ଥନର ଆବଶ୍ୟକତା ରହିଛି। ନୀତୀଶ କୁମାରଙ୍କ ସରକାରରେ ପୂର୍ବରୁ ଜେଡିୟୁ, କଂଗ୍ରେସ ଏବଂ ଆରଜେଡି ସହିତ ଆଉ କିଛି ଦଳ ସାମିଲ ରହିଥିଲା। କିନ୍ତୁ ପୂର୍ବ ସରକାର ଭାଙ୍ଗି ନୀତୀଶ ଏନଡିଏରେ ସାମିଲ ହେବା ପରେ ଆରଜେଡି ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ନୀତୀଶଙ୍କୁ ପରୋକ୍ଷରେ ଧମକ ଦେବା ସହିତ ଏଥରକ ' ଖେଲା ହବେ ' ବୋଲି କହିଥିଲେ। ୧୨ ତାରିଖରେ ହେବାକୁ ଥିବା ଆସ୍ଥା ଭୋଟ୍‌ରେ ଆରଜେଡିର ଆଭିମୁଖ୍ୟ କ'ଣ ରହିବ ତାହାକୁ ନେଇ ଏବେ ଆଲୋଚନା ଜୋର ଧରିଥିଲା ବେଳେ କଂଗ୍ରେସକୁ ବିଜେପିର ଘୋଡା ବେପାର ଭୟ ଲାଗିଛି। ଏଠାରେ ସରକାର ଗଠନ ପାଇଁ ବିଜେପି କଂଗ୍ରେସର କିଛି ବିଧାୟକମାନଙ୍କୁ ନିଜ ପଟକୁ ନେଇଯାଇ ପାରେ ବୋଲି ଦଳ ଆଶଙ୍କା କରିଛି। ଏଥିପାଇଁ ନିଜ ଦଳର ବିଧାୟକମାନଙ୍କୁ ଅନ୍ୟତ୍ର ପଠାଇବା ଲାଗି କଂଗ୍ରେସ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡ଼ିଛି।

**ଆଇଏସଆଇକୁ ଯୋଗାଉଥିଲେ ଗୁପ୍ତ ତଥ୍ୟ**

## ମସ୍କୋସ୍ଥିତ ଭାରତୀୟ ରାଷ୍ଟ୍ରଦୂତ କର୍ମଚାରୀ ଗିରଫ





**ନୂଆଦିଲ୍ଲୀ, ୪।୨(ଏଜେନ୍ସି):** ଦେଶର ଗୁରୁତ୍ୱପୂର୍ଣ୍ଣ ଗୁପ୍ତ ତଥ୍ୟ ପାକିସ୍ତାନକୁ ଯୋଗାଇବା ଅଭିଯୋଗରେ ମସ୍କୋସ୍ଥିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କୁ ଉତ୍ତରପ୍ରଦେଶ ଏଟିଏସ୍ ଗିରଫ କରିଛି।ଉତ୍ତର ପ୍ରଦେଶ ହାପୁର ଜିଲ୍ଲାର ଶାହମହିଦ୍ଦିନପୁର ଗ୍ରାମର ସତ୍ୟେନ୍ଦ୍ର ସିୱାଲଙ୍କୁ ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍(ଏଟିଏସ୍) ମିରଟରୁ ଗିରଫ କରିଛି। ସତ୍ୟେନ୍ଦ୍ର ମସ୍କୋ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟରେ ନିୟୋଜିତ ଥିବା ବେଳେ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇର ଏଜେଣ୍ଟ ସାଜି ଭାରତର ପ୍ରତିରକ୍ଷା ବିଭାଗ ସମେତ ଅନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାକିସ୍ତାନକୁ ଯୋଗାଉଥିଲା ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ସତ୍ୟେନ୍ଦ୍ର ସିୱାଲ ଭାରତର ପ୍ରତିରକ୍ଷା ବିଭାଗ ସମେତ ବୈଦେଶିକ ମନ୍ତ୍ରାଳୟ ଏବଂ ମିଲିଟାରୀ ଏଷ୍ଟାବ୍ଲିସମେଣ୍ଟର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଇଏସଆଇକୁ ଦେଉଥିବା ସୂଚନା ମିଳିବା ପରେ ତାହା ଉପରେ କଡ଼ା ନଜର ରଖାଯାଇଥିଲା। ସେ ମଲ୍ଟିଟାସ୍କିଂ ଷ୍ଟାଫ୍ ବା ଏମଟିଏସ ଭାବେ କାର୍ଯ୍ୟ କରୁଥିବା ବେଳେ ରାଷ୍ଟ୍ରଦୂତ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନଙ୍କୁ ଅର୍ଥ ଲୋଭ ଦେଖାଇ ବିଭିନ୍ନ ମନ୍ତ୍ରାଳୟର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାକୁ ଉଦ୍ୟମ କରୁଥିଲେ ବୋଲି ୟୁପି ଏଟିଏସ୍ କହିଛି। ଏହି ବିଷୟ ଜଣାପଡ଼ିବା ପରେ ୟୁପି ଏଟିଏସ୍ ପକ୍ଷରୁ ସତ୍ୟେନ୍ଦ୍ରଙ୍କ ଗତିବିଧି ଉପରେ ଫିଜିକାଲ ଏବଂ ଇଲେକ୍‌ଟ୍ରୋନିକ୍ସ ବ୍ୟବସ୍ଥା ମାଧ୍ୟମରେ ନଜର ରଖାଯାଇ ତାଙ୍କ ଗତିବିଧିକୁ ତର୍ଜମା କରାଯାଇଥିଲା। ତେବେ ସତ୍ୟେନ୍ଦ୍ର ଦେଶ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ରହି ଆଇଏସଆଇକୁ ଗୁପ୍ତ ତଥ୍ୟ ଯୋଗାଉଥିବା ନିଶ୍ଚିତ କରାଯିବା ପରେ ତାଙ୍କୁ ମିରଟକୁ ଡକାଯାଇ ଏଟିଏସ୍ ଦ୍ୱାରା ଜେରା କରାଯାଇଥିଲା। ଏହି ସମୟରେ ସେ କୌଣସି ପ୍ରଶ୍ନର ଉତ୍ତର ଦେବାକୁ ସକ୍ଷମ ହୋଇପାରି ନଥିଲା ବେଳେ ଶେଷରେ ନିଜର ଦୋଷ ସ୍ୱୀକାର କରିଥିଲେ ବୋଲି ୟୁପି ଏଟିଏସ କହିଛି। ଏହାପରେ ତାଙ୍କ ବିରୋଧରେ ଏତଲା ଦାଏର କରାଯାଇ ମାମଲା ରୁଜୁ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସତ୍ୟେନ୍ଦ୍ର ମସ୍କୋସ୍ଥିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟରେ ୨୦୨୧ରୁ କାର୍ଯ୍ୟ କରିଆସୁଛନ୍ତି।

**ଲାଞ୍ଚ ପ୍ରସଙ୍ଗ ପରେ କେଜ୍ରିୱାଲଙ୍କ ପୁଣି ନୂଆ ଅଭିଯୋଗ**

## ବିଜେପି ଆମକୁ ନିଜ ଦଳରେ ସାମିଲ କରିବାକୁ ଚାହୁଁଥିଲା



**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ବିଜେପି ବିରୋଧରେ ଆଣିଥିବା ଲାଞ୍ଚ ଅଭିଯୋଗ ବିଷୟକୁ ନେଇ ଏବେ ତର୍ଜମା ଚାଲିଛି। କିନ୍ତୁ ଏହାମଧ୍ୟରେ ବିଜେପି ବିରୋଧରେ ସେ ପୁଣି ଏକ ନୂଆ ଅଭିଯୋଗ ଆଣିଛନ୍ତି। ବିଜେପି ତାଙ୍କୁ ନିଜ ଦଳରେ ସାମିଲ କରିବାକୁ ବାଧ କରୁଛି ବୋଲି କେଜ୍ରିୱାଲ କହିଛନ୍ତି। କେଜ୍ରିୱାଲ ଯଦି ବିଜେପିରେ ସାମିଲ ହୁଅନ୍ତି ତେବେ ତାଙ୍କର ସବୁ ଦୋଷ କ୍ଷମା କରିଦିଆଯିବ ବୋଲି ସେ କହିଛନ୍ତି। କିନ୍ତୁ ବିଜେପିର ଏହି ମସୁଧାକୁ ନେଇ ସେ ଆଦୌ ବିଚଳିତ ନାହାନ୍ତି କି କେବେ ବି ଏହି ଦଳ ଆଗରେ ମୁଣ୍ଡ ନୁଆଁଇବେ ନାହିଁ ବୋଲି କେଜ୍ରିୱାଲ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଦୁଇ ଦିନ ତଳେ କେଜ୍ରିୱାଲ ବିଜେପି ବିରୋଧରେ ଗୁରୁତର ଅଭିଯୋଗ ଆଣିବା ସହ ତାଙ୍କ ଦଳର ବିଧାୟକମାନଙ୍କୁ ପର୍ଯ୍ୟାପ୍ତ ଅର୍ଥ ଲୋଭ ଦେଖାଇ ଆପ୍ ସରକାର ଭାଙ୍ଗି ଦେବାକୁ ଯୋଜନା କରିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ଏହାପରେ ବିଜେପି ପକ୍ଷରୁ ଏହି ବିଷୟକୁ ଚ୍ୟାଲେଞ୍ଜ କରାଯାଇ କେଜ୍ରିୱାଲଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ପରେ ପରେ ଦିଲ୍ଲୀ କ୍ରାଇମବ୍ରାଞ୍ଚର ଏକ ଟିମ୍ ଏହି ବିଷୟର ଯାଞ୍ଚ କରିବା ଉଦ୍ଦେଶ୍ୟରେ ନୋଟିସ୍ ନେଇ କେଜ୍ରିୱାଲଙ୍କ ଘରେ ପହଞ୍ଚିଥିଲା। ଏହି ନୋଟିସ୍‌କୁ ପୁଲିସ କେଜ୍ରିୱାଲଙ୍କୁ ବ୍ୟକ୍ତିଗତ ଭାବେ ଦେବାକୁ ଚାହୁଁଥିଲେ ହେଁ ଶୁକ୍ରବାର ଏବଂ ଶନିବାର ଦୁଇ ଦିନ ଧରି କେଜ୍ରିୱାଲ ସାମ୍ନାକୁ ଆସିନଥିଲେ।

## ୟୁଏଇରେ ପ୍ରଥମ ହିନ୍ଦୁ ମନ୍ଦିର ପ୍ରସ୍ତୁତ

**ଆବୁଧାବି, ୪।୨ (ଏଜେନ୍ସି):** ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ରେ ପ୍ରଥମ ହିନ୍ଦୁ ମନ୍ଦିରର ନିର୍ମାଣ ଶେଷ ହୋଇଛି। ଏହି ଭବ୍ୟ ମନ୍ଦିର ଆବୁଧାବିର ମରୁଭୂମିରେ ରହିଛି। ୧୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଉଦ୍‌ଘାଟନ କରିବେ। ଏବେ ମନ୍ଦିରକୁ ଶେଷ ସ୍ପର୍ଶ ଦିଆଯାଉଛି। ଏହାର ଆଖପାଖରେ ଲାଗିଥିବା କ୍ରେନ୍‌କୁ ହଟାଇ ଦିଆଯାଇଛି। କିଛି ଦିନ ତଳେ ୪୨ ଦେଶର ରାଷ୍ଟ୍ରଦୂତ ସପତ୍ନୀକ ଏହି ମନ୍ଦିରକୁ ଯାଇଥିଲେ। ୟୁଏଇର ଭାରତୀୟ ରାଷ୍ଟ୍ରଦୂତ ସଞ୍ଜୟ ସୁଧୀର ଏମାନଙ୍କୁ ଆମନ୍ତ୍ରଣ କରିଥିଲେ। ଏହା ପଶ୍ଚିମ ଏସିଆର ସବୁଠାରୁ ବଡ଼ ପଥର ନିର୍ମିତ ମନ୍ଦିର ହେବ। ଏହାର ନିର୍ମାଣ ପାଇଁ ୭୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ଏଥିରେ ଦେଶର ୭ ଏମିରେଟ୍ସକୁ ପ୍ରତିନିଧିତ୍ୱ କରୁଥିବା ୭ଟି ଶିଖର ରହିଛି। ୨୭ ଏକର ଭୂମିରେ ମନ୍ଦିର ନିର୍ମାଣ କରାଯାଇଛି। ଏହାର ଉଚ୍ଚତା ୩୨.୯୨ ମିଟର, ଲମ୍ବ ୭୯.୮୬ ମିଟର ଏବଂ ଓସାର ୫୪.୮୬ ମିଟର ରହିଛି। ମନ୍ଦିର ନିର୍ମାଣରେ ୧୮ ଲକ୍ଷ ଇଟା ବ୍ୟବହାର କରାଯାଇଛି। ମନ୍ଦିର ନିର୍ମାଣ ପାଇଁ ଉତ୍ତର ରାଜସ୍ଥାନରୁ ଗୋଲାପି ବାଲୁଆ ପଥର ଆବୁଧାବି ପଠାଯାଇଛି। ଭୟଙ୍କର ଖରାରେ ବି ଏହାର କୌଣସି କ୍ଷତି ହେବ ନାହିଁ। ମନ୍ଦିର ପାଇଁ ଇଟାଲୀରୁ ମାର୍ବଲ ଅଣାଯାଇଛି।

**ବିପଦ ପାଲଟୁଛନ୍ତି ରୋହିଙ୍ଗ୍ୟା**

# ଚୋରାଉଛନ୍ତି ମୃତକଙ୍କ ଆଧାର-ପରିଚୟ

**ନୂଆଦିଲ୍ଲୀ, ୪।୨ (ଏଜେନ୍ସି)**

ରୋହିଙ୍ଗ୍ୟା ମୁସଲମାନ ବେଆଇନ ଭାବେ ବାଂଲାଦେଶରୁ ଭାରତରେ ଅନୁପ୍ରବେଶ କରୁଛନ୍ତି। ପରେ ଏମାନେ ଭାରତର ବିଭିନ୍ନ ରାଜ୍ୟକୁ ଯାଉଛନ୍ତି। ଏଠାରେ ପରିଚୟ ବଦଳାଇ ରହୁଛନ୍ତି। ପଶ୍ଚିମବଙ୍ଗ, ହରିୟାଣା, ଆସାମ, ତ୍ରିପୁରା, ଜମ୍ମୁ-କାଶ୍ମୀର ଆଦି ଅନେକ ରାଜ୍ୟରେ ରୋହିଙ୍ଗ୍ୟା ରହୁଛନ୍ତି। ଏହି ରୋହିଙ୍ଗ୍ୟା ଭାରତ

- ଜାଲ୍ ପରିଚୟପତ୍ରରେ ଭାରତରେ ରହୁଛନ୍ତି
- ପାନ୍ କାର୍ଡ, ରାସନ କାର୍ଡ ବନାଉଛନ୍ତି

ପାଇଁ ବିପଦ ପାଲଟିବାରେ ଲାଗିଛନ୍ତି। ଜାତୀୟ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଛନ୍ତି। ଏମାନେ ଭାରତରେ ରହିବା ପାଇଁ ମୃତ ଭାରତୀୟଙ୍କ ପରିଚୟ ଚୋରି କରୁଛନ୍ତି। ମୃତକଙ୍କ ଆଧାର କାର୍ଡ ଏବଂ ତାଙ୍କ ପରିଚୟ ସମ୍ପର୍କିତ ସୂଚନା ଚୋରାଉଛନ୍ତି। ବାଂଲାଦେଶରୁ ଆସି ଭାରତର ଅଲଗା ଅଲଗା ରାଜ୍ୟରେ ନିଜ ପରିଚୟ ଲୁଚାଇ ରହିବା ପାଇଁ ଏଭଳି ଲୋକଙ୍କ ଆଇଡି ବ୍ୟବହାର କରୁଛନ୍ତି। କିଛି ଦିନ ତଳେ ଏ ବିଷୟରେ ସୂଚନା ମିଳିଥିଲା। ଏକ ମାମଲାର ତଦନ୍ତ ସମୟରେ ଭାରତୀୟ ଯାଞ୍ଚ ଏଜେନ୍ସି ଏବଂ ଏନ୍‌ଆଇଏ ଏକ ମାନବ ଚାଲାଣ ର‍୍ୟାକେଟର ପର୍ଦ୍ଦାଫାସ କରିଥିଲା। ଏହି ଗୋଷ୍ଠୀରେ ସାମିଲ ଲୋକ ରୋହିଙ୍ଗ୍ୟା ମୁସଲମାନଙ୍କୁ ଭାରତରେ ଅନୁପ୍ରବେଶ କରାଉଛନ୍ତି। ଏବେ ଏଭଳି ଲୋକଙ୍କୁ ଚିହ୍ନଟ କରାଯାଉଛି। ଖୁବଶୀଘ୍ର ଏହି ମାଲାରେ ବଡ଼ ସୂଚନା ଆସିବାର ସମ୍ଭାବନା ରହିଛି।



ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏନ୍‌ଆଇଏ ତାମିଲନାଡୁରେ ମାନବ ଚାଲାଣ ଗୋଷ୍ଠୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମହମ୍ମଦ ସୋରିଫୁଲ ବାବୁ ମିଆଁ, ଶହାବୁଦ୍ଦିନ ହୁସେନ ଏବଂ ମୁନ୍ନା ଓରଫ ନୁର କରିମକୁ ଗିରଫ କରିଥିଲା। ଏମାନେ ଦୀର୍ଘ ସମୟ ହେଲା ଜାଲ୍ କାଗଜପତ୍ର ବନାଇବାରେ ଲାଗିଥିଲେ। ଏମାନେ ବାଂଲାଦେଶରୁ ଆସୁଥିବା ରୋହିଙ୍ଗ୍ୟା ମୁସଲମାନଙ୍କୁ ଆଧାର କାର୍ଡ, ରାସନ କାର୍ଡ, ପାନ କାର୍ଡ, ମାର୍କସିଟ ଆଦିର ଜାଲ୍ ପ୍ରମାଣପତ୍ର ଦେଉଥିଲେ। ଏହି ତିନି ଜଣ ରୋହିଙ୍ଗ୍ୟାଙ୍କୁ ପରିଚୟ ଦେବା ପାଇଁ ମୃତ ଭାରତୀୟଙ୍କ ପ୍ରମାଣପତ୍ର ବ୍ୟବହାର କରୁଥିବା ସ୍ୱୀକାର କରିଛନ୍ତି। ଏନ୍‌ଆଇଏ ଏଭଳି ଅନେକ ଲୋକଙ୍କ ଡାଟା ଅଭିଯୁକ୍ତଙ୍କଠାରୁ ଜବତ କରିଛି। ଏବେ ଏହି ଡାଟାର ଯାଞ୍ଚ ଜାରି ରହିଛି। ଅନ୍ୟପକ୍ଷରେ ଏନ୍‌ଆଇଏ ଅନ୍ୟ ଯାଞ୍ଚ ଏଜେନ୍ସିର ସହାୟତାରେ ଏହି ଅନୁପ୍ରବେଶକାରୀଙ୍କ ଜାଲ୍ ଠିକଣାରେ ଚଢ଼ଉ ଆରମ୍ଭ କରିଛି। ଏନ୍‌ଆଇଏ ତଦନ୍ତରୁ ତାମିଲନାଡୁ, ହରିୟାଣା, ଆସାମ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ସହିତ ଅନେକ ରାଜ୍ୟରେ ରୋହିଙ୍ଗ୍ୟା ଅନୁପ୍ରବେଶକାରୀ ଥିବା ସୂଚନା ମିଳିଛି।

୨୦୨୩ ଅକ୍ଟୋବରରେ ଜନ୍ମ ଏବଂ ମୃତ୍ୟୁ ପ୍ରମାଣ-ପତ୍ର ହାସଲ କରିବା ପାଇଁ ଆଧାର କାର୍ଡକୁ ବାଧ୍ୟତାମୂଳକ କରିଦିଆଯାଇଥିଲା। ମୃତ୍ୟୁ ପ୍ରମାଣପତ୍ର ପାଇଁ ଆଧାର କାର୍ଡ ଦେଲେ ଏହା ସୂଚନା ୟୁଏଡିଏଆଇକୁ ପଠାଇ ଦିଆଯାଇଥାଏ। ପରେ ମୃତକଙ୍କ ପରିଚୟକୁ ସବୁ ସ୍ଥାନରୁ ହଟାଇ ଦିଆଯାଇଥାଏ। ତେବେ ବାବୁ ମିଆଁ ଏବଂ ମୁନ୍ନା ବାଂଲାଦେଶୀ ଅନୁପ୍ରେବଶକାରୀଙ୍କୁ ପ୍ରମାଣପତ୍ର ଦେବା ସମୟରେ ଏ ନେଇ ସୂଚିତ କରିଦେଉଥିଲା। ଯେକୌଣସି ସ୍ଥାନରେ ବସବାସ ପାଇଁ ବ୍ୟବହାର କରିବାକୁ କହୁଥିବାବେଳେ ଚାକିରି ପାଇଁ ଆବେଦନ ନ କରିବାକୁ କହିଥିଲା। ମୃତକଙ୍କ ପରିଚୟ ପାଇବା ପାଇଁ ଏକ ସମ୍ପୂର୍ଣ୍ଣ ଗ୍ୟାଙ୍ଗ ଚାଲିଥିଲା। ଶହାବୁଦ୍ଦିନ କିଛି ସରକାରୀ ଅଧିକାରୀଙ୍କୁ ଧରି ମୃତକଙ୍କ ତଥ୍ୟ ହାସଲ କରୁଥିଲା। ପରେ ବାବୁ ମିଆଁ ଏବଂ ମୁନ୍ନା ଏହି ଆଧାର ନଂ ଏବଂ ଅନ୍ୟ ବିବରଣୀ ବ୍ୟବହାର କରି ଅନୁପ୍ରବେଶକାରୀଙ୍କ ବୟସ ସହ ମେଳ ଖାଉଥିବା ଲୋକଙ୍କ ପରିଚୟରେ ତାଙ୍କ ନାମକୁ ଅପଡେଟ କରୁଥିଲା। ଡାଟା ଅପଡେଟ ହେବା ପରେ ଠିକଣା ବଦଳା ଯାଉଥିଲା। ପରେ ଏହି ଆଧାର କାର୍ଡ ବ୍ୟବହାର କରି ରାସନ କାର୍ଡ, ପାନ କାର୍ଡ ଏବଂ ଅନ୍ୟ କାଗଜପତ୍ର ପ୍ରସ୍ତୁତ କରାଯାଉଥିଲା।

## ନାମିବ୍ୟା ରାଷ୍ଟ୍ରପତି ଗେନଗବ୍‌ଙ୍କ ପରଲୋକ

**ୱିଣ୍ଡହୋକ, ୪।୨ (ଏଜେନ୍ସି):** ନାମିବ୍ୟା ରାଷ୍ଟ୍ରପତି ହେଜ୍ ଗେନଗବ୍ (୮୨) ଙ୍କ ରବିବାର ପରଲୋକ



ହୋଇଛି। ସେ କର୍କଟରେ ପୀଡ଼ିତ ଥିଲେ। ଦୀର୍ଘଦିନ ହେଲା ସେ ଚିକିତ୍ସାଧୀନ ଥିଲେ। ରବିବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରେ ଲାଗିଥିଲା। ଅନେକ ପ୍ରୟାସ ସତ୍ତ୍ୱେ ଡାକ୍ତରୀ ଦଳ ତାଙ୍କୁ ବଞ୍ଚାଇ ପାରି ନ ଥିଲେ। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ଦେଶ ଭାରତର ଘନିଷ୍ଠ ସହଯୋଗୀ ଭାବେ ପରିଚିତ। ଭାରତ ଚିତା ବାଘ ଆଣିବା ସମୟରେ ନାମିବ୍ୟା ଚର୍ଚ୍ଚାରେ ଥିଲା। ଗତ ମାସରେ ଗେନଗବ୍‌ଙ୍କୁ କର୍କଟ ହୋଇଥିବା ସୂଚନା ଦିଆଯାଇଥିଲା। ସେ ୨୦୧୫ରୁ ରାଷ୍ଟ୍ରପତି ଥିଲେ। ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ଚଳିତ ବର୍ଷ ଶେଷ ହେଉଥିଲା। ସେ ୨୦୧୪ରେ ପ୍ରୋଷ୍ଟେଟ କ୍ୟାନ୍‌ସରରୁ ଯୁଦ୍ଧ ଜିତିବା ବିଷୟରେ ସୂଚନା ଦେଇଥିଲେ।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

# ଆଜିଠାରୁ ବିଧାନସଭା ବଜେଟ ଅଧିବେଶନ

## ୮ରେ ଅର୍ଥମନ୍ତ୍ରୀ ଆଗତ କରିବେ କାମଚଳା ବଜେଟ



ବିଭିନ୍ନ ପ୍ରସଙ୍ଗକୁ ନେଇ ସରଗରମ୍ ରହିବ ଗୃହ

■ **ଭୁବନେଶ୍ୱର, ୪।୨ (ସମିସ):** ସୋମବାରଠାରୁ ଆରମ୍ଭ ହେବ ଷୋଡ଼ଶ ବିଧାନସଭାର ପଞ୍ଚଦଶ ତଥା ବଜେଟ ଅଧିବେଶନ। ୫ ତାରିଖରୁ ୧୩ ତାରିଖ ଯାଏଁ ଏହି ଅଧିବେଶନ ଚାଲିବ ଏବଂ ଏଥିରେ ମାତ୍ର ୭ଟି କାର୍ଯ୍ୟଦିବସ ରହିଛି। ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ରଘୁବର ଦାସଙ୍କ ଅଭିଭାଷଣରୁ ଆରମ୍ଭ ହେବ ଓ ୮ ତାରିଖରେ ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କାମଚଳା ବଜେଟ ଆଗତ କରିବେ। ୯ ତାରିଖ ଦିନ ବ୍ୟୟମଞ୍ଜୁରୀ ବିଧେୟକ ପାରିତ ହେବ। ସାଧାରଣ ନିର୍ବାଚନ ପୂର୍ବରୁ ଏହା ଶେଷ ଅଧିବେଶନ ହୋଇଥିବାରୁ ରାଜ୍ୟର ବିଭିନ୍ନ ପ୍ରସଙ୍ଗକୁ ନେଇ ଏହି ସଂକ୍ଷିପ୍ତ ଅଧିବେଶନ ସରଗରମ ରହିବ ବୋଲି ଆଶା କରାଯାଉଛି। ▶ପୃଷ୍ଠା-୯

◆VOLUME- 41 ◆ISSUE-221 ◆BHUBANESWAR ◆MONDAY ◆5 FEBRUARY 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୨୧ ◆ଭୁବନେଶ୍ୱର ◆ସୋମବାର ◆୫ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




## ▶▶ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଦ୍ୱିତୀୟ ଦିନ

# ଆଠ ଅଧିବେଶନରେ 'ଭାଷା' ମନ୍ଥନ

■ **ଭୁବନେଶ୍ୱର, ୪।୨ (ସମିସ):** ଓଡ଼ିଆ ଭାଷାର ଅସ୍ମିତା ରକ୍ଷା ଓ ଏହାର ପ୍ରଭାକୁ ପ୍ରକଟିତ କରିବା କ୍ଷେତ୍ରରେ ରାଜ୍ୟର ବହୁ କବି, ଲେଖକ, ଗାଳ୍ପିକ, ଔପନ୍ୟାସିକ, ସାହିତ୍ୟ ସମାଲୋଚକ, ନାଟ୍ୟକାରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାର ଭାଷା, ସାହିତ୍ୟ, କଳା, ସଂସ୍କୃତି, ହସ୍ତତନ୍ତ, ଐତିହ୍ୟ, ଭାସ୍କର୍ଯ୍ୟକୁ ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବା ଓ ଏହାକୁ ପରିସ୍ଫୁଟିତ କରିବାରେ ବହୁ ଓଡ଼ିଆ ସେମାନଙ୍କ ଜୀବନକୁ ଉତ୍ସର୍ଗ କରିଦେଇଛନ୍ତି। ଏହି ପ୍ରଥିତଯଶା ସାହିତ୍ୟ ସ୍ରଷ୍ଟାଙ୍କୁ ସାଧନାର ସ୍ୱୀକୃତିର ଜୟଗାନ କରିଛନ୍ତି ରାଜ୍ୟ ସରକାର। ଭାଷା ସମ୍ମିଳନୀର ଦ୍ୱିତୀୟ ଦିନରେ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ସଫଳ ସ୍ରଷ୍ଟା ଓ ବିଭିନ୍ନ ପୁରସ୍କାରରେ ପୁରସ୍କୃତ ହୋଇଥିବା ଓଡ଼ିଆଙ୍କୁ ସରକାର ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ପଦ୍ମ ବିଭୂଷଣ, ପଦ୍ମ ଭୂଷଣ, ପଦ୍ମଶ୍ରୀ, ଜ୍ଞାନପୀଠ, କେନ୍ଦ୍ର ସାହିତ୍ୟ ଏକାଡେମୀ, ଅତିବଡ଼ି ଓ ଜୟଦେବ ଭଳି ୯୦ରୁ ଊର୍ଦ୍ଧ୍ୱ ପୁରସ୍କାରପ୍ରାପ୍ତ ବ୍ୟକ୍ତି ବିଶେଷଙ୍କୁ ଏହି ସମ୍ମିଳନୀରେ ସମ୍ବର୍ଦ୍ଧିତ କରାଯାଇଛି।

ଅନ୍ୟପଟେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଦ୍ୱିତୀୟ ଦିବସରେ ୮ ଟି



- ▶▶ ୯୦ରୁ ଅଧିକ ସାହିତ୍ୟ ସ୍ରଷ୍ଟାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ
- ▶▶ ସ୍ୱତନ୍ତ୍ର ଅଧିବେଶନରେ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି
- ▶▶ ଆଜି ଶେଷ ଦିନରେ ୫ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ

ଅଧିବେଶନରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ପ୍ରଥମ ଅଧିବେଶନରେ ପ୍ରଫେସର ଉୱେ ସ୍କୋଡା ଯୋଗ ଦେଇ ଓଡ଼ିଶାର ଭାଷା ଓ ଐତିହ୍ୟକୁ ବହୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ଗବେଷଣା ପାଇଁ ବ୍ୟାପକ ସୁଯୋଗ ରହିଛି। ଯାହା ଗବେଷଣାକୁ ଭବିଷ୍ୟତରେ ନୂତନ ଦିଗ ଦେବ ବୋଲି ଗବେଷକ ସ୍କୋଡା ମତବ୍ୟକ୍ତ କରିଛନ୍ତି। ଓଡ଼ିଶାକୁ ବହୁତ ସୁନ୍ଦର ସ୍ଥାନ ଭାବରେ ଉଲ୍ଲେଖ କରି ଓଡ଼ିଆ ଭାଷାର ମାଧୁର୍ଯ୍ୟ ଅତ୍ୟନ୍ତ ସୁନ୍ଦର ବୋଲି ସେ ମତବ୍ୟକ୍ତ କରିଛନ୍ତି । ୬ ବର୍ଷ ଧରି ସେ ଓଡ଼ିଶାରେ ବିଭିନ୍ନ ସଂସ୍କୃତି ଉପରେ ଗବେଷଣା କରିଛନ୍ତି। ଓଡ଼ିଶା, ▶ପୃଷ୍ଠା-୯

# ପୁରୀ ହେବ ବିଶ୍ୱ ଐତିହ୍ୟ ସହର: କାର୍ତ୍ତିକ ପାଣ୍ଡିଆନ

## ମହାପ୍ରଭୁଙ୍କ ଆଶୀର୍ବାଦରୁ ପାଞ୍ଚଶହ ବର୍ଷର କାମ ୩ ବର୍ଷରେ ସାରିଲେ ମୁଖ୍ୟମନ୍ତ୍ରୀ

- ପୁରୀ ଜିଲ୍ଲା ପାଇଁ ଖର୍ଚ୍ଚ ହେଉଛି ୧୨୦୦ କୋଟି
- ପୁରୀରେ ହେବ ଆନ୍ତର୍ଜାତିକ ବିମାନବନ୍ଦର
- ଆଠ ଥାକିଆ ହେବ ଭୁବନେଶ୍ୱର-ପୁରୀ ରାସ୍ତା
- ପୁରୀ ହେବ ଓଡ଼ିଶାର ଅର୍ଥନୈତିକ ମେରୁଦଣ୍ଡ
- ପାନ ଚାଷୀଙ୍କ ପାଇଁ ବିନା ସୁଧରେ ୧ଲକ୍ଷର ଋଣ
- ପ୍ରକଳ୍ପ ପାଇଁ ପୁରୀବାସୀ ଓ ସେବାୟତଙ୍କୁ ଧନ୍ୟବାଦ



**ଭୁବନେଶ୍ୱର, ୪।୨ (ସମିସ):** ବିଶ୍ୱ ଐତିହ୍ୟ ସହର ହେବ ପୁରୀ। ପୁରୀ ଜିଲ୍ଲା ସାରା ରାଜ୍ୟର ହେବ ଅର୍ଥନୈତିକ ମେରୁଦଣ୍ଡ। ପୁରୀ ସହରକୁ ବାଦ୍ ଦେଇ ପୁରୀ ଜିଲ୍ଲା ପାଇଁ ୧୨୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି। ପୁରୀରେ ଆନ୍ତର୍ଜାତିକ ବିମାନବନ୍ଦର ହେବ। ରାଜଧାନୀ ଭୁବନେଶ୍ୱର-ପୁରୀ ଆଠ ଲେନ୍ ରାସ୍ତା ହେବ। କଟକ-ପୁରୀ-ଭୁବନେଶ୍ୱର ମେଟ୍ରୋ ଟ୍ରେନ୍ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ ହେବ। ପୁରୀ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ପ୍ଲାନ ରହିଛି। କିନ୍ତୁ ଲକ୍ଷ୍ୟ ପୂରଣ ଲାଗି ଆହୁରି ଲମ୍ବା ବାଟ ଯିବାର ଅଛି। ପୁରୀ ତାଳବଣିଆଠାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହା କହିଛନ୍ତି।

ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଉପରେ ମହାପ୍ରଭୁଙ୍କ ଆଶୀର୍ବାଦ ରହିଛି। ମହାପ୍ରଭୁଙ୍କ କୃପାରୁ ୫୦୦ ବର୍ଷ ଧରି ଯେଉଁ କାମ ହୋଇନଥିଲା, ତାହା ୩ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ କରି ଦେଖାଇଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ପୁରୀବାସୀ ଏବଂ ଶ୍ରୀମନ୍ଦିରର ସେବାୟତଙ୍କ ତ୍ୟାଗକୁ ସମ୍ମାନ କରିବା ସହ ଧନ୍ୟବାଦ ପ୍ରଦାନ କରିଆସିଛନ୍ତି। ଏହି ଅବସରରେ '୫-ଟି' ଅଧ୍ୟକ୍ଷ ସମବେତ ଜନତାଙ୍କୁ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ କେମିତି ▶ପୃଷ୍ଠା-୯

# 'ବିଧାନସଭାରେ ଭାଷା ଆଇନ' ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



■ **ଭୁବନେଶ୍ୱର, ୪।୨(ସମିସ):** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି 'ବିଧାନସଭାରେ ଭାଷା ଆଇନ' ଶୀର୍ଷକ ପୁସ୍ତକ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାଷାର ଉନ୍ନତି ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଆ ଭାଷାର ସୁରକ୍ଷା ଏବଂ ଆଗାମୀ ପିଢ଼ି ପାଇଁ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଏ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିବ। ଏଥିପାଇଁ ସରକାରୀସ୍ତରରେ ଉଦ୍ୟମ ଜାରି ରହିଛି। ଏହାଦ୍ୱାରା ସମସ୍ତ ଭାଷାଭାଷୀ ଅଞ୍ଚଳ ଗୋଟିଏ ସୂତ୍ରରେ ବାନ୍ଧି ହୋଇ ଓଡ଼ିଶାର ବିକାଶରେ ଭାଗୀଦାରି ହେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ୧୯୪୮ ମସିହାରେ ପ୍ରସ୍ତାବିତ ଭାଷା ଆଇନ ଆଲୋଚନାଠାରୁ ଆରମ୍ଭ କରି ୧୯୫୪ ଭାଷା ଆଇନ ପାରିତ ହେବା ଏବଂ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଧାନସଭାରେ ଭାଷା ଆଇନ ୨୦୧୮ର ସଂଶୋଧନ ପର୍ଯ୍ୟନ୍ତ ବିଧାନସଭାରେ ହୋଇଥିବା ସମସ୍ତ ଆଲୋଚନା ଓ ତଥ୍ୟ ଏହି ପୁସ୍ତକରେ ସ୍ଥାନିତ ହୋଇଅଛି। ପୁସ୍ତକଟି ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହରଥାଙ୍କ ଦ୍ୱାରା ସମ୍ପାଦିତ ଓ ଶବ୍ଦସ୍ପର୍ଶ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି।

# ଜେଏନ୍‌ୟୁରେ ପ୍ରତିଷ୍ଠାହେବ ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର କେନ୍ଦ୍ର

## ଓଡ଼ିଶା ସରକାର ଜେଏନ୍‌ୟୁ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

■ **ଭୁବନେଶ୍ୱର, ୪।୨(ସମିସ):** ନୂଆଦିଲ୍ଲୀ ଜବାହାରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ଓଡ଼ିଆ ପାଠ୍ୟକ୍ରମରେ ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଓଡ଼ିଶା ସରକାର ଓ ଜବାହାରଲାଲ ନେହରୁ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଆଜି ଲୋକସେବା ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଉପସ୍ଥିତିରେ ଏହା ସ୍ୱାକ୍ଷରିତ ହୋଇଛି। ରାଜ୍ୟ ସରକାରଙ୍କ ତରଫରୁ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଜେଏନ୍‌ୟୁର କୁଳପତି ଶାନ୍ତିଶ୍ରୀ ଧୁଲିପୁଡି ପଣ୍ଡିତ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଓଡ଼ିଆ ଭାଷାରେ ପ୍ରଗତିଶୀଳ ଗବେଷଣା ନିମନ୍ତେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହଭାଗିତା ଓ ସହଯୋଗିତା, ଆମର



ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ତଥା ପ୍ରୋତ୍ସାହନ ନିମନ୍ତେ ଉଲ୍ଲେଖନୀୟ ଭିତ୍ତି ନିର୍ମାଣ ଏହି ବୁଝାମଣା ପତ୍ରର ମୁଖ୍ୟ ଉଦ୍ଦେଶ୍ୟ ରହିଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ସମୟରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାରେ ଶତମୁଖ ଜେଏନ୍‌ୟୁ କୁଳପତି

# ଓଡ଼ିଶା ରୂପାନ୍ତରଣ ଅଭୂତପୂର୍ବ

■ **ଭୁବନେଶ୍ୱର, ୪।୨ (ସମିସ):** ପ୍ରତିଟି କ୍ଷେତ୍ରରେ ଓଡ଼ିଶା ରୂପାନ୍ତରଣ ଦେଖିଛି। ଅନେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହଯୋଗୀ ସଂଘୀୟ ବ୍ୟବସ୍ଥାର ଅନନ୍ୟ ଉଦାହରଣ ପାଲଟିଛନ୍ତି । ଓଡ଼ିଆ ଭାଷା, ସଂସ୍କୃତିର ପ୍ରଚାର ପ୍ରଚାର ସହିତ ଓଡ଼ିଶାର ପରିସୀମା ବାହାରକୁ ଏହି ମଧୁର ଭାଷାର ଐତିହ୍ୟ ପହଞ୍ଚାଇବା ପାଇଁ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ଅତୁଳନୀୟ ବୋଲି କହିଛନ୍ତି ଜୱାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର କୁଳପତି ପ୍ରଫେସର

- ଓଡ଼ିଆ ଭାଷା, ସଂସ୍କୃତିକୁ ପ୍ରୋତ୍ସାହନ ଉଦ୍ୟମ ପ୍ରଶଂସନୀୟ
- ବିଜୁଙ୍କୁ ସ୍ମରଣୀୟ କରିଛି ବଳିଷ୍ଠ ନେତୃତ୍ୱ ଓ ଅଦମ୍ୟ ସାହସ
- ଜେଏନ୍‌ୟୁରେ ବିଜୁ ସ୍ୱତନ୍ତ୍ର କେନ୍ଦ୍ର ସ୍ଥାପନ ଗୌରବର ବିଷୟ

ଶାନ୍ତିଶ୍ରୀ ଧୁଲିପୁଡି ପଣ୍ଡିତ । ଆଜି ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ ପ୍ରଫେସର ପଣ୍ଡିତ ଭାଷା ସାହିତ୍ୟପ୍ରତି ମୁଖ୍ୟମନ୍ତ୍ରୀଙ୍କ ଅନୁରାଗ, ରାଜ୍ୟର ରୂପାନ୍ତରଣରେ ଭୂମିକା ନିମନ୍ତେ ଭୁରିଭୁରି ▶ପୃଷ୍ଠା-୯

# ମହିଳାଙ୍କ ପେଟ କାଟି ବୀଭତ୍ସ ହତ୍ୟା

■ **ରାଜନଗର, ୪।୨ (ସମିସ):** ରାଜନଗର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ମହିଳାଙ୍କ ପେଟକୁ କାଟି ହତ୍ୟା କରିଛି। ମୃତ ମହିଳାଜଣଙ୍କ ହେଲେ, ବନ୍ଧପଡ଼ା ପଞ୍ଚାୟତ ଖଣ୍ଡେଇପଡ଼ା ଗାଁର ନିରଞ୍ଜନ ସ୍ୱାଇଁଙ୍କ ପତ୍ନୀ ସାଗରିକା ସ୍ୱାଇଁ। ଘର ବାଡ଼ି ପଛରେ ସାଗରିକା ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ପରିବାରଲୋକ ତାଙ୍କୁ ଉଦ୍ଧାର କରି କଟକ ନେଇଥିଲେ। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସଂପର୍କରେ ନିରଞ୍ଜନ ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ଏକ ମାମଲା ରୁଜୁ କରିବା ସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ଆଇଆଇସି ଅଜୟ କୁମାର ଜେନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ତଦନ୍ତ ଚାଲିଛି ଖୁବ୍‌ଶୀଘ୍ର ପ୍ରକୃତ ଘଟଣା ଜଣାପଡ଼ିବ ବୋଲି କହିଛନ୍ତି।

ସୂଚନାନୁଯାୟୀ, ଗତରାତିରେ ଏହି ସ୍ୱାଇଁ ଦମ୍ପତି ଖାଇ ପିଇ ଘରେ ଶୋଇଥିଲେ। ଭୋର୍ ପ୍ରାୟ ୪ଟା ବେଳେ ସାଗରିକା ବାହାରକୁ ପରିସ୍ରା ପାଇଁ ଉଠିଥିଲେ।

**ପୋଖରୀ କୂଳରୁ ମିଳିଲା ରକ୍ତଲଗା ବ୍ଲେଡ୍**

ଏହାର ଅଧଘଣ୍ଟା ପରେ ଚିତ୍କାର ଶୁଣି ନିରଞ୍ଜନ ଓ ଯାଆ ବାହାରକୁ ଯିବା ବେଳକୁ ବାଡ଼ିପଟ ଖତଗଦା ନିକଟରେ ସାଗରିକା ରକ୍ତଜୁଡୁବୁଡୁ ଅବସ୍ଥାରେ ପଡ଼ି ଛଟପଟ ହେଉଥିବା ଦେଖିବାକୁ ମିଳିଥିଲା। ତାଙ୍କ ତଳି ପେଟ କଟା ହୋଇ ଅନ୍ତବୁଜୁଳା ବାହାରକୁ ବାହାରି ପଡ଼ିଥିଲା। ପରିବାରଲୋକ ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସେଠାରୁ କଟକ ବଡ଼ ମେଡିକାଲ ନେଇଥିଲେ। କିନ୍ତୁ ବାଟରେ ଚାନ୍ଦୋଳ ନିକଟରେ ମୃତ୍ୟୁ ହୋଇଥିଲା। ପରିବାରଲୋକେ ଶବ ନେଇ ଘରକୁ ଆସିଥିଲେ। ନିରଞ୍ଜନଙ୍କ ବାଡ଼ିପଟ ପୋଖରୀ ନିକଟରେ ରକ୍ତଛିଟା ପଡ଼ିଥିବା ବେଳେ ନିକଟରେ ରକ୍ତଭିଜା ବ୍ଲେଡ୍ ପଡ଼ିଛି। ପୋଖରୀରୁ ଖତଗଦା ମଧ୍ୟରେ ରକ୍ତ ଛିଟା ସହ ଛୋଟଛୋଟ ମାଂସ ଖଣ୍ଡ ବିଭିନ୍ନ ସ୍ଥାନରେ ପଡ଼ିଛି। ମହିଳା ପିନ୍ଧିଥିବା ଅଳଙ୍କାର ଦେହରେ ନାହିଁ ବୋଲି ନିରଞ୍ଜନ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗ୍ରାମବାସୀଙ୍କ କହିବା କଥା ହେଲା, ସାଗରିକା ଜଣେ ସ୍ନେହୀ ମହିଳା, ତାଙ୍କର କାହା ସହ କୌଣସି ବିବାଦ ନଥିଲା।

# ସାନଭାଇକୁ ଟାଙ୍ଗିଆରେ ହାଣି ହତ୍ୟା

■ **ରଙ୍ଗେଇଲୁଣ୍ଡା, ୪।୨(ସମିସ):** ଗୋଳନ୍ଥରା ଥାନା ଅନ୍ତର୍ଗତ ସୋରଳ ପଞ୍ଚାୟତର କୋଇଠା ଗାଁ ଓଡିଆରପି କଲୋନୀରେ ଜମିଜମାକୁ କେନ୍ଦ୍ରକରି ରବିବାର ସନ୍ଧ୍ୟାରେ ବଡ଼ ଭାଇ ଓ ପୁତୁରାର ଟାଙ୍ଗିଆ ଆକ୍ରମଣରେ ସାନଭାଇର ମୃତ୍ୟୁ ଘଟିଛି। ମୃତକ ହେଲେ ଭୀମ ବେହେରା (୫୫)। ପୁଲିସର ସୂଚନାନୁସାରେ ଥାନା ଅନ୍ତର୍ଗତ କୋଇଠା ଓଡିଆରପି କଲୋନୀରେ ସୁରେନ୍ଦ୍ର ବେହେରା ଓ ସାନଭାଇ ମୃତ ଭୀମ ବେହେରାଙ୍କ ପରିବାର ସହ କିଛି ବର୍ଷ ହେଲା କିଆ ବାଡ଼ ଓ ଜମିକୁ ନେଇ ବିବାଦ ଲାଗି ରହୁଥିଲା। ପରେ ଏନେଇ ଗ୍ରାମରେ ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତରେ ମଧ୍ୟ ସମାଧାନ ପାଇଁ ବହୁବାର ସଭା କରାଯାଇ ଥିଲେ ମଧ୍ୟ ସମାଧାନ ହୋଇପାରି ନଥିଲା। ରବିବାର ଅପରାହ୍ନ ସାଢେ ୩ଟା ବେଳେ ଭୀମ ସୁରେନ୍ଦ୍ରଙ୍କ ଘରେ ପହଞ୍ଚି କିଆ ବାଡ଼ ବିଷୟକୁ ନେଇ ବାଡ଼ ଭାଇ ସୁରେନ୍ଦ୍ରକୁ ଗାଳି ଗୁଲଜ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ବଡଭାଇ ସୁରେନ୍ଦ୍ର ଓ ତାଙ୍କ ପୁଅ ମୋହନ ଘରେ ଥିବା ଟାଙ୍ଗିଆ ▶ପୃଷ୍ଠା-୯



## କିଟ୍‌ରେ ଦୁଇଦିନିଆ ଓଡ଼ିଆ କବି ସମ୍ମିଳନୀ

# ଜୀବନର ପ୍ରଥମ କବିତା ହେଉଛି ଶ୍ୱାସ: ପାଣ୍ଡିଆନ୍

ଭୁବନେଶ୍ୱର, ୪।୨(ସମିସ):

ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀର ଅଂଶ ଭାବେ ରବିବାର 'କିଟ୍'ରେ ଉଦ୍‌ଘାଟିତ ହୋଇଛି ୨ ଦିନିଆ 'ଓଡ଼ିଆ କବି ସମ୍ମିଳନୀ'। ଅପରାହ୍ନରେ ସ୍ୱତନ୍ତ୍ର ଅଧିବେଶନରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂସାରରେ ଜନ୍ମ ନେଉଥିବା ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ କବି ଭାବରେ ଅଭିହି ତ କରିଛନ୍ତି। ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ କବି। କବିତା ହେଉଛି ଜୀବନର ଅଂଶବିଶେଷ ଓ ଜୀବନର ପ୍ରଥମ କବିତା ହେଉଛି ଶ୍ୱାସ। ମସ୍ତିଷ୍କ ବ୍ୟବହାର କରି ମଣିଷ ବିଭିନ୍ନ କ୍ଷେତ୍ରରେ ଅନେକ କିଛି କାମ କରିପାରିବେ, କିନ୍ତୁ କବିତା ହୃଦୟରୁ ପରିସ୍ଫୁଟ ହୋଇଥାଏ। ଆମେ ସମସ୍ତେ ଯେଉଁ କ୍ଷେତ୍ରରେ କାମ କରୁଛେ, ସେ କ୍ଷେତ୍ରରେ ଆମେ ଜଣେ



ଜଣେ କବି। ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ସ୍ୱରଚିତ ଓଡ଼ିଆ କବିତା ପାଠ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଛନ୍ତି।

**ଓଡ଼ିଆରେ କବିତା ପାଠ କଲେ '୫-ଟି' ଅଧ୍ୟକ୍ଷ**

ପ୍ରାରମ୍ଭରେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ ସହ ଭାଷା ଆମ ଅତୀତର ସ୍ଥିତି ଓ ଆମ ଭବିଷ୍ୟତ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ନିଜ ଗୌରବ ସହ ଅନ୍ତରଙ୍ଗତା ସ୍ଥାପନ ପାଇଁ ବିଶ୍ୱ ଓଡ଼ିଆ ସମ୍ମିଳନୀ ଏକ ମହାର୍ଘ ଅବସର। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଓ ପ୍ରୟାସ ବେଶ ପ୍ରଶଂସନୀୟ ବୋଲି ସେ ମତପ୍ରକାଶ କରିଛନ୍ତି। ଓଡ଼ିଆ କବି ସମ୍ମିଳନୀ ଆୟୋଜନ ପାଇଁ ରାଜ୍ୟ ସରକାର କିଟ୍‌କୁ ସୁଯୋଗ ଦେଇଥିବାରୁ ଶ୍ରୀ ସାମନ୍ତ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି ଅବସରରେ ବର୍ଷିଆନ କବି ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ସ୍ୱରଚିତ କବିତା ପାଠ କରିଥିଲେ।

ପୂର୍ବାହ୍ନରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଓଡ଼ିଆ ଭାଷା ସମ୍ମିଳନୀ ଯୁବଗୋଷ୍ଠୀଙ୍କୁ ଓଡ଼ିଆ ଭାଷାର ବିକାଶ ଦିଗରେ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ପ୍ରତ୍ୟେକ ଓଡ଼ିଆର ଆଦ୍ୟ ପରିଚୟ ଓଡ଼ିଆ ଭାଷା ବୋଲି ସେ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କବି ପଦ୍ମ ବିଭୂଷଣ ସୀତାକାନ୍ତ ମହାପାତ୍ର କହିଥିଲେ ଯେ ଓଡ଼ିଆ ଭାଷା ଅନ୍ୟାନ୍ୟ ଭାଷାଠାରୁ ଆଗରେ ରହିଆସିଛି। ମାତୃଭାଷା ପ୍ରତି ସମସ୍ତଙ୍କର ସ୍ନେହ, ଆଦର ଓ ସମ୍ମାନ ରହିବା ଆବଶ୍ୟକ ବୋଲି ସେ କହିଥିଲେ। କବି ପଦ୍ମ ଭୂଷଣ ରମାକାନ୍ତ ରଥ ଓଡ଼ିଆ ଭାଷାର ଯେଉଁ ଗ୍ରନ୍ଥାବଳୀ ଓ ରଚନାବଳୀ ବଜାରରେ ବିଲୁପ୍ତ ସେସବୁର ପୁନଃମୁଦ୍ରଣ କରିବା ନିମନ୍ତେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଅନୁବାଦ ସାହିତ୍ୟ ଉପରେ ଗୁରୁତ୍ୱାରୋପ କରି ଅନୁବାଦ ସାହିତ୍ୟକୁ ପ୍ରୋତ୍ସାହନ ଦେଲେ ତାହା ଆମ ଭାଷାର ଭବିଷ୍ୟତ ହୋଇପାରିବ ବୋଲି କବି ଦେବଦାସ ଛୋଟରାୟ କହିଥିଲେ। କବିମାନେ ସବୁବେଳେ ସ୍ପଷ୍ଟବାଦୀ, ନିରବତା ହେଉଛି ସବୁଠାରୁ ବଡ଼ ଭାଷା ବୋଲି ଡ. ପ୍ରସନ୍ନ ପାଟଶାଣୀ ମତବ୍ୟକ୍ତ କରିଥିଲେ। କବି ରାଜେନ୍ଦ୍ର କିଶୋର ପଣ୍ଡା ତାଙ୍କ ଅଭିଭାଷଣରେ ଓଡ଼ିଆ ଭାଷାକୁ ବିଶ୍ୱ ସ୍ତରରେ ପହଞ୍ଚାଇବାକୁ ହେଲେ ପରସ୍ପର ଭାଷ୍ୱିକ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ଯୁବକଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ସ୍ନେହ, ଶ୍ରଦ୍ଧା



ଓ ସମ୍ମାନ ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତୀକାତ୍ମକ ଭାବେ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ଦିନକୁ ଓଡ଼ିଆ ଭାଷା ଦିବସ ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସୋଆରେ 'ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିମର୍ଶ'

# 'ଭାଷା ଗୋଟିଏ ଜାତିର ପରିଚୟ, ଆତ୍ମାର ଶକ୍ତି'

ଭୁବନେଶ୍ୱର, ୪।୨(ସମିସ):

ଭାଷା ହେଉଛି ଏକ ଜାତିର ପରିଚୟ, ଆତ୍ମାର ଶକ୍ତି। ଯେଉଁ ଭାଷା ଯେତେ ସମୃଦ୍ଧ, ସେହି ଜାତି ସେତେ ପ୍ରଗତିଶୀଳ। ଓଡ଼ିଆ ଭାଷାର ଐତିହ୍ୟ ଓ ପରମ୍ପରା ଅତ୍ୟନ୍ତ ବଳିଷ୍ଠ।୧୯୩୬ ମସିହାରେ ଭାଷାକୁ ଭିତି କରି ଓଡ଼ିଶା ରାଜ୍ୟ ଗଠନ ହୋଇଥିଲା। ତେଣୁ ଆମ ଭାଷାର ଭବିଷ୍ୟତ ଗଢ଼ିବା ସହ ଏହାକୁ ସୁଦୂରପ୍ରସାରୀ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। 'ପ୍ରଥମ ବିଶ୍ୱ ଓଡ଼ିଆଭାଷା ସମ୍ମିଳନୀ' ଅବସରରେ ଶିକ୍ଷା ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ(ସୋଆ)ରେ ଅନୁଷ୍ଠିତ ଦୁଇ ଦିନିଆ 'ଓଡ଼ିଆଭାଷା ସାହିତ୍ୟ ଓ ସଂସ୍କୃତି ବିମର୍ଶ' କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଯୋଗ ଦେଇ ଏହା କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ।

ସୋଆର କୁଳପତି ପ୍ରଫେସର୍ ପ୍ରଦୀପ୍ତ କୁମାର ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପୂଜାରୀ କହିଛନ୍ତି ଯେ ଓଡ଼ିଆ ଯୁବବର୍ଗ ଓ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ପ୍ରବାସୀମାନଙ୍କ ମଧ୍ୟରେ ମାତୃଭାଷା ପ୍ରତି ମମତ୍ୱବୋଧ ସୃଷ୍ଟି କରିବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ। ଭାଷା ପ୍ରତି ସମସ୍ତଙ୍କ ଭିତରେ ଆଗ୍ରହ ଜନ୍ମାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ୩ ଦିନିଆ ବିଶ୍ୱ ଓଡ଼ିଆଭାଷା ସମ୍ମିଳନୀର



**ମାତୃଭାଷାକୁ ସୁଦୂରପ୍ରସାରୀ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ: ନିରଞ୍ଜନ**

**ସରକାରଙ୍କ ପକ୍ଷରୁ ଭାଷା ସମ୍ମିଳନୀ ଆୟୋଜନ ପ୍ରଶଂସନୀୟ: ରାସବିହାରୀ**

**ଓଡ଼ିଆ ଭାଷାର ଲିପି ଦେଶର ଅନ୍ୟତମ ସର୍ବପୁରାତନ: ଉମାକାନ୍ତ**

**ଭାଷା ଏକ ଜାତିର ପ୍ରାଣକେନ୍ଦ୍ର, ଦେହର ଚର୍ମଭଳି ଜୀବନ୍ତ: ଗାୟତ୍ରୀବାଳା**

ଆୟୋଜନ କରାଯାଇଛି। ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶିତାକୁ ସୂଚାଉଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି।

ବିଶିଷ୍ଟ ସାହିତ୍ୟିକ ତଥା ପୂର୍ବତନ ମନ୍ତ୍ରୀ ରାସ ବିହାରୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷାକୁ ପ୍ରୋତ୍ସାହିତ କରିବା ନେଇ ଆୟୋଜିତ ହୋଇଥିବା ଏହି ସମ୍ମିଳନୀ ପ୍ରଶଂସନୀୟ। ଏହାସହ ସ୍କୁଲ, କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଏ ଦିଗରେ ଅନୁପ୍ରେରିତ କରିବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ତଥା ଦୈନିକ 'ସକାଳ'ର ସମ୍ପାଦକ ଡ. ଉମାକାନ୍ତ ମିଶ୍ର କହିଛନ୍ତି ଯେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଯାଜପୁର ଜିଲ୍ଲା ଜାରକା ନିକଟବର୍ତ୍ତୀ ତାରାପୁର ବୌଦ୍ଧ ଭଗ୍ନାବଶେଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଓଡ଼ିଆ ହେଉଛି ଅନ୍ୟତମ ସର୍ବ ପୁରାତନ ଲିପି। ତେବେ ବିଶ୍ୱବିଦ୍ୟାଳୟମାନେ ଓଡ଼ିଆ ଭାଷାକୁ ପ୍ରୋତ୍ସାହନ ଦେବା ନିମନ୍ତେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହାକୁ ଅଧିକ ଲୋକପ୍ରିୟ କରିବା ନେଇ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଗବେଷକ ତଥା ସଂସ୍କୃତି ବିଶେଷଜ୍ଞ ପ୍ରଫେସର୍ ଜଗନ୍ନାଥ ଦାସ ଅନ୍ୟତମ ଅତିଥି ରୂପେ ଯୋଗ ଦେଇ 'ସୋଆ' ପକ୍ଷରୁ ଓଡ଼ିଆ ସାହିତ୍ୟକୁ ନେଇ ଏକ ସଂଗ୍ରହାଳୟ ସ୍ଥାପନର ପ୍ରସ୍ତାବ ଦେଇଛନ୍ତି। ଜଗନ୍ନାଥ ସଂସ୍କୃତିରୁ ହିଁ ଓଡ଼ିଆ ଭାଷାର ଉତ୍ପତି। ନିଜ ନିଜ ଭିତରେ ଏକତା ବଜାୟ ରଖିବା ନିମନ୍ତେ ଭାଷା ହିଁ ହେଉଛି ଏକମାତ୍ର ମାଧ୍ୟମ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ କବୟତ୍ରୀ ତଥା ସୋଆ 'ପ୍ରାଚୀନ'ର ମୁଖ୍ୟ ଡ. ଗାୟତ୍ରୀବାଳା ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରତ୍ୟେକ ଭାଷା ହେଉଛି, ତାକୁ କହୁଥିବା ଲୋକମାନଙ୍କର ଆତ୍ମାର ଶକ୍ତି ଓ ଚିହ୍ନ। ଗୋଟିଏ ଜାତି, ବଂଶ ବା ଜନସାଧାରଣ ଯଦି ତାର ମାତୃଭାଷାକୁ ହରାଏ, ତେବେ ସେ ତା'ର ସମ୍ପୂର୍ଣ୍ଣ ଜୀବନକୁ ବଞ୍ଚିପାରିବ ନାହିଁ। ଶ୍ରୀ ଅରବିନ୍ଦଙ୍କର ଏହି ଉକ୍ତି ବାସ୍ତବରେ ଯଥାର୍ଥ। ଆମ ଭାଷା ଓ ସାହିତ୍ୟର ବିଶ୍ୱାୟନ ପାଇଁ ଏହି ସମ୍ମିଳନୀ ଓଡ଼ିଶା ସରକାରଙ୍କର ଏକ ଅଭିନବ ଯୋଜନା। ମା' ଓ ମାତୃଭୂମି ସହ ଆମର ମାତୃଭାଷା ଅତ୍ୟନ୍ତ ଆତ୍ମିକ ଭାବରେ ଜଡ଼ିତ ଓ ଭାଷା ହେଉଛି ଏକ ଜାତିର ପ୍ରାଣକେନ୍ଦ୍ର। ଭାଷା ହେଉଛି ଦେହର ଜୀବନ୍ତ ଚର୍ମ ଭଳି। ଭାଷାରେ ହିଁ ବ୍ୟକ୍ତିର ଆତ୍ମପ୍ରକାଶ ସହଜ, ସରଳ ହୋଇଥାଏ। ମାତୃଭାଷା ଆମ କହିବା, ପଢ଼ିବା, ଲେଖିବାର ଭାଷା। ଏହା ଆମ ଭାବ ବିନିମୟ କରିବାର ବଳିଷ୍ଠ ମାଧ୍ୟମ ବୋଲି ଡ଼. ପଣ୍ଡା କହିଥିଲେ। ଏହି ଅବସରରେ ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର୍ ଜ୍ୟୋତିରଞ୍ଜନ ଦାସ ମଧ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ମନୋଜରଞ୍ଜନ ନାୟକ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶାର ଦୁଇ ମହାନ କବି ଗଙ୍ଗାଧର ମେହେର ଓ ଭୀମ ଭୋଇଙ୍କ କାର୍ଯ୍ୟକୁ ଗଭୀର ଭାବେ ବ୍ୟାଖ୍ୟା କରାଯିବା ସହ ସେମାନଙ୍କ କବିତାରେ ଗଭୀର ଦାର୍ଶନିକ ତତ୍ତ୍ୱ ରହିଛି ଏବଂ ସେହି ମହାନ କୃତିକୁ ଅଧ୍ୟୟନ ଏବଂ ଗବେଷଣା କରିବାର ଆବଶ୍ୟକତା ରହିଛି ବୋଲି ଆଲୋଚନା ହୋଇଥିଲା।

ଏହି ଅବସରରେ ଆୟୋଜିତ ପ୍ରଥମ ଦିନର ଅଧିବେଶନରେ ଶ୍ରୀକ୍ଷେତ୍ରର ଅଭିନୟ କଳା ବିମର୍ଶ, ଶ୍ରୀଜଗନ୍ନାଥ ଚେତନା-ଦର୍ଶନ ଓ ବାସ୍ତବତା, ଓଡ଼ିଆ ସାହିତ୍ୟ ସର୍ଜନରେ ଶ୍ରୀଜଗନ୍ନାଥ ଚେତନା, ସାରୋଳଦାସ ସାହିତ୍ୟ ବିମର୍ଶ, ବଳରାମ ଦାସ ସାହିତ୍ୟ ବିମର୍ଶ, ଜଗନ୍ନାଥ ଦାସ ସାହିତ୍ୟ ବିମର୍ଶ, ମଧ୍ୟକାଳୀନ ସାହିତ୍ୟର ବିଷୟ ବୈଚିତ୍ର୍ୟ, ମଧ୍ୟକାଳୀନ ସାହିତ୍ୟରେ ବର୍ଣ୍ଣନା ବୈଚିତ୍ର୍ୟ, ଓଡ଼ିଆ ପୁରାଣ ଓ ସାହିତ୍ୟ ବିମର୍ଶ, ସନ୍ଥ ସାହିତ୍ୟ ବିମର୍ଶ ଓ ଭକ୍ତି - ପ୍ରୀତି ଚେତନା ବିମର୍ଶ ଆଦି ପ୍ରସଙ୍ଗ ଉପରେ ସାହିତ୍ୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା।

# ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୪।୨(ସମିସ): ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ଡ଼. ଗାୟତ୍ରୀବାଳା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ ତଥା ସମ୍ମାନିତ କରାଯାଇଛି।

**'ଦୟାନଦୀ' ପାଇଁ ମିଳିଛି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର**

ଗାୟତ୍ରୀବାଳାଙ୍କ କବିତା ସଂକଳନ 'ଦୟାନଦୀ' ୨୦୧୭ ମସିହାରେ ପକ୍ଷୀଘର ପ୍ରକାଶନ ସଂସ୍ଥା ଦ୍ୱାରା ଓ ଏହାର ହିନ୍ଦୀ ଅନୁବାଦ ରାଜକମଲ ପ୍ରକାଶନୀ ଦ୍ୱାରା ପ୍ରକାଶ ପାଇବା ପରେ ଏହା ଜାତୀୟସ୍ତରର ସାହିତ୍ୟିକଙ୍କ ମଧ୍ୟରେ ବେଶ୍ ଆଦୃତି ଲାଭ କରିଛି। ୨୦୨୨ ମସିହାରେ 'ଦୟାନଦୀ'କୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ମିଳିଛି। ଗାୟତ୍ରୀବାଳା ପଣ୍ଡାଙ୍କର ଅଦ୍ୟାବଧି ୩୦ଖଣ୍ଡରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶ ପାଇଛି। ତାଙ୍କର ପାଞ୍ଚଟି କବିତା ସଂକଳନ ଓ ଗୋଟିଏ ଗଳ୍ପ ସଙ୍କଳନ ହିନ୍ଦୀ ଏବଂ ଦୁଇଟି କବିତା ସଂକଳନ ଇଂରାଜୀରେ ପ୍ରକାଶିତ ହୋଇଛି। ୨୦୧୧ରେ କବିତା ସଂକଳନ 'ଗାଁ' ପାଇଁ ପ୍ରଥମେ ଗାୟତ୍ରୀବାଳା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଯୁବ ପୁରସ୍କାର ପାଇଥିଲେ। ଏହାବ୍ୟତୀତ ସେ ରାଜ୍ୟ ଯୁବ ପୁରସ୍କାର, ରାଜୀବ ଗାନ୍ଧୀ ସଦ୍ଭାବନା ପୁରସ୍କାର, କାଦମ୍ବିନୀ କବିତା ସମ୍ମାନ, ଫକୀର ମୋହନ ସାହିତ୍ୟ ସମ୍ମାନ, 'ରାଇଟର୍ସ-ଇନ୍-ରେସିଡେନ୍ସ' ଆଟ୍ ରାଷ୍ଟ୍ରପତି ଭବନ-୨୦୧୫, ସତ୍ୟବାଦୀ ସାହିତ୍ୟ ସମ୍ମାନ ସହ ଦୁଇଦୁଇଥର ଟାଇମ୍ସ ପାୱାର ୱିମେନ୍ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

# ଭାଷା ମଞ୍ଚରେ ଭାଷା-ସାହିତ୍ୟ-ସଂସ୍କୃତି ତାରକାଙ୍କୁ ସମ୍ମାନ



ଭୁବନେଶ୍ୱର, ୪।୨ (ସମିସ):

ଓଡ଼ିଶା ପାଇଁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଅଜସ୍ର ଯଶ ଓ ଖ୍ୟାତି ଆଣିଥିବା ବିଶିଷ୍ଟ ବ୍ୟକ୍ତିବିଶେଷମାନଙ୍କୁ ଆଜି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ପରିବହନ ମନ୍ତ୍ରୀ ଟୁକୁନି ସାହୁ ଉପସ୍ଥିତ ରହି ସ୍ଥପତି ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଓଡ଼ିଶୀ ତଥା ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ଓ ଗୁରୁ ପଦ୍ମବିଭୂଷଣ ସୋନାଲ ମାନସିଂହ, କବି ପଦ୍ମଭୂଷଣ ରମାକାନ୍ତ ରଥ, ହୃଦ୍‌ରୋଗ ବିଶେଷଜ୍ଞ ପଦ୍ମଭୂଷଣ ଡା. ରମାକାନ୍ତ ପଣ୍ଡା, ଚିତ୍ରଶିଳ୍ପୀ ପଦ୍ମଭୂଷଣ ଯତୀନ ଦାସ, ପଦାର୍ଥ ବିଜ୍ଞାନୀ ପଦ୍ମଭୂଷଣ ଡ. ଯୋଗେଶ ପତି, ବୈଜ୍ଞାନିକ ଓ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦି, ସମାଜସେବୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଅନ୍ତର୍ଜାତୀୟ ହକି ତାରକା ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଟେକ୍ନୋକ୍ରାଟ ପଦ୍ମଶ୍ରୀ ନଳିନୀ ରଞ୍ଜନ ମହାନ୍ତି, ବୁଣାକାର ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ଓଡିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମକୁମ ମହାନ୍ତି, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଯକୃତରୋଗୀ ବିଶେଷଜ୍ଞ ପଦ୍ମଶ୍ରୀ ଡା. ସୁବ୍ରତ ଆଚାର୍ଯ୍ୟ, କବି ପଦ୍ମଶ୍ରୀ ହଳଧର ନାଗ, ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ପଦ୍ମଶ୍ରୀ ନୀଳମାଧବ ପଣ୍ଡା, ବୃକକରୋଗ ବିଶେଷଜ୍ଞ ପଦ୍ମଶ୍ରୀ ପ୍ରଫେସର ଡା. ମୁକୁଟ ମିଞ୍ଜ, ଗାୟକ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ସେହିପରି ଦ୍ୱିତୀୟ ଅଧିବେଶନରେ ସଂସ୍କୃତି ମନ୍ତ୍ରୀଙ୍କ ସମେତ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତି, ବୁଣାକାର ପଦ୍ମଶ୍ରୀ ଗୋବର୍ଦ୍ଧନ ପାଣିକ, ମୂର୍ତ୍ତିକାର ପଦ୍ମଶ୍ରୀ ପ୍ରଭାକର ମହାରଣା, ଓଡ଼ିଆ ଓ ହିନ୍ଦୀ କଥାଚିତ୍ର ନିର୍ଦ୍ଦେଶକ ପଦ୍ମଶ୍ରୀ ଶିଶିର ପୁରୁଷୋତ୍ତମ ମିଶ୍ର, ଜୈବିକ କୃଷିବିତ୍ ପଦ୍ମଶ୍ରୀ କମଳା ପୂଜାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ତୃତୀୟ ଅଧିବେଶନରେ ଜଙ୍ଗଲ, ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏବଂ ଖଣି, ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଉପସ୍ଥିତ ରହି ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ପାଇଁ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଚତୁର୍ଥ ଅଧିବେଶନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଉଚ୍ଚ ଶିକ୍ଷା, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ



ଏବଂ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ ପ୍ରମୁଖ ଉପସ୍ଥିତ ରହି ଗାଳ୍ପିକା ଯଶୋଧାରା ମିଶ୍ର, ଚଳଚ୍ଚିତ୍ର ଉତ୍ତୋଳକ ତଥା ନିର୍ଦ୍ଦେଶକ ଅପୂର୍ବ କିଶୋର ବୀର, ଅଭିନେତା ଶ୍ରୀରାମ ପଣ୍ଡା, କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ପ୍ରଯୋଜକ ତଥା ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ର, ସାହିତ୍ୟ ଏକାଡେମୀ ସମ୍ମାନରେ ସମ୍ମାନିତ କବି ଡ. ରାଜେନ୍ଦ୍ର କିଶୋର ପଣ୍ଡା, କବି ସୌଭାଗ୍ୟ କୁମାର ମିଶ୍ର, ସାହିତ୍ୟ ସମୀକ୍ଷକ ଡ. ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରମୁଖଙ୍କୁ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବ ପ୍ରାରମ୍ଭରେ ବହୁଭାଷୀ ଚଳଚ୍ଚିତ୍ର ଅଭିନେତା ପରଲୋକଗତ ପଦ୍ମଶ୍ରୀ ସାଧୁ ମେହେରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରଯାଇଥିଲା।







# ଓଡ଼ିଆ ଭାଷାରେ ପର୍ତ୍ତୁଗୀଜ୍ ପ୍ରଭାବ

## ଭାରତବର୍ଷରେ ପର୍ତ୍ତୁଗୀଜ୍:

ଭାରତବର୍ଷକୁ ଜଳପଥ ଆବିଷ୍କାର କରିବା ଦିଗରେ ପର୍ତ୍ତୁଗୀଜ୍ମାନେ ହେଉଛନ୍ତି ପ୍ରଥମ ୟୁରୋପୀୟ ଜାତି। ପର୍ତ୍ତୁଗୀଜ୍ ନାବିକ ଭାସ୍କୋଡାଗାମା ଭାରତର କାଲିକଟ୍ ବନ୍ଦରରେ ପ୍ରଥମେ ୧୪୯୮ ଖ୍ରୀଷ୍ଟାବ୍ଦ ମେ ମାସ ୧୭ ତାରିଖରେ ଅବତରଣ କରି ରାଜା ଜାମୋରିନ୍ଙ୍କୁ ବହୁ ବିଳାସ ସାମଗ୍ରୀ ଉପହାର ଦେଇ ତାଙ୍କ ରାଜ୍ୟରେ ପର୍ତ୍ତୁଗୀଜ୍ମାନେ ବାଣିଜ୍ୟ କରିବା ପାଇଁ ଅନୁମତି ପତ୍ର ଲାଭ କରିଥିଲେ। କ୍ରମେ ପର୍ତ୍ତୁଗୀଜ୍ମାନେ କାଲିକଟ୍, ସାଲସେଟ୍, ବେସିନ୍, ଗୋଆ, ଡାମନ, ଡିଉ, ବମ୍ବେ ପ୍ରଭୃତି ସ୍ଥାନରେ ବାଣିଜ୍ୟ କୋଠି ଓ ଦୁର୍ଗମାନ ସ୍ଥାପନ କରିଥିଲେ।

ଏତିକି ବେଳେ ସମୃଦ୍ଧ ଓଡ଼ିଶା ସେମାନଙ୍କର ଦୃଷ୍ଟିଆକର୍ଷଣ କଲା। ୧୫୧୪ ଖ୍ରୀ.ରେ ଓଡ଼ିଶାର ରାଜା ପ୍ରତାପରୁଦ୍ରଙ୍କଠାରୁ ଅନୁମତି ଲାଭ କରି ସେମାନେ ସୁବର୍ଣ୍ଣରେଖା ମୁହାଣସ୍ଥ ପିପିଲି ବନ୍ଦରରେ ବାଣିଜ୍ୟ କେନ୍ଦ୍ର ପ୍ରତିଷ୍ଠା କରିଥିଲେ। (୧) ଏହି ସ୍ଥାନ ଆଧୁନିକ ଜଳେଶ୍ୱର ଥାନା ଅନ୍ତଃପାତୀ ଝାଡ଼ପିପ୍ପଲି ଗ୍ରାମ ନିକଟବର୍ତ୍ତୀ ଏକ ସ୍ଥାନ ବୋଲି ଅନୁମାନ କରାଯାଉଛି। (୨) କ୍ରମେ ସେମାନେ ବାଲେଶ୍ୱର, ଚାନ୍ଦିପୁର, କୁଜଙ୍ଗ, ହରିଶପୁର, ମରିଚପୁର, ବାଲିକୁଦା, ହରିହରପୁର (ଆଧୁନିକ ଜଗତସିଂହପୁର) ସ୍ଥାନରେ ବାଣିଜ୍ୟ କେନ୍ଦ୍ରମାନ ପ୍ରତିଷ୍ଠା କରିଥିଲେ। (୩)

## ଭାରତୀୟ ଭାଷାରେ ପର୍ତ୍ତୁଗୀଜ୍ ପ୍ରଭାବର ମୁଖ୍ୟ କାରଣ:

ପର୍ତ୍ତୁଗୀଜ୍ମାନେ କେବଳ ବାଣିଜ୍ୟ କ୍ଷେତ୍ରରେ ନୁହେଁ, ନିଜର ଭାଷା ବିସ୍ତାର କ୍ଷେତ୍ରରେ ମଧ୍ୟ ସିଂହଳ, ଜାଭା, ମାଳୟ ପ୍ରଭୃତି ସ୍ଥାନରେ ପ୍ରାଧାନ୍ୟ ଲାଭ କରିଥିଲେ। ପୂର୍ବ ଭାରତରେ ଅନେକ ସ୍ଥାନରେ ପର୍ତ୍ତୁଗୀଜ୍ ଭାଷା ଖ୍ରୀଷ୍ଟଧର୍ମ ପ୍ରଚାରର ମାଧ୍ୟମ ରୂପେ ବ୍ୟବହୃତ ହେଉଥିଲା। (୪) ପର୍ତ୍ତୁଗୀଜ୍, ଇଂରେଜ, ଡଚ୍, ଫରାସୀ ବଣିକମାନେ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ଊନବିଂଶ ଶତାବ୍ଦୀର ତୃତୀୟ ଦଶକ ପର୍ଯ୍ୟନ୍ତ ପର୍ତ୍ତୁଗୀଜ୍ ଭାଷାକୁ ପ୍ରଧାନ ମାଧ୍ୟମ ରୂପେ ଗ୍ରହଣ କରିଥିଲେ। (୫) ଦେଶୀୟ ଖ୍ରୀଷ୍ଟିୟାନ୍ମାନେ ମଧ୍ୟ ପର୍ତ୍ତୁଗୀଜ୍ ଭାଷା, ସଭ୍ୟତା ଓ ସଂସ୍କୃତିର ପ୍ରଧାନ ବାହକ ରୂପେ ଦେଖା ଦେଇଥିଲେ। (୬) ତେଣୁ ଭାରତର ବିଭିନ୍ନ ପ୍ରାଦେଶିକ ଭାଷାରେ ପର୍ତ୍ତୁଗୀଜ୍ ପ୍ରଭାବ ପରିଲକ୍ଷିତ ହୋଇଥାଏ। ପୂର୍ବ ଭାରତର ହିନ୍ଦୀ, ବଙ୍ଗଳା, ଓଡ଼ିଆ ବ୍ୟତୀତ ପଶ୍ଚିମ ଓ ଦକ୍ଷିଣ ଭାରତର କଙ୍କଣୀ, ତାମିଲ, ତେଲୁଗୁ ଆଦି ଭାଷାରେ ମଧ୍ୟ ପର୍ତ୍ତୁଗୀଜ୍ ପ୍ରଭାବ ପରିଦୃଷ୍ଟ ହୋଇଥାଏ।

ମାତୃକା ଗୀତ ଆଧାରରେ

# ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଆ ଭାଷାର ଶାସ୍ତ୍ରୀୟତା

ଡ. କୀର୍ତ୍ତନ ନାରାୟଣ ପାଢ଼ୀ

ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଆ ଭାଷା ଅନ୍ୟୂନ ଖ୍ରୀ:ପୂ: ୫ମ ଶତାବ୍ଦୀ ବେଳକୁ ଶାସ୍ତ୍ରୀୟ ହୋଇ ସାରିଥିଲା। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିସାରିଛି, କିନ୍ତୁ ଓଡ଼ିଶୀ ସଙ୍ଗୀତକୁ କେବଳ ରାଜ୍ୟ ସରକାର ମାନ୍ୟତା ଦେଇଛନ୍ତି, ଯାହା ଏ ଯାବତ୍ ସର୍ବଭାରତରେ ସ୍ୱୀକୃତ ହୋଇନାହିଁ। ଓଡ଼ିଶୀ ଗୀତରେ ପ୍ରଚଳିତ ମାତୃକା ପ୍ରବନ୍ଧର ଗୁଣଲକ୍ଷଣକୁ ଅନୁଧ୍ୟାନ କଲେ ସମ୍ପୂର୍ଣ୍ଣ ହୃଦ୍‌ବୋଧ ହୁଏ ଯେ ଓଡ଼ିଆ ଭାଷା ଓ ଓଡ଼ିଶୀ ସଙ୍ଗୀତ ଉଭୟ ଶାସ୍ତ୍ରୀୟ। ଏଠାରେ ମାତୃକା ପ୍ରବନ୍ଧ ବିଷୟରେ ଆଲୋଚନା କରାଯାଇ ପ୍ରତିପାଦିତ କରିବା ପାଇଁ ପ୍ରଚେଷ୍ଟା କରାଯାଉଛି ଯେ ଓଡ଼ିଆ ଭାଷା ଏବଂ ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ ଅଟେ।

## ମାତୃକା ପ୍ରବନ୍ଧ (ନିବନ୍ଧ ଗୀତ)

ଓଡ଼ିଶୀ ସଙ୍ଗୀତରେ ନିବନ୍ଧଗୀତ ବା ପ୍ରବନ୍ଧ ଗାନ ତିନିଟି ଭେଦରେ ବିଭକ୍ତ, ଯଥା - (୧) ଶୁଦ୍ଧ ପ୍ରବନ୍ଧ, (୨) ଛାୟାଲଗ (ଛାୟା ମାତ୍ରାଶ୍ରୟା ବା ଛାୟାମାତ୍ରାନୁଗା) ବା ସୂଡ଼ ବା ପଡ଼ି ପ୍ରବନ୍ଧ ଓ (୩) କ୍ଷୁଦ୍ର ପ୍ରବନ୍ଧ ବା କ୍ଷୁଦ୍ରଗୀତ।

ଓଡ଼ିଶୀରେ ଅଦ୍ୟାବଧି ବହୁଳ ପ୍ରଚଳିତ ଥିବା ମାତୃକା ପ୍ରବନ୍ଧ (ଷୋଡ଼ଶା, ଚଉତିଶା, ଅ-କ୍ଷମୟୀ, କୋଇଲି ଇତ୍ୟାଦି) ହେଉଛି ସର୍ବୋତ୍ତମ ଶୁଦ୍ଧ ପ୍ରବନ୍ଧର ଏକ ପ୍ରକାର ଭେଦ। ଏଥିରେ ପ୍ରତ୍ୟେକ ପାଦର ବା ପଦର ଆଦ୍ୟ ଅକ୍ଷରଟି ଅ-ଆ, ଇତ୍ୟାଦି ୧୬ଟି ସ୍ୱରବର୍ଣ୍ଣ ଗୋଟିଏ ପରେ ଗୋଟିଏ, କିମ୍ବା କ-ଖ ଇତ୍ୟାଦି ୩୪ଟି ବ୍ୟଞ୍ଜନ ବର୍ଣ୍ଣ ଗୋଟିଏ ପରେ ଆଉ ଗୋଟିଏ ଥିଲେ, ଏଭଳି ରଚନା ଓଡ଼ିଆ ଭାଷା-ସାହିତ୍ୟର ଚମତ୍କାରିତା ପ୍ରତିପାଦନ କରେ ଓ ରାଗ-ତାଳରେ ଆଧାରିତ ହୋଇ ଗାନ ହେଲେ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତାକୁ ପ୍ରମାଣିତ କରେ।

ମାତୃକାରୁ ଉତ୍ପନ୍ନ ବର୍ଣ୍ଣ ଦୁଇ ପ୍ରକାର, ଯଥା-ସ୍ୱର ଓ ବ୍ୟଞ୍ଜନ, ଯାହାକୁ ଜଗତଜ୍ୟୋତି ବୋଲି କହନ୍ତି। 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ସମସ୍ତ ବ୍ୟଞ୍ଜନ ବର୍ଣ୍ଣ ଦେଶଭାଷାରେ, ଅର୍ଥାତ୍, ଲୋକମାନଙ୍କ ଭାଷାରେ ବା ବିଭିନ୍ନ ଆଞ୍ଚଳିକ ଭାଷାରେ ସ୍ୱରବର୍ଣ୍ଣ ସହିତ ଉଚ୍ଚାରିତ ହୁଏ। ଏଠାରେ ସ୍ୱର କହିଲେ ସଙ୍ଗୀତର ଷଡ଼୍‌ଜ, ଋଷଭ, ଇତ୍ୟାଦି (ସପ୍ତ) ସ୍ୱର ଏବଂ ଭାଷାର ଅ, ଆ, ଇତ୍ୟାଦି (ଷୋଡ଼ଶ) ସ୍ୱରକୁ ବୁଝାଏ। 'କ' ଇତ୍ୟାଦି ବ୍ୟଞ୍ଜନର ସମସ୍ତ ବର୍ଗ (ସପ୍ତବର୍ଗ: 'କ' - ଆଦି, 'ଚ' ଆଦି, 'ଟ' - ଆଦି, 'ତ' - ଆଦି, 'ପ' - ଆଦି, 'ଅ' - ଆଦି ('ଅ' ଠାରୁ ବିସର୍ଗ) ବା ସ୍ୱରବର୍ଗ ଓ 'ଯ' - ଆଦି (ଯ, ର, ଲ / ଳ, ବ୍ୱ, ଶ, ଷ, ସ, ହ, କ୍ଷ) ଶକ୍ତି (ସ୍ୱର) ସହଯୋଗରେ ଶିବତ୍ୱ ପ୍ରାପ୍ତ ହୁଏ। ସଙ୍ଗୀତର ସ୍ୱରବର୍ଣ୍ଣର ବର୍ଗକୁ ସା-ଆଦି (ସାରିଗାମା ପାଧାନି) କୁ ମିଶାଇଲେ ଆଠଟି ବର୍ଗ ହେବ। ଏଠାରେ ବର୍ଣ୍ଣ କହିବାର ତାତ୍ପର୍ଯ୍ୟ ହେଲା ଏଗୁଡ଼ିକ ନିଜର ସ୍ୱରୂପ, ଅର୍ଥାତ୍, ପଦ-ବାକ୍ୟ ମାଧ୍ୟମରେ ବାକ୍ୟର ଅର୍ଥ ପ୍ରକାଶ କରି ଜଗତକୁ ବର୍ଣ୍ଣିତ କରନ୍ତି। ବର୍ଣ୍ଣ ଦ୍ୱାରା ପଦ ସିଦ୍ଧ ହୁଏ। କ୍ରିୟା ଓ କାରକ ଯୁକ୍ତ ହୋଇ ପଦ ବାକ୍ୟରେ ପରିଣତ ହୁଏ। ବାକ୍ୟରୁ ମହାକାବ୍ୟ ଓ ମହାବାକ୍ୟରୁ ବେଦ ଓ ତାହାର ଅଙ୍ଗଗୁଡ଼ିକ (ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ, ଜ୍ୟୋତିଷ) ଜାତ ହୁଏ। ଧ୍ୱନିର ଏହି ସବୁ ବ୍ୟକ୍ତ ରୂପରୁ ଗାନ୍ଧର୍ବ (ସଙ୍ଗୀତ) ସମ୍ଭବ ହୁଏ। ନାରଦଙ୍କ ସହ କଥୋପକଥନକୁ ଆଧାର କରି ମତଙ୍ଗ ମୁନି 'ବୃହଦ୍ଦେଶୀ'ରେ ଉଲ୍ଲେଖ କରିଛନ୍ତି -



ବର୍ଣ୍ଣାସ୍ତୁ ମାତୃକୋଦ୍ଭୂତା ମାତୃକା ଦ୍ୱିବିଧା ମତାଃ / ସ୍ୱର-ବ୍ୟଞ୍ଜନ ରୂପେଣ ଜଗଜ୍ଜୋତିରିହୋଚ୍ୟତେ ॥ / ସ୍ୱର୍ଯତେ ଦେଶଭାଷାୟାଂ କାଦିକ୍ଷାନ୍ତଂ ଯଥାବିଧି। / ତେନ ସ୍ୱରାଃ ସମାଖ୍ୟାତା ଅନ୍ୟେ ଷଡ଼୍‌ଜାଦୟଃ ସ୍ୱରାଃ ॥ / ବ୍ୟଞ୍ଜନତ୍ୱ ତୁ ସର୍ବେଷୁ କାଦିବର୍ଗେଷୁ ସଂସ୍ଥିତମ୍। / ଶକ୍ତ୍ୟଭିବ୍ୟକ୍ତିମାତ୍ରେଣ ବ୍ୟଞ୍ଜନଂ ଶିବତାଂ ଗତମ୍ ॥ / ପଦବାକ୍ୟସ୍ୱରୂପେଣ ବାକ୍ୟାର୍ଥବହନେନ ଯତ୍। / ବର୍ଣ୍ଣୟନ୍ତି ଜଗତ୍ ସର୍ବଂ ତେନ ବର୍ଣ୍ଣାଃ ପ୍ରକୀର୍ତ୍ତିତାଃ ॥ / ବର୍ଣ୍ଣ ପୂର୍ବକ ମେତଦ୍ଧି ପଦଂ ଜ୍ଞେୟଂ ସଦା ବୁଧୈଃ। / ପଦୈସ୍ତୁ ନିର୍ମିତଂ ବାକ୍ୟଂ କ୍ରିୟାକାରକସଂଯୁତମ୍। / ତତୋ ବାକ୍ୟାନ୍ମହାବାକ୍ୟଂ ବେଦାଃ ସାଙ୍ଗା ହ୍ୟନୁକ୍ରମାତ୍। ବ୍ୟକ୍ତାସ୍ତେ ଧ୍ୱନିତଃ ସର୍ବେ ତତୋ ଗାନ୍ଧର୍ବସମ୍ଭବଃ ॥ (୧.୧.୬-୧୧, ପୃ.୩-୪)

ଓଡ଼ିଶାର ସଙ୍ଗୀତ ଶାସ୍ତ୍ରୀ ରଘୁନାଥ ରଥଙ୍କ 'ନାଟ୍ୟମନୋରମା'ରେ ଉଲ୍ଲେଖ ଅଛି,

ଅଥ ମାତୃକା-ପ୍ରବନ୍ଧସ୍ୟ ଭେଦତ୍ରୟନାମ କଥନମ୍ - ବିଦ୍ୟା ଚ ମାନୁଷୀ ଦିବ୍ୟମାନୁଷୀ ଚେତି ସା ତ୍ରିଧା। / ଦିବ୍ୟା-ସଂସ୍କୃତୟା ବାଚା ମାର୍ଗତାଳେନ ଗୀୟତେ ॥ / ମାନୁଷୀ ପ୍ରାକୃତଗୀରା ଦେଶୀତାଳେନ ନିର୍ମିତା। / ଦ୍ୱୟୋ ମିଶ୍ରୟଣାଦୁକ୍ତା ମାତୃକା ଦିବ୍ୟମାନୁଷୀ ॥ (୨.୯୬-୯୭, ପୃ.୭୫)



କୃଷ୍ଣଦାସ ବଡ଼ଜେନା ମହାପାତ୍ରଙ୍କ 'ଗୀତ ପ୍ରକାଶ'ରେ ଉଲ୍ଲେଖ ଅଛି - ଇତ୍ୟୁକ୍ତ ପ୍ରକାରେଣ ସଂସ୍କୃତେ ଚ ଦେଶବିଦେଶୋତ୍‌ଥଭାଷାୟା / ମପି ଗୀତଂ ଭବେତ୍। ତଥୈବୋଦାହୃତମ୍। ତତ୍ର ସଂସ୍କୃତପ୍ରାକୃତୟୋଃ / ପାଣିନ୍ୟାଦିପ୍ରଣୀତ ଲକ୍ଷଣା ସିଦ୍ଧପଦବିନ୍ୟାସେ ଦୋଷ। ତଥା - / ଗୌଡ଼ୋଡ୍ରଦ୍ରବିଡ଼ାଙ୍ଗଶ୍ଚ ଲାଟକର୍ଣ୍ଣାଟ ଭୋଟକା। / ନେପାଳ କାମରୂପାଦ୍ୟା ଦେଶଭାଷାଦି ହେତବଃ ॥ (୭.୩-୪)

ମତାଙ୍ଗ ମୁନି ତାଙ୍କ 'ବୃହଦ୍ଦେଶୀ'ରେ ଗୀତର କେତେକ ଦୋଷ ଦର୍ଶାଇଛନ୍ତି, ଯାହାକି ଶାସ୍ତ୍ରୀୟ ଗୀତରେ ରହିବା ଉଚିତ୍ ନୁହେଁ। ସେଗୁଡ଼ିକ ମୁଖ୍ୟତଃ ଭାଷାଗତ ପଦର ଦୋଷ ଅଟେ।

ଲୋକଦୁଷ୍ଟଂ ଶାସ୍ତ୍ରଦୁଷ୍ଟଂ ପୁନରୁକ୍ତଂ ଚ ବର୍ଜୟେତ୍। /ଛନ୍ଦୋଦୁଷ୍ଟଂ ତଥା ଗ୍ରାମ୍ୟଂ ଗତକ୍ରମମପାର୍ଥକମ୍ ॥ / ପଦଂ ଚାର୍ଥ ତ ସନ୍ଦିଗ୍ଧଂ କଳାବାହ୍ୟଂ ବିଭକ୍ତକମ୍ ॥ (୬.୪୯୦, ପୃ. ୨୪୦)

ଅର୍ଥାତ୍ - ଲୋକମାନଙ୍କ ବ୍ୟବହାରରେ ଓ ଶାସ୍ତ୍ର ମତରେ ଯାହା ଦୋଷାବହ ତାହା ବର୍ଜନୀୟ ଅଟେ। ଗାନ ବେଳେ ପୁନରୁକ୍ତି କରିବା, ଛନ୍ଦ ଭଙ୍ଗ କରିବା, ଅଶ୍ଳୀଳ ବା ଅଶୋଭନୀୟ (ଶବ୍ଦ) ବ୍ୟବହାର କରିବା, ଶବ୍ଦକ୍ରମ ରକ୍ଷା ନ କରିବା, ଅର୍ଥହୀନ ଓ ସନ୍ଦିଗ୍ଧ ଅର୍ଥ ପ୍ରକାଶକ ପଦର ପ୍ରୟୋଗ କରିବା, କଳାବାହ୍ୟ ଅର୍ଥାତ୍, ହ୍ରସ୍ୱ-ଦୀର୍ଘ, ଲଘୁ-ଗୁରୁ ଇତ୍ୟାଦି ନିୟମ ନ ମାନିବା, ଇତ୍ୟାଦି ଶାସ୍ତ୍ରୀୟ ଗୀତ ଗାନରେ ଦୋଷାବହ ଅଟେ।

## ଭାଷାଗୀତି

ଶାର୍ଦ୍ଦୁଳ କେବଳ ଭାଷାଗୀତି, କାଶ୍ୟପ ଭାଷା ଓ ବିଭାଷା ଗୀତି ଏବଂ ଯଷ୍ଟିକ ଭାଷାଗୀତି, ବିଭାଷାଗୀତି ଓ ଅନ୍ତର ଭାଷା ଗୀତିର ବର୍ଣ୍ଣନା କରିଛନ୍ତି।

ପ୍ରୟୋଗୈରାତ୍ରଜୈଃ ଶ୍ଳକ୍ଷ୍ଣୈଃ କାକୁରକ୍ତୈଃ ସୁଯୋଜିତୈଃ। / କମ୍ପିତୈଃ କୋମଳୈର୍ଦୀପ୍ତୈର୍ମାଳବୀକାକୁନାନ୍ୱିତୈଃ ॥ / ଲଳିତୈଃ ସୁକୁମାରୈଶ୍ଚ ପ୍ରୟୋଗୈଶ୍ଚ ସୁସଂଯୁତୈଃ। /ଭାଷା ଗୀତିଃ ସମାଖ୍ୟାତା ଏଷା ଗୀତିବିଚକ୍ଷଣୈଃ ॥ / ଯଥା ବୈ ରଜ୍ୟତେ ଲୋକସ୍ତଥା ବୈ ସମ୍ପ୍ରଯୁଜ୍ୟତେ ॥ (ମତଙ୍ଗମୁନି, 'ବୃହଦ୍ଦେଶୀ', ୩.୨୮୬-୮୭, ପୃ.୮୪)

ଅର୍ଥାତ୍, ଗୀତିବିଚକ୍ଷଣମାନଙ୍କ ମତରେ ଭାଷାଗୀତିର ପ୍ରୟୋଗ ମାନବ ଗାତ୍ରରୁ (କଣ୍ଠସ୍ୱରରୁ) ହୋଇ ମସୃଣ, କାକୁଯୁକ୍ତ ଆପାତ ସୁନ୍ଦର, ସୁସଂଯୋଜିତ, କମ୍ପିତ, କୋମଳ, ଦୀପ୍ତ, ମାଳବୀକାକୁ ସମ୍ମିଳିତ, ଲଳିତ ଓ ସୁକୁମାର ହୁଏ ତଥା ଏପରି ଢଙ୍ଗରେ ପରିବେଷିତ ହୁଏ, ଯେପରିକି ଜନମନ ରଞ୍ଜନ କରିପାରିବ।

## ବିଭାଷା ଗୀତି

ଲଳିତୈର୍ବହୁଭିର୍ଦୀପ୍ତୈଃ କମ୍ପିତୈରୌରସୈଃ ସମୈଃ। / ତାରାତିତାରୈର୍ମସୃଣୈର୍ମଧ୍ୟେ ମଧ୍ୟମଦୀପିତୈଃ। / ଗମକୈଃ ଶ୍ରୋତ୍ରସୁଖଦୈର୍ଲଳିତୈସ୍ତୁ ଯଦୃଚ୍ଛୟା। / ବିଭାଷାଗୀତିସ୍ତୁ ସଂଯୋଜ୍ୟା ଯଥା ଲୋକୋନୁରଜ୍ୟତେ ॥ (ତତ୍ରୈବ, ୩.୨୮୮-୮୯, ପୃ. ୮୪)

ଅର୍ଥାତ୍, ବିଭାଷା ଗୀତିରେ ଗୀତ ଲଳିତ (ଆକର୍ଷକ) ହୋଇ ଭିନ୍ନ ଭିନ୍ନ ପ୍ରକାରରେ ହୁଏ। ଏହା ଦୀପ୍ତ ଓ କମ୍ପିତ ହୁଏ, ସମତା ରକ୍ଷାକରେ, ଉରସ୍ଥଳରୁ ନିର୍ଗତ ହୋଇ ଉଚ୍ଚ ଓ ଅତ୍ୟୁଚ୍ଚ ହୁଏ, ମସୃଣ ହେବା ସହିତ ମଧ୍ୟମ (ସ୍ୱର) ଦୀପ୍ତ ହୁଏ, ଗମକଯୁକ୍ତ ହୁଏ, କର୍ଣ୍ଣକୁ ସୁଖ ଦିଏ, ଲଳିତ (ମଧୁର) ହୁଏ, ସ୍ୱତଃପ୍ରବୃତ୍ତ ହୁଏ, ସର୍ବୋପରି ଜନମନକୁ ରଞ୍ଜନ କରେ।

ଗ୍ରାମରାଗା ମୟା ସର୍ବେ କଥିତା ଲକ୍ଷଣାନ୍ୱିତାଃ। / ଭାଷାଣାଂ ତୁ ପ୍ରବକ୍ଷାମି ଲକ୍ଷଣଂ ଚ ତତଃ ଶୃଣୁ। ।/ ଭାଷା ଚତୁର୍ବିଧା ପ୍ରୋକ୍ତା ମୂଳସଙ୍କୀର୍ଣ୍ଣଦେଶଜାଃ। / ଛାୟାମାତ୍ରାଶ୍ରୟା ପ୍ରୋକ୍ତା ଗ୍ରାମରାଗେ ବ୍ୟବସ୍ଥିତାଃ ।। / କିଦୃଶୀ ତୁ ଭବେଦ ଭାଷା ସଙ୍କୀର୍ଣ୍ଣା ଦେଶଜା ତଥା। / ଛାୟାମାତ୍ରାନୁଗାଃ ପ୍ରୋକ୍ତା ଗ୍ରହାଂଶ ନ୍ୟାସଂଯୁତା ॥(ମତଙ୍ଗ ମୁନିଙ୍କ 'ବୃହଦ୍ଦେଶୀ', ୪.୧-୩, ପୃ. ୧୩୦)

ଅର୍ଥାତ୍, ଗ୍ରାମରାଗର ଲକ୍ଷଣ ବିଷୟରେ କହିସାରି ଭାଷା (ରାଗ) ବିଷୟରେ କହୁଛି। ଭାଷା (ରାଗ) ୪ ପ୍ରକାର ଅଟେ। ଯଥା - ମୂଳା, ସଙ୍କୀର୍ଣ୍ଣା, ଦେଶଜା ଓ ଛାୟାମାତ୍ରା ଶ୍ରୟା। ଏଠାରେ ମୂଳା କହିଲେ ମୁଖ୍ୟ ବା ସଂସ୍କୃତ, ସଂକୀର୍ଣ୍ଣା କହିଲେ ସଂସ୍କୃତି ମିଶ୍ରିତ ବା ପ୍ରାକୃତ, ଦେଶଜା କହିଲେ ଦେଶୀ, ଦେଶଗତ ବା ବିଭାଷା ଓ ଛାୟାମାତ୍ରାଶୟା ବା ଛାୟାମାତ୍ରାନୁଗା କହିଲେ ଦେଶଭାଷା, ଦେଶୀ ବା ବିଭାଷାର ଛାୟାଶ୍ରିତ ଅନ୍ତର ଭାଷାକୁ ବୁଝାଉଛି।

ଭୁବନେଶ୍ୱର, ମୋ : ୯୪୩୭୨୦୪୯୮୪

# ପଞ୍ଚସଖା ଯୁଗରେ ଓଡ଼ିଆ ଭାଷାର ବିକାଶ

ପଞ୍ଚସଖା ଯୁଗରେ ଅର୍ଥାତ୍ ଷୋଡ଼ଶ ଶତାବ୍ଦୀରେ ଓଡ଼ିଆ ପଦ୍ୟ ଓ ଗଦ୍ୟର ପର୍ଯ୍ୟାପ୍ତ ବିକାଶ ଓଡ଼ିଆ ଭାଷା ଓ ସାହିତ୍ୟର ଇତିହାସରେ ଏକ ନୂତନ ଅଧ୍ୟାୟ। (୪୬) ସାରଳା ସାହିତ୍ୟ ପରେ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ପଥରେ ଜଗନ୍ନାଥ ଦାସଙ୍କ ଭାଗବତ ଏକ ମାଇଲଖୁଣ୍ଟ। ସେ ପର୍ଯ୍ୟନ୍ତ ଓଡ଼ିଆ ଭାଷା ଯେ ପ୍ରାକୃତ ଭାଷାର ପ୍ରଭାବରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇପାରି ନାହିଁ, ତାହା ଜଗନ୍ନାଥ ଦାସଙ୍କ ପରି ସଂସ୍କୃତ ପଣ୍ଡିତ ଓ ଓଡ଼ିଆ ଭାଷା- ଅଭିଜ୍ଞ ସାହିତ୍ୟିକ ଅନୁଭବ କରିଛନ୍ତି। ତେଣୁ ସେ ତାଙ୍କର ଭାଗବତର ବହୁ ସ୍ଥଳରେ ଉଲ୍ଲେଖ କରିଛନ୍ତି-

"ପ୍ରାକୃତ ବନ୍ଧେ ଭାଗବତ । କହଇ ଦାସ ଜଗନ୍ନାଥ।" (୪୭)
"ବୋଲଇ ଦାସ ଜଗନ୍ନାଥ । ପ୍ରାକୃତ ବନ୍ଧେ ଭାଗବତ।" (୪୮)
"ସେକଥା ପ୍ରାକୃତେ ପ୍ରକାଶ । ଆରମ୍ଭେ ଜଗନ୍ନାଥ ଦାସ।" (୪୯)
"ବୋଲଇ ଦାସ ଜଗନ୍ନାଥ। ପ୍ରାକୃତ ବନ୍ଧେ ଭାଗବତ।" (୫୦)

### ଜଗନ୍ନାଥ ଦାସଙ୍କ ଭାଗବତର ଭାଷା:-

ଭାଗବତର ତତ୍ତ୍ୱ ଓ ଧର୍ମବାଣୀକୁ ଓଡ଼ିଆମାନଙ୍କ ନିକଟରେ ଆଦୃତ ଓ ପ୍ରଚାରିତ କରାଇ ସେମାନଙ୍କ ଭକ୍ତି-ଧର୍ମ – ପିପାସାକୁ ଚରିତାର୍ଥ କରିବା ପାଇଁ ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ସଂସ୍କୃତ ଭାଗବତକୁ ଅନୁବାଦ କରିଥିଲେ। କିନ୍ତୁ ଆର୍ଯତ୍ୱ ଓ ଦେବତ୍ୱରେ ପୂର୍ଣ୍ଣ ପବିତ୍ର ସଂସ୍କୃତ ଗ୍ରନ୍ଥକୁ 'ପ୍ରାକୃତ ଭାଷା ବିଶେଷ' ଓଡ଼ିଆ ଭାଷାରେ ଅନୁବାଦ କରିବାକୁ ସେ ବୋଧହୁଏ ଅପରାଧ ବୋଲି ମନେ କରିଛନ୍ତି। (୫୧) ତେଣୁ ଭାଷାକୁ ଯେତେଦୂର ମାର୍ଜିତ କରି ସଂସ୍କୃତର ନିକଟତର କରିବାକୁ ଚେଷ୍ଟା କରିଛନ୍ତି। ତାଙ୍କର ଭାଷା ଯେ ପ୍ରାକୃତ ଭାଷାର ପ୍ରଭାବରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଯାଇଛି- ଏକଥା କୁହାଯାଇ ପାରିବ ନାହିଁ, କିନ୍ତୁ ଜଗନ୍ନାଥ ଦାସଙ୍କର 'ପ୍ରାକୃତ ସାରଳା ଦାସଙ୍କର ପ୍ରାକୃତ ନୁହେଁ। ସାରଳା ଦାସଙ୍କର ଓଡ଼ିଆ ଭାଷାକୁ 'ସ୍ୱାଭାବିକ ପ୍ରାକୃତ' ବା ପ୍ରାକୃତିକ ପ୍ରାକୃତ – ପ୍ରଭାବିତ ଭାଷା ଭାବରେ ଅଭିହିତ କରାଇଲେ ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଷାକୁ 'ଓଡ଼ିଆ ସାହିତ୍ୟିକ ପ୍ରାକୃତ' (Oriya Literary Prakrit) ପ୍ରଭାବିତ ଭାଷା ଭାବରେ ଅଭିହିତ କରାଯାଇପାରେ। (୫୨) ଏଥିରେ ପ୍ରାକୃତ ପ୍ରଭାବିତ ନିହାତି ଦୁର୍ବୋଧ ପ୍ରାଚୀନ ଶବ୍ଦ ନାହିଁ କି ସଂସ୍କୃତର କଠିନ ଦୁରୁଚାର୍ଯ୍ୟ ତତ୍ସମ ଶବ୍ଦ ନାହିଁ ଭାଗବତର ଭାଷା ମାର୍ଜିତ ଓ ଏହା ହିଁ ଓଡ଼ିଶାର ଷ୍ଟାଣ୍ଡାର୍ଡ (ପ୍ରାମାଣିକ) ଓଡ଼ିଆ ଭାଷା। (୫୩)

# ଭାଷା ହିଁ ଜାତିର ଜୀବନୀ ଶକ୍ତି

ପ୍ରଫେସର୍ ପ୍ରସନ୍ନ କୁମାର ସ୍ୱାଇଁ

ଭାଷା ଗୋଟିଏ ଜାତିର ଜୀବନ- ତାହାର ଅନ୍ତଃରୂପ। ଗୋଟିଏ ଜାତିର ଜାତୀୟ ଜୀବନ ବିକଶିତ ହୁଏ ତା'ର ଭାଷାକୁ ନେଇ। ଜାତି ପୁଣି ସମୃଦ୍ଧ ହୁଏ ତା'ର ସଂସ୍କୃତିକୁ ନେଇ। ସେଥିପାଇଁ ପୃଥିବୀର ବହୁ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟମାନେ ଏ କଥାର ମର୍ମ- ମର୍ମେ ମର୍ମେ ଅନୁଭବ କରି ନିଜ ରାଷ୍ଟ୍ରର ଭାଷାକୁ ବିକଶିତ କରିବାକୁ ଶତ ପ୍ରୟାସ କରିଥାନ୍ତି। ଭାଷା ଗୋଟିଏ ଜାତିର ଭାବାନୁବୋଧର ପ୍ରାଣସତ୍ତା। ସେଥିପାଇଁ ଆମ ସାହିତ୍ୟର ଅନ୍ୟତମ ବିନ୍ଧାଣୀ କବି ଫକୀରମୋହନ ତାଙ୍କର 'ଅବସରବାସରେ' କାବ୍ୟ ଅନ୍ତର୍ଗତ ଗୋଟିଏ କବିତାରେ ଯଥାର୍ଥରେ ଉଲ୍ଲେଖ କରିଥିଲେ- "ଭାଷା ହିଁ ଜୀବନୀ ଶକ୍ତି ଜାତିମାନଙ୍କର / ଯେ ଜାତିର ଭାଷା ହୀନ ସେ ଜାତି ବର୍ବର।"

ଆମ ଭାଷା ଓଡ଼ିଆ, ଆମ ଜାତି ଓଡ଼ିଆ ଏବଂ ଆମ ପ୍ରଦେଶ ଓଡ଼ିଶା। ଆମ ଭାଷା ଓ ଜାତିର ନାମାନୁସାରେ ପ୍ରଦେଶ ପରିକଳ୍ପନା ସମଗ୍ର ଭାରତବର୍ଷରେ ପ୍ରଥମ, ଅନନ୍ୟ ଓ ବିରଳ। ଏ କଥା ଭାବିଲାବେଳେ ଓଡ଼ିଶାର ଜଣେ ସଚେତନ ନାଗରିକ ଭାବରେ ସ୍ୱାଭାବିକ ଭାବେ ଆମ ମନରେ ଗର୍ବ ଆସିଥାଏ। ଆମେ ଯେଉଁ ଭୂଖଣ୍ଡରେ ବାସ କରୁଛେ- ତାହା ସମଗ୍ର ଭାରତବର୍ଷର ଏକ ସ୍ୱାଭିମାନ ଭୂମିଖଣ୍ଡ ଏବଂ ତାହାର ଐତିହ୍ୟ ଖୁବ୍ ପ୍ରାଚୀନ। ଓଡ଼ିଶାର ପ୍ରାଚୀନ ନାମ ଉତ୍କଳ। କଳା-ସାହିତ୍ୟ-ସଂସ୍କୃତି-ପରମ୍ପରା-ନୃତ୍ୟ-ସଙ୍ଗୀତ-ଭାସ୍କର୍ଯ୍ୟ-ବାଣିଜ୍ୟ ବ୍ୟବସାୟ-କୃଷି ସବୁକ୍ଷେତ୍ରରେ ଆମ ପ୍ରଦେଶ ପଡ଼ୋଶୀ ପ୍ରଦେଶଗୁଡ଼ିକଠାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ। ପୁଣି ଆମର ରାଜା ଖାରବେଳ, କପିଳେନ୍ଦ୍ରଦେବ ପ୍ରଭୃତି ଓଡ଼ିଶା ଓ ଓଡ଼ିଆ ଭାଷା ସମୃଦ୍ଧି ପାଇଁ ଯୁଗ ଯୁଗକୁ ଅମର। ଯେତେବେଳେ କାଳି-କଲମର ଆବିଷ୍କାର ହୋଇନଥିଲା, ସେତେବେଳେ ଆମର ବିଶ୍ୱବିଜୟୀ ରାଜାମାନେ ରାଜ୍ୟ ଜୟର ସନ୍ଦେଶ ହାତୀଗୁମ୍ଫାଠାରୁ ଆରମ୍ଭ କରି ଜଉଗଡ଼ ଶିଳାଲେଖ ପର୍ଯ୍ୟନ୍ତ ପ୍ରସ୍ତରରେ ସେସବୁ ଲିପିବଦ୍ଧ କରି ଉତ୍ତରପିଢ଼ି ପାଇଁ ଆମ ଭାଷାର ପ୍ରଗତି, ସମୃଦ୍ଧି ଓ ଭବିଷ୍ୟତର ମାର୍ଗ ଦେଖାଇ ଦେଇଥିଲେ। ଭରତଙ୍କ 'ନାଟ୍ୟଶାସ୍ତ୍ର'ଠାରୁ ଆରମ୍ଭ କରି ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ଓଡ଼ିଆ ଭାଷାର ଯେଉଁ କ୍ରମବିବର୍ତ୍ତନ ଘଟିଛି- କେନ୍ଦ୍ର ସରକାରଙ୍କ ଦ୍ୱାରା ଆମ ଭାଷା ଆର୍ଯ୍ୟ ପରିବାରର ପ୍ରଥମ ଭାଷା ଭାବରେ ଯେପରି ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଛି, ତାହାର ପଶ୍ଚାଦ୍‌ଭାଗରେ ଆମର ଅତୀତର ରାଜା ମହାରାଜା, ସାହିତ୍ୟ ସ୍ରଷ୍ଟା ଏପରିକି ସଚେତନ ଭାଷାଶାସ୍ତ୍ରବିତ୍ ଜନତାଙ୍କର ନିରବଚ୍ଛିନ୍ନ ଉଦ୍ୟମକୁ ଆମେ କ'ଣ ଅସ୍ୱୀକାର କରିପାରିବା ! ଭାଷା ଏକ ସ୍ରୋତସ୍ୱିନୀ ଧାରା ପରି। ସେ ତା'ର ଗତିପଥରେ ଅନେକ ବାଧା ବିଘ୍ନ ଅତିକ୍ରମ କରି ନିଜ ସ୍ମୃତିକୁ ଦୃଢ଼ କରିପାରେ। ଶିଳାଲେଖରୁ ଆରମ୍ଭ କରି ଚର୍ଯ୍ୟାପଦ, ଲୋକସାହିତ୍ୟ, ଶିଶୁବେଦ, ଗୀତା-ସଂହିତା, ସାରଳା ଦାସଙ୍କ ମହାଭାରତ, ଜଗନ୍ନାଥଙ୍କ ଭାଗବତ, ବଳରାମଙ୍କ ରାମାୟଣ, ଉପେନ୍ଦ୍ର, ଅଭିମନ୍ୟୁ, କବିସୂର୍ଯ୍ୟ, ଗୋପାଳକୃଷ୍ଣ, ସାଲବେଗ; ପୁଣି ରାଧାନାଥ, ମଧୁସୂଦନ, ଫକୀରମୋହନ, ଗଙ୍ଗାଧର, ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ, କୃପାସିନ୍ଧୁ, କାଳିନ୍ଦୀଚରଣ, କୁନ୍ତଳାକୁମାରୀ, କାହ୍ନୁଚରଣ, ଗୋପୀନାଥ, ମନୋଜ ଏବଂ ବହୁ ଭାଷାଶାସ୍ତ୍ର ବିଶାରଦ ତଥା ଆମ ଭାଷାର ସାହିତ୍ୟରଥୀମାନେ ନିଜ ନିଜ ମାର୍ଗରେ ଆମ ଭାଷାକୁ ଜୀବନୀ ଶକ୍ତି ପ୍ରଦାନ କରିବାର ଅଭିନବ ପ୍ରୟାସ କରିଛନ୍ତି।

ଆମ ଭାଷାର ଜୀବନୀଶକ୍ତିକୁ ଅଧିକ ଦୃଢ଼ ଓ ବେଗବାନ୍ କରିବାରେ ପଞ୍ଚଦଶ ଶତକର ଗଜପତି କପିଳେନ୍ଦ୍ର ଦେବଙ୍କ ଠାରୁ ଆରମ୍ଭ କରି ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବାମଣ୍ଡାର ରାଜା ସାର୍ ବାସୁଦେବ ସୁଢ଼ଳଦେବ, କୃଷ୍ଣସିଂହ, ଖଲ୍ଲିକୋଟର ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ସମେତ ଦେଶୀୟ ଗଡ଼ଜାତର ବହୁ ଭାଷାପ୍ରେମୀ ରାଜା ନାନା ମତେ ସାହାଯ୍ୟ କରିଛନ୍ତି। ପ୍ରାଚୀନ, ମଧ୍ୟଯୁଗୀୟ ଓ ଆଧୁନିକ ଓଡ଼ିଶା ସାହିତ୍ୟର ବିକାଶରେ ଉତ୍କଳ ଦୀପିକାଠାରୁ ଆରମ୍ଭ କରି ଉତ୍କଳ ପୁତ୍ର, ସମ୍ବଲପୁର ହିତୈଷିଣୀ, ପ୍ରଜାବନ୍ଧୁ, ସମ୍ବାଦ ବାହିକା, ଉତ୍କଳ ସାହିତ୍ୟ, ମୁକୁର, ସତ୍ୟବାଦୀ, ଶଙ୍ଖ ପ୍ରଭୃତି ବହୁ ସାହିତ୍ୟ ପତ୍ରିକାର ଉଦ୍ୟମ ଓ ଅବଦାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାକୁ ବିଦେଶୀମାନେ ଅଧିକାର କରି ସହସ୍ର ବର୍ଷ ଶାସନ କରିବା ହେତୁ ବହୁ ଅସୁବିଧା ସତ୍ତ୍ୱେ ବି ଆମ ଭାଷାକୁ ବୈଦେଶିକ ଭାଷାଗୁଡ଼ିକର ଅନୁପ୍ରବେଶ ଦ୍ୱାରା ଆମ ଓଡ଼ିଆ ଶବ୍ଦଭଣ୍ଡାର ସମୃଦ୍ଧ ହୋଇଛି ଓ ଆମେ ଅନ୍ୟଭାଷାକୁ ଖୁବ୍ ନିକଟରୁ ଦେଖିବାର ସୁଯୋଗ ପାଇଛୁ। ଆମ ବଡ଼ଠାକୁର ଜଗନ୍ନାଥ ବଡ଼ଭାଇ ବଳଦେବଙ୍କ ସହିତ କଳାଘୋଡ଼ା ଓ ଧଳାଘୋଡ଼ାରେ ବସି କାଞ୍ଚି ଅଭିଯାନ କରିବା ଓ ବାଟରେ ମାଣିକ ଗଉଡୁଣୀ ଠାରୁ ମୁଦି ଦେଇ ଦହି ଖାଇବା ପରି ପ୍ରସଙ୍ଗ, କୋଣାର୍କ ମନ୍ଦିର ସହିତ ସମ୍ପୃକ୍ତ ବାରଶହ ବଢ଼େଇରେ ଦାୟ ବା ପୁଅରେ ଦାୟ ପରି କିମ୍ବଦନ୍ତୀ ମଧ୍ୟରେ ଅବା ଲୋକ ସାହିତ୍ୟର ସମୃଦ୍ଧ ପରମ୍ପରା ମଧ୍ୟରେ ଆମେ ଆମ ଭାଷାର ଜୀବନୀ ଶକ୍ତିକୁ ହିଁ ସ୍ପଷ୍ଟ ଅନୁଭବ କରିଥାଉଁ।

କେବଳ ସେତିକି ନୁହେଁ, ଆମ ଭାଷା ସହିତ ସଂଶ୍ଳିଷ୍ଟ ଆମ ନୃତ୍ୟ ଓ ସଙ୍ଗୀତ। ଓଡ଼ିଶୀ ନୃତ୍ୟ ଆଜି ଭାରତବର୍ଷର ଏକ ପ୍ରସିଦ୍ଧ ଶାସ୍ତ୍ରୀୟ ନୃତ୍ୟ। ଛଉ, ଢେମ୍‌ସା, ରଣପା, ପଶୁମୁଖା, ସମ୍ବଲପୁରୀ ଲୋକ ସଙ୍ଗୀତ, ଅନ୍ୟାନ୍ୟ ଲୋକନୃତ୍ୟ ଓଡ଼ିଆ ଭାଷାର ଜୀବନଶକ୍ତିକୁ ଏତେ ପରିମାଣରେ ଦୃଢ଼ କରିଛି - ଯାହା ସମଗ୍ର ଭାରତୀୟ ଭାଷା-ସଂସ୍କୃତିରେ ବିରଳ। ଓଡ଼ିଶାର ନିଜସ୍ୱ ବାଦ୍ୟ-ଖାଦ୍ୟ, ଆଦିବାସୀ ଲୋକନୃତ୍ୟ, ଇଡ଼ିତାଲ୍ ପରି ଆଦିବାସୀ ଝୋଟିଚିତ୍ର, ଓଡ଼ିଶାର ବିଭିନ୍ନ ସ୍ଥାନରେ ଉପଲବ୍ଧ ପଟ୍ଟଚିତ୍ର, ପ୍ରସ୍ତରଶିଳ୍ପ ମଧ୍ୟରେ ଓଡ଼ିଆର କାବ୍ୟ କବିତାର ମନ୍ତ୍ର ଅନୁରଣିତ ହୋଇଥାଏ। ଓଡ଼ିଆ ଭାଷାରେ ରଚିତ ଭଜନ ଓ ଜଣାଣ ବିଶେଷ କରି ଜଗନ୍ନାଥଙ୍କୁ କେନ୍ଦ୍ର କରି ସୃଷ୍ଟ ସାହିତ୍ୟ, ପଟ୍ଟଚିତ୍ର ଏବଂ ସମ୍ବଲପୁରୀ ହସ୍ତତନ୍ତରେ ଓଡ଼ିଆ ଭାଷାର ଜୀବନୀ ଶକ୍ତି କେତେ ଦୃଢ଼ ଓ ଶକ୍ତ- ତାହା କେବଳ ଜଣେ ହୃଦୟବାନ୍ ଅନୁଭବୀ ଓଡ଼ିଆ ହିଁ ଅନୁଭବ କରିଥାଏ।

ଆଜି ସମୟ ଆସିଛି- ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆ ଏକତ୍ରିତ ହେବା। ଯୁଗ ଓ ସମୟ ଆମକୁ ଆହ୍ୱାନ ଦେଇଛି- ପ୍ରତ୍ୟେକ ଓଡ଼ିଆର ହୃଦୟରେ ଓଡ଼ିଆ ଭାଷା କମଳିନୀ ପ୍ରସ୍ଫୁଟିତ କରିବା ଅତ୍ୟନ୍ତ ଜରୁରୀ। ଆଗାମୀ କାଲି ପାଇଁ ଆମେ ଆମ ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତିକୁ ନେଇ ସ୍ୱପ୍ନ ଦେଖିବା ଓ ଗର୍ବ କରିବା। ଏକଦା ଶିଳାଗାତ୍ରରେ ଉତ୍‌କୀର୍ଣ୍ଣ ହୋଇଥିବା କିମ୍ବା ତାଳପତ୍ର ପୋଥିରେ ପରିଶୋଭିତ ହୋଇଥିବା ଅତୀତର ଓଡ଼ିଆ ଭାଷା ଆଜିର ଏହି ଡିଜିଟାଲ୍ ଯୁଗରେ କିପରି ସମଗ୍ର ପୃଥିବୀର କୋଣାନୁକୋଣକୁ ବ୍ୟାପିଯାଇ ଆମ ଭାଷା ସାହିତ୍ୟ ଓ ସଂସ୍କୃତିର ଅତୀତର ଗାଥା ଗାନ କରିବ, ଅଧିକ ଜୀବନ୍ତ ଓ ମହିମାଦୀପ୍ତ ହୋଇପାରିବ - ତାହା ଆଜି ସମସ୍ତଙ୍କର ଧ୍ୟେୟ ହେବା ଉଚିତ। ଆଜିପରି ଏକ ଶୁଭ ଅବସରରେ ଆମେ ସେହି ଶପଥ ନେବା- ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ପରି ମହାକୁମ୍ଭରେ ଏହି ଉଦ୍ୟମକୁ ସମସ୍ତେ ସଫଳ କରିବାରେ ସହାୟତା କରିବା ସହିତ ଏହିପରି ଐତିହାସିକ ଅଭିନବ ଉଦ୍ୟମକୁ ଜୀବନ୍ତ ଓ ପ୍ରାଣୋଚ୍ଛଳ କରିବା। ତେବେ ଯାଇ ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ପୂର୍ବରୁ ବ୍ୟାସକବି ଫକୀରମୋହନଙ୍କର ଆମ ଭାଷା ପାଇଁ ଦେଖିଥିବା ସ୍ୱପ୍ନ 'ଭାଷା ହିଁ ଜୀବନୀ ଶକ୍ତି' ଯଥାର୍ଥ ଭାବରେ ସଫଳ ହୋଇପାରିବ।

**ବନ୍ଦେ ଉତ୍କଳ ଜନନୀ।**

କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତିର ଆନ୍ଦୋଳନ

# ରେଳରୋକ ପୂର୍ବରୁ ୨୦୦ରୁ ଅଧିକ ସତ୍ୟାଗ୍ରହୀ ଗିରଫ

ବ୍ୟାସନଗର, ୪।୨(ସମିସ)




ସଂସଦରେ ଆଗତ କାମଚଳା ବଜେଟରେ ଯାଜପୁର ରୋଡ୍‌ଧାମରା ରେଳପଥ ନିର୍ମାଣ ପାଇଁ କୌଣସି ବ୍ୟୟବରାଦ ହୋଇନାହିଁ। ଏହାର ପ୍ରତିବାଦରେ ଆଜି ଯାଜପୁରରୋଡ ଷ୍ଟେସନରେ ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ରେଳରୋକ ଆନ୍ଦୋଳନ କରାଯାଇଥିଲା। ସଂଗ୍ରାମ ସମିତି ପକ୍ଷରୁ ସହସ୍ରାଧିକ ସତ୍ୟାଗ୍ରହୀ ଗୋପବନ୍ଧୁ ଛକରୁ ପଟୁଆରରେ ଆସି ରେଳଷ୍ଟେସନକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ସମୟରେ ସେଠାରେ ମୃତୟନ ହୋଇଥିବା ପୁଲିସ ବାହିନୀ ସେମାନଙ୍କ ପଥରୋଧ କରିଥିଲା। ପୁଲିସ ୨୦୦ରୁ ଅଧିକ ସତ୍ୟାଗ୍ରହୀଙ୍କୁ ଗିରଫ କରିଥିଲା।

ସେହିପରି ଭଦ୍ରକ ଓ ଧାମରାରେ ମଧ୍ୟ ରେଳରୋକ ଆନ୍ଦୋଳନ କରାଯାଇଛି। ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ଆହ୍ୱାନରେ ସଂଗଠିତ ଏହି ଆନ୍ଦୋଳନରେ ଯାଜପୁରରୋଡ ସମେତ ଛୋଟରାୟପୁର, ଶଙ୍ଖଚିଲା, ରାମପୁର-ଶଗଡ଼ି, ପାଣିକୋଇଲି, ଭୁବନେଶ୍ୱରପୁର, ବାହାବଳପୁର, ଯାଜପୁର, ଜଳେଶ୍ୱରପୁର, ଅକରପଡ଼ା, ନନ୍ଦିପୁର, ଶିପୁରା, ତଳିହା, ରାମବାଗ, ଝୁମ୍ପୁରୀ, କାଟିଆ, ବଡଳାଙ୍ଗ, ମଙ୍ଗଳପୁର, ଅର୍ଦ୍ଧାଲୁଆ, ଦୁର୍ଦୁରାଅଣ୍ଟା ଓ କୟାଁଗୋଲା ଆଦି ଅଞ୍ଚଳରୁ ସତ୍ୟାଗ୍ରହୀ ସାମିଲ ହୋଇଥିଲେ। କାମଚଳା ବଜେଟରେ ଏହି ନୂତନ ରେଳପଥ ପାଇଁ ବ୍ୟୟବରାଦ କରା ନ ଯିବା ସହ ଏହାର ଚୂଡାନ୍ତ ସର୍ଭେ ଓ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତିରେ ହୋଇଥିବା ବିଳମ୍ବକୁ ସତ୍ୟାଗ୍ରହୀ ବିରୋଧ କରିଥିଲେ। ରେଳମନ୍ତ୍ରୀ ସଦ୍ୟ ସମାପ୍ତ ଓଡ଼ିଶା ଗସ୍ତ ଅବସରରେ ପୂର୍ଣ୍ଣାଙ୍ଗ ବଜେଟରେ ଏହି ପ୍ରକଳ୍ପ ପାଇଁ ବ୍ୟୟବରାଦ କରାଯିବ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି, ତାକୁ କାର୍ଯ୍ୟକାରୀ କରିବାପାଇଁ ଆନ୍ଦୋଳନକାରୀଙ୍କ ପକ୍ଷରୁ ଦାବି କରାଯାଇଥିଲା।

୨୦୧୨-୧୩ରେ ଗୃହୀତ ରେଳ ବଜେଟର ନିଷ୍ପତ୍ତିକ୍ରମେ ଏହି ପ୍ରସ୍ତାବିତ ପ୍ରକଳ୍ପର ପ୍ରାଥମିକ ସର୍ଭେ କରାଯାଇ ୨୦୧୫ ଏପ୍ରିଲ ମାସରୁ ତାହା ରେଳବାଇ ବୋର୍ଡର ମଞ୍ଜୁରି ପାଇଁ ପ୍ରେରିତ ହୋଇଥିଲେ ମଧ୍ୟ ପ୍ରସ୍ତାବକୁ ଶୀତଳ ଭଣ୍ଡାରରେ ସାଇତି ଦିଆଯାଇଥିଲା। ୨୦୧୬ ଡିସେମ୍ବରରେ ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ଗଠନ ହେବା ପରଠାରୁ ଲଗାତର ଆନ୍ଦୋଳନ କରାଯିବା ଫଳରେ ଓ ବିଶେଷକରି ୨୦୨୩ ଅଗଷ୍ଟ ମାସରେ ଦିଲ୍ଲୀ ବିକ୍ଷୋଭ ତଥା ରେଳମନ୍ତ୍ରୀଙ୍କ ସହ ଆଲୋଚନା ପରେ ଚୂଡାନ୍ତ ସର୍ଭେ ପାଇଁ ମଞ୍ଜୁରି ମିଳିଥିଲା। ଏହାପରେ ସାଢ଼େ ୪ ମାସ ବିତିଗଲେ ମଧ୍ୟ ସର୍ଭେ ଓ ପ୍ରକଳ୍ପ ରିପୋର୍ଟ ବିଳମ୍ବିତ ହେଉଥିବାରୁ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଜନଅସନ୍ତୋଷ ବ୍ୟାପିବାରେ ଲାଗିଛି। ୯୬ କିଲୋମିଟର ଏହି ରେଳପଥ ନିର୍ମାଣ କରାଗଲେ ରେଳବାଇ ୨୭.୪୩ ପ୍ରତିଶତ ଲାଭ କରିବ ବୋଲି ପ୍ରାଥମିକ ସର୍ଭେରେ ସ୍ପଷ୍ଟ ହୋଇଯାଇଛି। ବ୍ୟାସନଗରର ବ୍ୟାସସରୋବର, ଯାଜପୁରର ବିରଜାକ୍ଷେତ୍ର, ଆରଡ଼ିର ଶୈବ ପୀଠ, ଧାମରାର ଧାମରାଇ ମନ୍ଦିର ଓ ଭିତରକନିକାର କୁମ୍ଭୀର ଅଭୟାରଣ୍ୟ ରେଳପଥ ଦ୍ୱାରା ସଂଯୁକ୍ତ ହେବା ଫଳରେ ପର୍ଯ୍ୟଟନ ଶିଳ୍ପରେ ବିକାଶ ଘଟିବ। ଯାଜପୁର, ଅନୁଗୁଳ ଓ କେନ୍ଦୁଝର ଜିଲ୍ଲାର ଖଣିଜ ସମ୍ପଦ ସମେତ କଳିଙ୍ଗନଗର ତଥା ନାଲକୋର ଶିଳ୍ପଜାତ ସାମଗ୍ରୀର ସରବରାହ ତ୍ୱରାନ୍ୱିତ ହେବ। ବୈତରଣୀ, ଖରସ୍ରୋତା ଓ ସାଳନ୍ଦୀ ଅବବାହିକା ଅଞ୍ଚଳର କୃଷିଜାତ ଦ୍ରବ୍ୟ ସମେତ ନଦୀ ଓ ସମୁଦ୍ରର ମତ୍ସ୍ୟ ସମ୍ପଦର ବ୍ୟବସାୟ ବୃଦ୍ଧି ପାଇ ଚାଷୀ ଓ ମତ୍ସ୍ୟଜୀବୀ ଲାଭବାନ ହେବେ। ଅଧିକ ବିଳମ୍ବ ନ କରି ନିର୍ମାଣକାର୍ଯ୍ୟ ଆରମ୍ଭ ପାଇଁ ତୁରନ୍ତ ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରିବାକୁ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି। ଯାଜପୁର ରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତିର ଆବାହକ ଶ୍ରୀ ସନ୍ତୋଷ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନରେ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଦେବେନ୍ଦ୍ର ପଣ୍ଡା, ଯୁଗ୍ମ ଆବାହକ ମଳୟ ପଣ୍ଡା, ପ୍ରଫୁଲ୍ଲ ନାୟକ, ବିଜୟ ନାୟକ, ସୁରେନ୍ଦ୍ର ରାୟ, ଲଳିତ ମୋହନ ରାୟ, ବିଜୟ ପରିଡ଼ା, ହରିଶ୍ଚନ୍ଦ୍ର ପଣ୍ଡା, ଆଲୋକ ମହାନ୍ତି, ଦେବେନ୍ଦ୍ର ନାୟକ, ଦିଲ୍ଲୀପ ଦଳାଇ, ତ୍ରିଲୋଚନ ରାଉତ, ରବୀନ୍ଦ୍ର ପହି, ଡ଼ଃ ନିର୍ମଳ ରଥ, ଗଣେଶ ସାହୁ ପ୍ରମୁଖ ସାମିଲ ଥିଲେ। ସତ୍ୟାଗ୍ରହୀଙ୍କୁ ଗିରଫ ପୂର୍ବରୁ ଷ୍ଟେସନ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆଲୋଚନାଚକ୍ର



**ଦାନଗଦି, ୪।୨(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ଟୋଲକାନୀସ୍ଥ ଝାଡ଼େଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ 'ଓଡିଆ କଳା ଓ ସଂସ୍କୃତିରେ ଶ୍ରୀଜଗନ୍ନାଥ' ଓ 'ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା' ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। କଲେଜ ଅଧ୍ୟକ୍ଷ ଡଃ ଯୁଗଳ କିଶୋର ସଭାପତିତ୍ୱ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ପ୍ରଥମ ଦିବସରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଉମାକାନ୍ତ ନାୟକ, ମୁଖ୍ୟଅତିଥି ଭାବେ ପ୍ରଫେସର ଦେବେନ୍ଦ୍ରନାଥ ପୁହାଣ, ନୋଡାଲ ଅଫିସର ଗୋବର୍ଦ୍ଧନ ସାହୁ ଯୋଗ ଦେଇଥିଲେ। ଅଧ୍ୟାପକ ରଞ୍ଜନ କୁମାର ଖଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ବେହେରା ଅତିଥି ପରିଚୟ ଓ ଅଧ୍ୟାପିକା ଇତିଶ୍ରୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଦିବସ ଆଲୋଚନାଚକ୍ରରେ ଅଧ୍ୟକ୍ଷ ଡଃ ଯୁଗଳ କିଶୋର ହୋତା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପିକା ଡ ବିଜୟଲକ୍ଷ୍ମୀ ଦାଶ, ମୁଖ୍ୟଅତିଥି ଭାବେ ପ୍ରଫେସର ଶିବ ଚରଣ ମାଝୀ, ଅଧ୍ୟାପକ ରଞ୍ଜନ କୁମାର ଖଣ୍ଡା ଅତିଥି ପରିଚୟ ଓ ଡ. ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବିଭିନ୍ନ ପଞ୍ଚାୟତ ପକ୍ଷରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



**କୟାଁଗୋଲା, ୪।୨ (ସମିସ):** ଦଶରଥପୁର ବ୍ଲକ ପାଳଟପୁର ପଞ୍ଚାୟତ ପକ୍ଷରୁ ପଞ୍ଚାୟତରେ ଆଜି ପ୍ରଥମ ଓଡ଼ିଆ ବିଶ୍ୱ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଳଟପୁର ପଞ୍ଚାୟତ ସରପଞ୍ଚ ଲିପିକା ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୁବକବି ତଥା ଶିଶୁ ସାହିତ୍ୟିକ ଧୀରେନ୍ଦ୍ର ମଲ୍ଲିକ, ଜିଆରଏସ ଅଶୋକ ଜେନା, ଯୁବନେତା ଚନ୍ଦ୍ରଶେଖର ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଓଡ଼ିଆ ଭାଷା, ସାହିତ୍ୟ, ଜଗନ୍ନାଥ ସଂସ୍କୃତି ଉପରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ଏ ପରିପ୍ରେକ୍ଷୀରେ ଯୁବକବି ଧୀରେନ୍ଦ୍ର ମଲ୍ଲିକ ଏକାଧିକ କବିତା ପାଠ କରି ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କୁ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣନାଥ ଜେନା, ସୌମ୍ୟରଞ୍ଜନ ବେହେରା, ଚନ୍ଦନ ଜେନା, କନକଲତା ମଲ୍ଲିକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଯୋଗଦେଇଥିଲେ। ସେହିପରି ଖାନନଗର ପଞ୍ଚାୟତରେ ସରପଞ୍ଚ ଶୁଭଶ୍ରୀ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କମାଡିହ ସମବାୟ ସମିତି ସଭାପତି ଭାଗୀରଥି ସାହୁ ଯୋଗ ଦେଇଥିଲେ।

## ଶ୍ରୀମଦ୍ ଭଗବତ ଗୀତା ଆଲୋଚନାଚକ୍ର

**ହରିପୁର, ୪।୨(ସମିସ):** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାପ୍ରୟାଣ ଦିବସ ଅବସରରେ ରସୁଲପୁର ବ୍ଲକ ଅଧୀନ ମୁଗୁପାଳ ଗ୍ରାମରେ ଶ୍ରୀଅନନ୍ତ ବାସୁଦେବ ଗୀତା ଅଧ୍ୟୟନ କେନ୍ଦ୍ରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପୂଜା ଓ ପ୍ରାର୍ଥନା ପରେ ଶିଷ୍ୟଶିଷ୍ୟା ଏକ ଅଧ୍ୟାୟ ଗୀତା ପାଠ କରିଥିଲେ। ପରେ ସେମାନେ ଏହି ଆଲୋଚନାଚକ୍ରରେ ଭାଗନେଇ ଶ୍ରୀମଦ୍ ଭଗବତ ଗୀତା ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଓ ସଙ୍ଗୀତ ଶିକ୍ଷକ ପ୍ରମୋଦ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଲେଖକ ସମ୍ମିଳନୀର ସଭାପତି ରୁଦ୍ରନାରାୟଣ ପୃଷ୍ଟି, ପ୍ରବାସୀ ଗୀତାପ୍ରେମୀ କମଳ ପଣ୍ଡା, 'ସକାଳ'ର ସାମ୍ବାଦିକ ପଦ୍ମଲୋଚନ ନାୟକ, ପଣ୍ଡିତ ପର୍ଶୁରାମ ରଥ ଆଲୋଚନାରେ ଭାଗ ନେଇଥିଲେ। ଅନନ୍ତ ନିରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଆଲୋଚନାରେ ବିଭିନ୍ନ ଗୀତା ଓ ସଙ୍ଗୀତରେ ଶିଷ୍ୟଶିଷ୍ୟା ଭାଗ ନେଇଥିଲେ। ଅବସରପ୍ରାପ୍ତ ସଙ୍ଗୀତ ଶିକ୍ଷକ ପ୍ରମୋଦ କୁମାର ଦାସ ୨୪ ବର୍ଷ ଧରି ଆଜିର ଦିନରେ ଏଭଳି ଭାବେ ଭଗବତ ଗୀତା ଓ ସଙ୍ଗୀତ ଶିଷ୍ୟ ଶିଷ୍ୟାଙ୍କୁ ବିନା ପାରିଶ୍ରମରେ ଶିକ୍ଷାଦାନ କରି ରସୁଲପୁର ବ୍ଲକରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଅଭିମନ୍ୟୁ ସାହୁ, ରମେଶ ଦାସ, ବିଜୟ ଗିରି, ମନୋରଞ୍ଜନ ଦାସ, ନରେଶ କର, ଅଜୟ ମିଶ୍ର କାର୍ଯ୍ୟକ୍ରମରେ ପରିଚାଳନା କରିଥିଲେ। ମାନସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**କବାଟବନ୍ଧ, ୪।୨(ସମିସ):** ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମର୍ଜିତାପୁର ପଞ୍ଚାୟତ ଅଧୀନ ଚଉଷଠିପଡ଼ା ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ପାଇଁ ପୁରାତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରବିବାର ସ୍ଥାନୀୟ ଚଉଷଠିପଡ଼ା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀ ମାନେ ୨୦୨୫ ମସିହାରେ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ଅନୁଷ୍ଠିତ ହେବା ନେଇ ବିସ୍ତୃତ ଆଲୋଚନା କରିଥିଲେ। ଏହାର ପରବର୍ତ୍ତୀ ବୈଠକ ଆସନ୍ତା ଫେବୃୟାରୀ ମାସ ୧୮ ତାରିଖ ରବିବାର ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆଗାମୀ ବୈଠକରେ ପୁରାତନ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବୈଠକରେ ଅନୁରୋଧ କରାଯାଇଥିଲା।

## ମା' କାମୁଡ଼େଇ ଆଞ୍ଚଳିକ କଳାକାର ସଂଘ ଗଠିତ



**କୋରେଇ, ୪।୨ (ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ରଗଡ଼ିଠାରେ ଆଞ୍ଚଳିକ କଳାକାରଙ୍କୁ ନେଇ ଓଁ ଶ୍ରୀଶ୍ରୀ ମା' କାମୁଡ଼େଇ ଆଞ୍ଚଳିକ କଳାକାର ସଂଘ ଗଠନ କରାଯାଇଛଇ। ମା' କାମୁଡ଼େଇ ପୀଠରେ ବରିଷ୍ଠ ପାଲା ଗାୟକ ନରେଶ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଏ ଅଞ୍ଚଳର କଳାକାରଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୋରେଇ ଅଞ୍ଚଳରୁ ପାଲା, ଦାସକାଠିଆ, ଖଞ୍ଜଣି, କୀର୍ତ୍ତନ, ଘୋଡା ନାଚ, ନାଟ୍ୟ କଳାକାର, କବି ଉପସ୍ଥିତ ଥିଲେ। କଳାକାରଙ୍କ ମତାମତ ଅନୁଯାୟୀ ନୂତନ ଭାବେ ଏକ ସଂଘ ଗଠନ ହେବା ସହିତ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘର ସ୍ଥାୟୀ ସଭାପତି ଭାବେ ବରିଷ୍ଠ ପାଲା ଗାୟକ ନରେଶ କୁମାର ହୋତାଙ୍କୁ ଚୟନ କରାଯାଇଥିବାବେଳେ କାର୍ଯ୍ୟକାରୀ ସଭାପତି ଭାବେ ନାଟ୍ୟ ନିର୍ଦ୍ଦେଶକ, ଶିଶୁ ସାହିତ୍ୟିକ ତଥା ଅବସରପ୍ରାପ୍ତ ଶିକ୍ଷକ ଶରତ କୁମାର ଦାସଙ୍କୁ ଚୟନ କରାଯାଇଛି। ସେହିପରି ସମ୍ପାଦକ ଭାବେ ନାଟ୍ୟ ନିର୍ଦ୍ଦେଶକ ତଥା ପାଲା ଗାୟକ ସୁକର୍ଣ୍ଣ ରାଉତ, ଉପସଭାପତି ଭାବେ ଯୁବ ପାଲା ଗାୟକ ପୂର୍ଣ୍ଣଚନ୍ଦ୍ର ବେହେରା, ସହସମ୍ପାଦକ ଭାବେ ବସନ୍ତ କୁମାର ଜେନା, କୋଷାଧ୍ୟକ୍ଷ ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଅର୍ଗାନ ବାଦକ ପ୍ରଶାନ୍ତ କୁମାର ବିଶ୍ୱାଳ, ସଂଗଠନ ସମ୍ପାଦକ ଭାବେ ସୋମନାଥ ଆଚାର୍ଯ୍ୟ ମନୋନୀତ ହୋଇଛନ୍ତି। କଳାକାର ସଂଯୋଜକ ଭାବେ ପାଲାରେ ବୀରବର ପାତ୍ର, ନାଟ୍ୟରେ ରଘୁନାଥ ଆଚାର୍ଯ୍ୟ, ସାହିତ୍ୟରେ ନୀଳମଣି ଓଝା ଓ କୀର୍ତ୍ତନରେ ଲକ୍ଷ୍ମଣ ପରିଡ଼ାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଗାୟକ ବୀରବର ପାତ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ଚନ୍ଦ୍ରମଣି ପରିଡ଼ା, ମାୟାଧର ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ଓଝା, ବିଜୟ କର ପ୍ରମୁଖ ଉପସ୍ଥିତ ଥିଲେ।

ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

## ପାନୀୟଜଳ, କୃଷି, କ୍ଷୁଦ୍ରଶିଳ୍ପ ଓ ଆଲୋକୀକରଣ ଉପରେ ଆଲୋଚନା

କୁଆଖିଆ, ୪।୨(ସମିସ)




ରସୁଲପୁର ବ୍ଲକରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅରୁଣ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପଞ୍ଚାୟତ ପାନୀୟଜଳ, କୃଷି, କ୍ଷୁଦ୍ର ଶିଳ୍ପ ଓ ଆଲୋକୀକରଣ ଉପରେ ଆଲୋଚନା ହୋଇଥିବାବେଳେ ଗ୍ରାମସଭା ମାଧ୍ୟମରେ ଆବଶ୍ୟକ ଚିଠା ପ୍ରସ୍ତୁତ କରିବାକୁ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଗନ୍ଧଣ ପଞ୍ଚାୟତରେ ଲାଗିଥିବା ଷ୍ଟ୍ରିଟ୍‌ଲାଇଟ୍ ଜଳୁ ନ ଥିବା ନେଇ ସମିତିସଭ୍ୟ ଅଜୟ କୁମାର ପଣ୍ଡା ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ବିଭାଗୀୟ ଯନ୍ତ୍ରୀଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଏହାକୁ ଯଥାଶୀଘ୍ର ସମାଧାନ ନେଇ ଅଧ୍ୟକ୍ଷ ଶ୍ରୀ ରାଉତ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବ୍ଲକ କର୍ମଚାରୀ ଗଗନ ବିହାରୀ ସାହୁ ଓ କୁଶଧ୍ୱଜ ପରିଡ଼ାଙ୍କୁ ସ୍ଥାୟୀ କରିବା ନିମନ୍ତେ ସରପଞ୍ଚ ସୁରେନ୍ଦ୍ର କୁମାର ତିଆଡି ପ୍ରସ୍ତାବ ରଖିଥିଲେ। ଏହି ବୈଠକରେ ଉପାଧ୍ୟକ୍ଷା ଜୟନ୍ତୀ ଦାଶ, ଜିପିଓ ସୁଧୀର କୁମାର ମହାନ୍ତି, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବାବେଳେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଡିଓ ଅବନୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଏବ ଫାଇଲ ମିଳିଲା

**ଯାଜପୁର, ୪।୨ (ସମିସ):** ଯାଜପୁର ଥାନା ଅନ୍ତର୍ଗତ ଚିତାଳୋ ମହାବିଦ୍ୟାଳୟରୁ ଗାଏବ ହୋଇଥିବା ଫାଇଲକୁ ଉଦ୍ଧାର କରିଛି ଯାଜପୁର ପୁଲିସ। ଗତକାଲି ରାତିରେ ଯାଜପୁର ପୋଲିସ ପକ୍ଷରୁ ଚିତାଳୋ ସାନଦୋଗଡ଼ା ଗାଁର ଶିକ୍ଷକ ଅମରେନ୍ଦ୍ର ଅଗସ୍ତିଙ୍କ ବାସଭବନରୁ ଏହି ଫାଇଲକୁ ଉଦ୍ଧାର କରାଯାଇଛି। ଏହି ଫାଇଲରେ ଚିତାଳୋ ମହାବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ କାଗଜ ରହିଥିବା ନେଇ ସୂଚନା ଥିବା ବେଳେ ଏହି ଫାଇଲ ଗାଏବ ନେଇ ପୂର୍ବରୁ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏ ନେଇ ପୁଲିସ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଉଦ୍ଧାର କରିବା ସହ ସମ୍ପୃକ୍ତ ଶିକ୍ଷକଙ୍କୁ ପଚରାଉଚରା କରୁଛି।

ବାଳିକା ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

## ପ୍ରଶିକ୍ଷଣ ନେଲେ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀ




**ବ୍ୟାସନଗର, ୪।୨(ସମିସ):** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବ୍ୟାସନଗରସ୍ଥ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ଶିବିର ଉଦଯାପିତ ହୋଇଯାଇଛି। ୮ ଦିନ ଧରି ଅନୁଷ୍ଠିତ ଶିବିରରେ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷିକା ଭାବେ ମମତାମୟୀ ଦାଶ ଓ ଲିପ୍ସାରାଣୀ ଶତପଥୀ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଉଦଯାପନୀ ଉତ୍ସବ ଅଧ୍ୟକ୍ଷା ପଙ୍କଜିନୀ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଡକ୍ଟର ଦୁଷ୍ମନ୍ତ କୁମାର ନାୟକ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ଯୋଗଦେଇ ବାଳିକାମାନେ ଆତ୍ମସୁରକ୍ଷା ପାଇଁ ପ୍ରଶିକ୍ଷଣ ନେବା ଉଚିତ ବୋଲି କହିଥିଲେ। ଅଧ୍ୟାପିକା ଅନୀମା ପ୍ରଧାନ ଅତିଥି ପରିଚୟ ଓ ଅଧ୍ୟାପିକା ଦେବଯାନୀ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଶିବିରର ସଂଯୋଜକ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଜ୍ୟୋତିପ୍ରକାଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ପକ୍ଷରୁ ପ୍ରାଧ୍ୟାପିକ ଲଳିତା ସାହୁ, ଅଧ୍ୟାପିକା ଦୀପ୍ତିମୟୀ ରାଉତ, ରାଜଲକ୍ଷ୍ମୀ ଦାସ, ଆୟିଶା ପରିଡ଼ା, ଅଧ୍ୟାପକ ସୁବାସ ଚନ୍ଦ୍ର ସ୍ୱାଇଁ, ଗୋବର୍ଦ୍ଧନ ନାୟକ, ହୃଷିକେଶ ତ୍ରିପାଠୀ, ସରୋଜ ଜେନା, ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।




ଆରବିଆଇର ସଚେତନତା ପଦଯାତ୍ରାରେ ଅତିଥିଙ୍କୁ ଅସମ୍ମାନ

## ମୁଖ୍ୟଅତିଥି ପହଞ୍ଚିବା ପୂର୍ବରୁ ଉଦ୍‌ଘାଟନ କରିଦେଲେ କର୍ତ୍ତୃପକ୍ଷ

**ଯାଜପୁର, ୪।୨(ସମିସ):** ଜନସାଧାରଣଙ୍କ ମଧ୍ୟରେ ଆର୍ଥିକ ସଚେତନତା ସୃଷ୍ଟି କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଯାଜପୁର ଜିଲ୍ଲାର ସଦର ମହକୁମାରେ ଆର୍ଥିକ ସଚେତନତା ଓ ସାକ୍ଷରତା ଉପରେ ଏକ ସଚେତନତା ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଥିଲା। ଜିଲ୍ଲାପାଳ ଏହି କାର୍ଯ୍ୟକ୍ରମକୁ ନ ଆସିବାରୁ ଜିଲ୍ଲା ଉନ୍ନୟନ ଅଧିକାରୀ ମୁଖ୍ୟଅତିଥି ଭାବେ ଯୋଗ ଦେବାକୁ ସମ୍ମତି ଦେଇଥିଲେ। ସେ ଅନୁଯାୟୀ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ପରିସରରୁ ଏହି ଶୋଭାଯାତ୍ରା ଆରମ୍ଭ ହେବା ପାଇଁ ସ୍ଥିର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀ, କୃଷକ, ଉଦ୍ୟୋଗୀ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ଏହି ପଦ ଶୋଭାଯାତ୍ରା ଆରମ୍ଭ ପାଇଁ ସମସ୍ତେ ମୁଖ୍ୟଅତିଥିଙ୍କୁ ଅପେକ୍ଷା କରିଥିଲେ। ମୁଖ୍ୟ ଅତିଥି ପତାକା ହଲାଇବା ପରେ ଶୋଭାଯାତ୍ରା ଆରମ୍ଭ ହେବାର ଥିଲା। କିନ୍ତୁ ମୁଖ୍ୟଅତିଥି ଜିଲ୍ଲା ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ପହଞ୍ଚିବା ପୂର୍ବରୁ ଆରବିଆଇ କର୍ତ୍ତୃପକ୍ଷ ନିଜେ ପତାକା ହଲାଇ ଏହାକୁ ଶୁଭାରମ୍ଭ କରିଦେଲେ। ଠିକ୍ ୧ ମିନିଟ୍ ପରେ ମୁଖ୍ୟଅତିଥି ପହଞ୍ଚିବାରୁ ସେହି ଶୋଭାଯାତ୍ରାରେ ସାମିଲ ହେବାକୁ ବାଧ୍ୟ ହୋଇଥିଲେ। ଆରବିଆଇ କର୍ତ୍ତୃପକ୍ଷ ଯଦି ଏହାକୁ ନିଜେ ଶୁଭାରମ୍ଭ କରିବାର ଥିଲା, ତା'ହେଲେ ଏହି କାର୍ଯ୍ୟକ୍ରମ ପାଇଁ କାହିଁକି ଅତିଥିଙ୍କୁ ନିମନ୍ତ୍ରଣ କରୁଥିଲେ ବୋଲି ଆଲୋଚନା ହୋଇଥିଲା। ସେହିପରି ସମୂହ ଫଟୋ ଉତ୍ତୋଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଙ୍କୁ ମଧ୍ୟ ଅଣଦେଖା କରାଯାଇଥିବା ନଜର ଆସିଥିଲା। ଯାହାକୁ ନେଇ ଏହି ଶୋଭାଯାତ୍ରାରେ ଉପସ୍ଥିତ ବରିଷ୍ଠ ନାଗରିକ ନିନ୍ଦା କରିଥିଲେ। ପରେ ଏକ କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା, ସାଇବର କ୍ରାଇମ, ଡିଜିଟାଲ ବ୍ୟାଙ୍କିଙ୍ଗ, ସୋସିଆଲ ମିଡିଆରେ ଠକେଇ, ଚିରାଫଟା ନୋଟ ବିନିମୟ ସୁବିଧା, ବ୍ୟାଙ୍କିଙ୍ଗ ବ୍ୟବସାୟରେ ଅଭିଯୋଗର ସମାଧାନ ଇତ୍ୟାଦି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।








# ଯୌତୁକ ନିର୍ଯାତନା ଓ ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

**ପାଣିକୋଇଲି, ୪।୨(ସମିସ):** ବିବାହର ୧୦ ବର୍ଷ ପରେ ଅଧିକ ଯୌତୁକ ଦାବିରେ ଶଶୁର ଘର ପରିବାର ପକ୍ଷରୁ ବାରମ୍ବାର ଗାଳିଗୁଲଜ ପରେ କିରୋସିନ ଢାଳି ମାରିଦେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗରେ ପୁତୁରାକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତର ବଇଁଚିରା ଗ୍ରାମର ସେକ ହାଇଦର ଅଲ୍ଲୀଙ୍କ ପୁଅ ସେକ ମତଲୁବ ଅଲ୍ଲୀ ୨୦୧୪ରେ କୁଆଖିଆ ଥାନା ଅନ୍ତର୍ଗତ ମଧୁବନ ମିର୍ଜାପୁର ଗ୍ରାମର ସବନମ ସୋଲତାନା ବିବିଙ୍କୁ ବିବାହ କରିଥିଲେ। ସେମାନଙ୍କ ୨ଟି ସନ୍ତାନ ମଧ୍ୟ ଅଛନ୍ତି। ମାତ୍ର ସୋଲତାନାଙ୍କ ଅଭିଯୋଗ ମୁତାବକ ସେ ବିବାହ ସମୟରେ ନଗଦ ୯୦ ହଜାର ଟଙ୍କା ସହ ଘରର ସମସ୍ତ ଆସବାବ ସାମଗ୍ରୀ ଯୌତୁକରେ ଆଣିଥିଲେ। ମାତ୍ର ତାଙ୍କ ଶଶୁର ଘର ପରିବାର ପକ୍ଷରୁ ତାଙ୍କୁ ଅଧିକ ଯୌତୁକ ପାଇଁ ବାରମ୍ବାର ଗାଳିଗୁଲଜ ଓ ଆକ୍ରମଣ କରାଯାଇଥାଏ। ଏ ନେଇ ବାରମ୍ବାର ଉଭୟ ପରିବାର ମଧ୍ୟରେ ସମାଧାନ କରାଯାଇଥିଲା। ଗତ ୨ ଦିନ ହେବ ପରିବାର ମଧ୍ୟରେ କଳହ ଲାଗି ରହିଥିଲା। ୩ ତାରିଖ ଶନିବାର ମଧ୍ୟାହ୍ନରେ ସୋଲତାନାର ଯାଆ ତନୁଜା ଖାତୁନ, ନଣନ୍ଦ ଫତିମା ବିବି, ପୁତୁରା ସେକ ସୋହେଲ, ଶାଶୂ କମରୁନ ବିବି, ଶଶୁର ସେକ ଇଦରିସ, ଝିଆରୀ ତବସୁମ ଖାତୁନ ପ୍ରମୁଖ ମିଳିତ ଭାବେ ଆକ୍ରମଣ କରିବା ସହ କିରୋସିନ ଢାଳି ଜୀବନରୁ ମାରଦେବାକୁ ଉଦ୍ୟମ କରିଥିଲେ। ପାଟି କରିବାରୁ ତାକୁ ଏକ ଘରେ ପୂରାଇ ଦେଇଥିଲେ। ଏ ନେଇ ବାପ ଘର ପକ୍ଷରୁ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ପହଞ୍ଚି ସବନମକୁ ଉଦ୍ଧାର କରିବା ସହ ପୁତୁରା ସେକ ସୋହେଲକୁ ଧରି ଥାନାକୁ ଆଣିଥିଲା। ଏ ନେଇ ଏକ ମାମଲା ୭୪/୨୪ରେ ରୁଜୁ କରାଯିବା ସହ ସୋହେଲକୁ ଆଜି ଅଦାଲତ ଚାଲାଣ କରାଯାଇଛି।

# ଦଳା ଛକରେ ଘଣ୍ଟାଏ ଫସିଲା ଆମ୍ବୁଲାନ୍ସ

**ବ୍ୟାସନଗର, ୪।୨(ସମିସ)**

ବ୍ୟାସନଗର ସହରରେ ଟ୍ରାଫିକ ବ୍ୟବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି। ଏନେଇ ପୂର୍ବରୁ ବହୁବାର ସହରବାସୀ ଅଭିଯୋଗ କରୁଥିଲେ ମଧ୍ୟ ପ୍ରଶାସନ ନିଦାବିଷ୍ଟ ସାଜିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ସାଜିଥିବା ଏହି ସହରରେ ଦୀର୍ଘ ବର୍ଷ ହେବ ଜନସଂଖ୍ୟା ବଢ଼ିଚାଲିଛି। ତଥ୍ୟ ଅନୁଯାୟୀ ପୌରାଞ୍ଚଳରେ ପ୍ରାୟ ୪୦ ହଜାର

**■ ସହରବାସୀଙ୍କ ଅସନ୍ତୋଷ**

ଭୋଟର ରହିଥିବା ବେଳେ ପ୍ରକୃତରେ କିନ୍ତୁ ୧.୫ଲକ୍ଷରୁ ଊର୍ଦ୍ଧ୍ୱ ଅଧିବାସୀ ଏଠାରେ ବସବାସ କରୁଛନ୍ତି। ସେହି ଅନୁପାତରେ ସହରରେ ଭିଡ ବଢ଼ିବାରେ ଲାଗିଥିବା ବେଳେ ଭିଡ ନିୟନ୍ତ୍ରଣ କରିବାରେ ଯାଜପୁରରୋଡ ଆଦର୍ଶ ଥାନା ପୁଲିସ ବିଫଳ ହୋଇଛି। ଯାହାର ଉଦାହରଣ ଭାବେ ରବିବାର ସନ୍ଧ୍ୟାରେ ସହରର ଦଳା ଛକରେ ପ୍ରାୟ ଏକ ଘଣ୍ଟା ପାଇଁ ଟ୍ରାଫିକ ଜାମ୍ ରହିବା ଫଳରେ ଲୋକେ ନାହିଁନଥିବା ଅସୁବିଧା ସମ୍ମୁଖୀନ ହୋଇଥଲେ। ଏପରିକି ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସକୁ ମଧ୍ୟ ରାସ୍ତା ମିଳନଥିଲା। ଏଠାରେ ସୂଚନାଯୋଗ୍ୟ ଯେ ଯାଜପୁର ରୋଡ ପୁଲିସ ପକ୍ଷରୁ ସହରର ବିଭିନ୍ନ ଛକସ୍ଥାନରେ ହୋମଗାର୍ଡ ନିୟୋଜନ କରାଯାଇଛି। ମାତ୍ର ଏହି ହୋମଗାର୍ଡମାନେ ନିଜ ଡ୍ୟୁଟି ଠିକ ଭାବେ କରିବା ବଦଳରେ ରାସ୍ତା ସାଇଡରେ ବସୁଥିବାର ନଜରି ରହିଛି।




ଫଳରେ ପଥଚାରୀ ଏବଂ ଗାଡିଚାଳକମାନେ ମନଇଛା ଗାଡିଚାଳନା କରିବା ଫଳରେ କୃତ୍ରିମ ଭିଡ ପରିଲକ୍ଷିତ ହେଉଛି। ଦଳା ବାଇପାସ ଛକରେ ଭିଡ ନିୟନ୍ତ୍ରଣ ପାଇଁ ରହିଥିବା ହୋମଗାର୍ଡ ଅନେକ ସମୟରେ ନୋ ଏଣ୍ଟି ସମୟରେ ଭାରିଯାନ ସହର ମଧ୍ୟକୁ ପୁରେଇ ଦେଉଥିବା ଦେଖିବାକୁ ମିଳୁଛି। ଏନେଇ ଯାଜପୁର ରୋଡ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ଅନେକ ବାର ଅବଗତ କରାଯାଇଥିଲେ ମଧ୍ୟ ସେ ଏହାକୁ କର୍ଣ୍ଣପାତ କରୁନାହାଁନ୍ତି। ଫଳରେ ସହରରେ ଭିଡ ନିୟନ୍ତ୍ରଣ ଡଷ୍ଟବିନରେ ପଡ଼ିଥିବା ବେଳେ ଯାତାୟତରେ ନାନାଦି ବିଭ୍ରାଟ ସୃଷ୍ଟି ହେଉଛି। ଦଳା ଛକଟି ଏକ ବ୍ୟସ୍ତବହୁଳ ଛକ ହୋଇଥିବା ବେଳେ ଏଠାରେ ଭିଡ ନିୟନ୍ତ୍ରଣ ପାଇଁ ବାଇପାସ ଛକରେ ଜଣେ ହୋମଗାର୍ଡ ନିୟୋଜିତ କରି ପୁଲିସ ନିଜର କର୍ତ୍ତବ୍ୟ ସାରିଦେଉଥିବା ଦେଖିବାକୁ ମିଳିଛି। ତେବେ ଭିଡ ନିୟନ୍ତ୍ରଣ ଦିଗରେ ଯାଜପୁର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବାଛୁରି ଚାଲାଣବେଳେ ଜବତ କଲା ପୁଲିସ, ଚାଳକ ଫେରାର

**ପାଣିକୋଇଲି, ୪।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଦେଇ ପ୍ରତିଦିନ ଷଣ୍ଢ ଓ ବାଛୁରୀ ଚାଲାଣ ହେଉଥିବାବେଳେ ଶନିବାର ବାଛୁରୀ ଚାଲାଣ ବେଳେ ପୁଲିସ ପାଟ୍ରୋଲିଂ ଟିମ ହାବୁଡ଼ରେ ପଡ଼ିଯିବା କାରଣରୁ ବାଛୁରୀ ବୋଝେଇ ହୋଇଥିବା ଗାଡ଼ିକୁ ଛାଡ଼ି ଚାଳକ ଫେରାର ହୋଇଯାଇଛି। ଶନିବାର ଅପରାହ୍ନରେ ପୁଲିସ ସାନ୍ଧ୍ୟକାଳୀନ ପାଟ୍ରୋଲିଂ କରୁଥିବାବେଳେ ସାହାପୁର ପୋଲ ଉପରେ ପିକଅପ ଭ୍ୟାନ୍‌ରେ କୁଆଖିଆ ଆଡ଼କୁ ଯାଉଥିବା ଦେଖି ଅଟକାଇଥିଲା। ମାତ୍ର ଭ୍ୟାନ୍‌ଟି କିଛି ବାଟ ଦୂରରେ ଅଟକିବା ପରେ ଚାଳକ ଅନ୍ଧାରର ସୁଯୋଗ ନେଇ ଦୌଡ଼ି ପଳାଇଯାଇଥିଲା। ପରେ ପୁଲିସ ଭ୍ୟାନରୁ ଆଠଟି ବାଛୁରୀଙ୍କୁ ମୁକ୍ତ କରିଥିଲା। ପରେ ଭ୍ୟାନକୁ ଜବତ କରିବା ସହିତ ବାଛୁରୀଗୁଡ଼ିକୁ ସ୍ଥାନୀୟ ଲୋକଙ୍କ ଜିମା ଦିଆଯାଇଥିଲା।

## ଜଳିଗଲା ବ୍ୟାଟେରି ଚାଳିତ ସ୍କୁଟି; ବର୍ତ୍ତିଲେ ଚାଳକ

**ପ୍ରୀତିପୁର, ୪।୨(ସମିସ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ଚିକଣା ପଞ୍ଚାୟତ ପଇରଖ ଗ୍ରାମରେ ଏକ ବ୍ୟାଟେରି ଚାଳିତ ସ୍କୁଟି ଜଳିଯାଇଛି। କିନ୍ତୁ ଚାଳକ ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ପଇରଖ ଗ୍ରାମର ପ୍ରଫୁଲ୍ଲ କୁମାର କରଙ୍କ ପୁଅ ପ୍ରମୋଦ ଏହି ସ୍କୁଟିକୁ ଗତ ୬ ମାସ ପୂର୍ବେ କିଣିଥିଲେ। ଗତକାଲି ସନ୍ଧ୍ୟାରେ ପ୍ରମୋଦ ଏହି ଗାଡ଼ିକୁ ନେଇ ନିକଟସ୍ଥ ଅରେଇ ଶଙ୍ଖପାରୀ ଗ୍ରାମକୁ ଠାକୁର ପୂଜା କରିବା



ନିମନ୍ତେ ଯାଇଥିବା ବେଳେ ହଠାତ ତାଙ୍କ ଗାଡ଼ିର ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ଗାଡିଟି ଆଉ ଷ୍ଟାର୍ଟ ହୋଇନଥିବା ବେଳେ ପ୍ରମୋଦ ଏହାକୁ ଗଡେଇ ଗଡେଇ ନେଇ ପାର୍କିଂ କରିବା କ୍ଷଣି ଗାଡ଼ିଟିର ବ୍ୟାଟେରି ବିସ୍ଫୋରଣ କରିବା ସହିତ ଗାଡ଼ିଟି ଜଳିଯାଇଥିଲା। ପ୍ରମୋଦ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସେ ସାମାନ୍ୟ ଆହତ ମଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ ପ୍ରମୋଦ ସମ୍ପୃକ୍ତ ଗାଡ଼ିର ବିକ୍ରେତାଙ୍କ ସହିତ ଯୋଗାଯୋଗ କରୁଥିଲେ ମଧ୍ୟ ସେମାନେ ତାଙ୍କୁ କୌଣସି ପ୍ରକାର ସହଯୋଗ କରୁନଥିବାରୁ ସେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି।

## ପଞ୍ଚାୟତସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ମଙ୍ଗଳପୁର, ୪।୨(ସମିସ): ଦଶରଥପୁର ବ୍ଲକ ଚଷାଖଣ୍ଡ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରତିଭା ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମିତିସଭ୍ୟା ମାନସୀ ଜେନା, ପୂର୍ବତନ ସରପଞ୍ଚ ପରମେଶ୍ୱର ମଲ୍ଲିକ, ପ୍ରାକ୍ତନ ସରପଞ୍ଚ ମହେନ୍ଦ୍ର ଧଳ, ପ୍ରାକ୍ତନ ସରପଞ୍ଚ ବିଷ୍ଣୁ ଚରଣ ମଲ୍ଲିକ, ପଞ୍ଚାୟତର ପିଇଓ ରାଜୀବ ମଲ୍ଲିକ, ନାଏବ ସରପଞ୍ଚ କାଞ୍ଚନବାଳା ଦଳେଇ, ସମାଜସେବୀ ଅଜୟ ଘଡେଇ, ସୁବ୍ରତ ସାମଲ, ଶିବପ୍ରସାଦ ସାହୁ, ଅକ୍ଷୟ କୁମାର ସାହୁ, କ୍ଷୀରୋଦ ସାମଲ, ପର୍ଶୁରାମ ଜେନା ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ




ଚଷାଖଣ୍ଡ ପଞ୍ଚାୟତର କବି ଗଗନ ଚନ୍ଦ୍ର ସାହୁ ଓ ସଂସ୍କୃତ ପଣ୍ଡିତ ନାରାୟଣ ଚନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଚଷାଖଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ବିଭିନ୍ନ କଳାକୃତି ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରଞ୍ଜନ ମଲ୍ଲିକ, ସୌମ୍ୟରଞ୍ଜନ ସାହୁ, ଖଗେଶ୍ୱର ପ୍ରଧାନ, ସୁବ୍ରତ ଦାସ, ବଦ୍ରିନାରାୟଣ ମଲ୍ଲିକ, ଅସିତ ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ଆମ ପାଠାଗାରରେ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ



**ଧର୍ମଶାଳା ୪।୧(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଞ୍ଚାୟତସ୍ଥିତ 'ଆମ ପାଠାଗାର' ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜାରକା ହାଇସ୍କୁଲର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସେନା ବିଭାଗ ଅଧିକାରୀ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଆ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ସମ୍ଭବ' ସମ୍ପାଦକ ଅଖିଳ କୁମାର ସ୍ୱାଇଁ ଯୋଗଦେଇ ଓଡିଆ ଭାଷା ସାହିତ୍ୟ ବିଶ୍ୱସ୍ତରୀୟ ହେବାକୁ ହେଲେ ପ୍ରାଥମିକ ଭିତ୍ତିରେ ଓଡ଼ିଆ ପଢ଼ିବା, କହିବା, ଲେଖିବା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ଜୟପ୍ରକାଶ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କୁମାରୀ ପଞ୍ଚାୟତ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଜ୍ଞା ପରମିତା ମଲ୍ଲିକ, ସହକାରୀ ଶିକ୍ଷକ ସତ୍ୟବାଦୀ ସାହୁ, ସୁରେନ୍ଦ୍ର ବେହେରା, ଦୁଃଶାସନ ରାଉତ ପ୍ରମୁଖ ଯୋଗଦେଇ ଭାଷା ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବକ୍ତୃତାରେ ଛାତ୍ରୀ ରେଶମା ଶତପଥୀ, ସଙ୍ଗୀତରେ ଛାତ୍ର ସାଇଶକ୍ତି ନାୟକ, ଚିତ୍ରାଙ୍କନରେ ଛାତ୍ରୀ ଅର୍ପ୍ୟା ଅଭିନନ୍ଦନିକ ଓ ସମୀକ୍ଷା ନାଥଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।

## ବାଳିକା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

**ମଙ୍ଗଳପୁର, ୪।୨ (ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ଜୟଚଣ୍ଡୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ଏ ପରିପ୍ରେକ୍ଷୀରେ ଏକ ସାଧାରଣ ସଭା ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବାଳିକା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ସଂଯୋଜକ ତଥା ଅଧ୍ୟାପକ ସତ୍ୟବ୍ରତ ପୃଷ୍ଟି, ଅଟଳ ବିହାରୀ ମଲ୍ଲିକ, ଅଭିମନ୍ୟୁ ଦାସ, ଗ୍ରନ୍ଥକାର ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମାଷ୍ଟର ଟ୍ରେନର ତଥା ପ୍ରଶିକ୍ଷିକା ସାନୁଲତା ରାଉତ ଯୋଗଦେଇ ବାଳିକାଙ୍କୁ ପ୍ରଶିକ୍ଷଣ ଦେଇଥିବାବେଳେ ଏହି ଶିବିର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। କିରାଣି ହିମାଂଶୁ ନାୟକ, କର୍ମଚାରୀ କେଦାର ନାଥ ଯେନା, ଅଜୟ ଯେନା, ଦିନେଶ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଝିଅର ବିବାହ ଦିନ ବାପା ମୃତ

**ଚଢ଼େଇଧରା /ଧର୍ମଶାଳା, ୪।୨(ସମିସ):** ଆଜି ରବିବାର ଥିଲା ଝିଅର ବାହାଘର। ପୁରା ସଜେଇ ହୋଇଥିଲା ଘର। ସନ୍ଧ୍ୟାରେ ବାଜା ରୋଷଣୀ ସହ ଝିଅ ବିଦା କରିଥାନ୍ତେ ଧର୍ମଶାଳା ବ୍ଲକ ଆରୁହା ଗ୍ରାମ ପଞ୍ଚାୟତର ୨୦୧୮ ମସିହାର ଶ୍ରେଷ୍ଠ ସରପଞ୍ଚ ପୁରସ୍କାରପ୍ରାପ୍ତ ପୂର୍ବତନ ସରପଞ୍ଚ ହରିହର ରାଉତ। ହେଲେ ଏ ଖୁସି ବେଶୀ ସମୟ ପାଇଁ ରହିନଥିଲା। ସତେ ଯେମିତି ପାଣି ଫୋଟକା ପରି ମିଳେଇ ଯାଇଥିଲା ସବୁ ହସଖୁସି। ସବୁ ବନ୍ଧୁବାନ୍ଧବଙ୍କ ଉପସ୍ଥିତି ଓ କୋଳାହଳ ମଧ୍ୟରେ ନିରବତା ଖେଳାଇ ଦେଇ ଆରପାରିକୁ ଚାଲିଗଲେ ହରିହର। ହୃଦଘାତରେ ହରିହରଙ୍କ ମୃତ୍ୟୁ ଘଟିଥିଲା। ଯେଉଁ ଘରୁ ଝିଅର ପାଲିଙ୍କି ଉଠିଥାନ୍ତା ଆଉ ଖୁସିରେ ବାପା ହରିହର ଝିଅ ବିଦା କରିଥାନ୍ତେ ସେଇ ଅଗଣାରୁ ଉଠିଲା ତାଙ୍କର କୋକେଇ। ୫୮ ବର୍ଷ ବୟସ ରେ ସେ ଆଜି ଆର ପାରିକୁ ଚାଲିଯାଇଥିବା ଖବର ପାଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହିତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଛନ୍ତି। ସ୍ଥାନୀୟ ବିଧାୟକ ପ୍ରଣବ ବଳବନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ୧୩ନଂ ଜୋନ ସଂଯୋଜକ ନିରଞ୍ଜନ ରାଉତ, ୧୨ନଂ ଜୋନ ସଂଯୋଜକ ପ୍ରହଲ୍ଲାଦ ଲେଙ୍କା, ଜିଲା ପରିଷଦ ସଦସ୍ୟା ସ୍ମୃତିରେଖା ବେହେରା, ତାଙ୍କ ସମୟର ଅନେକ ସରପଞ୍ଚ, ଗାଁ ମୂରବୀ ନବ କିଶୋର ସାମଲ, ପଞ୍ଚାୟତ ସଭାପତି ସୁଶାନ୍ତ ଜେନା, ଟ୍ରକ୍ ପରିବହନ ସଙ୍ଘ ସଭାପତି ସୂର୍ଯ୍ୟମଣି ବେହେରା, ଉତ୍ସବ ସାମଲ, ଦିଲିପ ସାମଲ, ଶଶିକାନ୍ତ ସାମଲ, ଦୁଷ୍ମନ୍ତ ବଳ, ମନୋଜ କୁମାର ସାମଲ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ବଡ ପୁଅ ଅର୍ଦ୍ଧେନ୍ଦୁ ରାଉତ ମୁଖାଗ୍ନି ଦେଇଥିଲେ। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଝିଅ ବାହାଘର ବନ୍ଦ ହୋଇ ଯାଇଛି।

## ନଡ଼ିଆଭଙ୍ଗାରେ ବିଜେଡିର ମିଶ୍ରଣ ପର୍ବ



**ଦାନଗଦି, ୪।୨(ସମିସ):** ନଡ଼ିଆଭଙ୍ଗା ପଞ୍ଚାୟତରେ ବିଜେଡି ପକ୍ଷରୁ ୩ଟି ସ୍ଥାନରେ ପୃଥକ ପୃଥକ ଭାବେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଶତାଧିକ ବିଜେପି ଓ କଂଗ୍ରେସ ସମର୍ଥକଙ୍କୁ ବିଜେଡିରେ ଆନୁଷ୍ଠାନିକ ଭାବେ ସାମିଲ କରାଯାଇଛି। ନଡ଼ିଆଭଙ୍ଗାରେ ଅୟୋଜିତ ମିଶ୍ରଣ ପର୍ବରେ ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ଟିନା ହାଇବ୍ରୁ, ସ୍ମୃତିରାଣୀ ରାଉତ, ଜନଜାତି ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ସୁନାମଣି ହାଁସଦା, ସମିତିସଭ୍ୟା ବାଲେମା ତିଉ, ସରପଞ୍ଚ ରଶ୍ମିତା ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମୁର୍ମୁ ପ୍ରମୂଖ ଉପସ୍ଥିତ ଥିଲେ। ନୂତନ ସଭ୍ୟଙ୍କୁ ଅତିଥିମାନେ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ସେହିପରି ପଞ୍ଚାୟତର କାରାମଗୋଠ ଓ ଜାମୁପଶିଠାରେ ମଧ୍ୟ ବିଜେଡି ପକ୍ଷରୁ ଅନୁରୂପ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା।

## ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ସ୍ମୃତିଚାରଣ ସଭା

ବଡ଼ଚଣା, ୪।୨(ସମିସ): ଶତାୟୁ ସ୍ୱାଧୀନତା ସଂଗ୍ରାମୀ ନୀଳମଣୀ ସାମଲଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଚଣ୍ଡିଖୋଲସ୍ଥ ବିଜୁ କଲ୍ୟାଣ ମଣ୍ଡପରେ ସାମ୍ବାଦିକ ଅଭିମନ୍ୟୁ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଦୀର୍ଘ ୨୦୦ ବର୍ଷ ଧରି ଇଂରେଜ ଶାସନକୁ ହଟାଇ ଦେଶକୁ ସ୍ୱାଧୀନ କରିବା ପାଇଁ ବହୁ ନିର୍ଯାତନା ସାହିବା ସହିତ ୩ ବର୍ଷ ଧରି କାରାବରଣ କରିଥିଲେ ଶତାୟୁ ସଂଗ୍ରାମୀ। ସେ ଏକମାତ୍ର ସ୍ୱାଧୀନ ସଂଗ୍ରାମୀ, ଯିଏ ୩ ଥର ରାଷ୍ଟ୍ରପତିଙ୍କ ପୁରସ୍କାର ପାଇବା ସହିତ ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ପ୍ରସାଦ ନାୟକ, ଆଇନଜୀବୀ ରେଣୁବଳା ମହାନ୍ତି, ସରପଞ୍ଚ ଯଯାତୀ କେଶରୀ ରାଉତ, ରଞ୍ଜନ ଦାସ ନବଦୀପ ନାୟକ, କ୍ଷୀରୋଦ ଚନ୍ଦ୍ର ମହଲା, ଶେଷଦେବ ନାୟକ, ଦିଲ୍ଲୀପ କୁମାର ଚୌଧୁରୀ, ସଞ୍ଜୟ ସ୍ୱାଇଁ, ବେଣୁଧର ପଣ୍ଡା, ମହେଶ୍ୱର ବଳ, ପୁଷ୍ପରଜ ନାୟକ, କୀର୍ତ୍ତିରାଜ ସ୍ୱାଇଁ, ଦେବରାଜ ବେହେରା, ପ୍ରକାଶ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ସ୍ମୃତିଚରଣ କରିଥିଲେ।

## ନି-ଜୋନ ଟ୍ୟୁବସ କାରଖାନାରେ ଶ୍ରମିକ ଆନ୍ଦୋଳନ

ଦାନଗଦି, ୪।୨(ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳ ନି-ଜୋନ ଟ୍ୟୁବସ କାରଖାନାରେ ଶ୍ରମିକ ଅଶାନ୍ତି ଦେଖାଦେଇଛି। ରବିବାର ପୂର୍ବାହ୍ନରୁ ଶ୍ରମିକମାନେ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ କାର୍ଯ୍ୟ ବନ୍ଦ କରି ଧର୍ମଘଟ ଆରମ୍ଭ କରିଛନ୍ତି। ସେମାନଙ୍କ ଦାବି ହେଲା କାରଖାନାରେ କାର୍ଯ୍ୟରତ ସମସ୍ତ ଅସ୍ଥାୟୀ ଶ୍ରମିକ ଓ କର୍ମଚାରୀଙ୍କ ନିଯୁକ୍ତିକୁ ସ୍ଥାୟୀ କରିବା, ଓଭରଟାଇମ୍ ପାଇଁ ଦ୍ୱିଗୁଣା ପ୍ରାପ୍ୟ ଦେବା ଓ ଛୁଟି ବାବଦ ପ୍ରାପ୍ୟ ପ୍ରଦାନ କରିବା। ଏ ସବୁ ଦାବି ପୂରଣ ପାଇଁ କମ୍ପାନୀ ପ୍ରତିଶ୍ରୁତି ଦେଉଥିଲେ ହେଁ କାମ କରୁନି। ଯଦ୍ୱାରା ସମୂହ ଧାରଣାରେ ବସିବାକୁ ବାଧ୍ୟ ହେଲେ ବୋଲି ଶ୍ରମିକମାନେ କହିଛନ୍ତି।

## ୧୦ରୁ ବିଂଝାରପୁରରେ ଇଜ୍‌ତେମା

**ବିଂଝାରପୁର, ୪।୨(ସମିସ):** ସଂଖ୍ୟାଲଘୁ ସମ୍ପ୍ରଦାୟର ରାଜ୍ୟସ୍ତରୀୟ ଅଲ୍ ଓଡ଼ିଶା ଇଜ୍‌ତେମା ଧର୍ମସଭା ଆସନ୍ତା ୧୦ ତାରିଖରୁ ବିଞ୍ଝାରପୁରରେ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଅଲ୍ ଓଡ଼ିଶା ଇଜ୍‌ତେମା କମିଟି, ବିଞ୍ଝାରପୁର ପ୍ରଶାସନ ଓ ବିଞ୍ଝାରପୁରବାସୀଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ଚାଲିଛି। ଏହି ଧର୍ମସଭା ୧୦ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ଅପରାହ୍ନ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ଏହି ସଭାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବହୁ ବିଶିଷ୍ଟ ଧର୍ମଗୁରୁ ଯୋଗଦେବା ସହିତ ଓଡ଼ିଶାର କୋଣାନୁକୋଣରୁ ୪୦ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାଲଘୁ ଭାଇ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ରହଣି, ଖାଦ୍ୟପେୟ ଓ ନିତ୍ୟକର୍ମ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଅସ୍ଥାୟୀ କ୍ୟାମ୍ପ ସହିତ ଶତାଧିକ ଅସ୍ଥାୟୀ ଶୌଚାଳୟ, ପିଇବା ପାଣି ଆଦିର ବ୍ୟବସ୍ଥା କରାଯାଉଛି। ଏହି କାର୍ଯ୍ୟକ୍ରମ ନିମନ୍ତେ ବିଞ୍ଝାରପୁର ବ୍ଲକ ପ୍ରଶାସନ, ତହସିଲ କର୍ତ୍ତୃପକ୍ଷ, ବିଞ୍ଝାରପୁର ଥାନା ଅଧିକାରିଣୀଙ୍କ ସମେତ ଅଗ୍ନିଶମ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଅଲ ଓଡ଼ିଶା ଇଜ୍‌ତେମା କମିଟି ସଭାପତି ମୌଲାନା ମହମଦ୍ ଜାୱେଦ ସାହେବ, ଉପସଭାପତି ଏସକେ ଅବଦୁଲ ମୁକ୍ତାଦିର, ଉପସଭାପତି ହାଫିଦ୍ ଜୁନେଦ୍, ଏସକେ ମହମଦ୍ ଇଜ୍‌ହାର, ମିର ରିଆଜୁଦ୍ଦିନ, ମିର ଅଫସର ଅଲ୍ଲି ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରୟାସ ବିଦ୍ୟାମନ୍ଦିର ପ୍ରବେଶିକାରେ ୨୧ ଜିଲ୍ଲାର ୯୮୦ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

# ଶିକ୍ଷାଦାନର ପ୍ରୟୋଗଶାଳା ପାଲଟିଛି ପ୍ରୟାସ କ୍ଲାସେସ

**ବ୍ୟାସନଗର, ୪।୨(ସମିସ)**

ପ୍ରୟାସ କ୍ଲାସେସ୍ ବିଦ୍ୟାର୍ଥୀ ଏବଂ ସେମାନଙ୍କ ପିତାମାତଙ୍କ ନିମନ୍ତେ ଏହି ନାମଟି ହିଁ ଯଥେଷ୍ଟ। ଶିକ୍ଷା ପ୍ରଦାନ କରୁଥିବା ରାଜ୍ୟ ତଥା ଦେଶର ଅଗ୍ରଣୀ ତଥା କିଛି ହାତଗଣତି ଶିକ୍ଷାନୁଷ୍ଠାନ ଭାବରେ ଖୁବ୍ କମ୍ ବର୍ଷ ମଧ୍ୟରେ ନିଜରୁ ପରିଚିତ କରାଇପାରିଥିବା ଏହି ଶିକ୍ଷାନୁଷ୍ଠାନ କଥା କମ୍; କାର୍ଯ୍ୟରେ ନିଜର ଝଲକ ଦେଖାଇଛି। ଶିକ୍ଷା ପ୍ରଦାନକୁ ବ୍ରତ ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସ୍ୱପ୍ନକୁ ସାକାର କରିବା ନିମନ୍ତେ ଶିକ୍ଷାର

**● ପ୍ରଥମ ବ୍ୟାଚ୍ ୬ଷ୍ଠ, ୭ମ ଓ ୮ମ ଶ୍ରେଣୀ ପାଇଁ ପ୍ରବେଶିକା ପରୀକ୍ଷା**
**● ୧୨ରେ ପ୍ରକାଶ ପାଇବ ଫଳ**

ମନ୍ଦିର ନିର୍ମାଣ କରି ଖୁବ୍ ଅଳ୍ପ ଦିନ ମଧ୍ୟରେ ନିଜର ପରାକାଷ୍ଠା ଦେଖାଇଛି ପ୍ରୟାସ ଶିକ୍ଷାନୁଷ୍ଠାନ। ମେଡିକାଲ ଏବଂ ଅନ୍ୟାନ୍ୟ ପ୍ରବେଶିକା ପରୀକ୍ଷାରେ ନିଜ କୃତିତ୍ୱର ଝଲକକୁ ଆହୁରି ଉଜ୍ୱଳମୟ କରିବା ନିମନ୍ତେ ପ୍ରାଥମିକ ଶିକ୍ଷାଦାନ ପାଇଁ ସରକାରୀ ଅନୁମତି ହାସଲ କରିଛି। ଦେଶ ତଥା ରାଜ୍ୟର ଅନ୍ୟତମ ଶ୍ରେଷ୍ଠ କୋଚିଂ ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ ଏହି ଶିକ୍ଷାନୁଷ୍ଠାନ ଅନେକ ସର୍ବକାଳୀନ ରେକର୍ଡ ଭାଙ୍ଗିବା ସହିତ ରାଜ୍ୟ ତଥା ରାଜ୍ୟ ବାହାର ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ଶ୍ରେଷ୍ଠ ପସନ୍ଦର ଶିକ୍ଷାନୁଷ୍ଠାନ ପାଲଟିଛି। ଗତ କିଛି ବର୍ଷ ମଧ୍ୟରେ ରାଜ୍ୟରେ ଡାକ୍ତରୀ ଛାତ୍ରଙ୍କ ମୂଳଦୁଆ ଗଢ଼ିବାର ଦାୟିତ୍ୱ ନିଜ କାନ୍ଧକୁ ନେଇ ଏହି ଶିକ୍ଷାନୁଷ୍ଠାନ ଯେଉଁ ସଫଳତା ପାଇଛି ତାହା ଅନେକ ଶିକ୍ଷାନୁଷ୍ଠାନ ସ୍ୱପ୍ନରେ ମଧ୍ୟ କଳ୍ପନା କରିନଥିବେ।



ବିଶେଷକରି କୋଚିଂ ସେଣ୍ଟରରୁ ନିଜର ଶିକ୍ଷା ଅଭିଯାନ ଆରମ୍ଭ କରିଥିବା ଏହି ଶିକ୍ଷାନୁଷ୍ଠାନ ଆଜିର ଦିନରେ ଏକ ବିଶାଳ ମହାଦ୍ରୁମ ପାଲଟିଛି। ରାଜ୍ୟର ବଡ଼ ବଡ଼ ସରକାରୀ ଏବଂ ବେସରକାରୀ କଲେଜକୁ ମାତ୍ ଦେଇ ସମସ୍ତ ପ୍ରବେଶିକାରେ ନିଜର ଉପସ୍ଥିତ ଜାହିର କରିବା ସହିତ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଏକ ବିପ୍ଳବ ଆଣିଛି। କଲେଜର ପରିବେଶ ଏବଂ ତାଲିମ ଯେ କେବଳ ଛାତ୍ରଛାତ୍ରୀମାନଙ୍କୁ ସଂସ୍କାରୀ ଭାବେ ଗଢିତୋଳିଛି ତାହା ନୁହେଁ ଏକ ସୁନିଶ୍ଚିତ ଭବିଷ୍ୟତର ମାର୍ଗଦର୍ଶନ ଦେଖାଇଛି। ଯାହାର ଝଲକରେ ଉଦଭାସିତ ହୋଇ ଅନେକ ଅଭିଭାବକ ଏବଂ ଛାତ୍ରଛାତ୍ରୀ ପ୍ରୟାସ ମୁହାଁ ହୋଇଛନ୍ତି। ମେଡିକାଲରେ ଅବିଶ୍ୱସନୀୟ ସଫଳତା ଏବଂ ଦ୍ୱାଦଶରେ ରେକର୍ଡ ସଂଖ୍ୟକ ପାସ୍‌ହାର କଲେଜର ଗାରିମାକୁ ଦ୍ୱିଗୁଣିତ କରିଛି। ଏନେଇ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁମତି ମିଳିବା ପରେ କେବଳ ପ୍ରୟାସରେ ନୁହେଁ ସାରା ଜିଲ୍ଲାର ଅବିଭାବକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ଫଳରେ ଆସନ୍ତା ୨୦୨୪-୨୫ ଶିକ୍ଷାବର୍ଷରୁ 'ପ୍ରୟାସ ବିଦ୍ୟା ମନ୍ଦିର' ନାମରେ ସିବିଏସଇ ପ୍ୟାଟର୍ଣ୍ଣରେ ୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ନିମନ୍ତେ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ ଗତ ଜାନୁଆରୀ ମାସ ୫ ତାରିଖରେ ଯାଜପୁର ଜିଲ୍ଲା ମୁଖ୍ୟ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ସଂଖ୍ୟା-୧୬୬ରେ ପ୍ରୟାସ ବିଦ୍ୟା ମନ୍ଦିର, କୋରେଇର ସମ୍ପାଦକଙ୍କୁ ଏକ ଚିଠି ହସ୍ତଗତ ହୋଇଛି। ତେବେ ପ୍ରଥମ ବର୍ଷ କେବଳ ୬ଷ୍ଠ, ୭ମ ଏବଂ ୮ମରେ ପାଠ ପଢ଼ାଇବା ନିମନ୍ତେ ପ୍ରୟାସ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବା ପରେ ଯାଜପୁରରୋଡ୍‌ଠାରେ ଅସ୍ଥାୟୀ କ୍ୟାମ୍ପସ ପରେ କୋରେଇ ବ୍ଲକ ତଣ୍ଡରାଠାରେ ସ୍ଥାୟୀ ବିରାଟ ଶୈକ୍ଷିକ କ୍ୟାମ୍ପସ ଶିକ୍ଷାନୁଷ୍ଠାନ ଗୌରବକୁ ଦ୍ୱିଗୁଣିତ କରିଛି। ପ୍ରୟାସ ବିଦ୍ୟାମନ୍ଦିରରେ ନାମଲେଖା ନିମନ୍ତେ ପ୍ରବେଶିକା ପରୀକ୍ଷା ଆରମ୍ଭ ହୋଇଛି। ଏହି ପ୍ରବେଶିକା ପରୀକ୍ଷା ବୟାନ କରୁଛି ଏହି ଶିକ୍ଷାନୁଷ୍ଠାନର କଣ ବିଶେଷତା ରହିଛି। ଯାଜପୁର ଜିଲ୍ଲା ଶିକ୍ଷା କ୍ଷେତ୍ରରେ ରାଜଧାନୀ ଭୁବନେଶ୍ୱରଠାରୁ ଯେ ବହୁତ ଆଗରେ ତାହାର ପ୍ରମାଣ ରବିବାର ଯାଜପୁର କୋରେଇ ବ୍ଲକ ତଣ୍ଡରାଠାରେ ରହିଥିବା ଶିକ୍ଷାନୁଷ୍ଠାନ ପ୍ରୟାସ କ୍ଲାସେସ୍ ପ୍ରାଙ୍ଗଣରେ ଦେଖିବାକୁ ମିଳିଛି। ୨୦୨୪-୨୫ ଆର୍ଥିକ ଶିକ୍ଷା ବର୍ଷ ନିମନ୍ତେ ପ୍ରୟାସ ବିଦ୍ୟାମନ୍ଦିରରେ ୬ଷ୍ଠ, ୭ମ ଏବଂ ୮ମ ଶ୍ରେଣୀରେ ନାମଲେଖା ନିମନ୍ତେ ଆଡମିଶନ ଟେଷ୍ଟ(ପ୍ରବେଶିକା ପରୀକ୍ଷା) ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପ୍ରୟାସ ବିଦ୍ୟାମନ୍ଦିରରେ ପ୍ରଥମ ବ୍ୟାଚ ନାମଲେଖା ନିମନ୍ତେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ନିମନ୍ତେ ରାଜ୍ୟର ୨୧ ଗୋଟି ଜିଲ୍ଲା ବିଶେଷକରି ନୂଆପଡ଼ା, ମାଲକାନଗିରି, ଅନୁଗୋଳ, ଦେବଗଡ଼, ବ୍ରହ୍ମପୁର, କଟକ, ଭଦ୍ରକ, ଖୋର୍ଦ୍ଧା, ବାଲେଶ୍ୱର ଆଦି ଜିଲ୍ଲାର ୯୮୦ ଜଣ ପରୀକ୍ଷାର୍ଥୀମାନେ ତଣ୍ଡରା କ୍ୟାମ୍ପସରେ ପହଞ୍ଚିବା ପରେ କ୍ୟାମ୍ପସ ଏବଂ ବାହାରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଥିଲା। ପରୀକ୍ଷାର୍ଥୀ ଏବଂ ଅଭିଭାବକଙ୍କ ଉପସ୍ଥିତି ଦେଖି ଏକ ପ୍ରୟାସର ତଣ୍ଡରା କ୍ୟାମ୍ପସ ମିନି ବାଲିଯାତ୍ରାର ଭ୍ରମ ସୃଷ୍ଟି କରିଥିଲା। ଯାହା ଯାଜପୁର ଦିନକୁ ଦିନ ଶିକ୍ଷାପ୍ରଦାନର ଏକ ହବ୍ ଭାବରେ ପରିଗଣିତ ହେବାକୁ ଯାଉଛି। ରବିବାର ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ମୋଟ ୯୮୦ ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ତନ୍ମଧ୍ୟରୁ ଛାତ୍ରଛାତ୍ରୀ (ପ୍ରତି ଶ୍ରେଣୀରେ ୧୦୦ ଜଣ ଲେଖାଏଁ ) ଚୟନ କରାଯିବ। ରବିବାରର ପ୍ରବେଶିକା ପରୀକ୍ଷା ଫଳ ଆସନ୍ତା ଫେବୃଆରୀ ମାସ ୧୨ ତାରିଖରେ ଘୋଷଣା କରାଯିବ ବୋଲି ପ୍ରୟାସ ଫାଉଣ୍ଡେସନର ଅଧ୍ୟକ୍ଷ ନିହାର ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଆମ ଶିକ୍ଷାନୁଷ୍ଠାନ ଶୃଙ୍ଖଳା, ଗୁଣାତ୍ମକ ଶିକ୍ଷା ଏବଂ ପରୀକ୍ଷାର ଫଳାଫଳ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କୁ ଆମ ଶିକ୍ଷାନୁଷ୍ଠାନ ପ୍ରତି ଆକର୍ଷିତ କରିଛି। ଆମର ମିଳିତ ସଫଳତା ପରେ ଯାହା ରାଜସ୍ଥାନର କୋଟା ଏବଂ ଦେଶର ଅନ୍ୟ ବଡ଼ ସହରକୁ ଛାତ୍ରଛାତ୍ରୀଙ୍କୁ ଯିବାକୁ ପଡୁ ନାହିଁ ବୋଲି ଶ୍ରୀ ଦାସ କହିଛନ୍ତି। ସେହିପରି ଚଳିତ ବର୍ଷ ପ୍ରୟାସ ମ୍ୟାନେଜମେଣ୍ଟ କୌଣସି ଅତିରିକ୍ତ ଟ୍ୟୁସନ ଫି ନେବ ନାହିଁ ଏବଂ ସମସ୍ତ ପାଠପଢ଼ା କଲେଜ ଦ୍ୱାରା ନିର୍ଦ୍ଧାରିତ ଫିସ୍ ଅଧୀନ କରାଯିବ ଏବଂ ଗୁଣାତ୍ମକ ଓ ପ୍ରତିଯୋଗୀ ମନୋଭାବ ଉପରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ।

## ଅଭିନେତ୍ରୀ ପୁନମ୍ ପାଣ୍ଡେଙ୍କ ଅନୈତିକ ଦୁଷ୍ଟାମୀ

# କର୍କଟ ସଚେତନତା ନା ଶସ୍ତା ଲୋକପ୍ରିୟତା?

ମୃତ୍ୟୁ ଏକ ନିଷ୍ଠୁର ତଥା ଧ୍ରୁବ ସତ୍ୟ। ଅକାଳମୃତ୍ୟୁ ଓ ଅପମୃତ୍ୟୁ ବିଶେଷଭାବେ ବିକଟାଳ ଓ ଦୁର୍ବିସହ। ସେ ପୁଣି ଯେତେବେଳେ କ୍ୟାନ୍‌ସର ରୋଗଜନିତ ହୋଇଥାଏ ତାହା କେତେ ଯେ ମର୍ମନ୍ତୁଦ ତାହା ଭୁକ୍ତଭୋଗୀ ତଥା ସମ୍ପୃକ୍ତ ପରିବାର ଓ ବନ୍ଧୁବାନ୍ଧବ ହିଁ ଜାଣନ୍ତି। ତେଣୁ ମୃତ୍ୟୁକୁ ନେଇ ଏବଂ ବିଶେଷକରି କ୍ୟାନ୍‌ସର ଜନିତ ମୃତ୍ୟୁକୁ ନେଇ କୌଣସି ପିଲାଖେଳ ବା ନାଟକ ଆଦୌ ଗ୍ରହଣୀୟ ନୁହେଁ। ଏଇ ନିକଟରେ ଘଟିଥିବା ଏଭଳି ଏକ ଘଟଣା ସାରା ଦେଶରେ ଚମକ ସୃଷ୍ଟି କରିଛି। ଜଣେ ମଧ୍ୟମସ୍ତରର ବଲିଉଡ୍ ଅଭିନେତ୍ରୀ ପୁନମ ପାଣ୍ଡେ ନାଟକୀୟ ଭାବରେ ଗର୍ଭାଶୟ କର୍କଟରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି ବୋଲି ଦୁଃଖଦ ଖବରଟିଏ ପ୍ରକାଶ ପାଇଲା। ସାରା ଫିଲ୍ମଜଗତ ତଥା ତାଙ୍କର ପ୍ରଶଂସକ ଓ ସାଧାରଣ ଲୋକେ ଏହାକୁ ସତ ମନେ କରି ଗଭୀର ଦୁଃଖ ପ୍ରକାଶ କରିଥିଲେ। ବିଶେଷକରି ତାଙ୍କର ଗର୍ଭାଶୟ କ୍ୟାନ୍‌ସର ଜନିତ ମୃତ୍ୟୁ ଜନମାନସକୁ ଆଲୋଡ଼ିତ କରିଥିଲା; କାରଣ ଏ ପ୍ରକାର କ୍ୟାନ୍‌ସର ରୋଗରୁ ଆରୋଗ୍ୟ ପାଇଁ ଆଜିକାଲି ସହଜରେ ପ୍ରତିଷେଧକ ଟିକା ଉପଲବ୍ଧ ହେଉଛି। ନିୟମିତ ଯାଞ୍ଚ ଓ ଡାକ୍ତରୀ ପରୀକ୍ଷା କରାଇ ଏହି ରୋଗର ସମ୍ପୂର୍ଣ୍ଣ ଚିକିତ୍ସା ସମ୍ଭବ ହୋଇପାରେ। ତେଣୁ ଏହି ରୋଗରେ ଜଣେ ଉଚ୍ଚଶିକ୍ଷିତା ତଥା ଆର୍ଥିକ ସ୍ୱଚ୍ଛଳ ଓ ବଲିଉଡ୍ ଅଭିନେତ୍ରୀଙ୍କର ମୃତ୍ୟୁ ଘୋଷଣା ସମସ୍ତଙ୍କୁ ବିସ୍ମିତ କରିଥିଲା।

କଥାଟି ସେତିକିରେ ସରିଲା ନାହିଁ। ଦିନକ ପରେ ଅଭିନେତ୍ରୀ ପୁନମ ହଠାତ୍ ଘୋଷଣା କଲେ ଯେ ତାଙ୍କର ମୃତ୍ୟୁ ହୋଇନାହିଁ ଏବଂ ସେ କେବଳ ଗର୍ଭାଶୟ କ୍ୟାନ୍‌ସର ରୋଗ ବିଷୟରେ ଆମ ଦେଶରେ ସଚେତନତା ବୃଦ୍ଧି କରିବା ପାଇଁ ଏହି ରୋଗରେ ନିଜର ମୃତ୍ୟୁ ଜାଣିଶୁଣି ମିଛରେ ଘୋଷଣା କରିଥିଲେ। ଏ ଖବର ପ୍ରସାରିତ ହେଲାମାତ୍ରେ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି ହେଲା ଏବଂ କେତେକ ତାଙ୍କୁ ଏଭଳି ଏକ ଦୁଃସାହସିକ ତଥା ସମାଜମଙ୍ଗଳ ପଦକ୍ଷେପ ପାଇଁ ସାଧୁବାଦ ଜଣାଇଲେ ତ ଆହୁରି ଅନେକ ସଂଖ୍ୟାରେ ତାଙ୍କ ବିରୁଦ୍ଧରେ ବିଷୋଦ୍‌ଗାର କରିବା ଆରମ୍ଭ କଲେ। ବିଭିନ୍ନ ଡିଜିଟାଲ୍ ସାମାଜିକ ଗଣମାଧ୍ୟମରେ ତାଙ୍କୁ ପ୍ରଶଂସାର ବାର୍ତ୍ତା କମ୍, ଗାଳି ଓ ନିନ୍ଦାର ବନ୍ୟା ଛୁଟିଲା। ପୂର୍ବରୁ ଜଣେ ବହୁଚର୍ଚ୍ଚିତ ଓ ବିବାଦୀୟ ଅଭିନେତ୍ରୀ ଭାବେ ପୁନମ୍ ପାଣ୍ଡେଙ୍କର ପରିଚିତି ରହି ଆସିଛି। ସେ ଅନେକ ଦୁଃସାହସିକ ପଦକ୍ଷେପ ନେଇଥା'ନ୍ତି କେବଳ ନିଜର ଲୋକପ୍ରିୟତା ବୃଦ୍ଧି ପାଇଁ! ବିବାଦ, ବିତର୍କ ଓ ମିଡିଆରେ ଆଲୋଡ଼ନ ସୃଷ୍ଟି କରିବା ସତେଯେମିତି ତାଙ୍କର ପ୍ରକୃତିଗତ ଅଭ୍ୟାସ ହୋଇଯାଇଛି। ସେହିଭଳି ଅନେକଥର ଅଭଦ୍ର ଓ ଅଶ୍ଳୀଳ ବାର୍ତ୍ତା, ଘୋଷଣା ଓ ଅଙ୍ଗ ପ୍ରଦର୍ଶନ ଆଦି ପାଇଁ ସେ ବଲିଉଡର ଜଣେ ବହୁଚର୍ଚ୍ଚିତ ବ୍ୟକ୍ତି।

ଏଥର କିନ୍ତୁ ପୁନମ୍ ପାଣ୍ଡେ ଯାହା କଲେ ତାହା କେବଳ ଅନୈତିକ ନୁହେଁ, ବରଂ ବୀଭତ୍ସତା ଭାବେ ତାଙ୍କ ପାଇଁ ବହୁ ନିନ୍ଦା ଆଣିଦେଲା। ସାରା ଦେଶକୁ କ୍ୟାନ୍‌ସର ଚିକିତ୍ସକ, କର୍କଟ ପୀଡ଼ିତଙ୍କ ରୋଗୀ ସେବାକାରୀ ତଥା ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଥିନିମନ୍ତେ ଦୃଢ଼ ପ୍ରତିବାଦ ଜଣାଇଲେ। ଟେଲିଭିଜନ୍ ଓ ଡିଜିଟାଲ୍ ଗଣମାଧ୍ୟମ ମଞ୍ଚରେ ଆରୋପ କରାଗଲା ଯେ ପୁନମ୍ ପାଣ୍ଡେ ତାଙ୍କର ଏହି ମିଛ-ମୃତ୍ୟୁ ଘୋଷଣା ଦ୍ୱାରା ସମ୍ବାଦ ପାଠକ ଓ ଶ୍ରୋତଗଣଙ୍କୁ ବିଭ୍ରାନ୍ତ କରି ଆତ୍ମପ୍ରଚାର କଲେ ଏବଂ ତା' ସହିତ କ୍ୟାନ୍‌ସର ଭଳି ଦୁରାରୋଗ୍ୟ ବ୍ୟାଧିର ପୀଡ଼ିତମାନଙ୍କୁ ଉପହାସ କଲେ। ଆଉ କେହି କେହି ତ ଖୋଲାଖୋଲି କହିଲେ ଯେ ସମାଜରେ ସଚେତନତା ବୃଦ୍ଧି ପାଇଁ ପୁନମ୍‌ପାଣ୍ଡେ ନିଜର ଛଳନା ମୃତ୍ୟୁ ଘୋଷଣା ନ କରି ସିଧାସଳଖ ଗର୍ଭାଶୟ କର୍କଟକୁ କିଭଳି ପ୍ରତିରୋଧ କରାଯାଇପାରିବ ଓ ଏ ସମ୍ପର୍କରେ ଉପଲବ୍ଧ ଟିକା ଓ ଔଷଧ ବିଷୟରେ ଦର୍ଶକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଥା'ନ୍ତେ। ଏଭଳି ନ କରି ମୃତ୍ୟୁକୁ ଉପହାସ କରିବା ଓ ଭୟଙ୍କର କ୍ୟାନ୍‌ସର ରୋଗକୁ ନେଇ ଛଳନା ନାଟକ କରିବା ଆଦୌ ଗ୍ରହଣୀୟ ନୁହେଁ।

ଏହି ପରିପ୍ରେକ୍ଷୀରେ ଆଉ ଗୋଟିଏ ବିତର୍କ ମଧ୍ୟ ଦେଖାଦେଲା। ତାହା ହେଉଛି ଯେ ଗର୍ଭାଶୟ କ୍ୟାନ୍‌ସର(ସର୍ଭାଇକାଲ୍ କ୍ୟାନ୍‌ସର) ଏକ ଏଭଳି ରୋଗ, ଯାହା ବହୁବ୍ୟକ୍ତିଙ୍କ ସହ ସହବାସ ପରିସ୍ଥିତିରେ ଅଧିକ ଦେଖାଯାଏ। ଏହାର ଅର୍ଥ ଯେଉଁମାନେ ଏହି ରୋଗରେ ପୀଡ଼ିତ ବା ପୀଡ଼ିତା ସେମାନେ ଦୁରାଚାରୀ ତଥା ଅନୈତିକ ତଥା ସହବାସ କାର୍ଯ୍ୟରେ ଲିପ୍ତ ଥା'ନ୍ତି। ଜଣେ ବଲିଉଡ୍ ଅଭିନେତ୍ରୀଙ୍କ ଦ୍ୱାରା ଏଭଳି ଅନୈତିକ ଲାଞ୍ଛନାର ଇଙ୍ଗିତ କରିବା ଆହୁରି ନିନ୍ଦନୀୟ। ପୂର୍ବବର୍ତ୍ତୀ ସମୟରେ ଆମେମାନେ ଜାଣିଛୁ ଯେ ଏଚ୍‌ଆଇଭି ଏଡ୍‌ସ ବେମାରୀ ସହିତ ଅନୈତିକ ଓ ସଂଖ୍ୟାଧିକ ବ୍ୟକ୍ତିଙ୍କ ସହ ସହବାସ ଭଳି ସାମାଜିକ ଲାଞ୍ଛନା ଓ ଅପମାନ ଯୋଡ଼ି ହୋଇଥିଲା। ସେଥିପାଇଁ ଭାରତରେ ଏଡ୍‌ସ ନିରାକରଣ ଅଭିଯାନରେ ଯୁବଗୋଷ୍ଠୀଙ୍କର ସଚେତନତା ବୃଦ୍ଧି ପାଇଁ ବାରମ୍ବାର ପ୍ରସାର ପ୍ରଚାର ଅଭିଯାନ କରାଗଲା ଏବଂ ଆକ୍ରାନ୍ତ ରୋଗୀ ଓ ସେମାନଙ୍କ ପରିବାର ପାଇଁ ମନସ୍ତାତ୍ତ୍ୱିକ ପୁନର୍ବାସ ଏକ ମୁଖ୍ୟ ଉପଚାର ହୋଇପଡ଼ିଥିଲା। ସେହି ପୃଷ୍ଠଭୂମିରେ ଦେଖିଲେ ପୁନମ୍ ପାଣ୍ଡେଙ୍କର ଏଭଳି ଦାୟିତ୍ୱହୀନ ବ୍ୟବହାର ଗର୍ଭାଶୟ କର୍କଟ ରୋଗୀମାନଙ୍କୁ ପରୋକ୍ଷରେ ସାମାଜିକ ଲାଞ୍ଛନାର ଶିକାର କରୁଛି ଏଥିରେ ସନ୍ଦେହ ନାହିଁ। ତେବେ ମୋଟ ଉପରେ ଦେଖିବାକୁ ଗଲେ ଏହି ଚର୍ଚ୍ଚିତ ଅଭିନେତ୍ରୀଙ୍କ ବ୍ୟବହାର ଓ ପରବର୍ତ୍ତୀ ସ୍ପଷ୍ଟୀକରଣ ସାରା ଦେଶରେ ଏକ ଚର୍ଚ୍ଚାର ବିଷୟ ନିଶ୍ଚୟ ହୋଇଛି। ଏହାଦ୍ୱାରା ଗର୍ଭାଶୟ କର୍କଟ ଓ ଏହାର ନିରାକରଣ ସମ୍ପର୍କରେ କିଛିଟା ସଚେତନତା ନିଶ୍ଚୟ ବୃଦ୍ଧି ପାଇଛି। କିନ୍ତୁ ସେହି ଅଭିନେତ୍ରୀ ଯେଉଁ ଉପାୟ ଅବଲମ୍ବନ କଲେ ତାହାର ଉଦ୍ଦେଶ୍ୟ ଯେତେ ମହତ୍ ଥିଲେ ମଧ୍ୟ ଏହା ଯେ ତାଙ୍କର ଅଦୂରଦର୍ଶିତା ତଥା ଅପରିପକ୍ୱ ମାନସିକତାର ପରିଚୟ ଦିଏ ଏଥିରେ ସନ୍ଦେହ ନାହିଁ।

ଏବେ ଆଉଗୋଟିଏ ଏହିଭଳି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇଛି। ହଲିଉଡ୍‌ର ବହୁପୁରସ୍କୃତ ଆଗଧାଡ଼ିର ଅଭିନେତ୍ରୀ ହାଲ୍ ବେରୀ ନିଜର ଏକ ଫଟୋଚିତ୍ର ଗଣମାଧ୍ୟମରେ ପ୍ରକାଶିତ କରି ମହିଳାମାନଙ୍କର ଋତୁସ୍ରାବ ବନ୍ଦ ହେବା ପରର ଏକ ବିଶେଷ ସମସ୍ୟାକୁ ଚର୍ଚ୍ଚାକୁ ଆଣିଛନ୍ତି। ଏଥିପାଇଁ ମଧ୍ୟବୟସ୍କା ମହିଳାମାନଙ୍କୁ ସହଜରେ ଉପଲବ୍ଧ ରୋଗ ନିଦାନ ପ୍ରକ୍ରିୟା ତଥା ଚିକିତ୍ସା ଓ ଡାକ୍ତରୀ ପରାମର୍ଶ ଆଦି ବିଷୟରେ ଅବଗତ କରାଇଛନ୍ତି। ଋତୁସ୍ରାବ ଭଳି ଏକ ପ୍ରାକୃତିକ ପ୍ରକ୍ରିୟା ଓ ଏହାର ବୟସାଧିକ୍ୟ ଜନିତ ବନ୍ଦ ହେବା ପ୍ରକ୍ରିୟା ବିଷୟରେ ଖୋଲାଖୋଲି ସର୍ବସାଧାରଣରେ ଆଲୋଚନାରେ ସାମିଲ୍ ହୋଇଥିବାରୁ ହାଲ୍ ବେରୀଙ୍କୁ ତାଙ୍କର ବିଶାଳ ସାମାଜିକ ଗଣମାଧ୍ୟମ ପ୍ରଶଂସକମାନେ ସ୍ୱାଗତ ଜଣାଇଛନ୍ତି। ସେ ଯେଉଁଭଳି ଏକ ଆକର୍ଷଣୀୟ ଫଟୋଚିତ୍ର ମାଧ୍ୟମରେ ଏ ବିଷୟଟି ସମସ୍ତଙ୍କ ଆଗରେ ଉପସ୍ଥାପିତ କରିଛନ୍ତି ତାହା ନିଶ୍ଚିତ ଏହି ସମସ୍ୟା ନିରାକରଣ ନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି କରିବ। ଉଭୟ ହାଲ୍ ବେରୀ ଓ ପୁନମ୍ ପାଣ୍ଡେଙ୍କ ଆଚରଣକୁ ତୁଳନା କଲେ ମହିଳା ସ୍ୱାସ୍ଥ୍ୟ ସମସ୍ୟାକୁ ଅଗ୍ରାଧିକାର ଦେବା ପାଇଁ ହଲିଉଡ୍ ଅଭିନେତ୍ରୀଙ୍କ ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିବେ। ବଲିଉଡ୍ ଅଭିନେତ୍ରୀ ପୁନମ୍ ପାଣ୍ଡେ ଏଥିରୁ ଶିକ୍ଷାଲାଭ କରି ଭବିଷ୍ୟତରେ ଆଉ ଏଭଳି ହାସ୍ୟାସ୍ପଦ ତଥା ଦୁର୍ଭାଗ୍ୟଜନକ ଘଟଣା ସୃଷ୍ଟି କରିବେ ନାହିଁ ବୋଲି ଆମର ଆଶା। ମହିଳା ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ସାର୍ବଜନୀନ ଆଚରଣ ରୁଚିପୂର୍ଣ୍ଣ, ନୀତିଗତ ତଥା ସମ୍ବେଦନଶୀଳ ହେବା ଅତ୍ୟନ୍ତ ଆବଶ୍ୟକ।

# ଓଡ଼ିଆ ଭାଷା ଓ ସାହିତ୍ୟକୁ ଉପେନ୍ଦ୍ର ଭଞ୍ଜଙ୍କ ଅବଦାନ




ଡ. ଅଭିମନ୍ୟୁ ବରାଳ
ପୁରୀ, ମୋ: ୯ ୯୩୭୮୩୫୨୩୦


ସାରଳା ଯୁଗ ଓ ପଞ୍ଚସଖା ଯୁଗର ଅବସାନ ପରେ ଉତ୍କଳ ସାହିତ୍ୟ ଗଗନରେ ଯେଉଁ ଉଜ୍ଜ୍ୱଳ ଜ୍ୟୋତିଷ୍କଟିର ଅଭ୍ୟୁଦୟ ଘଟିଥିଲା, ସେ ହେଉଛନ୍ତି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ। ଉପେନ୍ଦ୍ର ହେଉଛନ୍ତି ଓଡ଼ିଆ ସାହିତ୍ୟ ନନ୍ଦନବନର ପାରିଜାତ ପୁଷ୍ପ। ତତ୍‌ପ୍ରଣୀତ କାବ୍ୟ-କୁସୁମରାଜିର ସୌରଭରେ ସୁରଭିତ ହୋଇ ଉଠିଛି ଓଡ଼ିଆ ସାହିତ୍ୟ ବାଣୀଭଣ୍ଡାର। କବୀନ୍ଦ୍ର ଉପେନ୍ଦ୍ର ୧୬୭୨ ଖ୍ରୀ.ଅ ମାଘ ଶୁକ୍ଳ ପଞ୍ଚମୀ ବା ଶ୍ରୀପଞ୍ଚମୀ ଦିନ ଘୁମୁସର ରାଜ୍ୟର ଗୁଳାଡ଼ ଗଡ଼ରେ ଭୂମିଷ୍ଠ ହୋଇଥିଲେ। ତାଙ୍କର ପିତାଥିଲେ ନୀଳକଣ୍ଠ ଭଞ୍ଜ ଓ ପିତାମହ ଥିଲେ ରାଜକବି ଧନଞ୍ଜୟ ଭଞ୍ଜ। ସେ ସମୟରେ ଘୁମୁସର ରାଜ୍ୟ ଥିଲା ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ। ଏକ ଅଣଓଡ଼ିଆ ରାଜ୍ୟରେ ଜନ୍ମଗ୍ରହଣ କରି ମଧ୍ୟ, ସେ ଓଡ଼ିଆ ଭାଷା ଓ ସାହିତ୍ୟର ଯେଉଁ ପ୍ରଭୂତ ଉନ୍ନତି ସାଧନ କରିଛନ୍ତି, ତାହା ଯାବତଚନ୍ଦ୍ରାର୍କେ ସ୍ମରଣ ରହିବ। ତେଣୁ ଉତ୍କଳମଣି ଗୋପବନ୍ଧୁ ଯଥାର୍ଥରେ କହିଛନ୍ତି-

*'ସ୍ୱହସ୍ତେ ସୃଜିଣ ଓଡ଼ିଆଙ୍କ ଭାଷା ଗଢ଼ିଛ ଓଡ଼ିଆ ଜାତି, ତୁମ ଜନ୍ମଭୂମି ଉତ୍କଳରୁ ଆନ ଜାଣିଲେ ବିଦାରେ ଛାତି'।*

ଓଡ଼ିଆ ସାହିତ୍ୟର କ୍ରମବିକାଶ ଘେନି ଅଦ୍ୟାବଧି ଯେଉଁ କେତେକ ଯୁଗାନ୍ତକାରୀ ସାହିତ୍ୟିକଙ୍କ ନାମୋଲ୍ଲେଖ କରାଯାଏ, ତନ୍ମଧ୍ୟରୁ ଉପେନ୍ଦ୍ର ଭଞ୍ଜଙ୍କ ସ୍ଥାନ ଅନ୍ୟତମ। ଉତ୍କଳର ପଣ୍ଡିତ ଓ ଆଳଂକାରିକଗଣ ସଂସ୍କୃତରେ ରସ ଓ ଅଳଙ୍କାର ଶାସ୍ତ୍ର ରଚନା କରିବା ସଂଗେ ସଂଗେ କାଳିଦାସ, ମାଘ ପ୍ରଭୃତିଙ୍କ ସଂସ୍କୃତ କାବ୍ୟ ସାହିତ୍ୟ ଆଲୋଚନା ଓ ପଠନରେ ପ୍ରବୃତ୍ତ ହେଉଥିଲେ। ସେମାନଙ୍କ ସ୍ୱଷ୍ଟଧାରଣା ହୋଇଥିଲା ଯେ ଓଡ଼ିଆରେ କୌଣସି ଉଚ୍ଚକୋଟିର ସାହିତ୍ୟ ସୃଷ୍ଟି ହୋଇ ନପାରେ। ତେଣୁ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭଗବତକୁ 'ତେଲି ଭାଗବତ' କହି ସେମାନେ ଉପହାସ କରୁଥିଲେ। ସଂସ୍କୃତ ପଣ୍ଡିତଙ୍କର ଏହି ଅବମାନନା ଉତ୍କଳରେ 'କାବ୍ୟଯୁଗ'ର ସୂତ୍ରପାତ କରିଥିଲା। ସଂସ୍କୃତ ସାହିତ୍ୟ ସୁଲଭ ଅଳଙ୍କାର, ରସ, କ୍ଲିଷ୍ଟତା ଓ ଚାତୁର୍ଯ୍ୟ ଆଦିର ସମାବେଶରେ ଓଡ଼ିଆ ସାହିତ୍ୟକୁ ସଂସ୍କୃତାନୁସାରୀ କରିବାକୁ ଯେଉଁ କବିମାନେ ପ୍ରବୃତ୍ତ ହୋଇଥିଲେ ତନ୍ମଧ୍ୟରେ ଉପେନ୍ଦ୍ର ଭଞ୍ଜ ହେଉଛନ୍ତି ସର୍ବପ୍ରଥମ ଓ ସର୍ବଶ୍ରେଷ୍ଠ। ଓଡ଼ିଆ ଭାଷା ସାହିତ୍ୟର ଦାରିଦ୍ର୍ୟମୋଚନ ଛଳରେ ଉପେନ୍ଦ୍ର ଯେଉଁ ସଂସ୍କାର ଆଣିଲେ ତାହା ହିଁ ଏହି କାବ୍ୟଯୁଗ ସୃଷ୍ଟିର କାରଣ। ଓଡ଼ିଆ ଭାଷାର ଅଳଙ୍କାର, ଅଭିଧାନ, ଚିତ୍ରକାବ୍ୟ, ଶବ୍ଦ ଓ ଅଳଙ୍କାର ତଥା ବିଭିନ୍ନ ରସବିଧାୟକ ନାୟିକା-ପ୍ରଧାନ ପୌରାଣିକ ଓ ଐତିହାସିକ କାବ୍ୟ, ମହାକାବ୍ୟ, ସଙ୍ଗୀତ, ଚଉତିଶା, ପୋଇଗାହା, ଦୋହା ପ୍ରଭୃତି ସାହିତ୍ୟର ଅଧିକାଂଶ ବିଭାଗ ସଂସ୍କୃତାନୁସାରୀ ରଚନା କରି ଉପେନ୍ଦ୍ର ଭଞ୍ଜ ଭାଷା-ବିଦ୍ୱେଷୀ ଓ ଆତ୍ମଘାତୀ ପଣ୍ଡିତଗଣଙ୍କ ଦର୍ପଦଳନରେ ସକ୍ଷମ ହୋଇଥିଲେ। କାବ୍ୟରେ ଶୃଙ୍ଗାର ଛଳରେ ବର୍ଣ୍ଣନାର ଉତ୍କର୍ଷ ପ୍ରତିପାଦନ କରିବାକୁ ଯାଇ ସେ ସଂସ୍କୃତ ସାହିତ୍ୟ ସୁଲଭ ଅଶ୍ଳୀଳତାକୁ ଅବସ୍ଥାଭେଦରେ ଅତିକ୍ରମ କଲେ। ଶବ୍ଦାଡ଼ମ୍ବର ଓ ରୀତିପୂର୍ଣ୍ଣ କାବ୍ୟ ପ୍ରତିଷ୍ଠା କରିବାକୁ ଯାଇ ସ୍ଥଳବିଶେଷରେ ଦୁର୍ବୋଧତା ସୃଷ୍ଟି କଲେ। ତଥାପି ତାଙ୍କ ସୃଷ୍ଟିର ଅନ୍ତରାଳରେ ଐତିହାସିକ କାରଣ ବିଦ୍ୟମାନ।

ସାହିତ୍ୟକୁ ଏପରି ଅନୁକୃତିମୟ ଓ ଅଭିନବ ରୂପ ଦେବାରେ ଯେ ଉପେନ୍ଦ୍ର ଶ୍ରେଷ୍ଠ ସାଧକ ଏକଥା ଅନସ୍ୱୀକାର୍ଯ୍ୟ। ତଥାପି ଉପେନ୍ଦ୍ର ପୂର୍ବଚାର୍ଯ୍ୟମାନଙ୍କ ପରମ୍ପରା ଉପରେ ଦଣ୍ଡାୟମାନ ରହି ଯେଉଁ ଅଭିନବ ସର୍ଜନା କଲେ ତାହା ସାରଲ୍ୟମୟୀ ଉତ୍କଳଭାରତୀଙ୍କର ଅଳଙ୍କାର ବିମଣ୍ଡିତ ଏକ ରସମୟ ଅଭିବ୍ୟକ୍ତି। କବି ସାରଳା ଦାସ ଓ ବଳରାମ ଦାସଙ୍କ ସାହିତ୍ୟ ସୁଲଭ ପୌରାଣିକତାକୁ ଅନୁସରଣ କରିଥିଲେ ହେଁ ତହିଁର ସାରଲ୍ୟ ଓ ବୈଷ୍ଣବ ସାହିତ୍ୟ ସୁଲଭ ଅନ୍ଧଧାର୍ମିକ ମନୋବୃତ୍ତିକୁ ଉପେନ୍ଦ୍ର ତାଙ୍କ ସୃଜନରେ ପୂର୍ଣ୍ଣ ରୂପେ ପରିହାର କରିଛନ୍ତି। ତହିଁରେ ସଂସ୍କୃତ ସାହିତ୍ୟ ଅନୁରୂପ ଅଳଙ୍କାର, ରସ, ଭାଷା ଓ ପାଣ୍ଡିତ୍ୟର ସମାବେଶ କରି ଉତ୍କଳର ଏହି କାବ୍ୟ ସାହିତ୍ୟକୁ ନବଜନ୍ମ ଦେଇଛନ୍ତି।। ଏହିଭଳି ଏକ ବଳିଷ୍ଠ ଓଡ଼ିଆ ରସ ସାହିତ୍ୟ ସୃଷ୍ଟି କରିବାକୁ ସେ ଉତ୍କଳର ସଂସ୍କୃତ କବିଙ୍କ ବ୍ୟତୀତ ଉତ୍କଳର ଅଳଙ୍କାର ଶାସ୍ତ୍ର, ରସ ଶାସ୍ତ୍ର, ଦାନପତ୍ର, ତାମ୍ର ଶାସନ ଓ ଉଦ୍ଭଟ ଶ୍ଳୋକାଦିର ମଧ୍ୟ ଅବତାରଣା କରିଥିଲେ।




କବି ଏହିପରି ମହାକାବ୍ୟ, ସଙ୍ଗୀତ, ଅଭିଧାନ, ଅଳଙ୍କାର-ଶାସ୍ତ୍ରଠାରୁ ଆରମ୍ଭ କରି ଜଣାଣ ଓ ଗାହା, ଦୋହା ପର୍ଯ୍ୟନ୍ତ ରଚନା କରିଥିଲେ ଏବଂ ପାଣ୍ଡିତ୍ୟ ପ୍ରଦର୍ଶନ ଅଥବା ସଂସ୍କୃତ ସାହିତ୍ୟ ଅନୁକରଣରେ ଦୁର୍ବୋଧ ଜନପ୍ରିୟ ଓ ରସାଳ କରିବା ଲକ୍ଷ୍ୟରେ ଶୃଙ୍ଗାରାଶ୍ରିତ ଅଶ୍ଳୀଳତା ପୂର୍ଣ୍ଣ କରି ପକାଇଥିଲେ। ଉପେନ୍ଦ୍ର ସାହିତ୍ୟର ଦୁର୍ବୋଧତା ସତ୍ତ୍ୱେ ତାହା ଜନାଦୃତ ହୋଇଥିଲା। ଏହାର ସଙ୍ଗୀତ ପାଟବ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଅର୍ଥ କିଏ ବୁଝୁ କି ନବୁଝୁ ଛାନ୍ଦଟିଏ ଗାଇ ଦେଇ ଆନନ୍ଦିତ ହେଉଥିଲା। ତେଣୁ ଉତ୍କଳମଣି ଯଥାର୍ଥରେ କହିଛନ୍ତି-

*'ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ ପଥେ ପାନ୍ଥ ହୃଷ୍ଟମନା / ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା ନୃତ୍ୟରଙ୍ଗେ ବାରଙ୍ଗନା'।*

ସାହିତ୍ୟ ବଞ୍ଚି ରହେ ନାହିଁ ସହସ୍ରତମ ପୁସ୍ତକର ସହସ୍ରସମ ପୃଷ୍ଠାରେ। ସାହିତ୍ୟ ବଞ୍ଚିରହେ ଆନଗର ଜନତାର ଉନ୍ମାଦ ମନରେ ଆଉ ଉତ୍କୃଷ୍ଟ କଣ୍ଠରେ। ଉପେନ୍ଦ୍ରଙ୍କ ସୃଷ୍ଟିରେ ତାହା ହିଁ ଘଟିଥିଲା। ତେଣୁ ଉପେନ୍ଦ୍ର ଗଣକବିର ଗୌରବ ଲାଭ କରିପାରିଛନ୍ତି। ଉପେନ୍ଦ୍ର ଜାତୀୟ ସାହିତ୍ୟ ଓ ଭାଷାର ଦୁର୍ଦ୍ଦିନରେ ଯେଉଁ ସାଧନା, ସଂସ୍କାର ଓ ସୃଷ୍ଟିର ସନ୍ଧାନ କରିଥିଲେ ତାହା ଆଜି ତାଙ୍କ ପ୍ରତିଭା, ପାଣ୍ଡିତ୍ୟ ଓ ସାହସର ସମ୍ୟକ ପରିଚୟ ଦିଏ। ଭାଷାର ଇତିହାସରେ ଏହାର ମୂଲ୍ୟ କିଛି କମ୍ ନୁହେଁ। କାରଣ କିଏ କହିପାରେ ଯେ ଦିନେ ସଂସ୍କୃତ ପଣ୍ଡିତମାନଙ୍କ ପ୍ରରୋଚନାରେ ଓଡ଼ିଆ ଭାଷାର ଅଧୋଗତି ଶେଷ ସୀମା ସ୍ପର୍ଶ କରିନଥା'ନ୍ତା!

ଉପେନ୍ଦ୍ରଙ୍କୁ ଯୁଗାନ୍ତକାରୀ କବି ରୂପେ ଗ୍ରହଣ କରିବାର ଆଉ ଏକ କାରଣ ମଧ୍ୟ ରହିଛି। ଇଂରେଜମାନଙ୍କ ଉତ୍କଳ ଆଗମନ ଓ ଶିକ୍ଷା-ଦୀକ୍ଷାର ପରିବର୍ତ୍ତନ ସହିତ ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ ଓ ସାମାଜିକ ଜୀବନର ପରିବର୍ତ୍ତନ ଘେନି ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ଆମ ସାହିତ୍ୟ ନୂତନ ରୂପ ଧାରଣ କଲା। ତଥାପି ୧୮୫୧ ଖ୍ରୀ.ଅ ଅକତ୍‌କାବ୍ୟ ଯୁଗର ଶେଷ ପ୍ରତିଭା ଉତ୍କଳ ଘଣ୍ଟ ଯଦୁମଣିଙ୍କ ବିୟୋଗ ପର୍ଯ୍ୟନ୍ତ ଉପେନ୍ଦ୍ରସୃଷ୍ଟ କାବ୍ୟିକ ପରମ୍ପରାର ଧାରାବାହିକ ପ୍ରଭାବ ଅଭିମନ୍ୟୁ, କବିସୂର୍ଯ୍ୟ, ଯଦୁମଣି ପ୍ରଭୃତିଙ୍କ କୃତିରେ ଭାସି ଚାଲିଥିଲା। ଓଡ଼ିଶା ସାହିତ୍ୟ ଓ କବି କହିଲେ ସାଧାରଣ ଜନତା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି। ସଂସ୍କୃତ ସାହିତ୍ୟରେ କାଳିଦାସଙ୍କ ପରି ଓଡ଼ିଆ ସାହିତ୍ୟରେ ଉପେନ୍ଦ୍ର ସାହିତ୍ୟ କହିଲେ ଆମେ ସାଧାରଣତଃ ତାଙ୍କ ସାହିତ୍ୟର ସଙ୍ଗୀତମୟତା ଓ ରସାଳତା ପ୍ରତି ଦୃଷ୍ଟି ନିକ୍ଷେପ କରୁ। କାରଣ ଏହା ହିଁ ତାଙ୍କ ବିରାଟ ସାହିତ୍ୟ ମଧ୍ୟରେ ଆମ ପ୍ରାଣର ସୂକ୍ଷ୍ମ ବୃତ୍ତିଗୁଡ଼ିକୁ ସ୍ପର୍ଶ କରିଥାଏ ଏବଂ ତାଙ୍କୁ ଶତାବ୍ଦୀ ଶତାବ୍ଦୀ ଧରି ଏହି ସାହିତ୍ୟ ରାଜ୍ୟରେ ସମୁଚିତ ଆସନ ପ୍ରଦାନ କରେ।

ଉପେନ୍ଦ୍ର ଆମ ଜାତୀୟ ସାହିତ୍ୟର ଏକ କାଳରେ ରକ୍ଷକ ଓ ପୋଷକ ଥିଲେ। ବଙ୍ଗୀୟମାନଙ୍କ କୁଚକ୍ରରେ ଏ ଭାଷା ଯେତେବେଳେ ଲୁପ୍ତ ହେବାକୁ ଯାଉଥିଲା, ସେତେବେଳେ ଫକୀର ମୋହନ, ରାଧାନାଥ, ମଧୁସୂଦନଙ୍କର ଯେଉଁ ପ୍ରଚେଷ୍ଟା ଓ ସାଧନା ତାହା ଭୁଲିବାର ନୁହେଁ। ଉପେନ୍ଦ୍ର ମଧ୍ୟ ସେହିପରି ନିଜ ସମୟରେ ସଂସ୍କୃତ କବଳରୁ ନିଜର ଭାଷା ଓ ସାହିତ୍ୟକୁ ରକ୍ଷା କରି ଭାଷା ରାଜ୍ୟରେ ନିଜର ଐତିହାସିକ ଗୁରୁତ୍ୱ ଆନୟନରେ ସମର୍ଥ ହୋଇଥିଲେ। ସେ ଭାଷାକୁ କେବଳ ରକ୍ଷା କରିନଥିଲେ, ତା'ର ରୂପ ପରିବର୍ତ୍ତନ କରିବା ସହିତ ସାହିତ୍ୟର ଭାବ ଓ ରୂପ ବୈଭବର ପରିସର ବୃଦ୍ଧି କରିଥିଲେ। ସାରଳା, ବଳରାମ ଓ ଦୀନକୃଷ୍ଣଙ୍କ ଭଳି ସାହିତ୍ୟରେ ଯୁଗାନ୍ତର ଆନୟନରେ ସମର୍ଥ ହୋଇଥିଲେ। ସଂସ୍କୃତ ସାହିତ୍ୟରେ ଥିବା ସମସ୍ତ ବିଭବକୁ ନିଜ ମାତୃ ସାହିତ୍ୟରେ ରୂପାୟିତ କରି ଏହା ଗୌରବକୁ ବର୍ଦ୍ଧନ କରିବା ପାଇଁ ଉପେନ୍ଦ୍ର ଆପ୍ରାଣ ଉଦ୍ୟମ କରିଥିଲେ ଓ ସଫଳ ମଧ୍ୟ ହୋଇଥିଲେ। ସଂସ୍କୃତ ସାହିତ୍ୟରେ ଥିବା ସମସ୍ତ ଚିତ୍ର ବନ୍ଧ, ଛନ୍ଦାଦିକୁ ନିଜ କାବ୍ୟ ସୌଧରେ ସ୍ଥାନିତ କରି ଏକ ମଞ୍ଜୁଳ ରୂପ ପ୍ରଦାନ କରିଛନ୍ତି ଉପେନ୍ଦ୍ର। ପାଠକମାନଙ୍କ ଅବଗତି ନିମନ୍ତେ ଅଳ୍ପ କେତୋଟି ଉଦାହରଣ ପ୍ରଦାନ କରାଗଲା।

**ଏକାକ୍ଷର:**- ମାଘ କାବ୍ୟରେ ଶ୍ରୀହର୍ଷ ଲେଖିଛନ୍ତି- *'ଦାଦଦୋ ଦୁଦ୍ଦ ଦୁଦ୍ଦାଦି, ଦାଦା ଦୋ ଦୂଦଦୀ ଦଦୋଃ। ଦୁଦ୍ଦାଦଂ ଦଦଦେ ଦୁଦ୍ଦେ ଦଦା ଦଦ ଦଦୋ ଦଦଃ'।* ଆମର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପ୍ରେମ ସୁଧାନିଧି କାବ୍ୟର ଷୋଡ଼ଶ ଛାନ୍ଦରେ ଲେଖିଛନ୍ତି - *'କକୁ କକ୍ର କୋକୋ କାକ କାକା କକୁ କ୍ରକ। କିକେ କକ କେକୀ କେକୋ କକି କୀଙ୍କ କକ'। ନାଶି ଏମାନଙ୍କୁ ପୋଷି ବ୍ୟାଧ ବ୍ୟାଳ ତେବେ। ରଖି ରଖି ଗୋପ୍ୟପୁରେ ବଞ୍ଚାଇଲୁ ଭାବେ'।*

**ଅବନା:**-ଉପେନ୍ଦ୍ର ଅବନା(ବିନା ବନାନ)ରେ ଗୋଟିଏ କାବ୍ୟ ରଚନା କରିଛନ୍ତି। ଯାହାର ନାମ 'ଅବନ୍ୟ ରସ ତରଙ୍ଗ'। କାବ୍ୟଟି ରାମାୟଣ କଥାବସ୍ତୁ ଉପରେ ଆଧାରିତ। ରାମାୟଣର ସମସ୍ତ ଚରିତ୍ରର ବର୍ଣ୍ଣନା ଏଥିରେ ରହିଛି। କବି କିନ୍ତୁ ବିନା ବନାନରେ ତାହା ଲେଖିଛନ୍ତି। ଗୋଟିଏ ପଦ ଦେଖନ୍ତୁ: *'ଅସମ ଶର ଉଚ୍ଛନ କରଇତ କଥନ କମଳ ନୟନ। କର ଜଳଧର ସଦୟ ଉଭୟ ନକର ବରଗରଜନ। ଜଳଦ, ଚଳକ କନକ ନଗର। ନକର ସଖ ପରଖର ପବନ, ଜଳବରଷଣ ନକର'* ଇତ୍ୟାଦି।

ଲୋମ-ବିଲୋମ, ବ୍ୟାଘ୍ରଗତି, ମେଷ ଯୁଦ୍ଧ, ଗୋମୂତ୍ର ଛନ୍ଦ, ବିବିଧ ବନ୍ଧ ମଧ୍ୟ ଭଞ୍ଜଭାରତୀରେ ରହିଛି। ଇଂରାଜୀ ସାହିତ୍ୟରେ ଏହାକୁ 'ପାଲିନଡ୍ରମସ୍' ବୋଲି କୁହାଯାଏ। ଯଥା-radar, madam, malayalam... ଇତ୍ୟାଦି। ଏଣୁ ପଢ଼ିବ ଯାହା, ତେଣୁ ପଢ଼ିବ ତାହା। ସଂସ୍କୃତରେ କାଳୀଦାସ 'ବିନା ସନା ନା ସନା ବିଷ ଦାଳିକା' ଲେଖିଲେ। ଓଡ଼ିଆରେ ସେହିପରି- 'କଡ଼ାକୁ କାଣୀ ଗଣିକାକୁ ଡାକ' କିମ୍ବା 'ବଣିଆଁ ବାରିପଦାରୁ ଦା'ପରିବା ଆଣିବ'। ଉପେନ୍ଦ୍ର ସ୍ୱୀୟ 'ପ୍ରେମ ସୁଧନିଧି' କାବ୍ୟର ୧୫ ଛନ୍ଦକୁ ୨୦ ପଦରେ ଲେଖିଛନ୍ତି। ପ୍ରଥମ ୧୦ ପଦ ଯାହା ଶେଷ ୧୦ ପଦ ଠିକ୍ ଓଲଟା। ଗୋଟିଏ ପଦଉଦ୍ଧୃତି ହେଲା- 'ରବର ବିହେ କଷ୍ଟ ସୁକୀର ତୋ ସରୋସ। ରସଦା ଦରବ ତୁହି ନାଶ ପ୍ରାଣେ ରସ'। ଏହା ପ୍ରଥମ ପଦ। ଏହି ଛାନ୍ଦର ୨୦ ପଦ ବା ଶେଷ ପଦ ହେଲା- 'ଶରଣେ ପ୍ରାସ ନାହିଁ ତୁ ବରଦ ଦାସର'। ସରୋଷ ତୋର କି ସୃଷ୍ଟ କହେ ବୀରବର'। ୨ୟ ପଦଟି ୧୯ ପଦର ଓଲଟା। ସେହିଭଳି କୋଟି ବ୍ରହ୍ମାଣ୍ଡସୁନ୍ଦରୀର ୨୦ ଛାନ୍ଦକୁ କବି ଏପରି ଲେଖିଛନ୍ତି ଯେ ଗୋଟିଏ ପଦକୁ କଳହଂସ କେଦାର ରାଗରେ ଗାଇଲେ ଏହା ପୁରୁଷ ଅର୍ଥରେ କାବ୍ୟ ନାୟକ ପୁଷ୍ପକେତୁକୁ ବୁଝାଇବ। ସେହିପରି ଉକ୍ତ ପଦକୁ ଭୂପାଳ ରାଗରେ ଗାଇଲେ ନାରୀ ଅର୍ଥରେ କୋଟି ବ୍ରହ୍ମାଣ୍ଡସୁନ୍ଦରୀକୁ ବୁଝାଇବ। ଏହା ଏକ ଏକ ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ। ଏହି ସବୁ ଚିତ୍ରକାବ୍ୟ ପାଇଁ ଉପେନ୍ଦ୍ର ସ୍ୱତନ୍ତ୍ର ଭାବରେ ଏକ କାବ୍ୟ ରଚନା କରିଛନ୍ତି, ଯାହାର ନାମ 'ଚିତ୍ରକାବ୍ୟ ବନ୍ଧୋଦୟ'। ମାଲାୟାଲାମ ଓ ଗୁଜୁରାଟି ସାହିତ୍ୟକୁ ଛାଡ଼ି ଦେଲେ ଅନ୍ୟ କୌଣସି ପ୍ରାଦେଶିକ ଭାଷାରେ ଏଭଳି ଖଣ୍ଡିଏ କାବ୍ୟ ନାହିଁ। ଆତ୍ମଘୋଷିତ ସମୃଦ୍ଧଶାଳୀ ବଙ୍ଗଳା ସାହିତ୍ୟରେ ଏ ସବୁ ସ୍ୱପ୍ନ। ଏହା ଉପେନ୍ଦ୍ର ଭଞ୍ଜ ଓ ଆମ ମାତୃ ସାହିତ୍ୟର ଗୌରବ।

ଓଡ଼ିଆ ଭାଷା ଓ ସାହିତ୍ୟ ଆଜି ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି। ସାରଳା ଯୁଗଠାରୁ ଭଞ୍ଜ ଯୁଗ ପର୍ଯ୍ୟନ୍ତ ସେହି ପ୍ରଥିତଯଶା କବିମାନଙ୍କର କୃତି ଲାଗି ଆମ ଭାଷା ସାହିତ୍ୟ ଗୌରବମଣ୍ଡିତ ହୋଇଛନ୍ତି। ଏହି ଅବସରରେ ଆମର ଲୋକପ୍ରିୟ ସରକାର ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଲୋକାର୍ପଣ କରିବା ସହିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କରୁଛନ୍ତି। ରୀତି ସାହିତ୍ୟର ପଠନ ଓ ଗବେଷଣା ଲାଗି ଓଡ଼ିଆ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କଲେ ଏହି ଗୌରବମଣ୍ଡିତ ସାହିତ୍ୟକୃତି ବିଶେଷ ଜନାଦୃତ ହୋଇପାରନ୍ତା।

**ଜୟ ଜଗନ୍ନାଥ, ବନ୍ଦେ ଉତ୍କଳ ଜନନୀ।**

# ଆମ ଅର୍ଥନୀତିରେ 'ଷ୍ଟାର୍ଟଅପ୍'ର ଭୂମିକା




ଦୋଳଗୋବିନ୍ଦ ମହାପାତ୍ର


ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ରରେ ବୃହତ୍ ଶିଳ୍ପ ତୁଳନାରେ ଅଣୁ, କ୍ଷୁଦ୍ର ତଥା ମଧ୍ୟମ ଶିଳ୍ପ(ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକ ଉତ୍ପାଦନ, ନିଯୁକ୍ତି ଓ ଆୟ ବୃଦ୍ଧି କରିବା ସହ ସୁଷମ ଶିଳ୍ପ ବିକାଶ, ଆଞ୍ଚଳିକ ବୈଷମ୍ୟ ଦୂରୀକରଣ, ଆଞ୍ଚଳିକ ସ୍ତରରେ ସୁଲଭ୍ୟ କଞ୍ଚାମାଲ ସଦୁପଯୋଗ ତଥା ଆଞ୍ଚଳିକ ବଜାର ସମ୍ପ୍ରସାରଣ କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିଥା'ନ୍ତି। ସୁତରାଂ ଅର୍ଥନୀତିରେ ନିଯୁକ୍ତି ସୃଷ୍ଟି ଓ ଦ୍ରୁତ ଆର୍ଥିକ ବିକାଶ ଏମଏସଏମଇ ଶିଳ୍ପର ଆଭିମୁଖ୍ୟ ଅଟେ। କିନ୍ତୁ ସମ୍ପ୍ରତି ଆମ ଦେଶରେ ଉତ୍ପାଦନ, ନିଯୁକ୍ତି, ଆୟ ଓ ପୁଞ୍ଜି ନିବେଶର ମାତ୍ରାକୁ ବୃଦ୍ଧି କରି ନୂତନ ଚିନ୍ତାଧାରା ଭିତ୍ତିରେ ଏକ ଅଭିନବ ବ୍ୟବସାୟିକ ମଡେଲ ହିସାବରେ ଷ୍ଟାର୍ଟଅପ୍‌ର ଅଭ୍ୟୁଦୟ ହୋଇଛି। ଏହାକୁ 'ଷ୍ଟାର୍ଟଅପ୍ ଇଣ୍ଡିଆ' ନାମରେ କାର୍ଯ୍ୟକାରୀ କରାଯାଉଛି। ଇନୋଭେସନ୍ ବା ନୂତନତ୍ୱର ପରିପ୍ରକାଶ ନିମନ୍ତେ ଏକ ଦୃଢ଼ ବାତାବରଣ ଗଠନ କରିବା ପାଇଁ ୨୦୧୬ ମସିହା ଜାନୁୟାରୀ ମାସ ୧୬ ତାରିଖରେ ଭାରତ ସରକାର ଯେଉଁ ପଦକ୍ଷେପ ନେଇଥିଲେ ତାହା ହିଁ 'ଷ୍ଟାର୍ଟଅପ୍ ଇଣ୍ଡିଆ'। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଷ୍ଟାର୍ଟଅପ୍ ଇଣ୍ଡିଆ' କୁ 'ଷ୍ଟାଣ୍ଡଅପ୍ ଇଣ୍ଡିଆ' ସ୍ଲୋଗାନରେ ପରିଣତ କରିବା ଦିନଠାରୁ ଭାରତରେ 'ଷ୍ଟାର୍ଟଅପ୍ ଇକୋ-ସିଷ୍ଟମ'ର ଗତି ଦ୍ରୁତତର ହୋଇପାରିଛି।

'ଷ୍ଟାର୍ଟଅପ୍' ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଓ ରୂପାନ୍ତରଣର ଇଞ୍ଜିନ ସଦୃଶ। ସମ୍ପୂର୍ଣ୍ଣ ନୂତନ ନିଯୁକ୍ତି, ନୂତନ ଉତ୍ପାଦ ତଥା ନୂତନ ସେବାର ଉତ୍ସ। ଷ୍ଟାର୍ଟଅପ୍ ଅନ୍ୟାନ୍ୟ ପ୍ରତିଷ୍ଠିତ ବ୍ୟବସାୟ ତୁଳନାରେ ଅଧିକ ଅନିଶ୍ଚିତ ଓ ବିପଦପୂର୍ଣ୍ଣ ସତ, କିନ୍ତୁ ସମ୍ଭାବ୍ୟ ଆୟ କିମ୍ବା ରୋଜଗାର ଉତ୍ପତ୍ତି କ୍ଷେତ୍ରରେ ଅଧିକ ପ୍ରଭାବଶାଳୀ। ସାଧାରଣତଃ, ଉପଯୁକ୍ତ ଚାହିଦା ଥିବା ଏକ ନିର୍ଦ୍ଦିଷ୍ଟ ଉତ୍ପାଦ କିମ୍ବା ସେବାକୁ ପରୀକ୍ଷା ନିରୀକ୍ଷା ବଳରେ ବିକଶିତ କରିବା ସହ ଏକ କିମ୍ବା ଏକାଧିକ ଉଦ୍ୟୋକ୍ତାଙ୍କ ଦ୍ୱାରା ଷ୍ଟାର୍ଟଅପ୍ ପ୍ରତିଷ୍ଠିତ ହୋଇଥାଏ। ସାଧାରଣତଃ ଏକ ଚିନ୍ତାଧାରାକୁ ଭିତ୍ତି କରି ତାହାକୁ ବାସ୍ତବତାରେ ରୂପାନ୍ତରିତ କରିବା ସହ ବ୍ୟବସାୟକୁ ଲାଭଦାୟକ କରିବା ନିମନ୍ତେ ଷ୍ଟାର୍ଟଅପ୍ କମ୍ପାନୀ ଗଠନ କରାଯାଇଥାଏ। ତେଣୁ ଷ୍ଟାର୍ଟଅପ୍ ମୁଖ୍ୟତଃ ନୂତନ ତଥା ସର୍ବପ୍ରଥମ ବ୍ୟବସାୟିକ ମଡେଲ। ଏହି ବ୍ୟବସାୟ କ୍ଷୁଦ୍ରଶିଳ୍ପ ଉତ୍ପାଦନଠାରୁ ଭିନ୍ନ ଅଟେ।




କ୍ଷୁଦ୍ରଶିଳ୍ପଗୁଡ଼ିକ ସୁପ୍ରତିଷ୍ଠିତ ବଜାର ଓ ପ୍ରମାଣିତ ବ୍ୟବସାୟିକ ମଡେଲ ଭିତ୍ତିରେ କାର୍ଯ୍ୟ କରୁଥିବା ବେଳେ ଷ୍ଟାର୍ଟଅପ ଉଦ୍ୟୋଗ ପୂର୍ବରୁ ନ ଥିବା ଦ୍ରବ୍ୟ ଓ ସେବା ଉତ୍ପାଦନ କରିଥାଏ।

ଅନୁକୂଳ ସରକାରୀ ନୀତି, ପରିବର୍ଦ୍ଧିତ ଅର୍ଥବ୍ୟବସ୍ଥା, ଉନ୍ନତ ଔଦ୍ୟୋଗିକ ଉତ୍ସାହ, ପ୍ରଯୁକ୍ତିବିଦ୍ୟା, ଇ-କମର୍ସ ଓ ହେଲଥ କେୟାର ଆଦି ଅନେକ ଉପାଦାନ ସମୂହ ଆମଦେଶରେ ଷ୍ଟାର୍ଟଅପକୁ 'ହଟ୍‌ସ୍ପଟ୍' ବା ଆକର୍ଷଣର କେନ୍ଦ୍ର ଭାବରେ ରୂପାନ୍ତରିତ କରିପାରିଛି। ଭାରତରେ ୬ଗୋଟି ଷ୍ଟାର୍ଟଅପ୍ ଯଥା ବାଇଯୁଜ, ସ୍ୱିଗୀ, ଓୟୋ ରୁମ୍ସ, ଡ୍ରିମ୍ ୧୧, ଓଲା କ୍ୟାବସ, ରାଜୋ ପେ ଆଦି ବିଶ୍ୱସ୍ତରରେ କାର୍ଯ୍ୟ କରୁଛନ୍ତି। ବ୍ୟାଙ୍କ୍ ଋଣ ସହାୟତା ସହ ନୂତନ ବ୍ୟବସାୟ ପ୍ରତିଷ୍ଠା, ଯୁବ ଭାରତୀୟମାନଙ୍କର ବ୍ୟବସାୟିକ ଉତ୍ସାହକୁ ଦୃଢ଼ୀଭୂତ କରିବା, ଷ୍ଟାର୍ଟଅପ ନିମନ୍ତେ ଆଧାର ରଚନା କରିବା ତଥା ରାଷ୍ଟ୍ରକୁ ଟେକ୍ ବ୍ୟବସାୟର ସର୍ବୋତ୍କୃଷ୍ଟ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା ପାଇଁ ଆରମ୍ଭ ହୋଇଥିବା ଏହି ଉଦ୍ୟମ ମୋଟାମୋଟି ଆଶାନୁରୂପ ଗତି କରୁଛି ବୋଲି କୁହାଯାଇପାରେ।

ଭାରତରେ କର୍ମ ଅନ୍ୱେଷଣକାରୀ ଯୁବ ପ୍ରତିଭାମାନଙ୍କ ନିମନ୍ତେ ସୁଚିନ୍ତିତ ଷ୍ଟାର୍ଟଅପ୍ ନୀତି, ଷ୍ଟାର୍ଟଆପ ପୋର୍ଟାଲ ଓ ହେଲ୍ପଲାଇନର ଆବଶ୍ୟକତା ରହିଛି। ଏହାବ୍ୟତୀତ, ଇନକ୍ୟୁବେଶନ ସେଣ୍ଟର୍, ସହକାର୍ଯ୍ୟ ସ୍ଥଳ, ଔଦ୍ୟୋଗିକ ପ୍ରକୋଷ୍ଠ ଆଦିର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି। ଅର୍ଥନୈତିକ ବିକାଶ, ନୂତନତ୍ୱର ପ୍ରୟୋଗ, ଦ୍ରବ୍ୟ ଓ ସେବାର ଉତ୍ପାଦନ ବୃଦ୍ଧି, ସହରାଞ୍ଚଳର ବିକାଶ, ଔଦ୍ୟୋଗିକରଣକୁ ଉତ୍ସାହିତ କରିବା, ଜୀବନଧାରଣର ମାନ ବୃଦ୍ଧି, ପ୍ରତିଯୋଗିତା କ୍ଷମତାକୁ ଅଧିକ ବେଗବାନ କରିବା ତଥା ନୂତନ ଦୃଷ୍ଟିଭଙ୍ଗୀ, ବୈଷୟିକ ଜ୍ଞାନ ଓ ସୃଜନଶୀଳତାର ପ୍ରୟୋଗ ଆଦି ବହୁମୁଖୀ ଭୂମିକା ଷ୍ଟାର୍ଟଅପ ବ୍ୟବସାୟ ପରିସୀମାରେ ଆସୁଛି।

୨୦୨୩ ମସିହା ସେପ୍ଟେମ୍ବର ମାସରେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ପ୍ରଥମଟି ହେଲା - 'ଓଡ଼ିଶା ଷ୍ଟାର୍ଟଅପ ଯାତ୍ରା -୨୦୨୩' ଓ ଦ୍ୱିତୀୟଟି 'ଷ୍ଟାର୍ଟଅପ ଏକ୍ସପ୍ରେସ -୨୦୨୩'। ଏହି ବ୍ୟାପକ ଅଭିଯାନର ଅଂଶ ହିସାବରେ 'ଓଡ଼ିଶା ଷ୍ଟାର୍ଟଅପ୍' ରାଜ୍ୟବ୍ୟାପୀ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଭ୍ୟାନ କ୍ୟାମ୍ପ ସମ୍ପାଦନ କରିଛି। ୩୫୦୦ ରୁ ଊର୍ଦ୍ଧ୍ୱ ଅନନ୍ୟ ଷ୍ଟାର୍ଟଅପ ଚିନ୍ତାଧାରା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୧୨୦ ରୁ ଊର୍ଦ୍ଧ୍ୱ ଶିବିର ଆୟୋଜନ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୃଣମୂଳସ୍ତରରୁ ଔଦ୍ୟୋଗିକ ଉତ୍ସାହ ଓ ପ୍ରେରଣା ତଥା ନୂତନତ୍ୱ ଉଦ୍ଭାବନ ଚିନ୍ତାଧାରା ଜାଗ୍ରତ କରିବା ଏହି ଅଭିଯାନର ପ୍ରଥମ ଲକ୍ଷ୍ୟ। ଓଡ଼ିଶାର ୩୦ ଗୋଟି ଜିଲ୍ଲାରେ ୨୦୦ ରୁ ଅଧିକ ମହାବିଦ୍ୟାଳୟ ଓ ୬୦ରୁ ଅଧିକ ବିଦ୍ୟାଳୟକୁ ଏଥିରେ ସାମିଲ କରାଯାଇଛି। ୨୫୦୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେବାର ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ସରକାରଙ୍କର ଏହି ଅଭିନବ ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ଦୃଷ୍ଟି, ବ୍ୟବସାୟିକ ଧାରଣା ତଥା ନୂତନତ୍ୱର ସଫଳ ପ୍ରୟୋଗ କରିବା ଦିଗରେ ସହାୟକ ହୋଇପାରିବ।

ଷ୍ଟାର୍ଟଅପ୍‌ର ବିକାଶ ପାଇଁ ଉତ୍କୃଷ୍ଟ ପରିବେଶ ସୃଷ୍ଟି କରିବା ସହ ସୁଚିନ୍ତିତ ଷ୍ଟାର୍ଟଅପ ନୀତି ଏକାନ୍ତ ଜରୁରୀ। ପୁଞ୍ଜି ବିନିଯୋଗ ନିମନ୍ତେ ଦେଶବିଦେଶରୁ ନାମକରା ନିବେଶକମାନଙ୍କୁ ନିମନ୍ତ୍ରିତ କରାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ କମ୍ପାନୀ ପୁଞ୍ଜିନିବେଶ ପାଇଁ ସହମତି ପ୍ରଦାନ କରିଛନ୍ତି। ଇଭିକ୍ୟାପ ଭେଞ୍ଚରସ, ୟୁନିକର୍ନ ଇଣ୍ଡିଆ ଭେଞ୍ଚର, ଇଣ୍ଡିଆ ଆଞ୍ଜେଲୋ ନେଟୱର୍କ ଆଦି ଏକାଧିକ ଖ୍ୟାତନାମା କମ୍ପାନୀମାନଙ୍କୁ ଆମନ୍ତ୍ରିତ କରାଯାଇ ୫୦ ରୁ ଅଧିକ ଷ୍ଟାର୍ଟଅପ ବ୍ୟବସାୟୀଙ୍କୁ ସେମାନଙ୍କର କାର୍ଯ୍ୟ କୌଶଳ, ନୂତନ ବ୍ୟବସାୟିକ ଚିନ୍ତାଧାରା ତଥା ଭବିଷ୍ୟତ ସଫଳତା ଆଦି ଅନେକ ଦୃଷ୍ଟିକୋଣରୁ ଉପସ୍ଥାପିତ କରାଯାଇଛି। ଏହାବ୍ୟତୀତ ପୁଞ୍ଜି ନିବେଶ ନିମନ୍ତେ ଇନ୍‌ଫ୍ରାନିମିଟି ଭେଞ୍ଚରସ ଓ ଷ୍ଟାର୍ଟଅପଗୁଡ଼ିକର ଅଗ୍ରଗତି ନିମନ୍ତେ ସାଞ୍ଚି କନେକ୍ଟ ସହିତ ଏମଓୟୁ ସ୍ୱାକ୍ଷର କରାଯାଇଛି। ଭବିଷ୍ୟତରେ ଓଡ଼ିଶା ଦେଶର ଶିଳ୍ପ ମାନଚିତ୍ରରେ ଏକ ଉଚ୍ଚସ୍ଥାନ ଗ୍ରହଣ କରିବାକୁ ଯାଉଛି। ସୁତରାଂ ଷ୍ଟାର୍ଟଅପ ନୀତି ତଥା ସୁଚିନ୍ତିତ ଶିଳ୍ପନୀତି ଓଡ଼ିଶାକୁ ନିଶ୍ଚିତ ଭାବେ ପ୍ରଯୁକ୍ତି ବିଦ୍ୟା, ରୂପାନ୍ତରଣ, ଉତ୍ପାଦନ ଓ ନିଯୁକ୍ତି ତଥା ନବୀକରଣର ପ୍ରବର୍ତ୍ତନରେ ଏକ ନୂତନ ଶିଖରରେ ପହଞ୍ଚାଇ ପାରିବ।


ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ସମାରୋହ

**ଧାମନଗର, ୪।୨(ସମିସ):** ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଧାମନଗର ବରିଷ୍ଠ ନାଗରିକ ପରିଷଦର ୭ମ ବାର୍ଷିକ ସମାରୋହ ଓ ସାଧାରଣ ଅଧିବେଶନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷାବିତ ତଥା ପରିଷଦର ସଭାପତି ଘଣ୍ଟେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାକୁ ପରିଷଦର କୋଷାଧ୍ୟକ୍ଷ ନିରାକାର ଧଳ ସଞ୍ଚାଳନ କରଥିବା ବେଳେ ବରିଷ୍ଠ ସଭ୍ୟ ହୃଦାନନ୍ଦ କର ଅତିଥିଙ୍କୁ ମଞ୍ଚ ଆହ୍ୱାନ, କୃତିବାସ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭ୍ୟ ଭୋଳାନାଥ ସାହୁ ମଞ୍ଚାସିନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ସଦସ୍ୟ ଦଶରଥ ଦାଶଙ୍କ ଦ୍ୱାରା ଉତ୍ତରୀୟ ଓ ବ୍ୟାଚ ପ୍ରଦାନ କରାଯାଇଥିଲା। ପରେ ପରିଷଦର ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା ସଂପାଦକୀୟ ବିବରଣୀ ପାଠ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଡ.ରାମଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବୃନ୍ଦାବନ ଶତପଥୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂ, ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ପରିଷଦର ଉପସଭାପତି ଅନୀଲ ବାରିକ, ସଦସ୍ୟ ରବୀନ୍ଦ୍ର ବେହୁରାଆ, ରାମଚନ୍ଦ୍ର ସାହୁ, ନାରାୟଣଚନ୍ଦ୍ର ଯେନା, ମହେଶ୍ୱର ସ୍ୱାଇଁ, ସେକ ଅବଦୁଲ ହକିମ, ସୁରଥ ଚନ୍ଦ୍ର ସେଠୀ, ପରିଷଦର ସଭ୍ୟା ଶୋଭାରାଣି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦୁଇ ଜଣ ପ୍ରତିଭା ବୃନ୍ଦାବନ ଶତପଥୀ ଓ ବିଦ୍ୟାଧର ରାଉତଙ୍କୁ ଉତ୍ତରୀୟ ମାନପତ୍ର ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧାମନଗର ବରିଷ୍ଠ ନାଗରିକ ପରିଷଦର ସଦସ୍ୟ ଓ ସଦସ୍ୟା ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଦସ୍ୟ ଅଭିମନ୍ୟୁ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ବଜରାପୁର ପଞ୍ଚାୟତରେ ମନରେଗା ଦୁର୍ନୀତି ପ୍ରସଙ୍ଗ

# ୩ ସପ୍ତାହ ମଧ୍ୟରେ ତଦନ୍ତ ସାରିବାକୁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

**ଭଦ୍ରକ, ୪।୨(ସମିସ)**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ବଜରାପୁର ଗ୍ରାମ ପଞ୍ଚାୟତରେ ମନରେଗା ଯୋଜନାରେ ହୋଇଥିବା ବ୍ୟାପକ ଅନିୟମିତତା ଓ ସରକାରୀ ଅର୍ଥ ଆତ୍ମସାତ ମାମଲାରେ ଲୋକାୟୁକ୍ତ ନିଜସ୍ୱ ତଦନ୍ତକାରୀ ସଂସ୍ଥାକୁ ୩ ସପ୍ତାହ ମଧ୍ୟରେ ତଦନ୍ତକରି ପରବର୍ତ୍ତୀ ଶୁଣାଣି ପୂର୍ବରୁ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାଇ ଉକ୍ତ ପଞ୍ଚାୟତରେ ମନରେଗା ଯୋଜନାରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା- ରାସ୍ତା, ଗ୍ରାମୀଣ ପାର୍କ, ଜମିର ଉନ୍ନତିକରଣ, ଗ୍ରାମ୍ୟ ପୋଖରୀ ଖନନ, ଅମୃତ ସରୋବର ଯୋଜନା ରେ ପୋଖରୀ ଖନନ, ବିଭିନ୍ନ ନାଳର ପୁନରୁଦ୍ଧାର ଭଳି ୧୬ଟି ପ୍ରକଳ୍ପରେ ମନରେଗା ଆଇନକୁ ଉଲ୍ଲଙ୍ଘନ କରି କାର୍ଯ୍ୟ କରିବା, ଆଦୌ କାର୍ଯ୍ୟ ନକରି କାଗଜପତ୍ରରେ କାର୍ଯ୍ୟ ହୋଇଥିବା ଦର୍ଶାଇ ସରକାରୀ ଅର୍ଥ ହଡ଼ପ କରିବା, ଶ୍ରମିକ ବଦଳରେ ମେସିନ ସାହାଯ୍ୟରେ ନିମ୍ନମାନର କାର୍ଯ୍ୟକରିବା, ଗୋଚର ଏବଂ ଶ୍ମଶାନ ଜମି ଉପରେ ବେଆଇନ ଭାବେ ପ୍ରକଳ୍ପ ନିର୍ମାଣ କରିବା ସହ ମୃତ ଓ ନାବାଳିକା ଜବକାର୍ଡ଼ଧାରୀଙ୍କୁ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟ କରିଥିବା ଦର୍ଶାଇ ଅର୍ଥ ହଡ଼ପ କରିବା ଭଳି ଗୁରୁତର ଅଭିଯୋଗ ଆଣି ଗତ ୨୧-୬-୨୩ ତାରିଖରେ ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟରେ ଏକ ମାମଲା ଦାୟର କରିଥିଲେ। ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ ଶ୍ରୀ ନାୟକଙ୍କ ଅଭିଯୋଗକୁ ଗ୍ରହଣ କରିବା ସହ କେସ ନମ୍ବର- ୩୦୫/୨୦୨୩ରେ ମାମଲା ରୁଜୁ କରିବା ସହ ଭଦ୍ରକ ଜିଲ୍ଲାପାଳ ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରିଥିଲେ। ଗତ ବର୍ଷ ଜୁଲାଇ ମାସ ୧୧ ତାରିଖରେ ଏହି ମାମଲାର ଶୁଣାଣି ସମୟରେ ଅଭିଯୋଗକାରୀ ନିଜେ ଉପସ୍ଥିତ ରହି ୧୬ଟି ପ୍ରକଳ୍ପରେ ୧ କୋଟି ୧୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ଦର୍ଶାଇ ଆବଶ୍ୟକୀୟ କାଗଜପତ୍ର, ଫଟୋ ଆଦି ପ୍ରଦାନ କରିବା ପରେ ଲୋକାୟୁକ୍ତଙ୍କ ୨ ଜଣିଆ ଖଣ୍ଡପୀଠ ଉକ୍ତ ପଞ୍ଚାୟତରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବା ପାଇଁ ନିଜସ୍ୱ ତଦନ୍ତକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଲୋକାୟୁକ୍ତଙ୍କ କାର୍ଯ୍ୟାଳୟର ତଦନ୍ତକାରୀ ସଂସ୍ଥା ପକ୍ଷରୁ ଉପନିର୍ଦ୍ଦେଶକ (ବନ) ସସ୍ମିତା ଲେଙ୍କା ତଦନ୍ତ ନିମନ୍ତେ ଆଉ ୪ ସପ୍ତାହ ସମୟ ମାଗିଥିବା ବେଳେ ଲୋକାୟୁକ୍ତ ୩ ସପ୍ତାହ ସମୟ ପ୍ରଦାନ କରିଛନ୍ତି। ପର୍ଯ୍ୟାୟକ୍ରମେ ୩ ଥର ସମୟ ମାଗିଥିବାରୁ ଏହାକୁ ଅନ୍ତିମ ସୁଯୋଗ ବୋଲି ବିବେଚନା କରି ପରବର୍ତ୍ତୀ ଶୁଣାଣି ପୂର୍ବରୁ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଫେବୃଆରୀ ୨୯ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଥିବା ଶ୍ରୀ ନାୟକ ସୂଚନା ଦେଇଛନ୍ତି।

# ହିମସାରମନା ସାହିତ୍ୟ ପରିଷଦର ବାର୍ଷିକୋତ୍ସବ

**ଭଣ୍ଡାରିପୋଖରୀ, ୪।୨(ସମିସ):** ଷୋଳମପୁର ହିମାସାରମନା ସାହିତ୍ୟ ପରିଷଦର ୨୧ତମ ବାର୍ଷିକୋତ୍ସବ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂସ୍କୃତ ଶିକ୍ଷକ ତଥା ବିରଜାରତ୍ନ ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଓ ସାହିତ୍ୟିକ ଟୁନିବାଳା ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସାଂସଦ ଅଚାଳ ଦାସ, ଗାୟକ ଜଗନ୍ନାଥ ଧଳ ମୁଖ୍ୟବକ୍ତା, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଲକ୍ଷ୍ମୀ ଭଉଣୀ, ଇଂ.ଅଜୟ ସୂତାର, ଅଧ୍ୟାପକ ଦାମୋଦର ମହାପାତ୍ର, ପରିଷଦ ସଭାପତି ହରେକୃଷ୍ଣ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର 'ପବନସୁତ' ପତ୍ରିକା, କବି ବାମନ ଚରଣ ଜେନାଙ୍କ ମହାକବି କାଳିଦାସକୃତ ରଘୁବଂଶ ମହାକାବ୍ୟର ଓଡିଆ ପଦ୍ୟାନୁବାଦ ଓ କବି ବୈଲୋଚନ ଜେନାଙ୍କ 'ଶ୍ରୀଭଜନ ରସାମୃତ' ପୁସ୍ତକର ଉନ୍ମୋଚନ କରାଯାଇଥିଲା। ଗାୟିକା ସୁଧାବର୍ଷିଣୀ ସୌଦାମିନୀ ପତି, ଶିକ୍ଷକ ଅକ୍ଷୟ ବେଉରିଆ, ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, କବୟିତ୍ରୀ ଦେବକୀରାଣୀ ସାହୁ, ସମାଜସେବୀ ଅର୍ଜୁନ ଚରଣ ପରିଡ଼ା, କଳାକାର ଶତ୍ରୁଘ୍ନ ଦାସଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ସମ୍ପାଦକ ଦାମୋଦର ନାୟକ ସମ୍ପାଦକୀୟ ବିବରଣୀ ପାଠ, ସହସମ୍ପାଦକ ବିଶ୍ୱମ୍ବର ରାଉତ ଅତିଥି ପରିଚୟ ଓ ନବକିଶୋର ପରିଡ଼ା ଧନ୍ୟବାଦ ଦେଇଥିଲେ। କବୟିତ୍ରୀ ସନ୍ଧ୍ୟାରାଣୀ ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## ● ବିମ୍ବାଧର ସାହୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଯାଜପୁର ଏକାଦଶ ଚାମ୍ପିଅନ୍



**ଭଣ୍ଡାରିପୋଖରୀ, ୪।୨(ସମିସ):** ମଞ୍ଜୁରୀରୋଡ ଡାକ୍ତରଖାନା ପଡ଼ିଆରେ ଅନୁଷ୍ଠିତ ୩୦ତମ ବିମ୍ବାଧର ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ବାଲେଶ୍ୱର ମର୍ଣ୍ଣିଂଷ୍ଟାର ଓ ଯାଜପୁର ଇଲେଭେନ ଷ୍ଟାର ମଧ୍ୟରେ ହୋଇଥିବା ଫାଇନାଲ ମ୍ୟାଚରେ ଯାଜପୁର ଏକାଦଶ ଚାମ୍ପିଅନ ହୋଇଛି। କାଳନ୍ଦୀ ଚରଣ ପଣ୍ଡା ଓ ସଞ୍ଜୟ ଶତପଥି ଅମ୍ପାୟାର, ଚିନ୍ମୟ ସେନାପତି ମ୍ୟାଚ ରେଫରୀ, ସନ୍ତୋଷ ଖଣ୍ଡାଇ ଓ ଅଜୟ ବାରିକ ସ୍କୋରର, ପ୍ରତ୍ୟୁଷ ସାହୁ, ଆକାଶ ଓଜା, ନରେନ୍ଦ୍ର ଜେନା ଭାଷ୍ୟକାର ଦାଇତ୍ୱ ତୁଲାଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଓ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ପ୍ରଦୀପ୍ତ ଦାସଙ୍କୁ ମୋରଡାର ବିଜୟ ଖଣ୍ଡେଇ ଓ ଦିପ୍ତିସୂର୍ଯ୍ୟ ବିଶ୍ୱାଳ, ମ୍ୟାନ ଅଫ ଦି ସିରିଜ ବିବେଚିତ ବିଭୂତି ଭୂଷଣ ଭୂୟାଁଙ୍କୁ ଯନ୍ତ୍ରୀ ବିଜୟ ସେଠୀ, ରାଜେଶ ନାୟକ ବେଷ୍ଟ ବୋଲରଙ୍କୁ ସଭାପତି ବିଶ୍ୱନାଥ ନାୟକ ପୁରସ୍କୃତ କରିଥିଲେ। ଖେଳ ଶେଷରେ ଶ୍ରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବିଧାୟକ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି, ଆଶ୍ରୀବାଦ ମିଲ ପରିଚାଳନା ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦାସ, ପରିଚାଳକ ଶରତ ଚନ୍ଦ୍ର ଦାସ, ସମାଜସେବୀ ଉତ୍କଳକେଶରୀ ବିଶ୍ୱାଳ, ଯନ୍ତ୍ରୀ ପ୍ରଶାନ୍ତ ସାହୁ, ରାଜେନ୍ଦ୍ରପୁର ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ସରପଞ୍ଚ ବିଶ୍ୱନାଥ ସାହୁ, ସମିତିସଭ୍ୟ ସନ୍ତୋଷ ନାୟକ, ସନ୍ତୋଷ ମହାପାତ୍ର, ଦିବାକର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ, ରନରସପ ଦଳ ସମେତ କୃତୀ ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ।

## ● ଶ୍ରେଣୀ ଗୃହ ପାଇଁ ନକ୍ସା ପ୍ରସ୍ତୁତ

# ନୂଆ ରୂପରେ ରୂପାୟିତ ହେବ ତ୍ରିସାଲିଆ ସ୍କୁଲ




**ଆଗରପଡ଼ା, ୪।୨(ସମିସ):** ବନ୍ତ ବ୍ଲକ ଅର୍ନ୍ତଗତ ତୋଫାବିବି କ୍ଲଷ୍ଟର ଅଧୀନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତ୍ରିସାଲିଆର ବିଭିନ୍ନ ସମସ୍ୟା ବିଷୟରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଥିବା ଜଣାପଡ଼ିଛି। ଗତ ଜୁନ ୧୧ ତାରିଖରେ 'ଅବ୍ୟବସ୍ଥାରେ ତ୍ରିସାଲିଆ ବିଦ୍ୟାଳୟ; ୫ଗୃହରେ ୮ ଶ୍ରେଣୀ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇ ବିଦ୍ୟାଳୟର ସମସ୍ୟା ସମାଧାନ ଦିଗରେ ଉଦ୍ୟମ ଆରମ୍ଭ କରିଥିଲା। ବର୍ତ୍ତମାନ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ସ୍କୁଲର ରୂପାନ୍ତରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ବିଦ୍ୟାଳୟରେ ଲାଗି ରହିଥିବା ଶ୍ରେଣୀ ଗୃହ ସମସ୍ୟାର ସମାଧାନ ପାଇଁ ବିଭାଗ ପକ୍ଷରୁ ଇତି ମଧ୍ୟରେ ନକ୍ସା ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ଖୁବ୍ ଶୀଘ୍ର ଗୃହ ନିର୍ମାଣ ସହ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି। ଏହି ବିଦ୍ୟାଳୟକୁ ୧୯୬୨ ମସିହାରେ ପ୍ରାଥମିକ ଓ ୨୦୦୮ ମସିହାରେ ଉଚ୍ଚ ପ୍ରାଥମିକ ସ୍କୁଲର ମାନ୍ୟତା ମିଳିଥିଲା। ଏଠାରେ ୫ଟି ଗୃହରେ ୮ଟି ଶ୍ରେଣୀର ପାଠପଢ଼ା ହେଉଛି। ୧ମ ଓ ୨ୟ ଶ୍ରେଣୀ ଏବଂ ୪ର୍ଥ ଓ ୫ମ ଶ୍ରେଣୀ ମିଶାମିଶି ହୋଇ ୨ଟି ଗୃହରେ ଚାଲିଛି। ସ୍ଥାୟୀ ଅଫିସ ଗୃହ ନଥିବାରୁ ଏହା ଗୋଟିଏ ଶ୍ରେଣୀ ଗୃହରେ ଚାଲିଛି। ଶ୍ରେଣୀ ଗୃହ ଅଭାବରୁ ଗତ ୩ବର୍ଷ ହେବ ୮ମ ଶ୍ରେଣୀରେ ଅଧ୍ୟୟନ ପାଇଁ ପିଲାମାନଙ୍କ ନାମ ଲେଖା ବନ୍ଦ ଅଛି। ଯଦ୍ୱାରା ଶ୍ରେଣୀ ଥାଇ ମଧ୍ୟ ପିଲା ସଂଖ୍ୟା ଶୂନ। ଶ୍ରେଣୀ ଗୃହ ଅଭାବରୁ କିଛି ଦିନ ଧରି ଅଙ୍ଗନବାଡ଼ି ଗୃହରେ ପାଠପଢ଼ା ଚାଲିଥିଲା। ପାନୀୟ ଜଳ ସମସ୍ୟା ଯୋଗୁଁ ଛାତ୍ରଛାତ୍ରୀ ହୀନସ୍ତା ହେଉଛନ୍ତି। ବିଦ୍ୟୁତ୍ ସରବରାହ ବନ୍ଦ ହେଲେ ପାଣି ମିଳିବା କଷ୍ଟ କର ହୋଇପଡ଼ୁଛି। ସ୍କୁଲ ପଛପାର୍ଶ୍ୱ ପାଚେରୀ ନିର୍ମାଣ ହୋଇ ନଥିବାରୁ ବୁଲା ଗୋରୁ ଗାଈଙ୍କ ଅବାଧ ପ୍ରବେଶ ଘଟି ଶୈକ୍ଷିକ ପରିବେଶ ନଷ୍ଟ ହେଉଛି। ଶୌଚାଳୟ ଅବସ୍ଥା ଭଲ ନଥିବାରୁ ଏହା ଠିକ୍ ଭାବେ ବ୍ୟବହାର ଯୋଗ୍ୟ ହୋଇ ପାରୁନାହିଁ। ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟର ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ସର୍ବଶିକ୍ଷା ତରଫରୁ ମିଳିଥିବା ରୋଷେଇ ଗୃହର ଅବସ୍ଥା ଠିକ୍ ନଥିବାରୁ ଏହି କାର୍ଯ୍ୟ ମଧ୍ୟ ଠିକ୍‌ରେ ସଂପାଦିତ ହୋଇ ପାରୁନାହିଁ। ଖବର ପ୍ରକାଶ ପରେ ସ୍କୁଲ ପରିବେଶରେ ଥିବା ପରିତ୍ୟକ୍ତ ଗୃହକୁ ଭଙ୍ଗା ଯାଇଛି। ତେଣୁ ଖୁବ୍ ଶୀଘ୍ର ତ୍ରିସାଲିଆ ସ୍କୁଲ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ନୂଆ ରୂପରେ ରୂପାୟିତ ହେବ ବୋଲି ଅଭିଭାବକ ମହଲରେ ଆଶା ସଞ୍ଚାର ହୋଇଛି।

## ● ଉତ୍ତମ ସାହୁ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଏମ୍‌ଏମ କ୍ଲବ୍ ଚାମ୍ପିଅନ

**ଅସୁରାଳି, ୪।୨(ସମିସ):** ଧାମନଗର ବ୍ଲକ କଲ୍ୟାଣୀ ପଞ୍ଚାୟତ ବନସର ହାଇସ୍କୁଲ ପଡ଼ିଆରେ ଉତ୍ତମ ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। କଲ୍ୟାଣୀ ସରପଞ୍ଚ ଅକ୍ଷୟ ଯେନା ଏହାକୁ ଉଦ୍‌ଘାଟନ କରିଥିଲେ। ଫାଇନାଲରେ ପ୍ରଗତି ସ୍ପୋଟର୍ସକୁ ହରାଇ ଏମଏମ କ୍ଲବ କ୍ରିକେଟ ଟିମ ଚାମ୍ପିଅନ ହୋଇଥିଲା। ପ୍ରଥମେ ପ୍ରଗତି ସ୍ପୋଟର୍ସ କ୍ରିକେଟ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ୱିକେଟ ହରାଇ ୧୧୬ ରନ ସଂଗ୍ରହ କରିଥିଲା ଜବାବରେ ଏମ୍‌ଏମ୍ କ୍ଲବ କ୍ରିକେଟ ଟିମ ୧୧ ଓଭରରେ ୩ଟି ୱିକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା। ଉତ୍ତମ ପୁହାଣ ଓ ଜୀବନ ପଣ୍ଡା ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ଅମିତ ସାହୁ ଓ ମାନସ ରାଉତ ସ୍କୋରର ଏବଂ ଅରୁପ ମଲିକ ଓ ସୁଧାଂଶୁ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଓ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତ ବିଜୟ ଦଳାଇ, ନରେନ୍ଦ୍ର ମଲ୍ଲିକ, ଦାମୋଦର ମଲ୍ଲିକ, ଲକ୍ଷ୍ମଣ ସାହୁ, ଗୟାଧର ସାହୁ, ଉମାକାନ୍ତ ଯେନା, ସୁରେନ ସାହୁ, ହୃଦାନନ୍ଦ ମଲ୍ଲିକ, ଦୁର୍ଗାଚରଣ ନାୟକ, ଆଲୋକ ସାହୁ, ସନ୍ଦିପ ସାହୁ, ଆକାଶ ନାୟକ ଓ ବନସର କ୍ଲବର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।




# 'ଶ୍ରୀଜଗନ୍ନାଥାୟନ'ରେ ଭାଗନେଲେ ରୁଦ୍ରମାଧବ

**ଭଦ୍ରକ, ୪।୨(ସମିସ):** ଭଦ୍ରକ ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ଶ୍ରୀଜଗନ୍ନାଥ ସାଂସ୍କୃତିକ କଳାକାର ସଂଘ'ର ସମ୍ପାଦକ ତଥା କଣ୍ଠଶିଳ୍ପୀ ରୁଦ୍ରମାଧବ ବାରିକ୍ ଅନ୍ନପୂର୍ଣ୍ଣା ଥିଏଟର୍ ଏ-ଗ୍ରୁପ୍, ବଡ଼ଦାଣ୍ଡ, ପୁରୀରେ ଅନୁଷ୍ଠିତ ଭକ୍ତି ସଂଗୀତ କାର୍ଯ୍ୟକ୍ରମରେ 'ଶ୍ରୀଜଗନ୍ନାଥାୟନ'ରେ ସଂଗୀତ ପରିବେଷଣ କରି ଭଦ୍ରକ ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି। ତାଙ୍କ ସହ କଣ୍ଠଶିଳ୍ପୀ ଦେବେନ୍ଦ୍ର ପ୍ରସାଦ ପଣ୍ଡା ମଧ୍ୟ ଭକ୍ତି ସଂଗୀତ ପରିବେଷଣ କରିଥିଲେ। ଏଥି ସହିତ ସୀତାର୍‌ରେ ସତ୍ୟନାରାୟଣ ଗୁରୁ, ବଂଶୀରେ ଶ୍ୟାମାପ୍ରସାଦ ରାଓ, ତବଲାରେ ଲଳିତ ମୋହନ ବାରିକ, ମଞ୍ଜୀରାରେ କଣ୍ଠଶିଳ୍ପୀ ରଘୁନାଥ ବାରିକ ପ୍ରମୁଖଙ୍କ ସହଯୋଗରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା।

# ବୈଦିକ ସତ୍‌ସଙ୍ଗ ସମିତିର ନୂତନ ଘର ପାଇଁ ଶିଳାନ୍ୟାସ



**ଦୋବଲ, ୪।୨(ସମିସ):** ଧାମନଗର ବ୍ଲକ ମୁସ୍ତାଫାପୁର ପଞ୍ଚାୟତରେ ଥିବା ବୈଦିକ ସତସଙ୍ଗ ସମିତିର ନୂତନ ଘରପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ଆଜି ସନ୍ଧ୍ୟାରେ ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ଡା. ସଞ୍ଜୟ ଦାସ ଉକ୍ତକାର୍ଯ୍ୟକୁ ଶିଳାନ୍ୟାସ କରିଥିଲେ। ଅତିଥି ଭାବେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସରପଞ୍ଚ ଜିସନାରା ବିବି, ବିଜେଡି ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ବିଜେଡି ଯୁବ ସଭାପତି ଭାରତ ବିଜୟ ଦଳାଇ, ପୂର୍ବତନ ସମିତି ସଭ୍ୟ ପ୍ରତାପ ସାମଲ, ପ୍ରାକ୍ତନ ସରପଞ୍ଚ ବିଷ୍ଣୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସତସଙ୍ଗ ସମିତିର ସଭାପତି କୃତିବାସ ତ୍ରିପାଠୀ, ସଂପାଦକ ପ୍ରମୋଦ ନାୟକ, ସଦସ୍ୟ ହୃଦାନନ୍ଦ କର, କମଳାକାନ୍ତ ଦାସ, ପଞ୍ଚାନନ ନାୟକ, ଘନଶ୍ୟାମ ଆଟୋଇ, ପ୍ରିୟରଞ୍ଜନ ସାମଲ, ପ୍ରଭାତ ସାମଲ, ତ୍ରିଦେବ ଜେନା, ନକୁଳ ଶାସ୍ତ୍ରୀ, ପ୍ରଶାନ୍ତ ସାହୁ, ରାଜ କିଶ୍ର ସାହୁ, ଜ୍ଞାନେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଅତିଥିଙ୍କୁ ସ୍ୱାଗତ କରିଥିଲେ।

# ଧର୍ମପରାୟଣାଙ୍କ ପରଲୋକ



**ମଞ୍ଜୁରୀରୋଡ଼, ୪୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଗାଁର ବୟୋଜ୍ୟେଷ୍ଠ ମନ୍ଦିର ପୂଜକ ମାଗୁଣି ଦାଶଙ୍କ ଧର୍ମପତ୍ନୀ ତଥା ଧର୍ମପରାୟଣା ସଖି ଦେବୀ (୮୨)ଙ୍କର ପରଲୋକ ହୋଇଛି। ସେ ଗତ ଶନିବାର ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଯାଜପୁର ମେଡିକାଲ ନେଇଥିଲେ। ସେଠାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଗାଁ ମଶାଣିରେ ପାର୍ଥିବ ଶରୀର ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ବଡପୁଅ ମହେନ୍ଦ୍ର ମୁଖଗ୍ନି ଦେଇଛନ୍ତି। ମୃତ୍ୟୁ ଖବର ପାଇ ଜିଲ୍ଲା ପରିଷଦ ସଭ୍ୟ ଉତ୍କଳକେଶରୀ ମହାନ୍ତି, ସମିତିସଭ୍ୟା ରିତାଞ୍ଜଳୀ ସାମଲ, ଯୁବନେତା ମୋହନ ରାୟ, ପ୍ରତ୍ୟୁଷ ସାମଲ, ଭାଗିରଥି ପରିଡ଼ା ଗଭୀର ଶୋକ ପ୍ରକାଶ କରିଥିବା ବେଳେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଅସହାୟ ପରିବାରକୁ ମିଳିଲା ସହାୟତା

**ଆଗରପଡ଼ା, ୪।୨(ସମିସ)**



'ସକାଳ' ପ୍ରଭାବ

ନିଜ ୩ ଝିଅକୁ ନେଇ ଅସହାୟ ଭାବେ କାଳ କାଟୁଥିବା ପରିବାରକୁ ସହାୟତାର ହାତ ବଢ଼ିଛି। ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ସହାୟତା ପ୍ରଦାନ କରାଯାଇଛି। ଗତ ୨୪ ତାରିଖରେ 'ବାପା ନିଖୋଜ; ମା'ମୂଲ ଲାଗୁଛି: ଅସହାୟ ଭାବେ କାଳ କାଟୁଛନ୍ତି ୩ ଝିଅ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଉକ୍ତ ପରିବାରକୁ ସହାୟତାର ହାତ ବଢ଼ିଥିବା ଜଣାପଡ଼ିଛି। ଖବର ପ୍ରକାଶ ପାଇବା ପରେ ଭୁବନେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ତ୍ରିଶକ୍ତି ଫାଉଣ୍ଡେସନ୍ ପକ୍ଷରୁ ମା' ଓ ୩ ଝିଅ ବର୍ତ୍ତମାନ ବସବାସ କରୁଥିବା ଟିଲୋ ପଞ୍ଚାୟତ ଭୁବନେଶ୍ୱରପୁର ଶାସନ ସ୍ଥିତ ବସନ୍ତ କରଙ୍କ ଫାର୍ମହାଉସ ଘରେ ପହଞ୍ଚି ଉକ୍ତ ପରିବାରକୁ ରାସନ ସାମଗ୍ରୀ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ୩ ଝିଅଙ୍କ ପାଠପଢ଼ାର ସମସ୍ତ ଖର୍ଚ୍ଚ ବହନ କରାଯିବ ବୋଲି ପ୍ରକାଶ କରାଯାଇଥିବା ଜଣାପଡ଼ିଛି। ସହାୟତା ପ୍ରଦାନ ବେଳେ ସଂଗଠନର ଅକ୍ଷୟ ଦାସ, ଅନାଦି ଦାସ, ସନ୍ଦୀପ ସାମନ୍ତରାୟ, ମହେଶ ସାହୁ, ଅନିଲ ଦାସ, ବିଶ୍ୱଜିତ୍ ସାମଲ, ନିତ୍ୟ ଓ ମୁନା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଥାଉକି, ସ୍ୱାମୀଙ୍କ କୌଣସି ପତ୍ତା ମିଳୁନଥିବା ବେଳେ ଶାଶୁ ଘରେ ମୁଣ୍ଡ ଗଞ୍ଜିବା ମଧ୍ୟ ମନା। ଏପରି ସ୍ଥିତିରେ ତିନି ନାବାଳିକା ଝିଅଙ୍କୁ ନେଇ ଅସହାୟ ଅବସ୍ଥାରେ ଜୀବନ ବିତାଉଛନ୍ତି ବନ୍ତ ବ୍ଲକ ରାମଚନ୍ଦ୍ରପୁର ଗ୍ରାମର ସ୍ୱର୍ଗତ କପିଳ ମାଝୀଙ୍କ କନ୍ୟା ସତ୍ୟଭାମା (୫୦)। ପରିବାର ଅତ୍ୟନ୍ତ ଦରିଦ୍ର ଶ୍ରେଣୀର ଥିବାରୁ ସେ ହାଇଦରାବାଦର ଏକ ସୁତା କଳରେ କାମ କରୁଥିଲେ। ସେଠାରେ ବାଲେଶ୍ୱରର କରୁଣାକର ମାଝୀ ମଧ୍ୟ କାମ କରୁଥିଲେ। ସେଠାରେ ସତ୍ୟଭାମ କରୁଣାକରଙ୍କୁ ଉଭୟଙ୍କ ବିବାହ କରିଥିଲେ। ତାଙ୍କର ୩ ଗୋଟି କନ୍ୟା ସନ୍ତାନ ଜନ୍ମ ଲାଭ କରିଥିଲେ। କରୋନା ସମୟରେ ଶରୀର ଅସୁସ୍ଥ ହେବାରୁ କରୁଣାକର ବାଲେଶ୍ୱରରେ ଥିବା ନିଜ ଘରକୁ ଆସିଥିଲେ। ପରେ କିନ୍ତୁ ତାଙ୍କୁ ରହିବାକୁ ନ ଦେବାରୁ ନିଜ ସ୍ତ୍ରୀ ଓ କନ୍ୟାଙ୍କୁ ଧରି ସଖିପାଟଣାରେ ରହିଥିଲେ। କିଛିମାସ ହେବ ଅଚାନକ କରୁଣାକର କେଉଁ ଆଡ଼େ ଚାଲିଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର ପତ୍ତା ମିଳୁନଥିବାରୁ ସତ୍ୟଭାମ ପରଘରେ କାମକରି ପିଲାମାନଙ୍କ ମୁଖରେ ଆହାର ଦେବା ସହ ତାଙ୍କୁ ପାଠ ପଢ଼ାଉଛି। ବଡ଼ ଝିଅ କ୍ରୀଷ୍ଣା (୧୩), ମଝିଆଁ କାବେରୀ (୧୧) ଓ ସାନ ଗୋଦାବରୀ (୮) ବର୍ଷ ହୋଇଥିବା ବେଳେ ସମସ୍ତେ ବିଦ୍ୟାଳୟରେ ପାଠପଢୁଛନ୍ତି। ଉକ୍ତ ପରିବାରକୁ ସରକାରଙ୍କ ତରଫରୁ ଭତ୍ତା କିମ୍ବା ରାସନକାର୍ଡ଼ ସହିତ ଅନ୍ୟ କିଛି ସହାୟତା ମିଳିପାରିନଥିବାରୁ ସତ୍ୟଭାମା ନିଜର ସନ୍ତାନଙ୍କ ମୁଖରେ ଆହାର ଦେବାସହ ତାଙ୍କୁ ପାଠ ପଢ଼ାଇବାରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସଖୀପାଟଣାରେ ବାସକରୁଥିବାରୁ ଉକ୍ତ ସ୍ଥାନରେ ସତ୍ୟଭାମାଙ୍କ ଆଧାର କାର୍ଡ଼ ରହିଛି। ତେଣୁ ସରକାରୀ ସ୍ତରରେ ଉକ୍ତ ବେସାହାରା ପରିବାରକୁ ଆବାସ ଏବଂ ରାସନକାର୍ଡ଼ ସହିତ ତିନିଝିଅଙ୍କ ପାଠପଢ଼ାର ସୁବନ୍ଦୋବସ୍ତ କରାଇବା କୁ ବିଭିନ୍ନ ମହଲରୁ ଦାବି ହେଉଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।

# ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

**ଆଗରପଡ଼ା, ୪।୨(ସମିସ):** ବନ୍ତବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନିମପଡ଼ା ସ୍ଥିତ ଜିଜ୍ଞାସା ପାଠାଗାର ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଜ୍ଞାନଦା କରଶର୍ମାଙ୍କ ଅଧ୍ୟକ୍ଷତାରେ ଏହି ମହା ଜନନାୟକଙ୍କ ଫଟୋଚିତ୍ରରେ ଭକ୍ତିପୂତ ମାଲ୍ୟାର୍ପଣ କରାଯାଇ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମିତ୍ତ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଅତିଥିଭାବେ ସମାଜସେବୀ ରବୀନ୍ଦ୍ର ନାଥ ରାଉତ, ଶିକ୍ଷକ ସୁଭେନ୍ଦୁ ବିଶ୍ୱାଳ, ମହେଶ୍ୱର ମଲ୍ଲିକ, ପଦ୍ମନାଭ ନାୟକ, କଲ୍ୟାଣ ରାଉତରାୟ, ତରଣୀ ସେନ ବାରିକ ପ୍ରମୁଖ ଯୋଗଦେଇଥିଲେ। ଆଞ୍ଜୋଲିନା ବିଶ୍ୱାଳ, ମନିଷା ଜେନା, ସଞ୍ଜନା ଶଙ୍ଖୁଆ, ଅବିନାଶ ଦାସ, ପ୍ରଭୁପ୍ରସାଦ ଜେନା, ଶୁଭ୍ରାଂଶୁ ନାୟକ, ପ୍ରବଞ୍ଜନ ଶଙ୍ଖୁଆ, ରାଜଶେଖର ଶଙ୍ଖୁଆ, ସନ୍ଦୀପ ବାରିକ, ଜ୍ୟୋତି ଶଙ୍ଖୁଆ, ମୋନାଲିସା ବେହେରା, ଦିବ୍ୟରଞ୍ଜନ ବାରିକ, ଗୋପିନାଥ ମାଝୀଙ୍କ ସହ ଅନ୍ୟାନ୍ୟ ଛାତ୍ରଛାତ୍ରୀ ଜାତୀୟ ସଂଗୀତ ଗାନ କରିଥିଲେ।

# ଶଯ୍ୟାଶାୟୀ ବଳରାମଙ୍କ ଚିକିତ୍ସା ପାଇଁ ଅର୍ଥାଭାବ ବାଧକ

**ଆଗରପଡ଼ା, ୪।୨(ସମିସ):** ଦିନ ମଜୁରିଆ ଭାବେ କାମ କରି ପରିବାର ସଦସ୍ୟଙ୍କ ମୁହଁରେ ଦୁଇ ଓଳି ଦୁଇ ମୁଠା ଦାନା ଦେଉ ଦୁଃଖ କଷ୍ଟରେ ପରିବାର ପ୍ରତିପୋଷଣ କରୁଥିଲା ବଳରାମ। କିନ୍ତୁ ହଠାତ୍ କୌଣସି ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଆଜକୁ ୩ ବର୍ଷ ହେବ ଜୀବନ ମରଣ ସହ ସଂଗ୍ରାମ କରୁଥିବା ବଳରାମଙ୍କ ବ୍ୟୟବହୁଳ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବା ଜଣାପଡ଼ିଛି। ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ଅନ୍ତର୍ଗତ ବସନ୍ତିଆ ଗ୍ରାମର ବଳରାମ ସାହୁ(୫୮)। ୩ବର୍ଷ ପୂର୍ବେ ଏକ ସ୍ଥାନରେ କାମ କରୁଥିବା ବେଳେ ଶରୀରରେ ହଠାତ୍ ଯନ୍ତ୍ରଣା ଅନୁଭବ କରିଥିଲେ। ପ୍ରଥମେ ଭଦ୍ରକ ଓ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ କୌଣସି ସୁଫଳ ନପାଇବାରୁ ବେସରକାରୀ ସ୍ତରରେ ଧାର କରଜ କରି ମଧ୍ୟ ଚିକିତ୍ସିତ ହେଲେ। କିନ୍ତୁ ଫଳ ଶୂନ। ଶେଷରେ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେବାକୁ ଯାଇଥିଲେ। ସେଠାରେ ଡାକ୍ତର ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା କରି ବଳରାମଙ୍କୁ ଔଷଧ ଦେଇ ଫେରାଇ ଦେଇଥିଲେ। ଔଷଧ ସେବନ ପରେ ମଧ୍ୟ ବଳରାମଙ୍କ ଯନ୍ତ୍ରଣାର କୌଣସି ଲାଘବ ହୋଇପାରୁନଥିବା ଜଣାପଡ଼ିଛି। ଗରୀବ ଦିନ ମଜୁରିଆ ବଳରାମ ଧାର କରଜ କରି ଚିନ୍ତାରେ ଥିବା ବେଳେ ପରିବାରର ବୋଝ ତାଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିପକାଇଛି। ପରିବାର କହିଲେ ସ୍ତ୍ରୀ, ୨ ଝିଅ ଓ ପୁଅ। ୨ଝିଅଙ୍କ ବିବାହ ହୋଇଯାଇଥିବା ବେଳେ ଅର୍ଥର ଅଭାବ ଯୋଗୁଁ ପୁଅ ଚନ୍ଦନ ଆଉ ପାଠ ପଢ଼ି ନପାରି ବର୍ତ୍ତମାନ ମାମୁଁ ଘରେ ରହୁଛନ୍ତି। ଏହିପରି ସ୍ଥଳେ ଜୀବନ ମରଣ ସହ ସଂଗ୍ରାମ କରୁଥିବା ବଳରାମ ଚିକିତ୍ସା ପାଇଁ ସରକାରୀ କିମ୍ବା ବେସରକାରୀ ସ୍ତରରେ ଆର୍ଥିକ ସହାୟତା ପାଇଁ ନିବେଦନ କରିଛନ୍ତି। ତେଣୁ ସରକାରୀ ସ୍ତରରେ ତାଙ୍କୁ ସହାୟତା ପ୍ରଦାନ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।



## ଜିଲ୍ଲାସ୍ତରୀୟ 'ନୂଆ-ଓ' କାର୍ଯ୍ୟକ୍ରମ ସମାବେଶ

# ପାଠ ସହ ପ୍ରତିଭାର ବିକାଶ ହେଲେ ସାମଗ୍ରିକ ବିକାଶ ସମ୍ଭବ

ଭଦ୍ରକ, ୪।୨(ସମିସ)

ଭଦ୍ରକ ବ୍ଲକ ଅଧୀନ ରାଣୀତାଲ ନିକଟସ୍ଥ ରମ୍ଭିଳା ପଞ୍ଚାୟତ ଅନ୍ତର୍ଗତ ଆରଡ଼ିପଦା ପଡ଼ିଆରେ ଭଦ୍ରକ ଜିଲ୍ଲାସ୍ତରୀୟ 'ନୂଆ ଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୯ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୂର୍ବାହ୍ନ ୯ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ 'ନୂଆ-ଓ' କାର୍ଯ୍ୟକ୍ରମର ଉଦ୍‌ଘାଟନୀ ପର୍ବରେ ମୁଖ୍ୟଅତିଥି ଭାବେ ରାଜସ୍ୱ, ବିପର୍ଯ୍ୟୟ ପ୍ରଶମନ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ ଅନ୍ୟତମ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପ୍ରମୁଖ ଯୋଗଦେଇ ଭଲ ପାଠ ପଢ଼ିବା ସହ ନିଜ ନିଜ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସାଧନା ଜାରି ରଖିବାକୁ ପରାମର୍ଶ ପ୍ରଦାନ କରିଥିଲେ। ବଡ଼ ମଣିଷ ହେବା ପାଇଁ ଦୃଢ଼ ଆତ୍ମବିଶ୍ୱାସ ଓ କଠୋର ପରିଶ୍ରମର ଆବଶ୍ୟକତା ଅଛି ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ। ପାଠ ସହ ପ୍ରତିଭାର ବିକାଶ ହେଲେ ସାମଗ୍ରିକ ବିକାଶ ସମ୍ଭବ ହେବ ଏବଂ ପିଲାଙ୍କର ସାମଗ୍ରିକ ବିକାଶ ହେଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ବୃଦ୍ଧି ପାଇବ। ଏଥିପାଇଁ କଠିନ ପରିଶ୍ରମର ଆବଶ୍ୟକତା ଅଛି। ସାଧନା ବଳରେ ହିଁ ଜୀବନର ସ୍ୱପ୍ନକୁ ପୂରଣ କରିହେବ। ସ୍ୱପ୍ନ ପୂରଣ ହେଲେ ହିଁ ଯୁବଗୋଷ୍ଠୀ ଆଗକୁ ଆଗେଇ ପାରିବ। ସେମାନେ ଆଗେଇଲେ ଓଡ଼ିଶା ଆଗେଇବ ଏବଂ ସଶକ୍ତ ହେବ ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟ ଜରିଆରେ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ପିଲାମାନଙ୍କ ଉଦ୍ଦେଶ୍ୟରେ ଭିଡିଓ ବାର୍ତ୍ତା ପରିବେଷଣ କରାଯାଇଥିଲା। ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଏକକ, ଦଳଗତ ସଙ୍ଗୀତ, ନୃତ୍ୟ ଆଦି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ଏକକ ଓ ଦଳଗତ ନୃତ୍ୟ, ସଂଗୀରେ ବିଜେତା ଓ ଉପବିଜେତାମାନଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁପିନ୍ଦର ଓ ଗୁନ୍‌ଗୁନ୍‌ଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ କଣ୍ଠଶିଳ୍ପୀ ଶଶାଙ୍କ ଶେଖର, ଅର୍ପିତା ଚୌଧୁରୀଙ୍କ ସଙ୍ଗୀତ, ଅମିତ୍ ଓ ସିଜଲରସ୍ ଡ୍ୟାନସ୍ ଗ୍ରୁପ୍ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ନୃତ୍ୟ, ଓଲିଉଡ୍ ସେଲିବ୍ରିଟି ଏବଂ ଅଭିନେତା ଶୈଳେନ୍ଦ ସାମନ୍ତରାୟ, ମ୍ୟାଜିସିଆନ୍ ଅରୁଣଙ୍କ ଯାଦୁ ପ୍ରଦର୍ଶନ, କମେଡି ଷ୍ଟାର୍ ପପୁ ପମ୍‌ପମ୍‌ଙ୍କ ହାସ୍ୟ କାର୍ଯ୍ୟକ୍ରମ ପିଲାମାନଙ୍କ ଉତ୍ସାହିତ କରିଥିଲା। ପୂର୍ବରୁ 'ନୂଆ-ଓ' ଯୋଜନାରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ବ୍ଲକସ୍ତରରେ ହୋଇଥିବା ପ୍ରତିଯୋଗିତାର ବିଜେତାମାନଙ୍କ ଦ୍ୱାରା ଜିଲ୍ଲାସ୍ତରୀୟ 'ନୂଆ-ଓ' କାର୍ଯ୍ୟକ୍ରମରେ ପରିବେଷିତ ନୃତ୍ୟ କାର୍ଯ୍ୟକ୍ରମ ମଧ୍ୟ ଖୁବ୍ ଆକର୍ଷଣୀୟ ଥିଲା। ଏହି କାର୍ଯ୍ୟକ୍ରମର ପରିଚାଳନା ପାଇଁ ଜିଲ୍ଲା, ବ୍ଲକ, ତହସିଲର ସମସ୍ତ ଉଚ୍ଚ ପ୍ରଶାସନିକ ଅଧିକାରୀ, କର୍ମଚାରୀ ସମସ୍ତଙ୍କୁ ବିଭିନ୍ନ ଦାୟିତ୍ୱ ନିର୍ବାହ ପାଇଁ ନିୟୋଜିତ କରାଯାଇଥିଲା। ଦୁଇ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡ୍ଡୁ ଓ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଦତ୍ତ, ଏସିଡିଓ କୁଶଳ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଏପିଡିଏମ୍‌ଆଇଏସ୍ ପ୍ରହ୍ଲାଦ ରଣା, ଡିପିଏମ୍ ଓଏଲ୍‌ଏମ୍ ସଞ୍ଜୟ ବାରିକ୍ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁ ଦାୟିତ୍ୱ ବହନ କରିଥିଲେ। ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କ ନେତୃତ୍ୱରେ ମଞ୍ଚ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେହିପରି ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଏସ୍‌ପି ବିଜୟ ରଞ୍ଜନ କେରିକେଟା, ଡିଏସ୍‌ପି ଡିଏଭି କମଳ ଲୋଚନ ଭୂୟାଁ, ଆର୍‌ଆଇ ପୁଲିସ ରାକେଶ କୁମାର ସ୍ୱାଇଁ ପ୍ରମୁଖଙ୍କ ସହ ଜିଲ୍ଲାର ସମସ୍ତ ଏସ୍‌ଡିପିଓ ଆଇଆଇସି ଓ ଅନ୍ୟ ପୁଲିସ୍ ଅଧିକାରୀମାନେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଦାୟିତ୍ୱ ନିର୍ବାହ କରିଥିଲେ।





# ଯାତ୍ରା ପରିବେଷଣ ବେଳେ ଗୋଷ୍ଠୀ ସଂଘର୍ଷ

**ବାସୁଦେବପୁର, ୪।୨(ସମିସ);** ବାସୁଦେବପୁରସ୍ଥିତ କଶିଆ ସାମୁଦ୍ରିକ ଥାନା ବିଦେଇପୁର ମୁନୀପଡ଼ିଆରେ ଚଳିତ ମୁନୀ ମହୋତ୍ସବ ଅବସରରେ ଅପେରା ପରିବେଷଣ ବେଳେ ଉତ୍ତେଜନା ଦେଖା ଦେଇଥିଲା। ଏହା ପରବର୍ତ୍ତୀ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳର ରୂପ ନେଇଥିଲା। ପରିବେଷଣ କରୁଥିବା ଦୁର୍ଗା ମନ୍ଦିର ଯାତ୍ରା ପେଣ୍ଡେଲ ଭିତରେ ଚେୟାର ଓ ମାରଣାସ୍ତ୍ରରେ ପିଟାପିଟି ସହିତ ଏକ ଗଣ୍ଡଗୋଳ ବିରାଟ ରୂପ ନେଇଥିଲା। ଏହି ଗଣ୍ଡଗୋଳରେ ଦୁଇ ଗୋଷ୍ଠୀର ଅନେକ ଆହତ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। ଫଳରେ ଅପେରା ପରିବେଷଣ ଅଧାରୁ ବନ୍ଦ ହୋଇ ଯାଇଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରୁ ଦୁଇ ଆହତ ଯୁବକଙ୍କୁ ଉଦ୍ଧାର କରି ପ୍ରଥମେ ବାସୁଦେବପୁର ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଥିଲା। ଏତିକିରେ ଉତ୍ତେଜନା ଥମି ନଥିଲା। ଆଜି ଯାତ୍ରା ପାଇଁ ପ୍ରଚାରରେ ଆସିଥିବା ଗାଡିକୁ ସ୍ଥାନୀୟ ବିଦେଇପୁର ଛକ ଠାରେ ବିରସ ଅଞ୍ଚଳର ଆହତଙ୍କ ସମ୍ପର୍କୀୟମାନେ ଅଟକ ରଖିଥିବା ସହିତ ସ୍ଥାନୀୟ କରଞ୍ଜଆଡିଆ-ବିଦେଇପୁର ରାସ୍ତା ଅବରୋଧ କରିଥିବା ସୂଚନା ମିଳିଛି। ଉତ୍ତେଜନା ବଢ଼ିବା ସହିତ ଖବରପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଥାନାଧିକାରୀଣି ସାବିତ୍ରୀ ପଣ୍ଡା ଉତ୍ତେଜନା ସ୍ଥଳରେ ପହଞ୍ଚି ଉତ୍ତ୍ୟେକ୍ତ ଲୋକଙ୍କୁ ବୁଝାସୁଝା ପରେ ରାସ୍ତାରୋକ ହଟିଥିଲା।

# ପଦ୍ମନାଭ କପ୍ କ୍ରିକେଟ ଉଦ୍‌ଘାଟିତ

**ଭଣ୍ଡାରିପୋଖରୀ, ୪।୨(ସମିସ):** ଜଗନ୍ନାଥପ୍ରସାଦ ମା'ଖଡ୍ଗଧାରିଣୀ କ୍ରିକେଟ ପଡ଼ିଆରେ ପଦ୍ମନାଭ କପ ଇଂ.ଦିଲ୍ଲିପ ଆଣ୍ଡ ଆଲୋକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଘାଟିତ ହୋଇଯାଇଛି। ଆଖୁଆପଦା ଜଳସମ୍ପଦ ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା ମୁଖ୍ୟଅତିଥି ଭାବେ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ନିମପୁର କଟକ ଓ ୟୁସିଏ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ଉଦଘାଟନୀ ମ୍ୟାଚରେ କେନ୍ଦୁଝର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ ୱିକେଟ ହରାଇ ୧୭୫ ରନ ସ୍କୋର କରିଥିଲେ। ଜବାବରେ ନିମପୁର କଟକ ୨୩.୨ ଓଭରରେ ୭ ୱିକେଟ ହରାଇ ୧୮୧ ରନ କରି ବିଜୟୀ ହୋଇଥିଲା। ୪୮ ବଲରେ ୬୦ ରନ ସ୍କୋର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ବ୍ୟାଟ୍ସମ୍ୟାନ ଗିରିଜା ବାରିକଙ୍କୁ ଲଲାଟେନ୍ଦୁ ମହାପାତ୍ର ପୁରସ୍କୃତ କରିଥିଲେ।

# ବିବିସିସି ବ୍ୟାଙ୍କରେ ରକ୍ତଦାନ ଶିବିର



**ବାସୁଦେବପୁର, ୪।୨(ସମିସ):** ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବାସୁଦେବପୁର ଶାଖାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତସଂଗୃହିତ ହୋଇଥିଲା। ଏହି ଶିବିରରେ ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କର ଏଜିଏମ୍ ବ୍ରଜକିଶୋର କର ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବ୍ୟାଙ୍କ ଶାଖା ପରିଚାଳକ ମହେନ୍ଦ୍ର ପ୍ରସାଦ ନାୟକ, ପଦ୍ମପୁର ସମିତି ସମ୍ପାଦକ ଅନିରୁଦ୍ଧ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ଭଦ୍ରକ ରକ୍ତ ଭଣ୍ଡାରର କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗୃହିତ କରିଥିଲେ। ବ୍ୟାଙ୍କର ସମସ୍ତ ଅଧିକାରୀ ଓ ସମବାୟ ସମିତିର ସମସ୍ତ ସମ୍ପାଦକ ସାମିଲ ହୋଇଥିଲେ।

# ହାଇୱା ଧକ୍କାରେ ସ୍କୁଟି ଚାଳକ ଗୁରୁତର

**ଧାମନଗର, ୪।୨(ସମିସ):** ଧାମନଗର ଏନ୍‌ଏସି ଅନ୍ତର୍ଗତ ସଦରମହକୁମା ତଥା ବିଜୁ ପଟ୍ଟନାୟକ ଛକ ନିକଟରେ ଧାମନଗର ଥାନା ଓ ବ୍ଲକ ଅନ୍ତର୍ଗତ ଆନନ୍ଦପୁର କାଞ୍ଜିଆପାଳ ଗ୍ରାମର ଜୀବନଜ୍ୟୋତି ପରିଡ଼ା ତାଙ୍କ ବାପାଙ୍କ ସହିତ ଏକ ସ୍କୁଟିରେ କୌଣସି ଏକ ଜରୁରୀ କାମରେ ଭଦ୍ରକ ଅଭିମୁଖେ ଯାଉଥିବା ସମୟରେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ପ୍ରକାଶଯେ, ରବିବାର ସକାଳ ୧୦ରୁ୧୧ଟା ମଧ୍ୟରେ ବିଜୁପଟ୍ଟନାୟକ ଛକ ନିକଟରେ ପଛ ପଟରୁ ଏକ ଚିପ୍ସ ବୋଝେଇ ହାଇୱା ଦ୍ରୁତ ଗତିରି ଆସି ସ୍କୁଟିକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ସ୍କୁଟି ଚାଳକ ପଡ଼ିଯାଇଥିଲେ। ଫଳରେ ହାଇୱାଟି ଚାଳକର ଗୋଟିଏ ହାତ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ହାତଟି ସମ୍ପୂର୍ଣ୍ଣ ଛେଚି ହୋଇ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି। ଖବର ପାଇ ଧାମନଗର ପୁଲିସ ଉକ୍ତ ଘଟଣା ଘଟିଥିବା ସ୍ଥାନରେ ପହଞ୍ଚି ଗୁରୁତର ହୋଇଥିବା ବ୍ୟକ୍ତିଙ୍କୁ ସଙ୍ଗେ ସଙ୍ଗେ ପ୍ରଥମେ ଧାମନଗର ମେଡିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ କଟକ ମେଡିକାଲ ପଠାଯାଇଛି। ପରବର୍ତ୍ତୀ ସମୟରେ ପୁଲିସ ସେଠାରେ ପହଞ୍ଚି ଉକ୍ତ ହାଇୱାଟିକୁ ଥାନାକୁ ନେଇ ଅଟକ ରଖିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ

**ଆଗରପଡ଼ା, ୪।୨(ସମିସ):** ବନ୍ତ ତହସିଲରେ ଅତିରିକ୍ତ ତହସିଲଦାର ଭାବେ ପ୍ରଶାନ୍ତ ପୁହାଣ ଯୋଗଦେଇଛନ୍ତି। ସେ ଏହାପୂର୍ବରୁ ବାଲେଶ୍ୱର ଜିଲ୍ଲା ଖଇରା ରେଜେଷ୍ଟ୍ରୀ ଅଫିସରେ ରେଜିଷ୍ଟର ଭାବେ କାର୍ଯ୍ୟ କରୁଥିଲେ। ବନ୍ତରେ ଥିବା ଅତିରିକ୍ତ ତହସିଲଦାର ବିନିତା ରାଣୀ କିସ୍କୁଙ୍କ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ତହସିଲକୁ ବଦଳି ପରେ ଦୀର୍ଘ ୫ମାସ ହେବ ଉକ୍ତ ପଦବୀ ଖାଲି ପଡ଼ିଥିଲା। ଜଣେ ତହସିଲଦାରଙ୍କ ଦ୍ୱାରା ଦୁଇଟି କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟ ସମ୍ପାଦନରେ ସମସ୍ୟା ଉପୁଜୁଥିଲା। ଶ୍ରୀ ପୁହାଣ ଯୋଗଦାନ ପରେ ବିଭିନ୍ନ କାର୍ଯ୍ୟର ସୂଚାରୁରୂପେ ସମ୍ପାଦନା ହାଇପାରିବ ବୋଲି ଜନସାଧାରଣ ଆଶା ବ୍ୟକ୍ତ କରିଛନ୍ତି।

# ଓଡ଼ିଆ ଭାଷା ସମ୍ମିଳନୀ

**ମଞ୍ଜୁରୀରୋଡ଼, ୪।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହାଇସ୍କୁଲ ଠାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧିର କୁମାର ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ ଯୋଗେଇ ନବୀନ ପଟ୍ଟନାୟକଙ୍କ ପାଇଁ ଓଡ଼ିଆ ଭାଷା ବିଶ୍ୱରେ ପରିଚିତ ହୋଇଥିବା କହିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ନିମନ୍ତ୍ରିତ ଅତିଥି ସରପଞ୍ଚ ବର୍ଷାରାଣୀ ଜେନା, ବିଇଓ ମଞ୍ଜୁଳା ନାୟକ, ଅକ୍ଷୟ ଜେନା ପ୍ରମୁଖ ଉପସ୍ଥିତ ରହି ଓଡ଼ିଆ ଭାଷା ସମ୍ମିଳନୀ ଆଭିମୁଖ୍ୟ ବାବଦରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବକ୍ତୃତା, ଚିତ୍ରାଙ୍କନ, ହସ୍ତକଳା, କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ସିଆରସିସି ମାନେ ପରିଚାଳନା କରିଥିଲେ।

# ଯାତ୍ରୀ ବିଶ୍ରାମଗାର ଜମି ଚିହ୍ନଟରେ ପାତର ଅନ୍ତର

**ବାସୁଦେବପୁର, ୪।୨(ସମିସ):** ବାସୁଦେବପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଗଢ଼ିବ ଲକ୍ଷ୍ମୀ ବସ୍। ଆଉ ସେଥିପାଇଁ ବିଭିନ୍ନ ପଞ୍ଚାୟତ ଛକରେ ନିର୍ମାଣ ଚାଲିଛି ଯାତ୍ରୀ ବିଶ୍ରାମଗାର। ଏଥିପାଇଁ ବ୍ଲକ ପ୍ରଶାସନର ତତ୍ପରତା ପ୍ରକାଶ ପାଇଥିବା ବେଳେ ଜମି ଚିହ୍ନଟରେ ପାତର ଅନ୍ତର କରୁଥିବା ଅଭିଯୋଗ ସାମନାକୁ ଆସିଛି। ସ୍ଥାନୀୟ ବ୍ଲକର ଲୁଙ୍ଗା ପଞ୍ଚାୟତକୁ ସଂଯୋଗ କରିଥିବା ବ୍ରାହ୍ମଣଗାଁ ପଞ୍ଚାୟତ ସ୍ଥିତ ଅଲବଗା ଛକ ଠାରେ ଯାତ୍ରୀ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଏକ ସରକାରୀ ଜମି ଚିହ୍ନଟ ହୋଇଛି। ଆଉ ଯେଉଁ ଠାରେ ନିର୍ମାଣ ହେଲେ ଯାତ୍ରୀମାନେ ଉପକୃତ ହେବେ, ସେ ଲକ୍ଷ୍ୟ ଠାରୁ ଦୂରେଇ ଯାଇ ସେଠାରେ ଜଣେ ପ୍ରଭାବଶାଳୀ ଲୋକର ଜମି ସାମ୍ନାକୁ ଛାଡି ଦିଆଯାଇଛି। ଆକ୍ରୋଶମୂଳକ ଭାବେ ଛକଠାରୁ ଦୂରରେ ଆଉ ଏକ ଜମି ମାଲିକ ସାମନା ସରକାରୀ ଜମିରେ ଆଶ୍ରୟସ୍ଥଳୀ ନିର୍ମାଣକୁ ସ୍ଥାନୀୟ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ପ୍ରଶାସନ ନିକଟରୁ ନିରାଶ ହେବା ପରେ ନ୍ୟାୟପାଇଁ ଜିଲ୍ଲାପାଳଙ୍କ ଠାରେ ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି। ଯଦି ପ୍ରଶାସନ ଏମିତି ନିନ୍ଦନୀୟ କାର୍ଯ୍ୟକୁ ଦୃଷ୍ଟି ନଦିଅନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଉହ୍ଲାଇବା ସହିତ କୋର୍ଟରେ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ସୁଦର୍ଶନପୁର ପଞ୍ଚାୟତ ଗେଟ ନିର୍ମାଣ ନିମ୍ନମାନର ଅଭିଯୋଗ



**ବାସୁଦେବପୁର, ୪।୨(ସମିସ):** ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ପଞ୍ଚାୟତର କଳଘର ଛକ ନିକଟରେ ନିର୍ମାଣାଧୀନ ପଞ୍ଚାୟତ ଓ ସ୍ଥାନୀୟ ଗାଁ ଠାକୁରାଣୀ ଗେଟ୍ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ନିର୍ମାଣସ୍ଥଳରେ ଅଟଚଳର କୌଣସି ସୂଚନା ନ ରହିବା ସହିତ କୌଣସି ଅଧିକାରୀ ଅବା ଯନ୍ତ୍ରୀ ତଦାରଖ ନ କରିବା ଘଟଣାକୁ ସନ୍ଦେହ ଘେରକୁ ଟାଣି ନେଇଛି। ଏହାକୁ କେନ୍ଦ୍ରକରି ଗାଁରେ ଉତ୍ତେଜନା ବଢ଼ିବା ପରେ କେତେକ ସଚେତନ ଯୁବକ କାମକୁ ବିରୋଧ କରିଥିବା ସୂଚନା ରହିଛି। ଏହି ଗେଟ୍‌ର ଆରମ୍ଭରୁ ନିର୍ମାଣ ସାମଗ୍ରୀର ଭାଗମାପ କମ ରହିଥିବା ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଘଟଣାକୁ ନେଇ ସ୍ଥାନୀୟ ସରପଞ୍ଚ ଚନ୍ଦ୍ରକାନ୍ତ ମଲିକ ନିର୍ମାଣ ଠିକ୍‌ଠାକ୍ ଚାଲିଥିବା କହିବା ସହିତ ସୂଚନା ଫଳକ ଲଗା ଯାଇନାହିଁ, ତାହା ପରେ ଲଗାଯିବ ବୋଲି କହିଥିବା ବେଳେ ଯନ୍ତ୍ରୀ ପ୍ରଶାନ୍ତ ସ ସମାନ ଢଙ୍ଗରେ ଉତ୍ତର ରଖିଛନ୍ତି।

# ବାଞ୍ଛାନିଧିପୁର- ଶୈଳେନ୍ଦ୍ରପଲ୍ଲୀ ରାସ୍ତା ପାଇଁ ଶିଳାନ୍ୟାସ

**ଚାନ୍ଦବାଲି, ୪।୨(ସମିସ):** ସବୁ ସମସ୍ୟାର ଅନ୍ତଘଟାଇ ଦୀର୍ଘବର୍ଷର ବ୍ୟବଧାନ ପରେ ଏବେ ପୂରଣ ହେବାକୁ ଯାଉଛି ହରେକୃଷ୍ଣପୁର ଗ୍ରାମବାସୀଙ୍କ ସ୍ୱପ୍ନ। ଦୀର୍ଘ ଦଶନ୍ଧି ଧରି ବାଞ୍ଛାନିଧିପୁର ଠାରୁ ଶୈଳେନ୍ଦ୍ରପଲ୍ଲୀ ଭାୟା ହରେକୃଷ୍ଣପୁର ରାସ୍ତା ନିର୍ମାଣ ଦାବି ହୋଇ ଆସୁଥିଲା ମଧ୍ୟ ଏଯାଏଁ ରାସ୍ତା ନିର୍ମାଣ ହୋଇପାରୁନଥିଲା। ତେବେ ଦୀର୍ଘବର୍ଷର ବ୍ୟବଧାନରେ ଆଜି ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ଓ ଚାନ୍ଦବାଲି ବିଧାୟକଙ୍କ ପ୍ରଚେଷ୍ଟା ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୪କିଲୋମିଟର ରାସ୍ତା ନିର୍ମାଣ ପାଇଁ ୪କୋଟି ୫୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଆଜି ବିଧାୟକ ଡ.ବ୍ୟୋମକେଶ ରାୟ ଉକ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ଶୁଭାରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମୀନତି ସୂତାର, ଜିଲ୍ଲା ପରିଷଦ ସଭ୍ୟା ଗୀତାଞ୍ଜଳି ଦାଶ, ସ୍ଥାନୀୟ ସରପଞ୍ଚ ନିରୁପମା ମାଝୀଙ୍କ ସହ ନରେଶ ମାଝୀ, ପ୍ରଶାନ୍ତ ମାଝୀ, ପ୍ରାକ୍ତନ ସରପଞ୍ଚ ଦିବାକର ମାଇତି, ନନିଗୋପାଳ ଖଣ୍ଡା ଓ ବିଶ୍ୱଜିତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।



# କାହ୍ନୁଚରଣଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ଭଦ୍ରକ, ୪।୨(ସମିସ):** ପୂର୍ବତନ ବିଧାୟକ ବୀରେନ ପଲାଇ ଓ ନରେନ ପଲାଇ ତଥା ଓସିଏର ପୂର୍ବତନ ଅଧ୍ୟକ୍ଷ ଧୀରେନ ପିଲାଇଙ୍କ ପିତା କାହ୍ନୁଚରଣ ପଲାଇଙ୍କ ବିୟୋଗଜନିତ ଶ୍ରଦ୍ଧାଞ୍ଜଳି ସଭା ଚରମ୍ପାସ୍ଥ ସ୍କୁଲରୋଡ଼ ପୂଜା ମଣ୍ଡପଠାରେ ପୂଜା କମିଟିର ସ୍ଥାୟୀ ସଭାପତି କାଉନସିଲର ଦିଲିପ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। କମିଟିର ସଦସ୍ୟ ତଥା କର୍ମକର୍ତ୍ତା ସ୍ୱର୍ଗତ ପଲାଇଙ୍କ ଆଦର୍ଶ ଜୀବନଚର୍ଯ୍ୟା, କମିଟି ପ୍ରତି ଅକୁଣ୍ଠ ଦାନ, ପ୍ରେରଣା ଓ ମୂଲ୍ୟବାନ ଉପଦେଶ ଚିରସ୍ମରଣୀୟ। ଏଭଳି ଜଣେ ବ୍ୟକ୍ତିଙ୍କୁ ହରାଇବା ଚରମ୍ପା ତଥା ଆଖପାଖ ଅଞ୍ଚଳବାସୀଙ୍କୁ ଗଭୀର ଦୁଃଖଦ ଘଟଣା ବୋଲି ସଭାରେ ମତପ୍ରକାଶ ପାଇଥିଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସଭାରେ ଉପସ୍ଥିତମାନେ ୨ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ। ଏହି ଶୋକସଭାରେ ସୀତାକାନ୍ତ ଦାସ, ସଞ୍ଜୟ ତ୍ରିପାଠୀ, ଅଶୋକ ଦତ୍ତ, ଶିଶିର ମିଶ୍ର, କମଳାକାନ୍ତ ପଟ୍ଟନାୟକ, ବାବୁଲାଲ ଦାସ, କଲ୍ଲୋଳ ଲେଙ୍କା, ମଦନ ମହାନ୍ତି, ବିଶ୍ୱଜିତ୍ ମହାପାତ୍ର, ରତିକାନ୍ତ ପରିଡ଼ା, ବରଦା ପଣ୍ଡା, ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ, ପଦ୍ମନାଭ ମହାଳିକ, କ୍ଷିତିଶ ରାଉତ, ସନ୍ତୋଷ ଧଳ, ବିକ୍ରମ ପାଢ଼ୀ, ନରେନ୍ଦ୍ର ବାରିକ ପ୍ରମୁଖ ସ୍ମୃତିଚାରଣ କରି ସ୍ୱର୍ଗତ ପଲାଇଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ।

# ମା' ପଦ୍ମାଳୟା ଭାଗବତ ପୀଠରେ ଆଧ୍ୟାତ୍ମିକ ସାହିତ୍ୟ ସଭା

**ଭଦ୍ରକ, ୪।୨(ସମିସ)):** ପଦ୍ମାଳୟା ଭାଗବତ ପୀଠ, ସରମଙ୍ଗାରେ ସଭାପତି ଗଙ୍ଗାଧର ରାଉଳଙ୍କ ପୌରୋହିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ପଣ୍ଡିତ ରତ୍ନାକର ମିଶ୍ର ଉଦ୍‌ଘାଟନ କରିଥିଲେ। ପୂଜକ ଭଗବାନ ମହାପାତ୍ର ଶ୍ରୀମଦ୍ ଭାଗବତ ପାଠ କରିଥିଲେ। ପଠିତ ଅଧ୍ୟାୟ ସମ୍ବନ୍ଧରେ ବରିଷ୍ଠ ସଭ୍ୟ ଦୁଃଶାସନ ଗାହାଣ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସଭ୍ୟଙ୍କ ମଧ୍ୟରେ ଆଧ୍ୟାତ୍ମିକ କବିତା ପାଠ କରାଯାଇଥିଲା। ସମସ୍ତେ କବିତା ସମ୍ପର୍କରେ ଆଲୋଚନା କରିଥିଲେ। ସଭ୍ୟ ଲକ୍ଷ୍ମୀଧର ସେଠୀ ଓ ଗୌରାଙ୍ଗ ତ୍ରିପାଠୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଉତ୍ସବଟିକୁ ଉପସଭାପତି ମୋହିନୀମୋହନ ମହାପାତ୍ର ଓ ବରିଷ୍ଠ ସଭ୍ୟ ଗୌରାଙ୍ଗ ଚନ୍ଦ୍ର ବାରିକ ପରିଚାଳନା କରିଥିଲେ। ବାଇଧର ପେଡ଼ା, ପୂର୍ଣ୍ଣଚନ୍ଦ୍ର ବେହେରା ଓ ବୃନ୍ଦାବନ ମହାକୁଡ ସହଯୋଗ କରିଥିଲେ। ଉପଦେଷ୍ଟା ଶ୍ରୀକୃଷ୍ଣଚନ୍ଦ୍ର ରାଉଳ, ସୁଧିର ମହାପାତ୍ର ଓ ଗଣେଶ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ନିଜସ୍ୱ ମତାମତ ଉପସ୍ଥାପନ କରିଥିଲେ। ସର୍ବଶେଷରେ ବରିଷ୍ଠ ସଭ୍ୟ ଅମୀୟ କୁମାର ମହାପାତ୍ର ଉପସ୍ଥିତ ସଭ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ସଭାସାଙ୍ଗ ହୋଇଥିଲା।

# ବ୍ଲକସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ




ଭଦ୍ରକ, ୪।୨(ସମିସ):ସ୍ଥାନୀୟ ବାଗୁରାଇ ସ୍ଥିତ ବିନ୍ଦୁମାଧବ ସରକାରୀ ହାଇସ୍କୁଲ ଠାରେ ଭଦ୍ରକ ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକଙ୍କ ସଭାପତିତ୍ୱ କରିଥିଲେ। ବିଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ଗୋଷ୍ଠୀ ଅନୁଶିକ୍ଷାଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଗୟାଧର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ପ୍ରହ୍ଲାଦ ବାରିକ ଯୋଗଦେଇ ଭାଷା ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୨୩ଟି କ୍ଲଷ୍ଟରର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ଜିଲ୍ଲାସ୍ତରୀୟ ବିଶ୍ୱ ଓଡିଆ ଭାଷା ସମ୍ମିଳନୀକୁ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୃତ୍ୟୁଞ୍ଜୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବୀରେନ୍ଦ୍ର ପ୍ରସାଦ ମାଝୀ ଧନ୍ୟବାଦ ଦେଇଥିଲେ। ସିଆର୍‌ସିସି ସମୀର କୁମାର ଜେନା, ରାଜେଶ ଦାସ, ପୀତାମ୍ବର ମିଶ୍ର, ସେଖ ମୁସ୍ତାକ ଜହିରୁଦ୍ଦିନ, ସନ୍ତୋଷ ସେଠୀ, ବିଜୟ ମଲ୍ଲିକ, ଅଭୟ ଲେଙ୍କା, ନୀଳାମ୍ବର ପାଣିଗ୍ରାହୀ, ଚିତ୍ତରଞ୍ଜନ ସାହୁ, ହରିନାରାୟଣ ନାୟକ, ରମାକାନ୍ତ କର, ରଚନା ପାଲ, ଶ୍ରଦ୍ଧାଞ୍ଜଳି କର, ଶୁଭଦ୍ରା ସ୍ୱାଇଁ ସହାୟତା ପ୍ରଦାନ କରିଥିଲେ।

## ବଜେଟରେ ନାହିଁ ଯାଜପୁରରୋଡ୍- ଧାମରା ରେଳପଥ ପାଇଁ ବ୍ୟୟ ବରାଦ

# ସଂଗ୍ରାମ ସମିତି ପକ୍ଷରୁ ରେଳରୋକ ଓ ପ୍ରତିବାଦ ସଭା

ଭଦ୍ରକ, ୪।୨(ସମିସ)

ଚଳିତ ଆର୍ଥିକ ବର୍ଷ ବଜେଟରେ ଯାଜପୁରରୋଡ ଧାମରା ରେଳପଥ ନିର୍ମାଣ ଲାଗି ବ୍ୟୟ ବରାଦ ନଥିବାର ପ୍ରତିବାଦ କରି ଯାଜପୁରରୋଡ ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଭଦ୍ରକ ରେଳ ଷ୍ଟେସନରେ ରେଳରୋକ୍ କରାଯିବା ସହ ଷ୍ଟେସନ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ଦିବ୍ୟସିଂ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ରାଧା ଦାସ, ପ୍ରଫୁଲ୍ଲ ପାଢ଼ୀ, ନିରଞ୍ଜନ ପାଣି, ବିଷ୍ଣୁ ଦାଶ, ବିନୋଦ ସାହୁ, ନବ ବେହେରା, କାଳନ୍ଦୀ ପାତ୍ର, ଜଇନୁଲ ଆବେଦିନ, ଗୟାଧର ସାହୁ, ଚକ୍ରଧର ପାତ୍ର, ସେକ କାଲୁ, ସେକ ଜନି, ମାନସରଞ୍ଜନ ବିଶ୍ୱାଳ, କୃଷକନେତା ଚନ୍ଦ୍ରଶେଖର ନାୟକ, ଦିଲିପ ନାୟକ ପ୍ରମୁଖ କେନ୍ଦ୍ର ସରକାର ସରକାରଙ୍କ ଉପରେ ବର୍ଷିଥିଲେ। ରେଳ ବିଭାଗ ଯାଜପୁରରୋଡ ଧାମରା ରେଳପଥ ନିର୍ମାଣ କାର୍ଯ୍ୟ ପାଇଁ ସର୍ଭେ ସରିଥିଲେ ମଧ୍ୟ ଚଳିତ ରେଳବଜେଟରେ ବ୍ୟୟ ବରାଦ କରିନଥିବାରୁ ଏହାର କଡ଼ା ସମାଲୋଚନା କରାଯାଇଥିଲା।



ଓଡ଼ିଶାରେ ଥିବା ପାରାଦ୍ୱୀପ, ଗୋପାଳପୁର ଓ ଧାମରା ବନ୍ଦରକୁ ରେଳବାଇ କେଉଁ ବନ୍ଦର ସହିତ ସଂଯୋଗୀକରଣ ପାଇଁ କେତେ ଖର୍ଚ୍ଚ କଲା ବୋଲି ପ୍ରଶ୍ନ ଉଠିଥିଲା। ରେଳବଜେଟରେ ଖୋର୍ଦ୍ଧାରୋଡ-ବଲାଙ୍ଗୀର, ତାଳଚେର-ବିମଳାଗଡ଼ ନୂଆ ରେଳପଥ ପାଇଁ ୧୩୫୦କୋଟି ଓ ୫ଶହ କୋଟି ଟଙ୍କାର ବ୍ୟୟ ବରାଦ ଯେତିକି ସ୍ୱାଗତଯୋଗ୍ୟ, ଅନ୍ୟ ୫ଟି ନୂଆ ରେଳପଥ (ବୁଢାମରା-ଚାକୁଳିଆ, କିରିବୁର-ବଡବିଲ୍, ଦିଘା-ଜଳେଶ୍ୱର, ଗୋପାଳପୁର-ସମ୍ବଲପୁର ଭାୟା ଫୁଲବାଣୀ ପାଇଁ ମାମୁଲି ଭାବେ ମାତ୍ର ହଜାରେ କୋଟି ଟଙ୍କା ବ୍ୟୟ ବରାଦ ସେତିକି ହାସ୍ୟାସ୍ପଦ ବୋଲି ସଂଗ୍ରାମ ସମିତିର ପ୍ରମୁଖ ମାନେ ଅଭିଯୋଗ କରିଥିଲେ। ସଭା ପରେ ଆନ୍ଦୋଳନକାରୀମାନେ ଷ୍ଟେସନ୍ ମଧ୍ୟକୁ ପ୍ରବେଶ କରି ଏକ ମାଲବାହୀ ଟ୍ରେନ୍ ସମ୍ମୁଖରେ ପିକେଟିଂ କରିବା ସମୟରେ ରେଳବାଇ ପୁଲିସ ଆନ୍ଦୋଳନକାରୀମାନଙ୍କୁ ଆରପିଏଫ୍ ଅଫିସରେ ଅଟକ ରଖିଥିଲେ। ମଧ୍ୟାହ୍ନ ୧ଟାରେ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିବା ଜଣାଯାଇଛି।

## ପ୍ରଶାସନର ନାହିଁ କାର୍ଯ୍ୟାନୁଷ୍ଠାନ

# କବାଡ଼ିଖାନା ଯୋଗୁଁ ଚାଲିଛି ଚୋରା ସାମଗ୍ରୀ କାରବାର

କୋରେଇ, ୪।୨ (ସମିସ)



ସେ କାଳ ପଖାଳ ଆଉ ନାହିଁ। ସମୟ ବଦଳିବା ସହିତ ପରିବେଶ ମଧ୍ୟ ବଦଳିବାରେ ଲାଗିଛି। ସୁସ୍ଥ ବାତାବରଣ ମିଳିବା ବହୁତ କଷ୍ଟ ହୋଇପଡ଼ିଲାଣି। ଦେଶ ଓ ରାଜ୍ୟର ବିକାଶ ନିମନ୍ତେ ଦିନକୁ ଦିନ କଳ କାରଖାନା ବୃଦ୍ଧି ଘଟିବା ସହିତ ଏଥିରୁ ନିର୍ଗତ ବିଷାକ୍ତ ଧୂଳି, ଧୂଆଁ ଓ ବର୍ଜ୍ୟବସ୍ତୁ ଯୋଗୁଁ ପରିବେଶ ଦୂଷିତ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାରେ ଦିନକୁ ଦିନ ଯେତିକି କଳ କାରାଖାନା ବୃଦ୍ଧି ଘଟୁଛି, ସେତିକି କବାଡିଖାନାର ବୃଦ୍ଧି ଘଟୁଛି। ଏଥିରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଳି, ଧୂଆଁ ଓ ବର୍ଜ୍ୟବସ୍ତୁ ପରିବେଶରେ ମିଶିବା ଯୋଗୁଁ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଛି। ଅସନ୍ତୁଳିତ ପରିବେଶ ସୃଷ୍ଟି ହେଉଛି। ଯାହାକି ପରିତାପର ବିଷୟ ହେଉଥିବାବେଳେ କୋରେଇ ଅଞ୍ଚଳ ମଧ୍ୟ ଏଥିରୁ ବାଦ୍ ପଡ଼ିନି। ଏହି ଅଞ୍ଚଳରେ ଦିନକୁ ଦିନ ଚୋରା ସାମଗ୍ରୀର ପେଣ୍ଠସ୍ଥଳୀ କବାଡିଖାନା ବୃଦ୍ଧି ଘଟୁଛି। ଏହା ହେବା ଫଳରେ ପରିବେଶ ପ୍ରଦୂଷଣ ହେବା ସହିତ ସରକାରୀ ଜମିକୁ କିଛି କବାଡିବାଲା ନିଜ ଅଧୀନକୁ ନେଉଥିବା ଅଭିଯୋଗ ହେଉଛି।

ଏହା ଏକ ଲାଭଜନକ ବ୍ୟବସାୟ ହୋଇଥିବାରୁ କୋରେଇର ବିଭିନ୍ନ ସ୍ଥାନରେ ବେଧଡକ ଚାଲୁଛି ଏହି କବାଡି ବେପାର। କବାଡିଖାନା ଚଳାଇବାକୁ ସରକାରଙ୍କଠାରୁ ଅନୁମତି ଆଣିବାର ନିୟମ ଅଛି। କିନ୍ତୁ କେତେକ ପ୍ରଭାବଶାଳୀ ବ୍ୟକ୍ତି କୌଣସି ଅନୁମତି ନ ଆଣି ଛତୁ ଫୁଟିଲା ପରି ବେଆଇନି ଭାବେ କବାଡିଖାନା କରି ବିଭିନ୍ନ ଏଜେଣ୍ଟଙ୍କ ମାଧ୍ୟମରେ ଚୋରା ସାମାଗ୍ରୀ କିଣି ରାଜ୍ୟ ବାହାରର ବିଭିନ୍ନ କାରାଖାନା, ଫ୍ୟାକ୍ଟ୍ରିକୁ ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। ପୁରୁଣା, ଅଦରକାରୀ ଓ ଅବ୍ୟବହାର ହୋଇପଡ଼ିଥିବା ଜିନିଷ ସଂଗ୍ରହ କରି ଗୋଟିଏ ସ୍ଥାନରେ ଠୁଳ କରି ଏହାକୁ କବାଡି ବାଲା ବିକ୍ରି କରିଥା'ନ୍ତି। ତେଣୁ ଏହି କବାଡିବାଲା ନିଜସ୍ୱ ଜାଗାରେ ଏହାକୁ ରଖିବା ସହିତ ରାସ୍ତା କଡ଼, ଗୋଚର, ଅନାବାଦୀ ଓ ସରକାରୀ ଜମିକୁ ମାଡ଼ି ବସି ଏହାକୁ ରଖୁଛନ୍ତି। କୋରେଇ, ବୈତରଣୀ, ରଣପୁର, ପାଣିକୋଇଲି, ଷଠିପୁର, ପାଟୁଳି, କଇଁଆ, କାଚାରାସାହି, ପୂର୍ବକୋଟ, କଡମା, ରଗଡ଼ି, ଧନେଶ୍ୱର, ଶଙ୍ଖଚିଲା, କନ୍ତୋର ଆଦି ବିଭିନ୍ନ ସ୍ଥାନରେ ଏହା ପରିଲକ୍ଷିତ ହେଉଛି।

### ପରିବେଶ ଉପରେ କୁପ୍ରଭାବ, ଜବରଦଖଲରେ ସରକାରୀ ଜମି

କେତେକ ସ୍ଥାନରେ ରାସ୍ତା ପାର୍ଶ୍ୱରେ ଏହା ଚାଲୁଥିବାରୁ ଯାତାୟାତରେ ଘୋର ଅସୁବିଧା ହେଉଛି। ଏହି ଅଦରକାରୀ ଜିନିଷପତ୍ର ବହୁତ ଦିନ ଧରି ପଡ଼ିରହିବାରୁ ପରିବେଶ ପ୍ରତି ଏହାର କୁପ୍ରଭାବ ପଡୁଥିବାର ବୁଦ୍ଧିଜୀବୀ ମତ ପ୍ରକାଶ କରନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅନେକ କବାଡିଖାନାରେ ଚୋରା କାରବାର ଚାଲୁଥିବା ଖବର ମିଳୁଛି। ଅସାମାଜିକ ଲୋକ ସାଇକଲ, ଜାତୀୟ ରାଜପଥ କଡରେ ଲାଗିଥିବା ଜିଆଇ ପ୍ଲେଟ ଓ ସୂଚନା ଫଳକ, ଲାଇଟ ପୋଷ୍ଟ, ବିଦ୍ୟୁତ ସରଞ୍ଜାମ ଓ ତାର ଆଦି ଚୋରି କରି ଏଠାରେ ବିକ୍ରି କରୁଥିବା ଖବର ମିଳୁଛି। କେତେକ ଏଜେଟ ଫାଇନାନ୍ସ ଥିବା ଦୁଇ, ଚାରି, ଛଅ ଚକିଆ ଗାଡିକୁ ଆଣି ଏଠାରେ କାଟି ବିକ୍ରି କରୁଥିବା ଅଭିଯୋଗ ହେଉଛି। ନିକଟସ୍ଥ କଳିଙ୍ଗନଗର ଶିଳ୍ପାଞ୍ଚଳରୁ ତମ୍ବା, ଲୁହା ସହିତ ବହୁ ମୂଲ୍ୟବାନ ଜିନିଷ ଚୋରାରେ ଏଠାରେ ବିକ୍ରି ହେଉଛି। ଅଧିକାଂଶ କବାଡିବାଲା ନିଜ ରଦି ଜିନିଷ ସହିତ ଚୋରାରେ କିଣୁଥିବା ପୁରାତନ ମୂଲ୍ୟବାନ ସାମଗ୍ରୀକୁ ରାଜ୍ୟ ବାହାରକୁ ଚାଲାଣ କରୁଥିବା ଅଭିଯୋଗ ହେଉଛି। ଏଣୁ ଏସବୁ କବାଡିଖାନା ଚୋରା ପେଣ୍ଠସ୍ଥଳୀ ପାଲଟି ଥିବାବେଳେ ଏହା ପ୍ରଭାବରେ ପରିବେଶ ପ୍ରଦୂଷଣକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଉଛି। ପ୍ରଦୂଷଣ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପ୍ରଶାସନ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସୁକିନ୍ଦା ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ସୁକିନ୍ଦା, ୪।୨(ସମିସ):** ଶନିବାର ସୁକିନ୍ଦା ଅଞ୍ଚଳର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଦ୍ୱାରା ହୋଇଯାଇଛି। ସୁକିନ୍ଦା ଜଗନ୍ନାଥ ମନ୍ଦିର ପରିସରରେ ହେବାକୁ ଥିବା ରୋଷଘର, ମୁସଲମାନ ସାହି କମ୍ୟୁନିଟି ସେଣ୍ଟର, ପିମ୍ପୁଡ଼ିଆଠାରୁ ଡୁବୁରୀ ପର୍ଯ୍ୟନ୍ତ ୧୩ କିମି ରାସ୍ତାର ଶିଳାନ୍ୟାସ କରିଥିବାବେଳେ ପିମ୍ପୁଡ଼ିଆ ପଞ୍ଚାୟତରେ ନବନିର୍ମିତ ଗ୍ରୀନପାର୍କ ଲୋକାର୍ପଣ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଦ୍ୱାରା ହୋଇଯାଇଛି। ଏ ସମସ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଙ୍କ ସହ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ପଟ୍ଟନାୟକ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧିର, ସରପଞ୍ଚ ସ୍ୱାଧୀନ ଦାସ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଲମ୍ବୋଦର ମୁଣ୍ଡା, ବ୍ଲକ ସଭାପତି ବିବେକାନନ୍ଦ ବୋଷ, ଯୁବ ସମ୍ପାଦକ ଦେବୀପ୍ରସାଦ ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି ସୁଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଅଧ୍ୟାପକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



**ପାଣିକୋଇଲି, ୪।୨(ସମିସ):** ମା' ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପକ କୈଳାସ ଚନ୍ଦ୍ର ମହାପାତ୍ର ଅବସର ନେଇଛନ୍ତି। ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେବା ଉଦ୍ଦେଶ୍ୟରେ +୩ ଅଧ୍ୟକ୍ଷ ଡଃ ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଉକ୍ତ ବିଦ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ଅଶୋକ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦଳାଇ ଓ ଅଧ୍ୟାପକ ସମରେନ୍ଦ୍ର ଦାସ ଯୋଗ ଦେଇଥିଲେ। ଅଧ୍ୟାପକ ଶ୍ରୀ ମହାପାତ୍ର ୧୯୯୩ରେ କଲେଜରେ ଯୋଗଦାନ କରି ୬୬୨ ବର୍ଗ ଶିକ୍ଷକ ସଂଘର ରାଜ୍ୟସ୍ତରୀୟ ନେତୃତ୍ୱ ନେଇଥିଲେ, ତାହା ଅତିଥିମାନେ ପ୍ରକାଶ କରିଥିଲେ। ଏଥିସହିତ କଲେଜ ପ୍ରତି ତାଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ସଭାରେ ଅଧ୍ୟାପକ ସୋମନାଥ ପତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ମଦନମୋହନ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ବିଦ୍ୟାଧର ବେହେରା, ବଳରାମ ପଣ୍ଡା, ତୁଷାର ପୁହାଣ, ସୁଶାନ୍ତ ପଣ୍ଡା, ଗୋପବନ୍ଧୁ ସାହୁ, ଅଜିତ ଜେନା, ଶୁଭକାନ୍ତ ପାତ୍ର, ସତ୍ୟବ୍ରତ ଦାସଙ୍କ ସମତେ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପକ ଗୌରହରି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବରିକୂଳ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ମଇନ୍ଦା, ୪।୨(ସମିସ):** ବିଂଝାରପୁର ବ୍ଲକ ଉତଙ୍ଗରା ପଞ୍ଚାୟତ ଅନ୍ତର୍ଗତ ବରିକୂଳ ମଧ୍ୟଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବିନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଂଝାରପୁର ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଉତଙ୍ଗରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ସାମଲ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଶିକ୍ଷକ ସଂଘ ସଭାପତି କ୍ଷୀରୋଦ ମଲିକ, ପ୍ରଧାନ ଶିକ୍ଷକ ସୁବଳ ପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସେକ ନିଜାମୁଦ୍ଦିନ, ସମାଜସେବୀ ଦର୍ପନାରାୟଣ ଦାସ, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ରାଉତରାୟ, ସମିତି ସଭ୍ୟ ମନୋଜ କୁମାର ଯେନା, ଅକ୍ଷୟ କୁମାର ସାମଲ, ଆଶାଦୁଲା ଖାଁ, ପର୍ଶୁରାମ ସାମଲ, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରମେଶ କୁମାର ଧଳ ଯୋଗ ଦେଇଥିଲେ। ଶିକ୍ଷା ସହିତ ଶାରିରୀକ ଶିକ୍ଷା, ଯୋଗ ଓ ଏକାଗ୍ରତା ଦ୍ୱାରା ମେଧା ଶକ୍ତି ବୃଦ୍ଧି ପାଇବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏ ଅବସରରେ ଶିଶୁଙ୍କୁ ଖେଳରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ସହିତ ସିଲ ପ୍ରଦାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହଶିକ୍ଷକ ଜିମୁତ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶୋଭାରାଣୀ ଦାଶ, ହୃଦାନନ୍ଦ ନାୟକ, ସତ୍ୟବ୍ରତ ବାରିକ, ସସ୍ମିତା ମଲିକ, କୈଳାସ ଚନ୍ଦ୍ର ପ୍ରଧାନ, ସ୍ୱପ୍ନାରାଣୀ ଦାସ, ପ୍ରମୋଦ କୁମାର ତ୍ରିପାଠୀ, ଚିତ୍ତରଞ୍ଜନ ଯେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କେତନ ଦାସ ସହଯୋଗ କରିଥିଲେ।

## ଦଧିବାମନଜୀଉ ସଂସ୍କୃତ କଲେଜରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା

ଧର୍ମଶାଳା, ୪।୨(ସମିସ)



ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତ୍ତର ପ୍ରତାପ ପଞ୍ଚାୟତ ଅଧୀନ ନରସିଂହପୁରସ୍ଥ ଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟରେ ନୂଆ-ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉତ୍ସବକୁ ଅଧ୍ୟକ୍ଷ ଡକ୍ଟର କୃଷ୍ଣଚନ୍ଦ୍ର ପାତ୍ର ଓ ନିମନ୍ତ୍ରିତ ଅତିଥି ଉଦ୍‌ଘାଟନ କରିଥିଲେ।

ମୁଖ୍ୟଅତିଥି ଭାବେ ପଣ୍ଡିତ କାମଦେବ ଶତପଥୀ ଯୋଗଦେଇ ଜଗନ୍ନାଥ ଚେତନା ସମଗ୍ର ବିଶ୍ୱରେ ଶାନ୍ତି ମୈତ୍ରୀ ସ୍ଥାପନ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ଧର୍ମଶାଳା ସାହିତ୍ୟ ସମାଜ ସମ୍ପାଦକ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ମହାନତା ଓ ଜଗନ୍ନାଥ ସଂସ୍କୃତି ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ସୁଜାତା ଦାସ ଓଡ଼ିଆ ଭାଷା ସାହିତ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅଧ୍ୟାପକ ଗିରିଧାରୀ ପଣ୍ଡା ଜଗନ୍ନାଥ ଶ୍ଳୋକ ପାଠ କରିଥିଲେ। ଅଧ୍ୟାପିକା ପ୍ରମିଳା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରମାଣପତ୍ର ବଣ୍ଟନ କରିଥିଲେ। ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସୁରେଶ ଲେଙ୍କା, ଗୌରୀଶଙ୍କର ମିଶ୍ର, ଅଧ୍ୟାପିକା ମନ୍ଦାକିନୀ ରାଉତ, ଅଣଶିକ୍ଷକ କର୍ମଚାରୀ ପ୍ରଶାନ୍ତ କୁମାର ପଣ୍ଡା, ହେମନ୍ତ କୁମାର ଦାସ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନରସିଂହପୁର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ହରିପୁର, ୪।୨(ସମିସ):** ରସୁଲପୁର ବ୍ଲକ ନରସିଂହପୁର ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ଦୈନିକ 'ସକାଳ' ଖବରକାଗଜ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ ପାଳିତ



**ପାଣିକୋଇଲି, ୪।୨(ସମିସ):** ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜୟନ୍ତୀ ପାଣିକୋଇଲିସ୍ଥ ସତସଙ୍ଗଠାରେ ପାଳିତ ହୋଇଯାଇଛି। ବେଦ ମାଙ୍ଗଳିକ ପାଠ, ଉଷା କିର୍ତ୍ତନ, ଉଷା ବିନତୀ, ଜନ୍ମଲଗ୍ନ ଘୋଷଣା ପରେ ଭକ୍ତମାନେ ଶୋଭାଯାତ୍ରା ସହିତ ଭଜନ କୀର୍ତ୍ତନ କରି ପାଣିକୋଇଲି ବଜାର ପରିକ୍ରମା କରିଥିଲେ। ପରେ ସତସଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଠାକୁର ଅନୁକୂଳଚନ୍ଦ୍ରଙ୍କ ଭକ୍ତ ଦୀନବନ୍ଧୁ ସାହୁଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡଃ ବୈରାଗୀ ଚରଣ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ବିଷ୍ଣୁଚରଣ ସାମଲ, ମୁଖ୍ୟବକ୍ତା ଭାବେ କୃଷ୍ଣପ୍ରସାଦ କର ଯୋଗ ଦେଇଥିଲେ।

## ମୁକୁନ୍ଦ ପାତ୍ର କଲେଜରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ



**କବାଟବନ୍ଧ, ୪।୨ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁରସ୍ଥ ମୁକୁନ୍ଦପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଶ୍ୱ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଚାଲୁଥିବା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଉଚ୍ଚବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍କଳମଣି ଦାସ ଯୋଗଦେଇ ଓଡ଼ିଆ ଭାଷାର ଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଅକ୍ଷୟ କୁମାର ମହାନ୍ତି ଯୋଗ ଦେଇ ମାଆ, ମାତୃଭୂମି ଓ ମାତୃଭାଷା ସମସ୍ତଙ୍କ ପାଇଁ ଅତୀବ ନିଜର ଓ ହୃଦୟର ସ୍ପନ୍ଦନ ବୋଲି କହିଥିଲେ। ଓଡ଼ିଆ ଭାଷା ଭାରତ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଆମେରିକାର ହ୍ୱାଇଟ ହାଉସରେ ସନ୍ଥ କବି ଭୀମ ଭୋଇଙ୍କ କବିତା ସ୍ଥାନ ପାଇଛି। ସମ୍ମାନିତ ଅତିଥି ଭାବେ କବି ତଥା ଯୁବ ସାମ୍ବାଦିକା ରଶ୍ମିତା ବେହେରା ଯୋଗ ଦେଇ ଓଡ଼ିଆ ସାହିତ୍ୟରେ ଜଗନ୍ନାଥଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଗୀତିକାର ବିଭୂତି ସ୍ୱାଇଁ ଯୋଗଦେଇ ଆମ ଜନଜୀବନରେ ଜଗନ୍ନାଥ ସଂସ୍କୃତି ଭରି ରହିଛି ବୋଲି କହିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ମୁନା ମହାନ୍ତି କଳାକାର ଅତିଥି ଭାବେ ଯୋଗଦେଇ ତାଙ୍କ ସଙ୍ଗୀତରେ ଆପାୟିତ କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଡଃ ସ୍ୱର୍ଣ୍ଣପ୍ରଭା ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅରୁଣ କୁମାର ନାୟକ, ବିଭୂତି ମିଶ୍ର, ପ୍ରଦୀପ୍ତ ମିଶ୍ର, ମନୋଜ କୁମାର ଧୀର, ଅଭିମନ୍ୟୁ ସାହୁ, ନିରାକାର ରଥ, ସୁବ୍ରତ ସାହୁ, ସୁଶାନ୍ତ କୁମାର ପାତ୍ର, ଅଧ୍ୟାପିକା ମିନତୀ ବିଶ୍ୱାଳ, ଶୁଭଲକ୍ଷ୍ମୀ ଭାରତୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା କାର୍ଯ୍ୟକ୍ରମ

**ବରୀ, ୪।୨ (ସମିସ):** ପରିବେଶ ଅଧ୍ୟୟନ କେନ୍ଦ୍ର (ସିଇଏସ) ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ଆନୁକୂଲ୍ୟରେ ପ୍ଲାଷ୍ଟିକର ବ୍ୟବହାରକୁ ନିଷେଧ ଓ ହ୍ରାସ କରିବା ସହିତ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାରକୁ ବର୍ଜନ ସହିତ ଏହାର ବିକଳ୍ପ ପୁନଃ ଚକ୍ରଣ ଇତ୍ୟାଦି ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହା ଉପରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶହେରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ ଅତି ଉଚ୍ଚମାନର ପ୍ରବନ୍ଧ ଲେଖିବା ସହିତ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ଉପରେ ସୁନ୍ଦର ସୁନ୍ଦର ଚିତ୍ରମାନ ଅଙ୍କନ କରିଥିଲେ। ପ୍ରତିଯୋଗିତା ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ଜେନାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା।

ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସିଇଏସର ଯୋଜନା ସହାୟକ ଭରତ ଚନ୍ଦ୍ର ଜେନା, ପ୍ରୋଗ୍ରାମ ଏକଜିକ୍ୟୁଟିଭ ସୁଶାନ୍ତ କୁମାର ନାୟକ, ସୁଶାନ୍ତ କୁମାର ଲେଙ୍କା, ଯୁବ ବୈଜ୍ଞାନିକ ଶୁଭ୍ରାଂଶୁ



ଶେଖର ସାମଲ, ବରିଷ୍ଠ ସାମ୍ବାଦିକ ପ୍ରତାପ କୁମାର ଦାସ, ପଞ୍ଚାନନ ଜେନା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ, ଛାତ୍ରଛାତ୍ରୀ ଯୋଗ ନେଇଥିଲେ। ଅତିଥିମାନେ ପ୍ଲାଷ୍ଟିକର ବହୁଳ ବ୍ୟବହାର ଦ୍ୱାରା ପରିବେଶ ଉପରେ କୁପ୍ରଭାବ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବା ସହିତ ଏହାର ବିକଳ୍ପ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ କିଭଳି ଭାବେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ହେଉଛି, ତା' ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ର ଓ ସଚେତନତା କାର୍ଯ୍ୟକ୍ରମ ଅତ୍ୟନ୍ତ ହୃଦୟସ୍ପର୍ଶୀ ହେବା ସହିତ ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ପକାଇଥିଲା। ଉଭୟ ବିଭାଗ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଓ ସାନ୍ତ୍ୱନାମୂଳକ ଭାବରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶିକ୍ଷକ ଶିକ୍ଷୟିତ୍ରୀ ଅତିଥି ଓ ଅନ୍ୟମାନଙ୍କୁ ଆକର୍ଷଣୀୟ କପି କପ ଆଦି ପ୍ରଦାନ କରାଯାଇ ସଚେତନତାର ବାର୍ତ୍ତା ଦିଆଯାଇଥିଲା। ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ଓ ଉପସ୍ଥିତ ସମସ୍ତ ଅତିଥି ଶପଥ ପାଠ କରିଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ

**ମଙ୍ଗଳପୁର, ୪।୨ (ସମିସ):** ଦଶରଥପୁର ବ୍ଲକ ଅଧୀନ ମଙ୍ଗଳପୁରସ୍ଥ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଶନିବାର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ଅଧ୍ୟକ୍ଷ ଗୁରୁଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ରମାଦେବୀ ମହିଳା ମହାବିଦ୍ୟାଳୟର ପ୍ରଫେସର ମାନସ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷାଅଧିକାରୀ ଅନ୍ନଦା ପ୍ରସାଦ ରଣା, ସୁବ୍ରତା ଆଇଟିଆଇର ଅଧ୍ୟକ୍ଷ ସୀତାକାନ୍ତ ଓଝା, ମଙ୍ଗଳପୁର ଥାନା ଆଇଆଇସି ଚିନ୍ମୟୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଗୁରୁଚରଣ ବେହେରା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସ୍କୁଲ ପରିଚାଳନା କମିଟି ପ୍ରତିନିଧି ନିହାର ରଞ୍ଜନ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ ଦଶରଥପୁର ବ୍ଲକରେ ମଙ୍ଗଳପୁର ସେଣ୍ଟ ଜାଭିୟର୍ସ ହାଇସ୍କୁଲ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। କ୍ରୀଡ଼ା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ସୁବ୍ରତା ଆଇଟିଆଇର ସମସ୍ତ ଶିକ୍ଷକ ଓ କର୍ମଚାରୀ ପରିଚାଳନା କରିଥିଲେ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାରବାଟୀ, ୪।୨(ସମିସ): ରସୁଲପୁର ବ୍ଲକ କଳଣ ପଞ୍ଚାୟତର ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ଆଦର୍ଶ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ 'ଜାଗୃତି' ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସୌଦାମିନୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରସୁଲପୁର ତହସିଲଦାର ନିରଞ୍ଜନ ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ବ୍ଲକ ଭାରପ୍ରାପ୍ତ ଅଧିକାରୀ ଅବନୀକାନ୍ତ ସାହୁ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ତଥା ମଣ୍ଡଳ ଶିକ୍ଷା ଅଧିକାରୀ ନରେନ୍ ଯେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ସଫଳକାମୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷା ଶ୍ରୀମତୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡ଼ିଆ ବିଭାଗ ଶିକ୍ଷୟିତ୍ରୀ ସିପ୍ରାଲତା ସ୍ୱାଇଁ ଅତିଥି ପରିଚୟ ଏବଂ ସଂସ୍କୃତ ଶିକ୍ଷୟିତ୍ରୀ ସ୍ମରଣିକା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଟମକା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଟମକା, ୪।୨ (ସମିସ):** ସ୍ଥାନୀୟ ଥାନା ଅନ୍ତର୍ଗତ ତଫସିଲ୍‌ଭୁକ୍ତ ଜାତି ଓ ଜନଜାତି ବିଭାଗର ସରକାରୀ ଉଚ୍ଚବିଦ୍ୟାଳୟ (ଟମକା)ର ୩୧ତମ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଟିଏସଏଫ୍ ବ୍ରାହ୍ମଣୀପାଳର ମୁଖ୍ୟ ଜୟନ୍ତ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ମଣ୍ଟୁ ଦାସ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଦିବ୍ୟାଙ୍ଗ ନୃତ୍ୟଶିଳ୍ପୀ ସତ୍ୟପ୍ରକାଶ ସାହୁ, ପୂର୍ବତନ ସରପଞ୍ଚ ନରୋତ୍ତମ ବେହେରା, ବିଦ୍ୟାଳୟର ପରିଚାଳନା କମିଟି ସଭାନେତ୍ରୀ ବୁଲୁମତୀ ମହାନ୍ତ, ଶିକ୍ଷାବିତ୍ ସହଦେବ ମହାନ୍ତ, ସେବାଶ୍ରମ ଉପରଟମକାର ପ୍ରଧାନଶିକ୍ଷକ ପ୍ରମୁଖ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ, ଏକକ ଅଭିନୟ, ସଙ୍ଗୀତ ଓ ସଚେତନମୂଳକ ନାଟ୍ୟ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ପ୍ରକାଶ ଷଡ଼ଙ୍ଗୀ, ମାୟାବିନୀ ପରିଡ଼ା, ମନୋରଞ୍ଜନ ବେହେରା, ଦୈତାରୀ ସାହୁ, ବିକାଶ କୁମାର ନାୟକ, ଅକ୍ଷୟ କୁମାର ଦେହୁରୀ, ତନ୍ମୟ କୁମାର ସାହୁ, ମୋହନ ନାନା, ଅକ୍ଷୟ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗନେଇଥିବା କ୍ୟାଡେଟ୍‌ଙ୍କୁ ସମ୍ବର୍ଦ୍ଧନା

ବ୍ୟାସନଗର, ୪।୨(ସମିସ)

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ରାଜଧାନୀ ଦିଲ୍ଲୀରେ ଆୟୋଜିତ ହୋଇଥିବା ପରେଡରେ ସ୍ଥାନୀୟ ବ୍ୟାସନଗର ମହାବିଦ୍ୟାଳୟରୁ ୪ ଜଣ ଏନସିସି କ୍ୟାଡେଟ୍ ଯୋଗ ଦେଇଥିଲେ। ଏହି ୪ ଜଣଙ୍କ ମଧ୍ୟରୁ ସର୍ଜେଣ୍ଟ ସନ୍ଧ୍ୟାରାଣୀ ତିରିଆ କର୍ତ୍ତବ୍ୟପଥରେ ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁ, ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ଆଗରେ ପରେଡ କରିଥିଲେ। ତାଙ୍କ ବ୍ୟତୀତ ଏନସିସି କ୍ୟାଡେଟ ସୁଦୀପ୍ତ ରଞ୍ଜନ ରାଉତ ଓ କୁମାରୀ ସୁଚିସ୍ମିତା ସାହୁ ୨୭ ତାରିଖ ଦିନ ପ୍ରଧାନମନ୍ତ୍ରୀଙ୍କ ରାଲିରେ ଅଂଶଗ୍ରହଣ କରିଥିବାବେଳେ ଜିତେନ୍ଦ୍ର ପଣ୍ଡା ଫ୍ଲାଗ୍ ଏରିଆ ଦାୟିତ୍ୱରେ ଥିଲେ। ବ୍ୟାସନଗର ମହାବିଦ୍ୟାଳୟରୁ ଗୋଟିଏ ବର୍ଷରେ ୪ ଜଣ କ୍ୟାଡେଟ୍ ନୂଆ ଦିଲ୍ଲୀରେ ଆୟୋଜିତ ପରେଡରେ ଅଂଶଗ୍ରହଣ କରିବା ରାଜ୍ୟ ଓ ଯାଜପୁର ଜିଲ୍ଲା ନିମନ୍ତେ ଗୌରବର ବିଷୟ। ତେବେ ଶନିବାର ସକାଳ ୧୦ଘଟିକାରେ ଏହି ୪ଜଣ କ୍ୟାଡେଟ୍ ବ୍ୟାସନଗରରେ ପହଞ୍ଚିବା ପରେ ସେମାନଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏକ ପଟୁଆରରେ




ସେମାନଙ୍କୁ ବ୍ୟାସନଗର ସହର ପରିକ୍ରମା କରାଯାଇଥିଲା। ଏଥିରେ ବ୍ୟାସନଗର ମହାବିଦ୍ୟାଳୟର ଏନସିସି କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଏଏନ୍‌ଓ ସଚିକାନ୍ତ ସ୍ୱାଇଁଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଓ ସମର ଶିକ୍ଷାର୍ଥୀ ବାହିନୀ ଶିକ୍ଷାର୍ଥୀଗଣ ସାମିଲ ହୋଇଥିଲେ। ସହରର ଗଣ ସଂଗଠନ ବନ୍ଦେ ବ୍ୟାସନଗର ପକ୍ଷରୁ କ୍ରୀଡାବିତ୍ ଓ ପ୍ରଶିକ୍ଷକ ବଜ୍ରବାହୁ ସୀମାନ୍ତ କେଶରୀ ସାମଲ ଏହି ୪ ଏନସିସି କ୍ୟାଡେଟଙ୍କୁ ସ୍ୱାଗତର ସମସ୍ତ ଆୟୋଜନ କରାଇ କ୍ୟାଡେଟମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିଥିଲେ।



## ଆଜିର ଦିନରେ

- ୧୮୧୭ – ଆମେରିକାରେ ପ୍ରଥମ ଥର କୋଇଲା ଗ୍ୟାସ୍‌ରେ ବତି ଜଳିଲା ।
- ୧୯୦୦ – ଆମେରିକା ଓ ବ୍ରିଟେନ ମଧ୍ୟରେ ପାନାମା କେନାଲ ଚୁକ୍ତି ସ୍ୱାକ୍ଷର ।
- ୧୯୯୬- ଇଂଲଣ୍ଡରେ ପ୍ରଥମ ଥର ଜିଏମ୍ ଟମାଟରରେ ତିଆରି ପ୍ୟୁରି ବିକ୍ରି ଆରମ୍ଭ ହେଲା ।
- ୨୦୦୭- ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟିମ୍ସ ମହାକାଶରେ ଅଧିକ ସମୟ ବିତାଇଥିବା ମହିଳା ହେଲେ ।

## ଆଜିର ରାଶିଫଳ

**ମେଷ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ଧୈର୍ଯ୍ୟର ସହ କାମ କରନ୍ତୁ । ଅଚାନକ ଖୁସି ଖବର ପାଇବେ । ମାନସମ୍ମାନ ବୃଦ୍ଧି ପାଇବ । ମହିଳାଙ୍କୁ ଗୁରୁ ଦାୟିତ୍ୱ ମିଳିବ ।

**ବୃଷ:** ଅଟକି ଥିବା କାମ ପୂରା ହେବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବିଦେଶ ଯାତ୍ରା କରିପାରନ୍ତି । ବ୍ୟୟ ଅଧିକ ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ । ଆୟ ଅନୁସାରେ ଖର୍ଚ୍ଚ କରିବା ଭଲ ।

**ମିଥୁନ:** ସୁସମ୍ବାଦ ମିଳିବ । ଧନପ୍ରାପ୍ତି ଯୋଗ ରହିଛି । ଅଫିସ୍‌ରେ ମାନସମ୍ମାନ ବୃଦ୍ଧି ହେବ । ସାମାଜିକ କାର୍ଯ୍ୟ କରିବାରେ ରୁଚି ବଢ଼ିବ । ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦିଅନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ ।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ । ବନ୍ଧୁଙ୍କ ସହିତ ମଧୁର ବ୍ୟବହାର କରିବେ । ଦୂରସ୍ଥାନ ଯାତ୍ରା କରିପାରନ୍ତି ।

**ସିଂହ:** କାମଚାପ ଅଧିକ ରହିବ । ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଗୁରୁଜନଙ୍କ କଥା ମାନି ଚଳନ୍ତୁ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ । ପିଲାମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ମହିଳାମାନେ ଥକ୍କାପଣ ଅନୁଭବ କରିବେ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବ ।

**ତୁଳା:** ପରିବାରରେ ହସ ଖୁସି ଲାଗି ରହିବ । କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି । ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ । ଛାତ୍ରଛାତ୍ରୀ ଖେଳପ୍ରିୟ ହେବେ । ପୁରୁଣା ବନ୍ଧୁ ଯୋଗ ଅଛି ।

**ବିଛା:** ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ । ଅଯଥା ଖର୍ଚ୍ଚ ବଢ଼ିବ । ପ୍ରେମ ବ୍ୟାପାରରେ ଶୁଭ ଖବର ପାଇବେ । ଅନାଚନ ଦୂର ସ୍ଥାନ ଯାତ୍ରା କରିପାରନ୍ତି । ନିଜ ଲୋକଙ୍କ ଠାରୁ ପ୍ରତାରିତ ହୋଇପାରନ୍ତି ।

**ଧନୁ:** ବ୍ୟକ୍ତିଗତ ମାମଲାକୁ ନେଇ ଚିନ୍ତା ବଢ଼ିବ । ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ । ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ । ଶତ୍ରୁଠାରୁ ଦୂରେଇ ରୁହନ୍ତୁ । ଅତିଥି ସତ୍କାର କରିବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ପ୍ରେମ ବ୍ୟାପାରରେ ବିଫଳ ହେବେ ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ । ମନକୁ ଆୟତ୍ତରେ ରଖିବା ଭଲ । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବେ । ପେଟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ ।

**ମୀନ:** ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ଆଶା କରିଥିବା ଦିଗରୁ ଧନ ପ୍ରାପ୍ତି ହେବ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ । ବୈବାହିକ ଜୀବନ ସୁଖମୟ ହେବ । ସାବଧାନତା ସହିତ କାର୍ଯ୍ୟ କରିବା ଭଲ ।

# ବତିଖୁଣ୍ଟରେ ବ୍ୟାୟାମ



ସାଧାରଣତଃ ଲୋକମାନେ ଖୋଲାପଡ଼ିଆ, ପାର୍କ ତଥା ଜିମ୍‌ରେ ବ୍ୟାୟାମ କରୁଥିବା ଦେଖାଯାଏ । କିନ୍ତୁ କେହି କେବେ ରାସ୍ତାକଡ଼ରେ ଥିବା ଷ୍ଟ୍ରିଟ୍ ଲାଇଟ୍ ପୋଲ୍ ବା ବତି ଖୁଣ୍ଟ ଉପରେ ଚଢ଼ି ବ୍ୟାୟାମ କରିଥିବା ଦେଖି ନ ଥିବେ । ଏଭଳି ଏକ ବିଚିତ୍ର ଏବଂ ଦୁଃସାହସିକ କାରନାମା କରି ଦେଖାଇଛନ୍ତି ଜଣେ ଯୁବକ । ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ସମ୍ପୃକ୍ତ ଯୁବକ ଜଣକ ଫିଟ୍‌ନେସ୍ ପ୍ରତି ଏତେ ଝୁଙ୍କ୍ ଯେ, ସେ ବହୁ ଉଚ୍ଚତା ବିଶିଷ୍ଟ ବତିଖୁଣ୍ଟ ଉପରେ ଚଢ଼ି ନିଜ ଜୀବନକୁ ପାଣି ଛଡ଼ାଇ ଦେଇଛନ୍ତି । ଭିଡିଓରୁ ଦେଖିବାକୁ ମିଳିଛି, ସେ ବତିଖୁଣ୍ଟ ଉପରେ ଚଢ଼ି ସେଥିରେ ପୁସ୍‌ଅପ୍ କରୁଛନ୍ତି । ଯାହାକୁ ଦେଖି ଲୋକେ ବେଶ୍ ଆଚମ୍ବିତ ହୋଇଛନ୍ତି । ଅବଶ୍ୟ ସମ୍ପୃକ୍ତ ଯୁବକ କିନ୍ତୁ ବୁଝିପାରି ନାହାନ୍ତି ଯେ, ଏହି ଖୁଣ୍ଟ ତାଙ୍କ ଜୀବନ ପାଇଁ କେତେ ବିପଜ୍ଜନକ । ତେବେ ଏହି ଭିଡିଓଟି କେଉଁ ସ୍ଥାନର, ସେ ସମ୍ପର୍କରେ କିଛି ଜଣାପଡ଼ି ନାହିଁ । ଅନ୍ୟପଟେ ଏହାକୁ ନେଇ ଲୋକମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।

# ଶାହାରୁଖ୍‌ଙ୍କ ସହ କାମ କରିବେ ଯଶ୍



ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ଆଗାମୀ ଫିଲ୍ମ ଅପେକ୍ଷାରେ ଦର୍ଶକେ । ଯଶ୍ ତାଙ୍କର ଆଗାମୀ ଫିଲ୍ମ 'ଟକ୍ସିକ୍'କୁ ନେଇ ଚର୍ଚ୍ଚାରେ । ଏହି ଫିଲ୍ମରେ ଯଶ୍ କାମ କରୁଛନ୍ତି ବୋଲି ଏକ ଭିଡିଓ ସେୟାର୍ କରି ସୂଚନା ଦିଆଯାଇଥିଲା । ଏହାବାଦ୍ ନୀତେଶ ତିୱାରୀଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ରାମାୟଣ'ରେ ଯଶ୍ ରାବଣ ଭୂମିକାରେ ଦେଖାଯାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଏହାବାଦ୍ ଯଶ୍ ଆଉ ଏକ ଫିଲ୍ମରେ କାମ କରିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି । ଯଶ୍ କିଙ୍ଗ୍ ଖାନ୍ ଶାହାରୁଖ୍‌ଙ୍କ ସହ କାମ କରିବା ପାଇଁ ଆଗ୍ରହୀ ଅଛନ୍ତି । ଯଶ୍ ତାଙ୍କର ଆଗାମୀ ଫିଲ୍ମ ପାଇଁ ରେଡ୍ ଚିଲି ଏଣ୍ଟରଟେନ୍‌ମେଣ୍ଟ ସହ କଥା ହୋଇଥିବା ଜଣାପଡ଼ିଛି । ଏହା ଏକ ଆକ୍ସନ୍‌ଭିତ୍ତିକ ଚଳଚ୍ଚିତ୍ର ହେବ । ଏଥିରେ ଶାହାରୁଖ୍ ଓ ଯଶ୍ ଏକାଠି ଅଭିନୟ କରିବେ । ତେବେ ଏନେଇ ଯଶ୍ କିମ୍ବା ଶାହାରୁଖ୍‌ଙ୍କ ତରଫରୁ କିଛି କୁହାଯାଇନାହିଁ । ଯଶ୍ ଏବେ 'ଟକ୍ସିକ୍'କୁ ନେଇ ବ୍ୟସ୍ତ ଅଛନ୍ତି । ତେବେ ଏଥିରେ 'କେଜିଏଫ୍-୨'ଠାରୁ ଆହୁରି ଦମ୍‌ଦାର ସିନ୍ ରହିବ ବୋଲି ଚର୍ଚ୍ଚା ହେଉଛି ।

# ସ୍ମାର୍ଟ ଗ୍ଲୋଭସ୍

## ସାଙ୍କେତିକ ଭାଷାକୁ ଶବ୍ଦରେ ରୂପାନ୍ତରିତ କରିବ

ବାକ୍ ତଥା ଶ୍ରବଣ ବାଧିତଙ୍କ ଭାଷା ପରିଚୟକୁ ପ୍ରୋତ୍ସାହିତ କରିଥାଏ ସାଙ୍କେତିକ ଭାଷା । ଏହି ଭାଷା ମାଧ୍ୟମରେ ସେମାନେ ନିଜର ଭାବନା ଅନ୍ୟ ସାମ୍ନାରେ ପରିପ୍ରକାଶ କରିଥାନ୍ତି । ସେହିପରି ସାଙ୍କେତିକ ଭାଷା ଜାଣିଥିବା ଲୋକ ହିଁ ଏହି ଭାଷାକୁ ବୁଝୁଥିବା ବେଳେ ଅନ୍ୟମାନଙ୍କୁ ଏହା ବୁଝିବା ସହଜ ହୋଇ ନ ଥାଏ । ଏଣିକି କିନ୍ତୁ ସାଙ୍କେତିକ ଭାଷାକୁ ଅନ୍ୟମାନେ ମଧ୍ୟ ବୁଝିପାରିବେ । ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ଦୁଇ ଜଣ ସ୍ନାତକ ଛାତ୍ର 'ସାଇନ୍ ଆଲାଉଡ୍' ନାଁରେ ଏକ ନିଆରା ଗ୍ଲୋଭସ୍ ତିଆରି କରିଛନ୍ତି । ଯାହାକି ଆମେରିକୀୟ ସାଙ୍କେତିକ ଭାଷାକୁ ଶବ୍ଦ ତଥା ଟେକ୍ସଟ୍‌ରେ ରୂପାନ୍ତରିତ କରିବାକୁ ସକ୍ଷମ । ଏହାଦ୍ୱାରା ବାକ୍ ତଥା ଶ୍ରବଣବାଧିତ ଲୋକଙ୍କ ସହ କଥାବାର୍ତ୍ତା କରିବା ସହଜ ହୋଇଥାଏ । ୨୦ ବର୍ଷ ବୟସର ଏହି ଦୁଇଜଣ ଯୁବ ଆବିଷ୍କାରକ ହେଉଛନ୍ତି ଥୋମାସ୍ ପ୍ରିୟର୍ ଏବଂ ନାଭିଡ୍ ଆଜୋଡି । ଏହି ନିଆରା ଗ୍ଲୋଭସ୍ ପାଇଁ ସେମାନେ ୨୦୧୬ରେ ଲେମିଲସନ୍-ଏମ୍‌ଆଇଟି ପ୍ରତିଯୋଗିତାର ବିଜେତା ବି ହୋଇଛନ୍ତି । ଦୁଇ ହାତରେ ପିନ୍ଧାଯାଉଥିବା ଏହି ଗ୍ଲୋଭସ୍ ହାତର ଭଙ୍ଗୀକୁ ଚିହ୍ନଟ କରି ତାହାକୁ ଆମେରିକୀୟ ସାଙ୍କେତିକ ଭାଷାରେ ରୂପାନ୍ତରିତ କରିଥାଏ । ପ୍ରତ୍ୟେକ ଗ୍ଲୋଭସ୍ ସେନ୍‌ସର ଦ୍ୱାରା ସଂଚାଳିତ । ଯାହାକି ହାତର ପୋଜିସନ୍ ଏବଂ ଅଙ୍ଗଭଙ୍ଗୀକୁ ରେକର୍ଡ କରିଥାଏ । ଏହାପରେ ବ୍ଲୁଟୁଥ୍ ମାଧ୍ୟମରେ ଡାଟାକୁ ସେଣ୍ଟ୍ରାଲ କମ୍ପ୍ୟୁଟରକୁ ପ୍ରେରଣ ହୁଏ । ସେହିପରି ତଥ୍ୟ ହାତର ଭଙ୍ଗୀ ସହିତ ମେଳ ଖାଇଲେ ବା ସାମଞ୍ଜସ୍ୟ ରକ୍ଷା କଲେ ଏହା ସହ ସମ୍ବନ୍ଧିତ ଶବ୍ଦକୁ ସ୍ପିକର ମାଧ୍ୟମରେ ପ୍ରକାଶ କରାଯାଏ । ଏହି ଗ୍ଲୋଭସ୍ ହାଲୁକା ହୋଇଥିବାରୁ ଏହାକୁ ଶ୍ରବଣଯନ୍ତ୍ର ତଥା କଣ୍ଟାକ୍ଟ ଲେନ୍ସ ଭଳି ନିତିଦିନର ଆସେସରିଜ ଭାବେ ପିନ୍ଧିବା ସହଜ ଓ ସୁବିଧାଜନକ ।



# କାନ୍ଦିବା ପାଇଁ ୱେବ୍‌ସାଇଟ୍

ହସ, କାନ୍ଦ ଏବଂ ରାଗ ଏ ସବୁ ହେଉଛି ମଣିଷର ଭାବନାତ୍ମକ ପରିପ୍ରକାଶ । ଏହାର ରୋଧ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । କେବଳ ହସ ନୁହେଁ, ବେଳେ ବେଳେ କାନ୍ଦିବା ମଧ୍ୟ ଭଲ । ଦୀର୍ଘ ଦିନ ଧରି ମନ ଭିତରେ ରହିଯାଇଥିବା ଦୁଃଖ ପରବର୍ତ୍ତୀ ସମୟରେ ବିଭିନ୍ନ ରୋଗର କାରଣ ପାଲଟିଯାଏ । ତେଣୁ ଏହାକୁ ଦୂର କରିବା ପାଇଁ ମନଖୋଲି କାନ୍ଦିବା ଜରୁରୀ । ଏହାଦ୍ୱାରା ମନ ହାଲୁକା ହୁଏ । ତେଣୁ ଏହାକୁ ଦୃଷ୍ଟିରେ ରଖି ଏକ ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଛି । ଯେଉଁଠି ଲୋକମାନଙ୍କୁ କାନ୍ଦିବା ପାଇଁ ନିମନ୍ତ୍ରଣ କରାଯାଉଛି । ଏହି ୱେବ୍‌ସାଇଟ୍ 'କ୍ରାଏ ୱାନସ୍ ଏ ୱିକ୍' ନାମରେ ପରିଚିତ । ଏଥିରେ ଲୋକମାନଙ୍କୁ ନିମନ୍ତ୍ରଣକରି ସେମାନଙ୍କୁ ଏକ ଖାସ୍ ଭିଡିଓ ଦେଖିବା ପାଇଁ କୁହାଯାଇଥାଏ । ଯାହାକୁ ଦେଖି ଜଣେ ଲୋକ ନ କାନ୍ଦି ରହିପାରିବ ନାହିଁ । ଏଥିସହିତ ଏହି ୱେବ୍‌ସାଇଟ୍‌ରେ ୨୦୧୮ ମସିହାର 'ଦ ଇଣ୍ଡିପେଣ୍ଡେଣ୍ଟ'ରେ ଛପାଯାଇଥିବା ଏକ ଆର୍ଟିକଲ୍‌ର ଲିଙ୍କ୍ ମଧ୍ୟ ଦିଆଯାଇଛି । ଯେଉଁଥିରେ ଉଲ୍ଲେଖ ରହିଛି, କନ୍ଦାଇବା ଭଳି ଚଳଚ୍ଚିତ୍ର ଦେଖିବା ମାନସିକ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହୋଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ସପ୍ତାହରେ ଥରେ କାନ୍ଦିବା ଦ୍ୱାରା ଜଣେ ଚାପମୁକ୍ତ ରହିଥାଏ । ଏହି ଦୃଷ୍ଟିରୁ ୱେବ୍‌ସାଇଟ୍‌ଟି ଖୁବ୍ ଉପଯୋଗୀ ହେବ ।





# ତ୍ରିବେଣୀ ଅମାବାସ୍ୟା

**ମାଘ ମାସର ଅମାବାସ୍ୟାକୁ 'ମୌନୀ' ତଥା 'ତ୍ରିବେଣୀ' ଅମାବାସ୍ୟା କୁହାଯାଏ । ପବିତ୍ର ତ୍ରିବେଣୀ ଅମାବାସ୍ୟା ହେଉଛି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଜନ୍ମଦିନ । ଏହି ଅବସରରେ ମା' ବିରଜାଙ୍କ ପୀଠ ଚଳଚଞ୍ଚଳ ହୋଇ ଉଠେ । ଏହିଦିନ ମା' ବିରଜା ସାବିତ୍ରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତି । ମୌନୀ ଅମାବାସ୍ୟାରେ ମୌନ ରହିଲେ ଶରୀରରେ ପ୍ରାଣଶକ୍ତି ବୃଦ୍ଧି ପାଏ ।**

**ତ୍ରିବେଣୀ ସଙ୍ଗମରେ ସ୍ନାନ:** ପୁରାଣ ଅନୁସାରେ, ତ୍ରିବେଣୀ ଅମାବାସ୍ୟା ଦିନ ପବିତ୍ର ଗଙ୍ଗାର ତ୍ରିବେଣୀ ସଙ୍ଗମରେ ସ୍ନାନ କଲେ ସ୍ୱର୍ଗ ପ୍ରାପ୍ତି ହୁଏ । ଏହା ଦ୍ୱାରା ହଜାର ରାଜଯଜ୍ଞର ଫଳ ମିଳେ । ଏହାବାଦ୍ ପୁରାଣ ଅନୁସାରେ ଏହି ଦିନ ଗଙ୍ଗାରେ ଦେବତାମାନଙ୍କର ଉପସ୍ଥିତି ଥାଏ । ସେଥିପାଇଁ ଏହିଦିନରେ ଗଙ୍ଗା ସ୍ନାନର ବିଶେଷ ମହତ୍ତ୍ୱ ଅଛି । ତେବେ ପବିତ୍ର ନଦୀରେ ସ୍ନାନ କରିବାର ସୁଯୋଗ ନ ଥିଲେ, ଘରେ ଗଙ୍ଗାଜଳରେ ସ୍ନାନ ହେବ । ସ୍ନାନ ସାରି ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ଦାନ ଧର୍ମ କରିବା ଦ୍ୱାରା ଦେବତା ଓ ପିତୃପୁରୁଷଙ୍କ ଆଶୀର୍ବାଦ ମିଳେ ।

**ପିତୃଦୋଷରୁ ମୁକ୍ତି ମିଳେ:** ଅନ୍ୟପଟେ ମୌନୀ ଅମାବାସ୍ୟାଠାରୁ ମହାଶିବରାତ୍ରୀ ପର୍ଯ୍ୟନ୍ତ ମୌନ ବ୍ରତ ଧାରଣ କରାଯାଏ । ଏହି ଅମାବାସ୍ୟାକୁ ମୌନ ରହି ପାଳନ କଲେ ମାନସିକ ଶାନ୍ତି ମିଳେ । ଏହିଦିନ ପିତୃପୁରୁଷଙ୍କ ଶ୍ରାଦ୍ଧ, ତର୍ପଣ, ପିଣ୍ଡଦାନ ପାଇଁ ଉତ୍ତମ ଦିନ ହୋଇଥିବାରୁ ପିତୃଦୋଷରୁ ସହଜରେ ମୁକ୍ତି ମିଳୁଥିବା ବିଶ୍ୱାସ କରାଯାଏ । ଗରୁଡ଼ ପୁରାଣ ଅନୁସାରେ, ଅମାବାସ୍ୟା ଦିନ ପିତୃପୁରୁଷ ନିଜ ଲୋକଙ୍କୁ ଭେଟିବାକୁ ଯାଆନ୍ତି । ତା'ସହ ଏହିଦିନ ବ୍ରାହ୍ମଣ ତଥା ଗରିବଙ୍କୁ ଭୋଜନ କରାଇବା ଦ୍ୱାରା ପୁଣ୍ୟ ଫଳ ପ୍ରାପ୍ତି ହୁଏ ।



# ବିରାଡ଼ି ଶୁଭ ନା ଅଶୁଭ

**ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ନିତିଦିନ ଜୀବନରେ କିଛି ଏଭଳି ସଙ୍କେତ ମିଳେ, ଯେଉଁଥିରୁ ଶୁଭାଶୁଭ ନିର୍ଣ୍ଣୟ ହୋଇଥାଏ । ଏହି କ୍ରମରେ ବିଲେଇକୁ ଦେଖିବା କେତେକ ଶୁଭ ବୋଲି ବିଶ୍ୱାସ କରୁଥିବା ବେଳେ ଆଉ କେତେକ ଅଶୁଭ ବୋଲି ଭାବନ୍ତି । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବିଲେଇର ବ୍ୟବହାର ମଧ୍ୟ ଶୁଭ -ଅଶୁଭର ସଙ୍କେତ ପ୍ରଦାନ କରେ ।**

- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ପ୍ରାତଃ କାଳରେ ବିଲେଇ ଦେଖିବା ଶୁଭଦାୟକ । ଏହା ଘରକୁ ଅତିଥି ଆଗମନର ସୂଚନା ଦିଏ ବୋଲି ବିଶ୍ୱାସ କରାଯାଏ ।
- ବିଲେଇ ରଡ଼ିକୁ କିନ୍ତୁ ଜ୍ୟୋତିଷ ଶାସ୍ତ୍ରରେ ଶୁଭ ବୋଲି କୁହାଯାଇ ନାହିଁ ।
- କୌଣସି ଶୁଭ କାମରେ ଘରୁ ବାହାରିବା ବେଳେ ବିଲେଇ ରଡ଼ି ଶବ୍ଦ ଶୁଣିଲେ କାର୍ଯ୍ୟରେ ବିଘ୍ନ ହେବାର ସଙ୍କେତ ମିଳେ ।
- କଳହରତ ବିଲେଇଙ୍କୁ ଦେଖିବା ମଧ୍ୟ ଅଶୁଭ । ଏହା ଗୃହ କ୍ଳେଶର ସଙ୍କେତ ଦିଏ ।
- କାହା ଘରେ ବିଲେଇ ଛୁଆ ଜନ୍ମ ଦେବା ଶୁଭ ବୋଲି କୁହାଯାଇଛି । ଏହା ଘରେ ମାଙ୍ଗଳିକ କାର୍ଯ୍ୟ ହେବା ଦିଗକୁ ଇଙ୍ଗିତ କରେ ।
- ଘରକୁ ଧଳା ରଙ୍ଗ ବିଲେଇ ଆସିବା ଶୁଭ । ଏହାଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂର ହୁଏ ।
- ତେବେ ଏହାର ବିପରୀତ ଅର୍ଥାତ୍ କଳା ବିଲେଇ ଗୃହକୁ ପ୍ରବେଶ କରିବା ଶୁଭଦାୟକ ନୁହେଁ । ଏହା ଦ୍ୱାରା ଘରକୁ କିଛି ବିପତ୍ତି କମ୍ବା ଘରେ କୌଣସି ସମସ୍ୟା ସୃଷ୍ଟି ହେବା ଦିଗକୁ ଇଙ୍ଗିତ କରେ ।

## ସ୍ୱସ୍ତି

# ଭୋଗ-ପ୍ରସାଦ

**ଠାକୁରଙ୍କ ଭୋଗ ଓ ପ୍ରସାଦ ମଧ୍ୟରେ କ'ଣ ଫରକ୍? ଅନେକ ଲୋକ ଭୋଗ ଓ ପ୍ରସାଦକୁ ଗୋଟିଏ ବୋଲି ଭାବନ୍ତି । ମାତ୍ର ଏମିତି ନୁହେଁ ।**

- ଧାର୍ମିକ ଗ୍ରନ୍ଥ ଅନୁସାରେ, ପୂଜା ଓ ଆରତି ପରେ ଯେଉଁ ନୈବେଦ୍ୟ ଭଗବାନଙ୍କୁ ଅର୍ପଣ କରାଯାଏ, ତା'କୁ ଭୋଗ କୁହାଯାଏ । ଭଗବାନ ସମ୍ମୁଖରେ ଭୋଗ ରଖି କିଛି ସମୟ ଛାଡ଼ି ଦେବା ଦରକାର । ଏହାଦ୍ୱାରା ଠାକୁର ତାହାକୁ ଗ୍ରହଣ କରନ୍ତି ବୋଲି ବିଶ୍ୱାସ ରହିଛି । ସେହିପରି ଭଗବାନଙ୍କୁ ଲାଗି ହୋଇଥିବା ଭୋଗକୁ ଆଣି ଅନ୍ୟମାନଙ୍କୁ ବିତରଣ କରାଗଲେ ତାହାକୁ ପ୍ରସାଦ କୁହାଯାଏ । ଅର୍ଥାତ୍ ଭଗବାନଙ୍କୁ ଅର୍ପଣ କରାଯାଇଥିବା ଭୋଗକୁ ସେ ସ୍ୱୀକାର କରିବା ପରେ ପ୍ରସାଦ ରୂପ ନିଏ । ଯାହାକୁ ଭକ୍ତଗଣଙ୍କ ମଧ୍ୟରେ ବିତରଣ କରାଯାଏ ।
- ମାନ୍ୟତା ଅଛି ଭଗବାନଙ୍କୁ ଭୋଗ ଅର୍ପଣ କରିବା ପରେ ଅତି କମ୍‌ରେ ୧୫ ମିନିଟ୍‌ରୁ ଅଧ ଘଣ୍ଟା ପରେ ତାହାକୁ ପ୍ରସାଦ ସ୍ୱରୂପ ଗ୍ରହଣ କରିପାରିବେ । ସେହିପରି ଧୀରେ ଧୀରେ ଭୋଗର ଆନନ୍ଦ ନେଇ ଖାଇବା ଉଚିତ । ଠିକ୍ ସେହିପରି ଭଗବାନଙ୍କୁ ମଧ୍ୟ ଭୋଗ ଗ୍ରହଣ କରିବାକୁ ସମୟ ଦେବା ଆବଶ୍ୟକ । ଭଗବାନଙ୍କଠାରୁ ଭୋଗ ଲାଗି କରି ଉଠାଇବାର ତୁରନ୍ତ ପରେ ଏହାକୁ ପାଇବା ଦରକାର ।



# ମାଘ ମାସରେ କ'ଣ କିଣିବେ

**ହିନ୍ଦୁ ଧର୍ମରେ ମାଘକୁ ମହତ୍ତ୍ୱପୂର୍ଣ୍ଣ ମାସ ଭାବେ ବିବେଚନା କରାଯାଏ । ଏହି ମାସ ଭଗବାନ ବିଷ୍ଣୁ ଓ ଲକ୍ଷ୍ମୀଙ୍କୁ ସମର୍ପିତ । ମାନ୍ୟତା ଅଛି, ମାଘରେ କରାଯାଉଥିବା କାର୍ଯ୍ୟ ଦ୍ୱିଗୁଣା ଅଧିକ ଫଳ ପ୍ରଦାନ କରେ । ତା'ସହ ଏହି ମାସରେ କିଛି ଜିନିଷ କିଣିବା ଶୁଭଦାୟକ ହୋଇଥିବା ବେଳେ ଆଉ କିଛି ଅଶୁଭ ବୋଲି କୁହାଯାଏ । ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

**କ'ଣ କିଣିବେ**



- ଧାର୍ମିକ ମାନ୍ୟତାନୁସାରେ ଏହି ମାସ ଶୀତ କାଳର । ଏଣୁ ଏହି ମାସରେ ଶୀତବସ୍ତ୍ର ଓ କମ୍ବଳ କିଣିବା ଉଚିତ । ତା'ସହ ଶୀତବସ୍ତ୍ର ଗରିବଙ୍କୁ ଦାନ କରିବା ଭଲ । ଏହା ଦ୍ୱାରା ଅକ୍ଷୟ ଫଳ ପ୍ରାପ୍ତ ହୁଏ ।
- ଏହି ମାସରେ ରାଶିର ବହୁଳ ବ୍ୟବହାର ବ୍ରତ ତଥା ପର୍ବରେ କରାଯାଏ । ପୂଜା ଉଦ୍ଦେଶ୍ୟରେ ଏହାକୁ କିଣିବା ଦ୍ୱାରା ଦେବୀ ଦେବତା ପ୍ରସନ୍ନ ହୁଅନ୍ତି । ତା'ସହ ପୂଜାରେ ଏହାକୁ ଉପଯୋଗ କଲେ ଘରେ ଧନ ସମ୍ପତ୍ତି ବୃଦ୍ଧି ପାଏ ।
- ଏହି ମାସରେ ସୋରିଷ ତେଲ କିଣିବା ଶୁଭ । ମାଘ ମାସର ପ୍ରତ୍ୟେକ ଶନିବାର ସନ୍ଧ୍ୟାରେ ସୋରିଷ ତେଲରେ ଶନି ଦେବଙ୍କ ପାଇଁ ଅଶ୍ୱତ୍ଥ ଗଛ ମୂଳେ ଦୀପ ଜାଳିବା ଦ୍ୱାରା ଶନିଦୋଷରୁ ମୁକ୍ତି ମିଳିଥାଏ ।
- ମାଘ ମାସ ବିଷ୍ଣୁ ଓ ଲକ୍ଷ୍ମୀଙ୍କୁ ସମର୍ପିତ ହୋଇଥିବାରୁ ଏହି ମାସରେ ଘରକୁ ଶ୍ରୀଯନ୍ତ୍ର ଆଣିବା ଭଲ । ଏହାକୁ ବିଧି ପୂର୍ବକ ଘରେ ସ୍ଥାପନା କରିବା ଉଚିତ । ଏହାଦ୍ୱାରା ଅର୍ଥାଭାବ ଦେଖାଦିଏ ନାହିଁ ।

## ଗୀତାବାଣୀ

**ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍ ।**
**ନାୟଂ ଲୋକୋଽସ୍ତ୍ୟଯଜ୍ଞସ୍ୟ କୁତୋଽନ୍ୟଃ କୁରୁସତ୍ତମ ॥୩୧॥**

ହେ କୁରୁଶ୍ରେଷ୍ଠ ଅର୍ଜୁନ! ଯଜ୍ଞାବଶେଷ ଅମୃତ ଅନୁଭବ କରୁଥିବା ମନୁଷ୍ୟ ସନାତନ ପରବ୍ରହ୍ମ ପରମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି । ଯଜ୍ଞ ନ କରୁଥିବା ମନୁଷ୍ୟଙ୍କ ପାଇଁ ଇହଲୋକ ମଧ୍ୟ ସୁଖଦାୟକ ନୁହେଁ, ପୁଣି ପରଲୋକ ସୁଖଦାୟକ ହେବ କିପରି?

(ଚତୁର୍ଥୋଽଧ୍ୟାୟଃ – ଶ୍ଳୋକ - ୩୧)

■ ଭକ୍ତି ଅର୍ଘ୍ୟକୁ ମିଳିଲା ସମ୍ମାନ; କୃତାର୍ଥ ହେଲେ ଶ୍ରଦ୍ଧାଳୁ

# ଭକ୍ତଙ୍କୁ ବଣ୍ଟାଗଲା ଅର୍ପଣ ଚାଉଳ ଖେଚେଡ଼ି

**ପୁରୀ,୪।୨(ସମିସ):** ଅର୍ପଣ ରଥରେ ସଂଗୃହୀତ ଭକ୍ତିଅର୍ଘ୍ୟକୁ ମିଳିଛି ଉପଯୁକ୍ତ ସମ୍ମାନ। ସାର୍ଥକ ହୋଇଛି ଉଦ୍ଦେଶ୍ୟ। ଶ୍ରୀମନ୍ଦିର ରୋଷଶାଳାରେ ଭକ୍ତ ସମର୍ପଣ କରିଥିବା ଅକ୍ଷତ (ଅରୁଆ ଚାଉଳ), ନଡ଼ିଆ ଆଦିରେ ପ୍ରସ୍ତୁତ ହୋଇଛି ସୁସ୍ୱାଦୁ ଖେଚେଡ଼ି। ଏହି ଖେଚେଡ଼ିକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଛି। ଏହାକୁ ପାଇ କୃତାର୍ଥ ହୋଇଛନ୍ତି ଭକ୍ତ। ଆଗକୁ ଏହିପରି ଭାବେ ଭକ୍ତଙ୍କୁ ଖେଚେଡ଼ି ବଣ୍ଟାନ କରାଯିବ ବୋଲି ସୁଆର ମହାସୁଆର ନିଯୋଗ ପକ୍ଷରୁ ସୂଚନା ଦିଆଯାଇଛି।

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ସବୁ ଲୋକେ ପୁରୀ ଆସିବା ସମ୍ଭବ ନ ଥିବାରୁ ପ୍ରତି ପରିବାରରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯିବା ଲାଗି ହୋଇଥିଲା ନିଷ୍ପତ୍ତି। ସେହି ଅନୁସାରେ, ଗତ ଜାନୁଆରୀ ୬ ତାରିଖରେ ଓଡ଼ିଶାର ପୁରପଲ୍ଲୀରେ ଗଡ଼ିଥିଲା ଅର୍ପଣ ରଥ। ପ୍ରତିଟି ପରିବାର ଏଥିରେ ଉଦ୍‌ବୁଦ୍ଧ ହୋଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ ଅରୁଆ ଚାଉଳ, ଗୁଆ ଓ ନଡ଼ିଆ। ପ୍ରାୟ ସପ୍ତାହେ ଧରି ଏହି କାର୍ଯ୍ୟକ୍ରମ ଗାଁଠୁ ସହର ଚାଲିଥିଲା। ତେବେ ଅର୍ପଣ ରଥରେ ସଂଗୃହୀତ ସାମଗ୍ରୀକୁ ଅଯଥା ବିବାଦ ଉଠାଇଥିଲେ ବିରୋଧୀ। ଏବେ ସାର୍ଥକ ହୋଇଛି ଭକ୍ତଙ୍କ ଏହି ଭକ୍ତି ଅର୍ଘ୍ୟ। ନିଜ ସକ୍ଷମ ଅନୁସାରେ



ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ, ନଡ଼ିଆ, ଗୁଆ ଆଦି ଅର୍ପଣ କରିଥିଲେ। ସବୁ ଜିଲ୍ଲାରୁ ସଂଗୃହୀତ ଏହି ସାମଗ୍ରୀ ପୁରୀ ଅଣାଯାଇ ଗୁଣ୍ଡିଚା ମନ୍ଦିର ପରିସରରେ ରଖାଯାଇଛି। ନିଷ୍ପତ୍ତି ଅନୁଯାୟୀ, ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି, ବରିଷ୍ଠ ସେବାୟତ, ସୁଆର ମହାସୁଆର ନିଯୋଗ, ଅମୁଣିଆ ପରିଛା, ଚାଉଳ ପରିଛା ପ୍ରମୁଖଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟି ଚାଉଳର ମାନ ପରୀକ୍ଷା କରିଥିଲେ। ତେଣୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ରବିବାର ସକାଳ ଧୂପରେ କୋଠ ଭୋଗରେ ଖେଚୁଡ଼ି ରନ୍ଧାଯାଇଥିଲା। ଠାକୁରଙ୍କ ପାଖରେ ଭୋଗ ପରେ ଏହାକୁ ଶ୍ରୀମନ୍ଦିରର ତିନିଦ୍ୱାର (ଉତ୍ତର, ଦକ୍ଷିଣ ଓ ପଶ୍ଚିମ)ରେ ଭକ୍ତଙ୍କୁ ବଣ୍ଟନ କରାଯାଇଛି। ଖଲିପତ୍ର ଦନାରେ ଭକ୍ତମାନଙ୍କୁ ଖେଚେଡ଼ି ଦିଆଯାଇଥିଲା। ଏହାକୁ ପାଇ ଆତ୍ମତୃପ୍ତି ଲାଭ କରିଥିବା ଅନେକ ଭକ୍ତ ମତ ଦେଇଛନ୍ତି।

ଭକ୍ତ ଯେଉଁଭଳି ଭକ୍ତି ଭାବରେ ଏହାକୁ ଅର୍ପଣ କରିଥିଲେ, ସେହିଭଳି ଭକ୍ତି ଓ ନିଷ୍ଠାର ସହ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଗ୍ରହଣ କରିଛି। ରବିବାର ସକାଳ ଧୂପରେ ଭକ୍ତଙ୍କୁ ଏହା ବଣ୍ଟନ କରାଯିବା ପରେ ପର୍ଯ୍ୟାୟକ୍ରମେ ପ୍ରଥମ ଭୋଗ ମଣ୍ଡପ, ଦ୍ୱିପ୍ରହର ଧୂପ ଓ ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ବଣ୍ଟାଯାଇଛି। ତେବେ କମିଟି ଚାଉଳ ଯାଞ୍ଚ ପରେ ୨୪୦ ପ୍ୟାକେଟ୍ ଚାଉଳ ସୁଆର ମହାସୁଆର ନିଯୋଗକୁ ଯୋଗାଇ ଦିଆଯାଇଥିଲା। ସେଥିରୁ ପ୍ରଥମ ଦିନରେ ୧୦୦ ହାଣ୍ଡି ମହାପ୍ରସାଦ ଭକ୍ତଙ୍କୁ ବଣ୍ଟନ କରାଯାଇଛି। ଅତ୍ୟନ୍ତ ଶ୍ରଦ୍ଧାର ସହ ସମସ୍ତ ଭକ୍ତ ମହାପ୍ରସାଦ ପାଇଥିବା ବେଳେ ପରବର୍ତ୍ତୀ ନିଷ୍ପତ୍ତି ନଆସିବା ପର୍ଯ୍ୟନ୍ତ ଆଗକୁ ଏହି ପ୍ରକ୍ରିୟା ଜାରି ରହିବ ବୋଲି କହିଛନ୍ତି ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର।

■ ଦୁର୍ଦ୍ଦାନ୍ତ ମାଓନେତା ଦାସୁର ନିହତ ଘଟଣା

# ୨୨ ମାମଲାରେ ସଂପୃକ୍ତ, ମୁଣ୍ଡ ଉପରେ ଥିଲା ୫ ଲକ୍ଷର ପୁରସ୍କାର

**ଭୁବନେଶ୍ୱର/ଫୁଲବାଣୀ,୪।୨(ସମିସ):** ଗତକାଲି ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ହୋଇଥିବା ଦୁର୍ଦ୍ଦାନ୍ତ ମାଓନେତା ଗୁଡ୍ଡୁ ମଣ୍ଡାରୀ ଓରଫ ଦାସୁର ହତ୍ୟା, ଲୁଣ୍ଠନ ଭଳି ୨୨ରୁ ଅଧିକ ମାମଲାରେ ଜଡ଼ିତ ଥିବା ବେଳେ ତା' ମୁଣ୍ଡ ଉପରେ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ପୂର୍ବରୁ ଅନେକଥର ପୁଲିସ ଆଖିରେ ଧୂଳି ଦେଇ ସେ ଖସିଯିବାରେ ସକ୍ଷମ ହୋଇଥିଲା। ଏପରିକି, ୨୦୧୯ରେ ପୁଲିଂ ପାର୍ଟି ଅଫିସର୍‌ଙ୍କୁ ସେ ଗୁଳି କରି ହତ୍ୟା କରିଥିଲା।

ଦାସୁରର ଜନ୍ମ ଛତିଶଗଡ଼ ରାଜ୍ୟ ସୁମା ଅଞ୍ଚଳରେ। ୨୦୦୩ରେ ମାଓ ସଂଗଠନରେ ସାମିଲ ହୋଇଥିବା ବେଳେ ୨୦୦୮ରେ ଓଡ଼ିଶା ଆସି କେକେବିଏନ୍ ମାଓ ସଂଗଠନ ସହ ଯୋଡ଼ି ହୋଇଥିଲା। କେକେବିଏନ ମାଓ ସଂଗଠନରେ ଡିସିଏମ (ଡିଭିଜିନାଲ କମିଟି ମେମ୍ବର) ଭାବରେ କାମ କରୁଥିଲା। ପୂର୍ବରୁ ଯାମ୍ପାନା, ବାଦଲ ଓ ଦାସୁର ଏହି ଡିଭିଜନ ସମ୍ଭାଳୁଥିଲେ। ପୁଲିସ ଗୁଳିରେ ବାଦଲ ୨୦୧୮ରେ ନିହତ ହୋଇଥିବା ବେଳେ ଯାମ୍ପାନା ଆନ୍ଧ୍ରରେ ଆତ୍ମସମର୍ପଣ କରିଥିଲା। ବର୍ତ୍ତମାନ ଦାସୁର ସଂଗଠନ ଦାୟିତ୍ୱ ତୁଲାଉଥିଲା। ବହୁ ହତ୍ୟା ମାମଲା ଓ ହମଲାରେ ଜଡିତ ଥିଲା ଦାସୁର।

ପୁଲିସ ରେକର୍ଡ ଅନୁଯାୟୀ, ଦାସୁର୍ କନ୍ଧମାଳ-ବୌଦ୍ଧ ଜିଲ୍ଲାରେ ୨୨ରୁ ଊର୍ଦ୍ଧ୍ୱ



ଜଘନ୍ୟ ହତ୍ୟା ଓ ପୁଲିସକୁ ଆକ୍ରମଣ ଓ ଲୁଣ୍ଠନ ଭଳି ମାମଲାରେ ଜଡିତ ଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଜଣେ କାର୍ଯ୍ୟରତ ମହିଳା ଗ୍ରାମ ରୋଜଗାର ସେବକ ସଂଯୁକ୍ତା ଦିଗାଲଙ୍କୁ ଗୁଳି କରି ହତ୍ୟା, ୨୦୧୯ରେ ଠିକା ସଂସ୍ଥା ଜଗୁଆଳି ରବୀନ୍ଦ୍ର ମଲିକ ହତ୍ୟା ସହ ଗାଡି ପୋଡ଼ି ମାମଲାରେ ସମ୍ପୃକ୍ତ ଥିଲା ଦାସୁର। ସେହିପରି ବେଲଘର ଥାନା ଭଣ୍ଡରଙ୍ଗି ଅଞ୍ଚଳ ଭବାନୀ ଶଙ୍କର ପାତ୍ରଙ୍କୁ ପୁଲିସ ଇନଫର୍ମର୍ ସନ୍ଦେହରେ ହତ୍ୟା, ସୁମେରବନ୍ଧ ପୂର୍ବତନ ସରପଞ୍ଚ ସୁବଳ କହଁରଙ୍କୁ ହତ୍ୟା, ହେମନ୍ତ ପାତ୍ର, ନୀଳକଣ୍ଠ ମଲିକ, କୌଶଳ୍ୟା

● ୨୦୧୯ ରେ ପୁଲିଂ ପାର୍ଟି ଅଫିସରଙ୍କୁ ଗୁଳିକରି ହତ୍ୟା କରିଥିଲା
● ନିହତ ନକ୍ସଲ କେକେବିଏନ୍ ଡିଭିଜନର ଡିସିଏମ୍ ସଦସ୍ୟ

ଦିଗାଲଙ୍କୁ ହତ୍ୟା ମାମଲା ସହ ବିଭିନ୍ନ ମାଓ ହିଂସାରେ ଦାସୁର୍‌ର ସଂପୃକ୍ତି ଥିଲା। ତେବେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଦାସୁରର ମୃତ୍ୟୁ ପୁଲିସ ପାଇଁ ଏକ ବଡ଼ ସଫଳତା ବୋଲି ଦକ୍ଷିଣାଞ୍ଚଳ ଆଇଜି ଜୟ ନାରାୟଣ ପଙ୍କଜ କହିଛନ୍ତି। ଆଗକୁ ବୌଦ୍ଧ-କନ୍ଧମାଳ ଅଞ୍ଚଳରେ ବଡ଼ଧରଣର ମାଓ ବିରୋଧୀ ଅପରେସନ୍ ହାତକୁ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

● ମହିଳା ଏସ୍‌ଆଇଙ୍କୁ ଆଇଆଇସିଙ୍କ ଦୁଷ୍କର୍ମ ଅଭିଯୋଗ

# ଏନ୍‌ଏଚ୍‌ଆର୍‌ସିଙ୍କ ହସ୍ତକ୍ଷେପ ପରେ ମାମଲା ରୁଜୁକଲା କ୍ରାଇମ୍‌ବ୍ରାଞ୍ଚ

**ଭୁବନେଶ୍ୱର/ଫୁଲବାଣୀ, ୪।୨(ସମିସ):** ଗଞ୍ଜାମରେ କାର୍ଯ୍ୟରତ ଥିବା ବେଳେ ଜଣେ ମହିଳା ଏସ୍‌ଆଇଙ୍କୁ ଆଇଆଇସି ରମେଶ ପ୍ରଧାନ ଦୁଷ୍କର୍ମ କରିବା ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ମାମଲା ରୁଜୁ କରିଛି। ଜାତୀୟ ମାନବାଧିକାର କମିସନ୍ (ଏନ୍‌ଏଚ୍‌ଆରସି)ଙ୍କ ନିର୍ଦ୍ଦେଶରେ ପ୍ରାୟ ୪ବର୍ଷ ପରେ କ୍ରାଇମ୍‌ବ୍ରାଞ୍ଚ ମାମଲା ରୁଜୁ କରିଛି। ସୂଚନା ଅନୁସାରେ, ୨୦୧୯ ମସିହାରେ ଗଞ୍ଜାମରେ ମହିଳା ଏସ୍‌ଆଇ ଜଣକ ଚାକିରି କରୁଥିଲେ। ସେଠାରେ ତାଙ୍କ ଉପରିସ୍ଥ ଅଫିସର ଥିଲେ ଆଇଆଇସି ରମେଶ ପ୍ରଧାନ। ସେ ସରକାରୀ କ୍ୱାର୍ଟର୍ସରେ ସଂପୃକ୍ତ ମହିଳା ଏସ୍‌ଆଇଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏ ସଂପର୍କରେ ପୀଡ଼ିତାଜଣଙ୍କ ଅଭିଯୋଗ କରିଥିଲେ ହେଁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ମାମଲାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ସେପଟେ ଆଇଆଇସି ରମେଶ ପ୍ରଧାନଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ସେ ବର୍ତ୍ତମାନ ଫିରିଙ୍ଗିଆ ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ମହିଳା ଏସ୍‌ଆଇ ଜଣକ ରାଜ୍ୟ ପୁଲିସରୁ ନିରାଶ ହୋଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଆୟୋଗଙ୍କ ହସ୍ତେକ୍ଷପ ପରେ ରାଜ୍ୟ ପୁଲିସ ଡିଜି ଇନ୍‌ଚାର୍ଜ ଅରୁଣ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚ ଏହି ମାମଲା ରୁଜୁ କରିଛି। ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ତଦନ୍ତ ବେଳେ ଆଇଆଇସିଙ୍କ ବିରୋଧରେ ପ୍ରମାଣ ମିଳିଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

**ପ୍ରମାଣ ମିଳିଲେ ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ: ଡିଜିପି**

● ବିସ୍ଫୋରକ ରୂପ ନେଲା ପାରିବାରିକ କଳହ

# ବିଚ୍ ରାସ୍ତାରେ ସ୍ତ୍ରୀକୁ ଛୁରାମାଡ଼

**ରାୟଗଡ଼ା,୪।୨(ସମିସ):** ସ୍ୱାମୀର ଛୁରାମାଡ଼ରେ ସ୍ତ୍ରୀ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ରାୟଗଡ଼ା ସହର ନଦୀ ସାହିରେ। ଅଭିଯୋଗ ଅନୁସାରେ, କୌଣସି



କାରଣବଶତଃ ସ୍ୱାମୀ ପ୍ରଦୀପ ବେହେରା ଓ ସ୍ତ୍ରୀ ବାସନ୍ତୀଙ୍କ ମଧ୍ୟରେ ଦାଣ୍ଡ ମଝିରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରଦୀପ ଏକ ଛୁରୀରେ ବାସନ୍ତୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବାସନ୍ତୀଙ୍କ ପେଟ ଓ ଦୁଇ ହାତରେ ଆଘାତ ଲାଗିଛି। ସାହି ଲୋକେ ବାସନ୍ତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ଖବର ପାଇ ପୁଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରୁଛି।

# ଚୋରି ସନ୍ଦେହରେ ଯୁବକଙ୍କୁ ପିଟିପିଟି ହତ୍ୟା

**ରାଉରକେଲା, ୪।୨(ସମିସ):** ଚୋରି ସନ୍ଦେହରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା ଅଭିଯୋଗରେ ବୀରମିତ୍ରପୁର ଥାନା ପୁଲିସ ଦୁଇଭାଇଙ୍କୁ ଗିରଫ କରିଛି। ଗିରଫ ଦୁଇଭାଇ ହେଲେ ସନ୍ତୋଷ ପଣ୍ଡା (୪୫) ଏବଂ ସୁରେଶ ପଣ୍ଡା (୪୩)। ବୀରମିତ୍ରପୁର ଥାନା ରାମପାଲ ଛକ ନିକଟରେ 'ପଣ୍ଡା ଢାବା' ନାମରେ ଏମାନଙ୍କର ଏକ ହୋଟେଲ ରହିଛି। ଏମାନେ ସାନିକା ଲାକ୍ରା (୪୫) ନାମକ ଜଣେ ଠିକା ଶ୍ରମିକଙ୍କୁ ଲାଠି ଓ ପ୍ଲାଷ୍ଟିକ ପାଇପ୍‌ରେ ପିଟିପିଟି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ସୁରେଶ ଏବଂ ସନ୍ତୋଷଙ୍କ ଢାବା ପଛପଟରେ ଢାବା କର୍ମଚାରୀ ରହିବା ପାଇଁ ଏକ ଘର ନିର୍ମାଣ ଚାଲିଥିଲା। ନିର୍ମାଣାଧୀନ ଘରର ଏକ ଝରକା ଚୋରି ହୋଇଥିଲା। ଝରକା ଚୋରି କରିଥିବା ସନ୍ଦେହରେ ଦୁଇଭାଇ ସାନିକାଙ୍କୁ ଉଠାଇ ଆଣି ତାଙ୍କ ଦୁଇହାତ ବାନ୍ଧି ଦେଇଥିଲେ। ଘର ଭିତରେ ବନ୍ଦ କରି ଲାଠି ଓ ପ୍ଲାଷ୍ଟିକ ପାଇପ ଦ୍ୱାରା ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ଲଗାତର ପିଟିପିଟି ତଳେ ପକାଇ ଦେଇଥିଲେ। ଘଟଣାସ୍ଥଳରେ ସାନିକାଙ୍କ ମୃତ୍ୟୁ ହୋଇଥିଲା। ପରେ ଦୁଇଭାଇ ମିଶି ସାନିକାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ନିଜ କାରରେ ନେଇ ଅନ୍ୟତ୍ର ଫିଙ୍ଗିବା ପାଇଁ ଯୋଜନା କରିଥିଲେ। ତେବେ କୌଣସି ସୂତ୍ରରୁ ସୂଚନା ପାଇ ବୀରମିତ୍ରପୁର ଏସଡିପିଓ ସୁଶାନ୍ତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୀରମିତ୍ରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କାରରୁ ମୃତଦେହ ଜବତ କରିବା ସହ ଦୁଇଭାଇଙ୍କୁ ଗିରଫ କରିଥିଲେ। ଏହା ସହ ବ୍ୟବହୃତ କାର, ଲାଠି ଓ ପ୍ଲାଷ୍ଟିକ୍ ପାଇପ ମଧ୍ୟ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ଯାଞ୍ଚ କରିଛି। ଦୁଇ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

**ଦୁଇଭାଇ ଗିରଫ; କାର ଜବତ**

# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- I.T.

**SECTION-A (1 Mark)**

1. **Answer any 4 out of the given 6 questions on Employability Skills.** (4×1=4)
(i) ________refers to focusing human efforts for maintaining a healthy body and mind, capable of withstanding stressful situations.
(a) Artificial Intelligence (b) Stress management
(c) Motivation (d) Emotional intelligence
(ii) Which of the following is not the benefit of stress management?
(a) Boosts immunity (b) Reduces efficiency
(c) Improves mood (d) Prevents behavioral problems
(iii) ________are computer programs that can damage the data and software programs or steal the information stored on a computer.
(a) Spam (b) Viruses (c) Junk mail (d) BIOS
(iv) ________is a horizontal bar present at bottom of the Windows 7 desktop.
(a) Status Bar (b) Menu Bar (c) Task Bar (d) Recycle bin
(v) State whether the following statement is a myth or reality:
Entrepreneurs are born a certain way.
(a)True (b)False
(vi) Which one of the following is not true for entrepreneurs?
(a) They create needs and demands. (b) They provide raw materials.
(c) They do not create jobs.
(d) They help society by supporting infrastructure development.

2. **Answer any 5 out of the given 6 questions.** (1x5=5)
(i) ________controls all aspects of a paragraph's appearance, such as text alignment, tab stops, line spacing, and borders, and can include character formatting.
(a) Page Style (b) Character Style (c) Cell Style (d) Paragraph Style
(ii) How many levels of headings does Open Office Writer evaluate to build the Table of contents?
(a) 8 (b) 9 (c) 10 (d) 12
(iii) Which of the following options will help to reduce the size of images?
(a) Recolor (b) Docking (c) Resize (d) Rotate
(iv) Which of the following Graphic filter is used to increase the contrast of an image in a document?
(a) Smooth (b) Sharpen (c) Remove Noise (d) Invert
(v) Which of the following is not used when creating a mail merge document?
(a) Mail (b) Document (c) Paint (d) Database
(vi) Which mode is used to apply a style to many different areas of a document quickly without going back to styles and formatting window in Writer?
(a)WHERE (b) GROUP (c)SAME (d) SIMILAR

3. **Answer any 5 out of the given 6 questions.** (1x5=5)
(i) A colored border, with ______ appears around a cell where changes are made in a shared worksheet.
(a) a dot in the upper left-hand corner
(b) a dot in the lower left-hand corner
(c) a cross in the upper left hand corner
(d) a cross in the upper right-hand corner
(ii) ________ feature adds data arranged in a group of cells in Calc, with labels for columns and/or rows.
(a) Average (b) Subtotal (c) Goal seek (d) Solver
(iii) A ______ refers to a cell or a range of cells on a worksheet whose data values can be used in a formula.
(a) sheet (b) cell (c) cell reference (d) cell data
(iv) ______ feature of Calc is used to test what-if questions.
(a) Solver (b) Goal seeking (c) Scenario (d) Styles
(v) Macros are especially useful to ______ the same way over and over again.
(a) repeat a task (b) reject a task
(c) report a task (d) comment a task
(vi) Which feature of Calc helps to track what data was changed, when the change was made, who made the change and in which cell the change has occurred.
(a) Record Changes (b) Edit record
(c) Change record (d) Macro

4. **Answer any 5 out of the given 6 questions.** (1×5=5)
(i) Which one of the following is not an example of DBMS?
(a) Postgres SQL (b) SQLite (c) FoxPro (d) Impress
(ii) A______ is an interface in a user specified layout that lets users to view, enter, and change data directly in database objects such as tables.
(a) frame (b) form (c) relationship (d) report
(iii) Which of the following is expanded form of SQL?
(a) Systematic Query Language (b) Software Query Language
(c) Structured Query Language (d) Structural Query Language
(iv) ______ is usually suitable for less amount of data. (Relational/Flat file)
(v) Binary data types in a database can be using for storing________.
(a) photos, music files, etc. (b) only video files
(c) only image files (d) integer values
(vi) ______clause can be used with the SELECT statement in SQL to specify which rows to retrieve from the table.

5. **Answer any 5 out of the given 6 questions.** (1x5=5)
(i) _____is an accessibility function which is designed for people who have vision impairment or cognitive disabilities.
(a) Filter Keys (b) Sound Key
(c) Toggle Keys (d) Sticky Keys
(ii) Networks in which certain computers, have special dedicated tasks, providing services to other computers (in the network) are called _____ networks.
(a) hierarchical (b) dedicated server
(c) peer to peer (d) client server
(iii) ________ Networks in which certain computers, have special dedicated tasks, providing services to other computers.
(a) P2P (b) HSDPA (c) DSL (d) Modem
(iv) A ________ is an unplanned event that may happen all of a sudden and may lead to unwanted or unprecedented results/outcomes.
(a) emergency (b) hazard (c) accident (d) illness
(v) A ______ worker will always perform to the best of his ability.
(a) fast working (b) highly educated
(c) happy and healthy (d) stressed
(vi) _______ is the process of emptying a place in case of an emergency, disaster.
(a) Emergency (b) Accident (c) Drill (d) Evacuation

**Section B (Subjective Type)**

**Answer any 3 out of the given 5 questions on Employability skills. (2×3=6)**
6. What is self-awareness? Also give any two benefits of self-awareness.
7. Give one example each of the following stress causal agents for students:
(a) mental (b) Social
8. Differentiate between files and folders.
9. Give any two qualities of a successful entrepreneur.
10. Give any two promotional functions of an entrepreneur

**Answer any 4 out of the given 6 questions in 20-30 words each. (2x4=8)**
11. Differentiate between Keep scale and Keep image size options while cropping an image in a document.
12. Give any two characteristics of a template in Open Office Writer.
13. Why do we need to merge worksheets?
14. What is a Primary Key? How is it different from foreign key?
15. Expand and explain the term WAN
16. (a) Identify the following network / Internet connectivities as wired or wireless
i. Dial-up
ii. WiMax

**Answer any 3 out of the given 5 questions in 50-80 words each. (4x3=12)**
17. Explain the following terms with respect to positioning the graphics in a document:
(a) Arrangement
(b) Text Wrapping
18. Distinguish between the following with respect to spreadsheets:
(a) Relative and Absolute hyperlink.
(b) Internet hyperlink and Document hyperlink.
19. Explain any four data types of DBMS.
20. (a) What is workplace emergency?
(b) Name the workplace emergencies that can happen.
21. (a) Structure of a table "Orders" is given below. Suggest suitable data type of each field

| Order_ID | Order_Date | Customer_ID | Amount |
|---|---|---|---|
| A_101 | 12/12/2019 | C3445 | 1200.00 |
| A_202 | 11/09/19 | C1245 | 3466.00 |
| A_402 | 09/07/19 | C2121 | 2312.00 |

(b) Consider the following table Books and write SQL command for below given requirements.

| BID | BNAME | AUTHOR | QTY | PRICE |
|---|---|---|---|---|
| B-101 | LEARNING WITH FUN | PRAKASH | 5 | 355.00 |
| B-103 | HOW I LIVE NOW | ARUN | 4 | 400.00 |
| B-104 | I CAPTURE THE CASTLE | ABINASH | 5 | 550.00 |
| B-106 | MORTAL ENGINES | KRUNAL | 2 | 580.00 |
| B-110 | THE KITE RIDER | KUMUD | 8 | 470.00 |

i. Display data of all books whose price is more than 450.
ii. Display book name whose quantity is more than or equal to 5.

*****

*All the Best...*

**ANSWER KEY**

**1.** i. (b) ii. (b) iii. (b) iv. (c) v. (b) vi. (c)
**2.** i. (d) ii. (c) iii. (c) iv. (b) v. (c) vi. File format mode
**3.** i. (a) ii.(c) iii. (c) iv. (c) v. (a) vi. (a)
**4.** i. (d) ii. (b) iii. (c) iv. (b) v. (d) vi. (a)
**5.** i. (b) ii. (d) iii. (a) iv. (c) v. (c) vi. (d)

ePaper : sakalaepaper.com
News Portal : thesakala.in
Facebook : SakalaNews
Twitter : SakalaNews
Instagram : sakalanews
Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

### ବାରବାଟୀରେ ପୁଡୁଚେରୀ ବିପକ୍ଷ ରଣଜୀ

# ପ୍ରଥମ ପାଳିରେ ଓଡ଼ିଶା ଆଗୁଆ

କଟକ,୪।୨(ସମିସ)



ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ଓଡ଼ିଶା-ପୁଡୁଚେରୀ ବିପକ୍ଷ ରଣଜୀ ମ୍ୟାଚ୍ ଅମୀମାଂସିତ ହେବାର ସମ୍ଭାବନା ଦେଖା ଦେଇଛି। ଭ୍ରମଣକାରୀ ପୁଡୁଚେରୀ ଦଳ ସଂଘର୍ଷପୂର୍ଣ୍ଣ ବ୍ୟାଟିଂ କରିଥିଲେ ସୁଦ୍ଧା ପ୍ରଥମ ପାଳି ଅଗ୍ରଣୀ ହାସଲ କରି ପାରିନାହିଁ। ଅଧିନାୟକ ଅରୁଣ କାର୍ତ୍ତିକଙ୍କ ଶତକୀୟ ପାଳି ସହାୟତାରେ ଦଳ ସମସ୍ତ ୱିକେଟ ହରାଇ ୨୮୪ରନ କରିଥିଲା। ପ୍ରଥମ ପାଳିରେ ୩୮ରନ ଅଗ୍ରଣୀ ହାସଲ କରିଥିବା ଓଡ଼ିଶା ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରି ରବିବାର ତଥା ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୪ ୱିକେଟ ବିନିମୟରେ ୧୨୨ରନ କରିଛି। ସୋମବାର ମ୍ୟାଚ୍‌ର ଅନ୍ତିମ ଦିବସ। ଫଳାଫଳ ସ୍ପଷ୍ଟ ହୋଇନଥିଲେ ମଧ୍ୟ ଓଡ଼ିଶା ଉକ୍ତ ମ୍ୟାଚ୍‌ରୁ ୩ ପଏଣ୍ଟ ହାସଲ କରିବା ଏକପ୍ରକାର ନିଶ୍ଚିତ ହୋଇଛି।

ଓଡ଼ିଶା ପ୍ରଥମ ପାଳିରେ ୩୨୨ରନ ସଂଗ୍ରହ କରିଥିଲା। ଅସମାପ୍ତ ପ୍ରଥମ ପାଳି ୧୨୭/୪ରୁ ରବିବାରର ଖେଳ ଆରମ୍ଭ କରିଥିଲା ପୁଡୁଚେରୀ। ଅଧିନାୟକ ଅରୁଣ ୭୭ରନ ଏବଂ ଫାବିଦ ଅହମ୍ମଦ ୩୧ରନରେ ଅପରାଜିତ ଥିଲେ। ପ୍ରଥମ ସେସନର ପ୍ରାରମ୍ଭିକ କିଛି ଓଭରରେ ଓଡ଼ିଶା ପେସର ଚମତ୍କାର ପ୍ରଦର୍ଶନ କରିଥିଲେ। ସହଜରେ ପୁଡୁଚେରୀ ବ୍ୟାଟରଙ୍କୁ ରନ୍ ସଂଗ୍ରହ କରିବାକୁ ଦେଇ ନ ଥିଲେ। ଖେଳ ଆରମ୍ଭର ୭ମ ଓଭରରେ ଉଦ୍ୟମ ସଫଳ ହୋଇଥିଲା। ଫାବିଦଙ୍କୁ ୩୯ରନରେ ଆଉଟ କରି ଓଡ଼ିଶା ନିମନ୍ତେ ୫ମ ସଫଳତା ଦେଇଥିଲେ ସୁନୀଲ କୁମାର ରାଉଳ। ମାତ୍ର ପୁଡୁଚେରୀର ମଧ୍ୟକ୍ରମ ବ୍ୟାଟରମାନେ ଉପଯୋଗୀ ସାବ୍ୟସ୍ତ ହେବା ସହିତ ଦଳୀୟ ସ୍କୋରକୁ ଆଗକୁ ବଢ଼ାଇଥିଲେ। ଅଧିନାୟକ ଅରୁଣଙ୍କ ସହ ମିଶି ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ସୃଷ୍ଟି କରିଥିଲେ। ବ୍ୟାଟିଂ କ୍ରମ ୭ନଂରେ କ୍ରିଜକୁ ଆସିଥିବା ସାଗର ଉଦେଶୀ ଦ୍ରୁତ ଇନିଂସ ଖେଳିବାକୁ ଚେଷ୍ଟା କରୁଥିବା ବେଳେ ୩୪ରନରେ ସୁନୀଲ ରାଉଳଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ପରେ ଅରୁଣଙ୍କୁ ୧୧୦ରନରେ ଆଉଟ କରି ସ୍ପିନର ହର୍ଷିତ ରାଥୋଡ ଓଡ଼ିଶା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁ ଦେଇଥିଲେ। ନିମ୍ନକ୍ରମର ବ୍ୟାଟର କ୍ରିଷ୍ଣା ପାଣ୍ଡେ ୪୨ରନ, ଗୌରବ ଯାଦବ ୧୪ରନ ଏବଂ ରବି ଯାଦବ ୨୪ରନ ସଂଗ୍ରହ କରିବା ଯୋଗୁଁ ପୁଡୁଚେରୀ ସମସ୍ତ ୱିକେଟ ହରାଇ ୨୮୪ରନ କରିଥିଲା। ଓଡିଶାର ରାଜେଶ ମହାନ୍ତି, ସୁନୀଲ ରାଉଳ, ହର୍ଷିତ ରାଥୋଡ ୨ଟି ଲେଖାଏ, ଦେବବ୍ରତ ପ୍ରଧାନ, ବିପ୍ଳବ ସାମନ୍ତରାୟ ଏବଂ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି।

ଓଡ଼ିଶାର ଦ୍ୱିତୀୟ ଇନିଂସ ଆରମ୍ଭ ହୋଇଥିବା ବେଳେ କୌଣସି ବ୍ୟାଟରଙ୍କ ବଡ ସ୍କୋର ଦେଖିବାକୁ ମିଳିନାହିଁ। ୪୦ ଓଭର ଖେଳରୁ ଓଡ଼ିଶା ୪ ୱିକେଟ ହରାଇ ୧୨୨ରନ କରିଛି। ଅଧିନାୟକ ଶାନ୍ତନୁ ମିଶ୍ର ୨୮ରନ, ଅନୁରାଗ ଷଡ଼ଙ୍ଗୀ ୨୨ରନ, ସନ୍ଦୀପ ପଟ୍ଟନାୟକ ୧୬ରନ, ଶୁଭ୍ରାଂଶୁ ଶେଖର ସେନାପତି ୧୯ରନରେ ଆଉଟ ହୋଇଛନ୍ତି। ପ୍ରଥମ ଇନିଂସ୍ ଭଳି ଏଥର ମଧ୍ୟ ଦୁଇ ଅଭିଜ୍ଞ ଖେଳାଳି ଗୋବିନ୍ଦ ପୋଦ୍ଦାର (୧୯ରନ) ଓ ବିପ୍ଳବ ସାମନ୍ତରାୟ (୫ରନ)ଙ୍କ ଯୋଡ଼ି କ୍ରିଜରେ ତିଷ୍ଠି ରହିଛନ୍ତି। ଓଡ଼ିଶା ମୋଟ୍ ୧୬୦ରନର ଅଗ୍ରଣୀ ହାସଲ କରିଥିବା ବେଳେ ମ୍ୟାଚ୍ ଅମୀମାଂସିତ ରହିବ ବୋଲି ଅନୁମାନ କରାଯାଉଛି।

## ୧ ରନ୍‌ରେ ସର୍ଭିସେସ୍‌ର ଐତିହାସିକ ବିଜୟ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ଚଳିତ ରଣଜୀ ଟ୍ରଫିରେ ରବିବାର ସର୍ଭିସେସ୍ ୧ ରନରେ ହରିୟାଣାକୁ ପରାସ୍ତ କରି ଇତିହାସ ସୃଷ୍ଟି କରିଛି। ରଣଜୀ ଟ୍ରଫିର ୮୦ ବର୍ଷର ଇତିହାସରେ ସର୍ଭିସେସ ପ୍ରଥମ ଦଳ ଭାବେ ୧ ରନ ବ୍ୟବଧାନରେ ବିଜୟୀ ହୋଇ ରେକର୍ଡ କରିଛି। ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚ୍‌ରେ ପ୍ରଥମ ପାଳିରେ ୫ ରନରେ ଅଗ୍ରଣୀ ହାସଲ କରିଥିବା ସର୍ଭିସେସ୍ ଦ୍ୱିତୀୟ ପାଳିରେ ୧୪୦ ରନରେ ଅଲଆଉଟ ହୋଇଥିଲା। ଫଳରେ ହରିୟାଣା ପାଇଁ ୧୪୬ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ହରିୟାଣା ୧୪୪ ରନରେ ଅଲଆଉଟ ହୋଇ ମାତ୍ର ୨ ରନ ପାଇଁ ବିଜୟରୁ ବଞ୍ଚିତ ହୋଇଥିଲା।

### ମୁମ୍ବଇର ପାଳି ବିଜୟ

ଗ୍ରୁପ୍-ବି'ରେ ମୁମ୍ବଇ ଗୋଟିଏ ପାଳି ଓ ୪ ରନରେ ବେଙ୍ଗଲକୁ ହରାଇଛି। ପ୍ରଥମ ପାଳିରେ ମୁମ୍ବଇ ୪୧୨ ରନ ସଂଗ୍ରହ କରିଥିଲା। ଜବାବରେ ବେଙ୍ଗଲ ୧୯୯ରେ ଅଲଆଉଟ ହୋଇ ଫଲୋଅନ ହେବା ପରେ ଦ୍ୱିତୀୟ ପାଳିରେ ୨୦୯ ରନରେ ଅଲଆଉଟ ହୋଇ ଆତ୍ମ ସମର୍ପଣ କରିଥିଲା।

### କର୍ଣ୍ଣାଟକ ୧ ୱିକେଟରେ ଜିତିଲା

ଗ୍ରୁପ୍-ସି'ର ଏକ ମ୍ୟାଚ୍‌ରେ କର୍ଣ୍ଣାଟକ ୧ ୱିକେଟରେ ରେଳବାଇକୁ ହରାଇଛି। ପ୍ରଥମ ପାଳିରେ ୧୯ ରନ ପଛରେ ପଡିଥିବା ରେଳବାଇ ୨୪୪ ରନକରି ଅଲଆଉଟ ହୋଇଥିଲା। ଫଳରେ କର୍ଣ୍ଣାଟକ ସମ୍ମୁଖରେ ୨୨୬ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଜବାବରେ କର୍ଣ୍ଣାଟକ ୮୨.୪ ଓଭରରେ ୯ ୱିକେଟ ହରାଇ ୨୨୯ ରନ କରି ବିଜୟୀ ହୋଇଥିଲା।

## ହଡ୍‌କେ ଓ କାଟେଙ୍କ ଶତକ; ମହାରାଷ୍ଟ୍ର ୩୮୦/୫

**କଟକ,୪।୨(ସମିସ):** ୨୩ବର୍ଷରୁ କମ୍ ପୁରୁଷ ସି.କେ. ନାଇଡୁ ଟ୍ରଫିର ଓଡ଼ିଶା ଏବଂ ମହାରାଷ୍ଟ୍ର ବିପକ୍ଷ ଲିଗ୍ ମ୍ୟାଚ୍ ଔରଙ୍ଗାବାଦ ଜିଲ୍ଲା କ୍ରିକେଟ ସଂଘ ଗ୍ରାଉଣ୍ଡରେ ରବିବାରଠାରୁ ଆରମ୍ଭ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ମହାରାଷ୍ଟ୍ର ଦମଦାର ପ୍ରଦର୍ଶନ କରିଛି। ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଦଳ ୫ ୱିକେଟ ବିନିମୟରେ ୩୮୦ରନ ସଂଗ୍ରହ କରିଛି। ଆର.ଏସ୍. ହଡକେ ୧୦୪ରନର ଦ୍ରୁତ ଇନିଂସ ଖେଳିଥିଲେ। ଏଚ.ଏ. କାଟେ ୧୫୩ରନରେ ଏବଂ ୱିକେଟ କିପର ଅନୁରାଗ କାୱାଡେ ୩୩ରନରେ ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ରଘୁନାଥ ମଲ୍ଲ ଏବଂ ଆଦିତ୍ୟ କୁମାର ଜୟସିଂହ ୨ଟି ଲେଖାଏ ଓ ସମ୍ବିତ ବରାଳ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି। ପ୍ରକାଶଥାଉକି, ଚଳିତ ସି.କେ ନାଇଡୁ ଟ୍ରଫିରେ ୪ଟି ମ୍ୟାଚ୍ ଖେଳି ସାରିଥିବା ଓଡ଼ିଶା ୩ଟି ପରାଜୟ ଏବଂ ଗୋଟିଏ ଅମୀମାଂସିତ ଫଳାଫଳ ବଳରେ ମାତ୍ର ୧ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୮ମ ସ୍ଥାନରେ ରହିଛି। ଅବଶିଷ୍ଟ ମ୍ୟାଚ୍ ଗୁଡିକରେ ଦଳ ଅଧିକ ପଏଣ୍ଟ ସଂଗ୍ରହ ନକଲେ ପ୍ଲେଟ ଗ୍ରୁପକୁ ଖସିଯିବାର ଆଶଙ୍କା ରହିଛି।

● **ପାକିସ୍ତାନକୁ ୪-୦ରେ ହରାଇଲା ଭାରତ**

## ଡେଭିସ୍ କପ୍ ବିଶ୍ୱ ଗ୍ରୁପ୍ ୧କୁ ଉନ୍ନୀତ

ଇସଲାମାବାଦ୍,୪।୨(ଏଜେନ୍ସି)



ଦୀର୍ଘ ୬୦ ବର୍ଷ ପରେ ଭାରତୀୟ ଡେଭିସ୍ କପ୍ ଦଳ ପାକିସ୍ତାନ ଗସ୍ତ କରି ତା'ର ପୂର୍ବ ସଫଳତାକୁ ଦୋହରାଇଛି। ଡେଭିସ୍ କପ୍ ବିଶ୍ୱ ଗ୍ରୁପ୍ ୧ ପ୍ଲେ-ଅଫ୍‌ରେ ଭାରତ ରବିବାର ପାକିସ୍ତାନକୁ ୪-୦ ବ୍ୟବଧାନରେ ପରାସ୍ତ କରିବା ସହ ବିଶ୍ୱ ଗ୍ରୁପ୍ ୧ରେ ସ୍ଥାନ ପକ୍କା କରିଛି। ଶନିବାର ଭାରତ ଦୁଇଟି ଏକକ ମ୍ୟାଚ୍‌ରେ ବିଜୟୀ ହୋଇ ୨-୦ରେ ଅଗ୍ରଣୀ ରହିଥିଲା। ରବିବାର ଖେଳାଯାଇଥିବା ଯୁଗଳ ଓ ରିଭର୍ସ ଏକକ ମୁକାବିଲାରେ ଭାରତ ବିଜୟୀ ହୋଇଥିଲା। ଯୁଗଳରେ ଯୁକି ଭାମ୍ବ୍ରୀ ଓ ସାକେତ ମିନେନିଙ୍କୁ ନେଇ ଗଠିତ ଭାରତୀୟ ଯୋଡି ୬-୨, ୭- ୬ ସେଟ୍‌ରେ ପାକିସ୍ତାନର ମୁଜାମିଲ ମୁର୍ତ୍ତାଜା ଓ ଅକିଲ ଖାନଙ୍କୁ ପରାସ୍ତ କରିଥିଲେ। ସେହିପରି ରିଭର୍ସ ଏକକ ମୁକାବିଲାରେ ଡେଭସ୍ କପ୍ ପଦାର୍ପଣ କରିଥିବା ୨୮ ବର୍ଷୀୟ ଭାରତୟ ଖେଳାଳି ନିକି ପୁନାଚା ୬-୩, ୬-୪ ସେଟ୍‌ରେ ମହମ୍ମଦ ସୋଏବଙ୍କୁ ପରାସ୍ତ କରି ଭାରତକୁ ୪-୦ରେ ଅଗ୍ରଣୀ କରାଇଥିଲେ। ଶନିବାର ପ୍ରଥମ ଏକକ ମ୍ୟାଚ୍‌ରେ ରାମକୁମାର ରାମନାଥନ ୬-୭, ୭-୬, ୬-୦ ସେଟ୍‌ରେ ଏସାମ ଉଲ ହକ୍ କୁରେସିଙ୍କୁ ଓ ଶ୍ରୀରାମ ବାଲାଜୀ ୭-୫, ୬-୩ ସେଟ୍‌ରେ ଅକିଲ ଖାନଙ୍କୁ ପରାସ୍ତ କରିଥିଲେ। ପୂର୍ବରୁ ୧୯୬୪ରେ ଭାରତୀୟ ଦଳ ପାକିସ୍ତାନ ଗସ୍ତ କରି ୪-୦ରେ ବିଜୟ ହାସଲ କରିଥିଲା। ଅଲିମ୍ପିକ୍ସ ଗେମ୍ସ ଆରମ୍ଭ ହେବାର ଠିକ୍ ୪ ବର୍ଷ ପରେ ଅର୍ଥାତ ୧୯୦୦ରେ ଡେଭିସ୍ କପ୍ ଖେଳାଯିବା ଆରମ୍ଭ ହୋଇଥିଲା। ଡେଭିସ୍ କପ୍‌କୁ ପୁରୁଷ ଟେନିସର ବିଶ୍ୱକପ୍ ବିବେଚନା କରାଯାଇଥାଏ।

### ବନ ବିହାରୀ ପଟ୍ଟନାୟକ ସ୍ମାରକୀ ଚେସ୍

## ଟାଇଟଲ ଜିତିଲେ ଆଦିତ୍ୟ



**ଭୁବନେଶ୍ୱର,୪।୨(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆଦିତ୍ୟ ପ୍ରସାଦ ଦାସ ଏଠାରେ ଅନୁଷ୍ଠିତ ୬ଷ୍ଠ ବନବିହାରୀ ପଟ୍ଟନାୟକ ସ୍ମାରକୀ ସ୍କୁଲ ଚେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ସେ ୫ ରାଉଣ୍ଡ ଖେଳରୁ ୫ ପଏଣ୍ଟ ପାଇ ଏକାକୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱର ଲୋୟଲା ସ୍କୁଲର ବୈଭବ ବେହେରା, ପୋଖରୀପୁଟ ଡିଏଭି ପବ୍ଲିକ୍ ସ୍କୁଲ୍‌ର ସାଇ ସ୍ୱାଗତ ପରିଜା, ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲର ତପୋତନ୍ମୟୀ ନାୟକ, ବାଲିଗୁଡ଼ା ଓଏବିର ଅଂଶୁମାନ ଦାସ ଓ ଭୁବନେଶ୍ୱର କେଭି ନଂ-୧ର ଆୟୁଷ୍ମାନ ବେହେରା ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ଦ୍ୱିତୀୟରୁ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଖଣ୍ଡଗିରିର ସେଣ୍ଟ ଜାଭିୟର ହାଇସ୍କୁଲର ଅନୀଶ ଅକୁଲ ପ୍ରଧାନ, ମଦର୍ସ ପବ୍ଲିକ୍ ସ୍କୁଲର ପୀୟୁଷ ଜେନା, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ନୟନିକା ଦାସ ଓ ଏପିଜେ ସ୍କୁଲ୍‌ର ଶ୍ରିଅଂଶ ମହାପାତ୍ର ଯଥାକ୍ରମେ ୭ମରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି।ଦୀପ ଓ ଯଶ ଦୟାଲ ଗୋଟିଏ ଲେଖାଏ ୱିକେଟ୍ ଅକ୍ତିଆର କରିଥିଲେ।

● **ଆଇଏସ୍‌ଏଲ୍: ଆଜି ହାଇଦ୍ରାବାଦ୍ ବିପକ୍ଷ ଲଢ଼େଇ**

## ଶୀର୍ଷ ସ୍ଥାନ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

**ହାଇଦ୍ରାବାଦ୍, ୪।୨(ଏଜେନ୍ସି):** ହାଇଦ୍ରାବାଦ୍ ଏଫ୍‌ସି ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ନିଜର ପ୍ରଥମ ବିଜୟ ଲକ୍ଷ୍ୟରେ ସୋମବାର ଘରୋଇ ଗ୍ରାଉଣ୍ଡରେ ଓଡ଼ିଶା ଏଫ୍‌ସିକୁ ଭେଟିବ। ସେହିଭଳି ଚମତ୍କାର ଫର୍ମରେ ରହିଥିବା ଓଡ଼ିଶା ଏଫ୍‌ସି ଏହି ଅପରାଜେୟ ଧାରା ବଜାୟ ରଖି ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନକୁ ଉଠିବାକୁ ପଡ଼ିଆକୁ ଓହ୍ଲାଇବ। ଆଇଏସ୍‌ଏଲ୍‌ର ଚଳିତ ୧୦ମ ସଂସ୍କରଣରେ ହାଇଦ୍ରାବାଦ୍ ଏଫ୍‌ସି ବର୍ତ୍ତମାନ ସୁଦ୍ଧା ୧୨ ମ୍ୟାଚ୍ ଖେଳି ଗୋଟିଏ ହେଲେ ମ୍ୟାଚ୍ ଜିତିପାରି ନାହିଁ। ଦଳ ୮ ପରାଜୟ ଓ ୪ ଡ୍ର ସହ ମାତ୍ର ୪ ପଏଣ୍ଟ ପାଇଁ ୧୨ ଦଳୀୟ ଟେବଲ୍‌ର ସର୍ବନିମ୍ନ ସ୍ଥାନରେ ରହିଛି। ଅପରପକ୍ଷରେ ଶ୍ରେଷ୍ଠ ଫର୍ମରେ ରହିଥିବା ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ୧୩ ମ୍ୟାଚ୍ ଖେଳି ୮ ବିଜୟ, ୩ ଡ୍ର ଓ ୨ ପରାଜୟ ସହ ୨୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ତେଣୁ ଏହି ମ୍ୟାଚରେ ଓଡ଼ିଶା ଏଫ୍‌ସି ବିଜୟ କିମ୍ବା ଅମୀମାଂସିତ ରଖିଲେ ଏଫ୍‌ସି ଗୋଆ (୨୭ ପଏଣ୍ଟ)କୁ ପଛରେ ପକାଇ ଶୀର୍ଷକୁ ଉଠିବ। ଦୁଇ ଦଳର ରେକର୍ଡ ଉପରେ ନଜର ପକାଇଲେ ବର୍ତ୍ତମାନ ସୁଦ୍ଧା ଓଡ଼ିଶା ଏଫ୍‌ସି ଓ ହାଇଦ୍ରାବାଦ୍ ଏଫ୍‌ସି ୯ଥର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ଓଡ଼ିଶା ୪ଥର ଓ ହାଇଦ୍ରାବାଦ୍ ୪ଥର ବିଜୟ ଲାଭ କରିଛନ୍ତି। ଗୋଟିଏ ମ୍ୟାଚ୍ ଅମୀମାଂସିତ ରହିଛି।

## ରାଜ୍ୟ କାୟାକିଂ ଓ କାନୋଇଂ ଦଳ ଘୋଷିତ

**କଟକ,୪।୨(ସମିସ):** ମଧ୍ୟପ୍ରଦେଶ ଭୋପାଳର ଲୋୟର ଲେକ୍‌ରେ ଆସନ୍ତା ୯ ତାରିଖରୁ ଆରମ୍ଭ ହେବ କନିଷ୍ଠ ଏବଂ ଉପକନିଷ୍ଠ ୩୪ତମ ଜାତୀୟ କାନୋଏ ସ୍ପ୍ରିଣ୍ଟ ପ୍ରତିଯୋଗିତା। ଭାରତୀୟ କାୟାକିଂ ଓ କାନୋଇଂ ସଂଘ ଆନୁକୂଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତା ୪ ଦିନ ଚାଲିବ। ଉକ୍ତ ପ୍ରତିଯୋଗିତା ନିମନ୍ତେ ରବିବାର ଉଭୟ ବାଳିକା ଓ ବାଳକ ବର୍ଗର ରାଜ୍ୟ ଦଳ ଘୋଷଣା କରାଯାଇଛି। ଦଳରେ ମୋଟ ୨୧ଜଣ ଖେଳାଳି ସ୍ଥାନ ପାଇଛନ୍ତି। ୨୦୦ମିଟର, ୫୦୦ମିଟର ଏବଂ ୧ହଜାର ମିଟର ବିଶିଷ୍ଟ ପ୍ରତିଯୋଗିତା ହେବ। ପ୍ରଶିକ୍ଷକ ଭାବେ ଜନସନ ସିଂହ, ପୃଥ୍ୱୀରାଜ ସିନ୍ଧେ, ନାଜିସ ମନସୂରୀ ସ୍ଥାନ ପାଇଛନ୍ତି। ସୋମବାର ପୂର୍ବାହ୍ନରେ ରାଜ୍ୟ ଦଳ ମଧ୍ୟପ୍ରଦେଶ ଅଭିମୁଖେ ଯାତ୍ରା କରିବ ବୋଲି ରାଜ୍ୟ କାୟାକିଂ ଓ କାନୋଇଂ ସଂଘ ସମ୍ପାଦକ ବିପିନ ଦାଶ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।



## କିଟ୍‌ରେ ଜାତୀୟ କନିଷ୍ଠ ବାସ୍କେଟବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ




**ଭୁବନେଶ୍ୱର,୪।୨(ସମିସ):** ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ରବିବାରଠାରୁ ୭୩ତମ ଜାତୀୟ କନିଷ୍ଠ ପୁରୁଷ ଓ ମହିଳା ବାସ୍କେଟବଲ୍ ଚାମ୍ପିନସିପ୍ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। କିଟ୍ କ୍ୟାମ୍ପର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଏହି ଚାମ୍ପିଅନସିପ ଉଦ୍‌ଘାଟିତ ହୋଇଥିଲା। ୯୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେବେ। କିଟ୍ ଓ କିସ୍ କିସ୍ ପ୍ରତିଷ୍ଠାତା, କନ୍ଧମାଳ ସାଂସଦ ତଥା ଭଲିବଲ୍ ଫେଡେରେସନ ଅଫ ଇଣ୍ଡିଆ ଅଧ୍ୟକ୍ଷ ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହି ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥିଭାବେ ବାସ୍କେଟବଲ ଫେଡେରେସନ ଅଫ ଇଣ୍ଡିଆ (ବିଏଫ୍‌ଆଇ) ଅଧ୍ୟକ୍ଷ ଅଧବ ଅର୍ଜୁନ, ବିଏଫ୍‌ଆଇ ସାଧାରଣ ସମ୍ପାଦକ କୁଲବିନ୍ଦର ସିଂହ ଗିଲ୍, ବିଏଫ୍‌ଆଇ କୋଷାଧ୍ୟକ୍ଷ ଟି. ଚେନଗାଲରାୟା ନାଇଡୁ, ଓଡ଼ିଶା ବାସ୍କେଟବଲ୍ ସଂଘ ସମ୍ପାଦକ ଅଶୋକ କୁମାର ସାହୁ ଓ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ପରିଡା ଉପସ୍ଥିତ ଥିଲେ। ପୁରୁଷ ବିଭାଗ ପ୍ରତିଯୋଗିତାରେ ଚଣ୍ଡିଗଡ ୯୨-୭୨ରେ ଆନ୍ଧ୍ରପ୍ରଦେଶକୁ, ଉତ୍ତରପ୍ରଦେଶ ୭୯-୬୦ରେ କେରଳକୁ, ତାମିଲନାଡୁ ୭୮-୭୫ରେ କର୍ଣ୍ଣାଟକକୁ, ପଞ୍ଜାବ ୯୫-୫୩ରେ ମିଜୋରାମକୁ, ହାରିୟାଣା ୧୦୧-୧୫ରେ ଅରୁଣାଚଳ ପ୍ରଦେଶକୁ, ତେଲେଙ୍ଗାନା ୮୨-୫୨ରେ ହିମାଚଳକୁ, ଗୁଜରାଟ ୭୦- ୫୪ରେ ଆସାମ, ଦିଲ୍ଲୀ ୬୨- ୫୯ରେ ଛତିଶଗଡ଼କୁ ଏବଂ ବିହାର ୫୫-୫୧ରେ ଝାଡଖଣ୍ଡକୁ ପରାସ୍ତ କରିଛି। ସେହିପରି ମହିଳା ପ୍ରତିଯୋଗିତାରେ ଛତିଶଗଡ଼ ୮୯-୫୭ରେ ହରିୟାଣାକୁ, କେରଳ ୬୫-୫୮ରେ ଚଣ୍ଡିଗଡ଼କୁ, ପଞ୍ଜାବ ୬୪- ୫୭ରେ ମଧ୍ୟ ପ୍ରଦେଶକୁ ଏବଂ ହିମାଚଳ ପ୍ରଦେଶ ୫୦-୨୪ରେ ବିହାରକୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି।

### ଟାଟା ଷ୍ଟିଲ୍ ମେରାମଣ୍ଡଳୀ ହାଫ୍-ମାରାଥନ

## ହେମନ୍ତ, ଶ୍ୟାମଳୀଙ୍କୁ ସ୍ୱର୍ଣ୍ଣ

ଢେଙ୍କାନାଳ,୪।୨(ସମିସ)

ଟାଟା ଷ୍ଟିଲ୍ ପକ୍ଷରୁ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ଆଥଲେଟିକ୍ ଆସୋସିଏସନ୍ ମିଳିତ ସହଯୋଗରେ ରବିବାର ଟାଟା ଷ୍ଟିଲ୍ ମେରାମଣ୍ଡଳୀ ହାଫ୍-ମାରାଥନ୍ ଆୟୋଜିତ ହୋଇଯାଇଛି। କପିଳାସ ବନ୍ୟଜନ୍ତୁ ଅଭୟାରଣ ପାରିପାର୍ଶ୍ୱିକ ଅଞ୍ଚଳରେ ଏହି ଦୌଡ଼ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। 'ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଦୌଡ଼' ଏହାର ବିଷୟବସ୍ତୁ ରହିଥିଲା। ଏହି କାର୍ଯ୍ୟକ୍ରମକୁ ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ, ଆରକ୍ଷୀ ଅଧୀକ୍ଷକ ମଦକର ସନ୍ଦୀପ ସମ୍ପତ, ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କର, ଟାଟା ଷ୍ଟିଲ୍‌ର ଉପସଭାପତି (କର୍ପୋରେଟ ସେବା) ଚାଣକ୍ୟ ଚୌଧୁରୀ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲର ଭିପି (କଞ୍ଚାମାଲ) ଡିବି ସୁନ୍ଦର ରମମ, ଟାଟା ଷ୍ଟିଲ୍ ମେରାମଣ୍ଡଳୀ, ଗ୍ରାଫିନ ଓ ନିଉ ମ୍ୟାଟେରିଆଲ ବିଜନେସ୍‌ର ଭିପି (ଅପରେସନ୍ସ) ସୁବୋଧ ପାଣ୍ଡେ, ଟାଟା ଷ୍ଟିଲ୍ କଳିଙ୍ଗନଗରର ଭିପି (ଅପରେସନ୍ସ) ରାଜୀବ କୁମାର ମଧ୍ୟ ଅବସରରେ ଉପସ୍ଥିତ ରହିଥିଲେ। ଏହି ହାଫ୍-ମାରାଥନ୍‌ରେ ପ୍ରାୟ ୪୦୦୦ ଦୌଡ଼ପ୍ରେମୀ ଭାଗ ନେଇଥିଲେ। ୧୯ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର ପୁରୁଷ ଓ ମହିଳାଙ୍କ ପାଇଁ ୨୧ କିମି ଓ ୧୦ କିମି ଏବଂ ୧୪ରୁ ୧୯ ବର୍ଷ ବୟସର ବାଳକ ଓ ବାଳିକାମାନଙ୍କ ଲାଗି ୫ କିମି ଭଳି ତିନିଟି ବର୍ଗରେ ଦୌଡ଼ ଆୟୋଜନ କରାଯାଇଥିଲା। ଏଥିରେ ୨୧ କିମି ପୁରୁଷ ବର୍ଗରେ ରାଜସ୍ଥାନ ଅଲୱାରର ହେମନ୍ତ ସିଂ ଓ ମହିଳାରେ ପଶ୍ଚିମବଙ୍ଗ ପଶ୍ଚିମ ମେଦିନାପୁରର ଶ୍ୟାମଳୀ ସିଂ ପ୍ରଥମ ସ୍ଥାନ ଅଧିକାର କରିବା ପୂର୍ବକ ସ୍ୱର୍ଣ୍ଣ ପଦକ ସହ ଏକ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଜିତିଥିଲେ। ସେହିଭଳି ୧୦ କିମିର ବିଜେତାଙ୍କୁ ୬୧ ହଜାର ଲେଖାଏ ଏବଂ ୫ କିମିର ବିଜେତାଙ୍କୁ ୧୫ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ମୋଟ୍ ଉପରେ ଏହି ହାଫ୍ ମାରାଥନରେ ୯ ଲକ୍ଷ ୬୪ ହଜାର ଟଙ୍କା ଦିଆଯାଇଥିଲା। ଏହି ଅବସରରେ ଆଖପାଖ ଅଞ୍ଚଳର ବିଭିନ୍ନ ଶିଳ୍ପାନୁଷ୍ଠାନ ଯଥା ଏମଜିଏମ ମିନେରାଲନ୍ସ, ରିମ୍ ଝିମ୍ ଇସ୍ପାତ ଲିମିଟେଡ୍, ଅନୁଗୁଳ ଏନର୍ଜି ଲିମିଟେଡ, ଟାଟା ଷ୍ଟିଲ ୟୁଆଇଏସ୍‌ଏଲ୍, ଟାଟା ଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସ୍ ଲିମିଟେଡ୍, ଟାଟା ଷ୍ଟିଲ୍ ସପୋର୍ଟ ସର୍ଭିସ୍ ଲିମିଟେଡ୍‌ଙ୍କ ସହଯୋଗରେ ଏହି ଦୌଡ଼ ସଫଳତାର ସହ ଆୟୋଜିତ ହୋଇଯାଇଛି।

### ଦୌଡ଼ିଲେ ୪୦୦୦ ଧାବକ; ୯.୬୪ ଲକ୍ଷ ପୁରସ୍କାର ରାଶି



**ବିଜୟ ଲକ୍ଷ୍ୟ ୩୯୯, ଇଂଲଣ୍ଡ ୬୭/୧**

# ନିର୍ଣ୍ଣାୟକ ମୋଡ଼ରେ ବିଶାଖାପାଟଣା ଟେଷ୍ଟ

ବିଶାଖାପାଟଣା, ୪।୨ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଏହି ମ୍ୟାଚ୍‌ର ତୃତୀୟ ଦିନ ଭାରତ ଦ୍ୱିତୀୟ ପାଳିରେ ୨୫୫ ରନ୍ କରି ଅଲଆଉଟ ହେବାପରେ ଭ୍ରମଣକାରୀ ଇଂଲଣ୍ଡ ଆଗରେ ୩୯୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷସୁଦ୍ଧା ଇଂଲଣ୍ଡ ୧ ୱିକେଟ ହରାଇ ୬୭ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଜ୍ୟାକ୍ କ୍ରାଉଲି ୨୯ ଓ ରେହାନ ଅହମ୍ମଦ୍ ୯ ରନ୍‌ରେ ବ୍ୟାଟିଂ କରୁଥିଲେ । ଏହି ମ୍ୟାଚ୍‌ର ଖେଳ ଆଉ ଦୁଇ ଦିନ ବାକି ରହିଛି। ବାକିଥିବା ସମୟରେ ଇଂଲଣ୍ଡକୁ ବିଜୟ ଲାଗି ବାକିଥିବା ୯ଟି ଦ୍ୱିତୀୟ ପାଳି ୱିକେଟ ବିନିମୟରେ ଆଉ ୩୩୨ ରନ୍ ଆବଶ୍ୟକ କରୁଛି। ଅନ୍ୟପକ୍ଷରେ ଭାରତକୁ ଏହି ୩୩୨ ରନ୍ ମଧ୍ୟରେ ଇଂଲଣ୍ଡର ଅବଶିଷ୍ଟ ୯ଜଣ ଖେଳାଳିଙ୍କୁ ଆଉଟ କରିବା ଆବଶ୍ୟକ। ଏହା ଫଳରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ପୂର୍ବରୁ ପ୍ରଥମ ପାଳିରେ ଭାରତ ୩୯୬ ଓ ଇଂଲଣ୍ଡ ୨୫୩ ରନ୍ କରିଥିଲେ।


ଶୁବମାନ ଗିଲ୍

## ଶୁବମାନ ଗିଲ୍‌ଙ୍କ ତୃତୀୟ ଟେଷ୍ଟ ଶତକ

ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ଟେଷ୍ଟରେ ଭାରତ ଦ୍ୱିତୀୟ ପାଳିରେ ଭଲ ବ୍ୟାଟିଂ କରି ନଥିଲା। ଦ୍ୱିତୀୟ ପାଳି ଆରମ୍ଭ କରିବା ପରେ ପ୍ରଥମ ପାଳିରେ ୨୦୯ ରନ୍ କରିଥିବା ଯଶସ୍ୱୀ ଜୟସ୍ୱାଲ ୧୭ ଓ ଭଲ ସ୍କୋର କରିପାରୁ ନ ଥିବା ଅଧିନାୟକ ରୋହିତ ଶର୍ମା ଦଳୀୟ ସ୍କୋର ୩୦ ରନ୍ ମଧ୍ୟରେ ଆଉଟ ହୋଇଯାଇଥିଲେ। ନଂ-୩ ଶୁବମାନ ଗିଲ ଓ ନଂ-୪ ଶ୍ରେୟସ ଆୟର (୨୯) ଚତୁର୍ଥ ୱିକେଟରେ ୮୧ ରନ୍ ଉଠାଇ ଦଳକୁ କିଛିଟା ଅଶ୍ୱସ୍ତି ଦେଇଥିଲେ। କିନ୍ତୁ ଆୟର ଓ ରଜତ ପଟିଦାର (୯) ଅଳ୍ପ ରନର୍ ବ୍ୟବଧାନରେ ଆଉଟ ହୋଇଯିବା ପରେ ଭାରତ ୧୨୨ ରନ୍‌ରେ ୪ ୱିକେଟ ହରାଇ ପୁଣିଥରେ ବିପଦରେ ପଡ଼ିଥିଲା। ଏହି ସମୟରେ ଗିଲ ଓ ଅକ୍ଷର ପଟେଲ ୫ମ ୱିକେଟ ଭାଗୀଦାରିରୁ ୮୯ ରନ୍ ଉଠାଇ ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ଏହି ସମୟରେ ଗିଲ ଦୁର୍ଭାଗ୍ୟଜନକ ଭାବେ ଡିଆର୍‌ଏସ୍‌ରେ ଆଉଟ ହୋଇଯାଇଥିଲେ। ସେ ୧୪୭ଟି ବଲ୍‌ରୁ ୧୧ଟି ଚୌକା ଓ ୨ ଛକା ସହାୟତାରେ ଏହି ରନ୍ କରିଥିଲେ। ତାଙ୍କ ଆଉଟ ପରେ ଅନ୍ୟ କୌଣସି ବ୍ୟାଟର ବେଶି ସମୟ କ୍ରିଜ୍‌ରେ ଟିକ୍ଷିପାରି ନଥିଲେ। ଅକ୍ଷର ପଟେଲ ୪୫, ରବିଚନ୍ଦ୍ରନ ଅଶ୍ୱିନ ୨୯ ରନ୍ କରି ଭାରତୀ ସ୍କୋରକୁ ୨୫୫ ରନ୍‌ରେ ପହଞ୍ଚାଇଥିଲେ। ଇଂଲଣ୍ଡ ପକ୍ଷରୁ ଟମ୍ ହର୍ଟଲୀ ପୁଣିଥରେ ଚମତ୍କାର ବୋଲିଂ କରି ସର୍ବାଧିକ ୪ଟି, ରେହାନ ଅହମ୍ମଦ୍ ୩ଟି ଓ ଜେମ୍ସ ଆଣ୍ଡରସନ ୨ଟି ୱିକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ପାଳି: ୩୯୬/୧୦** (ଯଶସ୍ୱୀ ଜୟସ୍ୱାଲ- ୨୦୯, ଶୁବମାନ ଗିଲ-୩୪, ଜେମ୍ସ ଆଣ୍ଡରସନ-୩/୪୭, ରେହାନ ଅହମ୍ମଦ୍-୩/୬୫)।

**ଇଂଲଣ୍ଡ ପ୍ରଥମ ପାଳି: ୨୫୩/୧୦** (ଜ୍ୟାକ୍ କ୍ରାଉଲି-୭୬, ବେନ୍ ଷ୍ଟୋକ୍ସ-୪୭, ଯଶପ୍ରୀତ୍ ବୁମ୍‌ରା-୬/୪୫, କୁଲଦୀପ ଯାଦବ-୩/୭୧)।

**ଭାରତ ଦ୍ୱିତୀୟ ପାଳି: ୨୫୫/୧୦** (ଶୁବମାନ-୧୦୪, ଅକ୍ଷର ପଟେଲ-୪୫, ଟମ୍ ହର୍ଟଲୀ-୪/୭୭, ରେହାନ ଅହମ୍ମଦ୍-୩/୮୮, ଜେମ୍ସ ଆଣ୍ଡରସନ-୨/୨୯)।

**ଇଂଲଣ୍ଡ ଦ୍ୱିତୀୟ ପାଳି: ୬୭/୧**, ୧୪ ଓଭର (ଜ୍ୟାକ୍ କ୍ରାଉଲି-ବ୍ୟାଟିଂ-୨୯, ବେନ୍ ଡକେଟ-୨୮, ରବିଚନ୍ଦ୍ରନ ଅଶ୍ୱିନ-୧/୮)।

**ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ**

# ଭାରତ-ଏ'ର ବୃହତ୍ ବିଜୟ



ଅହମ୍ମଦାବାଦ,୪।୨(ଏଜେନ୍ସି)

ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡୟମରେ ଅନୁଷ୍ଠିତ ଇଂଲଣ୍ଡ ଲାୟନ୍ସ ବିପକ୍ଷ ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଘରୋଇ ଭାରତ-ଏ ଦଳ ବୃହତ୍ ୧୩୪ ରନରେ ବିଜୟ ହାସଲ କରିଛି। ପ୍ରଥମ ପାଳିରେ ୭ ରନ ପଛରେ ପଡିବା ପରେ ଭାରତ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ପାଳିରେ ୧୦୭.୧ ଓଭରରେ ୪୦୯ ରନର ବଡ଼ ସ୍କୋର ହାସଲ କରି ଅଲଆଉଟ ହୋଇଥିଲା। ଫଳରେ ଇଂଲଣ୍ଡ ସମ୍ମୁଖୀନରେ ୪୦୩ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଇଂଲଣ୍ଡ ଦ୍ୱିତୀୟ ପାଳି ଆରମ୍ଭ କରି ଭାରତୀୟ ସ୍ପିନରଙ୍କ ସମ୍ମୁଖୀନ ହୋଇ ନପାରି ରବିବାର ଚତୁର୍ଥ ତଥା ଅନ୍ତିମ ଦିବସରେ ୭୨.୪ ଓଭରରେ ୨୬୮ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଛି। ଦ୍ୱିତୀୟ ପାଳିରେ ୧୧୭ ରନର ଶତକୀୟ ପାଳି ଖେଳିଥିବା ଭାରତୀୟ ବ୍ୟାଟର ସାଇ ସୁଦର୍ଶନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୮୩/୨ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ଶନିବାର ଅଲଆଉଟ ହୋଇଥିଲା। ଦଳ ତରଫରୁ ୱିକେଟ କିପର ବ୍ୟାଟର ଓଲି ରବିନସନ ସର୍ବାଧିକ ୮୦, ଓପନର ଆଲେକ୍ସ ଲିଜ୍ ୫୫ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଜେମ୍ସ କୋଲ୍ସ ୩୧, କିଟନ ଜେନିଙ୍ଗସ ୨୭ ରନ ସଂଗ୍ରହ କରିଥିଲେ। ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଭାରତ ପାଇଁ ସ୍ପିନର ସାମ୍ସ ମୁଲାନି ସର୍ବାଧିକ ୫, ଅଫ୍ ସ୍ପିନର ସାରାଂଶ ଜୈନ ୩, ଆକାଶ ଦୀପ ଓ ଯଶ ଦୟାଲ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

**ସୋଆ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍**

# ଟାଇଟଲ୍ ଜିତିଲେ ସାୟନ୍ତନ

ଭୁବନେଶ୍ୱର,୪।୨(ସମିସ)

ସ୍ଥାନୀୟ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ପ୍ରଥମ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟସ (ଜିଏମ୍) ଚେସ୍ ଫେଷ୍ଟିଭାଲର ରବିବାର ଅଷ୍ଟମ ଦିବସରେ ଶେଷ ହୋଇଛି। କାଟାଗୋରୀ ଏ'ରେ ରେଲୱେ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡ ଭାରତୀୟ ଗ୍ରାଣ୍ଡମାଷ୍ଟର ତଥା (ଆରଏସ୍‌ପିବି) ଚେସ୍ ତାରକା ସାୟନ୍ତନ ଦାସ ୮ ପଏଣ୍ଟ ହାସଲ କରି ଚାମ୍ପିଅନ ହୋଇଛନ୍ତି। ଟାଇଟଲ୍ ସହ ସେ ୩ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ହାସଲ କରିଛନ୍ତି। ଆରଏସ୍‌ପିବିର ଅନ୍ୟତମ ତାରକା ଦିପ୍ତାୟନ ଘୋଷ ୭.୫ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ଉପ- ବିଜେତା ବିବେଚିତ ହୋଇଛନ୍ତି। ତାଙ୍କୁ ୨ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ମିଳିଛି। ସେହିପରି ଓଡ଼ିଶାର ସମ୍ବିତ ପଣ୍ଡା ୭.୫ ପଏଣ୍ଟ ହାସଲ କରିଥିଲେ ମଧ୍ୟ ରେଟିଂରେ ପଛରେ ରହି ତୃତୀୟ ସ୍ଥାନରେ ରହିବା ସହ ଦ୍ୱିତୀୟ ରନର୍ସଅପ୍ ବିବେଚିତ ହୋଇଛନ୍ତି। ତାଙ୍କୁ ଦେଢ଼ ଲକ୍ଷ ଟଙ୍କା ପୁରସ୍କାର ମିଳିଛି। ପଶ୍ଚିମବଙ୍ଗର ନୀଲାସ ଶାହା ୭.୫ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଚତୁର୍ଥ ସ୍ଥାନରେ ରହି ୯୦ ହଜାର ଟଙ୍କା ପୁରସ୍କାର ଜିତିଛନ୍ତି। ଫିଲିପାଇନ୍ସର ଗୋଞ୍ଜାଲେସ ଜେସନ ୬ ଓ ବେଲାରୁଷର ଫେଡୋରୋଭା ଆଲେକଜେଇ ୫.୫ ପଏଣ୍ଟ ହାସଲ କରିଥିଲେ। ପ୍ରିୟାଂଶ ଦାସ ୫ ପଏଣ୍ଟ ହାସଲ କରି ୧୨ ହଜାର ଟଙ୍କା ପୁରସ୍କାର ଜିତି ଶ୍ରେଷ୍ଠ ଓଡ଼ିଆ ଖେଳାଳି ବିବେଚିତ ହୋଇଛନ୍ତି। ଇଣ୍ଡୋନେସିଆର ସିଙ୍ଗିହ ଦିଆଜେଙ୍ଗ ଥେରେସା ୪.୫ ପଏଣ୍ଟ ହାସଲ କରି ଶ୍ରେଷ୍ଠ ମହିଳା ବିବେଚିତ ହୋଇଛନ୍ତି। ଇଜିପ୍ଟର ସରୱତ୍ ୱାଲା ୩.୫ ହାସଲ କରି ଶ୍ରେଷ୍ଠ ଅଭିଜ୍ଞ ଖେଳାଳି ବିବେଚିତ ହୋଇଛନ୍ତି।




## ସି ବର୍ଗରେ ଓଡ଼ିଶାର ସୃଜନ ଚତୁର୍ଥ

ପ୍ରଥମ ସୋଆ ଚେସ୍ ଫେଷ୍ଟିଭାଲର ସି ବର୍ଗ ପ୍ରତିଯୋଗିତାରେ ହାରିୟାଣାର ଭିଓମ ମାଲହୋତ୍ରା ୮ ପଏଣ୍ଟ ହାସଲ କରି ଚାମ୍ପିଅନ ହୋଇଛନ୍ତି। ସେ ଟ୍ରଫି ସହ ୭୫ ହଜାର ଟଙ୍କା ପୁରସ୍କାର ଜିତିଛନ୍ତି। ସେହିପରି ପଶ୍ଚିମବଙ୍ଗର ଈଶାନ ସିହ୍ନା, ଦିଲ୍ଲୀର ଅରିତ୍ କପିଲ ୮ ଲେଖାଏ ପଏଣ୍ଟ ହାସଲ କରି ଦ୍ୱିତୀୟ, ତୃତୀୟ ସ୍ଥାନରେ ରହି ଯଥାକ୍ରମେ ଟ୍ରଫି ସହ ୫୦, ୪୦ ହଜାର ଟଙ୍କା ପୁରସ୍କାର ହାସଲ କରିଛନ୍ତି। ଓଡ଼ିଶାର ସୃଜନ ପ୍ରଣୟୀ ରାଏ ଚତୁର୍ଥ ସ୍ଥାନରେ ରହି ୩୦ ହଜାର ଟଙ୍କା ପୁରସ୍କାର ଜିତିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସର୍ବ ଭରାତୀୟ ଚେସ୍ ମହାସଂଘ ସଭାପତି ସଞ୍ଜୟ କପୁର, ସମ୍ମାନୀତ ଅତିଥି ଭାବେ ସୋଆର ଭାଇସ୍ ଚାନ୍ସଲର ପିକେ ନନ୍ଦ, ଓଡ଼ିଶା ବିଲ୍ଡିଂ ଆଣ୍ଡ ଅଦର କନଷ୍ଟ୍ରକ୍ସନ ୱାର୍କର୍ସ ୱେଲଫେୟାର ବୋର୍ଡ ଅଧ୍ୟକ୍ଷ ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ର ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍: ନେଦରଲାଣ୍ଡସର ବିଜୟ ଛକା**

# କଳିଙ୍ଗରେ ପୁଣି ନିରାଶ କଲା ଭାରତ

ଭୁବନେଶ୍ୱର, ୪।୨ (ସମିସ)

ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (ମହିଳା) ରେ ଭାରତୀୟ ଦଳ ପୁଣିଥରେ ନୈରାଶ୍ୟଜନ ପ୍ରଦର୍ଶନ କରି ପରାଜୟର ସମ୍ମୁଖୀନ ହୋଇଛି। ଘରୋଇ କଳିଙ୍ଗ ଷ୍ଟାଡିୟମରେ ରବିବାର ରାତିରେ ଖେଳାଯାଇଥିବା ଏକ ହାଇଭୋଲଟେଜ ମ୍ୟାଚରେ ବିଶ୍ୱର ଏକ ନମ୍ବର ଦଳ ନେଦରଲାଣ୍ଡସ ୩-୧ ଗୋଲରେ ଭାରତକୁ ମାତ୍ ଦେଇଛି। ହକିର ଏହି ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତାର ଚଳିତ ସଂସ୍କରଣରେ ଭାରତର ଏହା କ୍ରମାଗତ ୨ୟ ପରାଜୟ। ପୂର୍ବରୁ ଶନିବାର ଭାରତ ତାହାର ପ୍ରଥମ ମୁକାବିଲାରେ ଏସୀୟ ଚାମ୍ପିଅନ ଚାଇନା ନିକଟରୁ ୨-୧ ଗୋଲରେ ହାରିଯାଇଥିଲା। ଫଳରେ ଦୁଇ ମ୍ୟାଚ୍ ଖେଳି ଭାରତ ବର୍ତ୍ତମାନ ସୁଦ୍ଧା ଖାତା ଖୋଲିପାରି ନାହିଁ। ଅପରପକ୍ଷରେ ନେଦରଲାଣ୍ଡ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଚଳିତ ସଂସ୍କରଣରେ ୬ଷ୍ଠ ବିଜୟ ହାସଲ କରିଛି। ଷଷ୍ଠ ମ୍ୟାଚରୁ ୬ଷ୍ଠ ବିଜୟ ସହ ନେଦରଲାଣ୍ଡସ ୧୮ ପଏଣ୍ଟ ପାଇ ସାରଣୀର ଶୀର୍ଷ ସ୍ଥାନକୁ ଆହୁରି ମଜଭୁତ କରିଛି। ପ୍ରତିଯୋଗିତାରେ ସୋମବାର ବିଶ୍ରାମ ଦିବସ ରହିଥିବାବେଳେ ଭାରତ ପରବର୍ତ୍ତୀ ମୁକାବିଲାରେ ୭ ତାରିଖରେ ଏଠାରେ ଅଷ୍ଟ୍ରେଲିଆ ସହ ଖେଳିବ। ସେହିଭଳି ନେଦରଲାଣ୍ଡସ ମଙ୍ଗଳବାର ଚାଇନାକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।



## ବିପର୍ଯ୍ୟୟ: ଅଷ୍ଟ୍ରେଲିଆକୁ ହରାଇଲା ଚାଇନା

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (ମହିଳା) ରେ ସୁପର୍ ସନଡେ'ରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ସନ୍ଧ୍ୟାରେ ଖେଳାଯାଇଥିବା ଏକ ମୁକାବିଲାରେ ବିଶ୍ୱର ଦୁଇ ନମ୍ବର ମାନ୍ୟତାପ୍ରାପ୍ତ ଦଳ ଅଷ୍ଟ୍ରେଲିଆକୁ ୩-୦ ଗୋଲରେ ଚାଇନା ହରାଇଦେଇଛି। ଏସୀୟ ଚାମ୍ପିଅନ ଚାଇନା ଏଥିସହ ଚଳିତ ପ୍ରୋ ଲିଗ୍‌ରେ କ୍ରମାଗତ ୨ୟ ବିଜୟ ହାସଲ କରିଛି। ବିଶ୍ୱ ମାନ୍ୟତାର ୯ମ ସ୍ଥାନରେ ରହିଥିବା ଚାଇନା ଏହାର ପ୍ରଥମ ମ୍ୟାଚରେ ଶନିବାର ୨-୧ ଗୋଲରେ ଘରୋଇ ଭାରତକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ଦୁଇଟି ମ୍ୟାଚରୁ ୬ ପଏଣ୍ଟ ସହ ଚାଇନା ସାରଣୀ ତାଲିକାରେ ନେଦରଲାଣ୍ଡସ ପଛକୁ ୨ୟ ସ୍ଥାନରେ ରହିଛି।

**● ନ୍ୟୁଜିଲାଣ୍ଡ-ଦ.ଆଫ୍ରିକା ପ୍ରଥମ ଟେଷ୍ଟ**

## ରବୀନ୍ଦ୍ର- ୧୧୮*, ୱିଲିୟମସନ- ୧୧୨*

**ମାଉଣ୍ଟ ମାଉଙ୍ଗାନୁଇ, ୪।୨(ଏଜେନ୍ସି):** ଅଭିଜ୍ଞ କେନ୍ ୱିଲିୟମସନ ଓ ରାଚିନ ରବୀନ୍ଦ୍ରଙ୍କ ଅପରାଜିତ ଶତକ ବଳରେ ରବିବାରଠାରୁ ଏଠାରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡ ଭଲ ସ୍ଥିତିରେ ରହିଛି। ପ୍ରଥମ ଦିବସ ଖେଳ ଶେଷବେଳକୁ ୮୬ ଓଭର ଖେଳି ନ୍ୟୁଜିଲାଣ୍ଡ ୨ ୱିକେଟ୍ ହରାଇ ୨୫୮ ରନ କରିଛି। ୱିଲିୟମସନ ୩୦ତମ ଶତକୀୟ ପାଳି ସହ ୧୧୨ ଓ ରବୀନ୍ଦ୍ର ପ୍ରଥମ ଶତକ ସହିତ ୧୧୮ ରନରେ ଅପରାଜିତ ରହିଛନ୍ତି।

**ଦ୍ୱିତୀୟ ଦିନିକିଆରେ ପୁଣି ହାରିଲା ୱେଷ୍ଟଇଣ୍ଡିଜ**

## ଆଗୁଆ ସିରିଜ କବ୍‌ଜା କଲା ଅଷ୍ଟ୍ରେଲିଆ

**ସିଡ୍‌ନୀ, ୪।୨(ଏଜେନ୍ସି):** ସ୍ଥାନୀୟ ସିଡ୍‌ନୀ କ୍ରିକେଟ୍ ଗ୍ରାଉଣ୍ଡରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ରବିବାର ଅନୁଷ୍ଠିତ ୨ୟ ଦିନିକିଆ ମ୍ୟାଚରେ ଅଷ୍ଟ୍ରେଲିଆ ୮୩ ରନରେ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୫୯ ରନର ଲକ୍ଷ୍ୟକୁ ପିଛା କରି ୱେଷ୍ଟଇଣ୍ଡିଜ ୧୭୫ ରନରେ ସୀମିତ ରହିଯାଇଥିଲା। ଏଥିସହ ଷ୍ଟିଭେନ ସ୍ମିଥ୍‌ଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ମଧ୍ୟ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ବିଜୟ ଜିତିନେଇଥିଲା। ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ।

## ଆଫଗାନିସ୍ତାନର ପ୍ରତ୍ୟାବର୍ତ୍ତନ

**କଲମ୍ବୋ,୪।୨(ଏଜେନ୍ସି):** ଏଠାରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଆଫଗାନିସ୍ତାନ ଶ୍ରୀଲଙ୍କାକୁ କଡ଼ା ଜବାବ୍ ଦେଇଛି। ପ୍ରଥମ ପାଳିରେ ଆଫଗାନିସ୍ତାନ ୧୯୮ ରନକରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ୪୩୯ ରନକରି ଅଲଆଉଟ ହୋଇ ୨୪୧ ରନର ଅଗ୍ରଣୀ ହାସଲ କରିଥିଲା। ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ଆଫଗାନିସ୍ତାନ ରବିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୭୫ ଓଭରରେ ଗୋଟିଏ ୱିକେଟ ହରାଇ ୧୯୯ ରନ ସଂଗ୍ରହ କରିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର